୬୦ତମ ବର୍ଷ　　୨୪ ଏପ୍ରିଲ ୨୦୧୭　　ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ　　ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଏପ୍ରିଲ, ୨୦୧୭]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ଭଗବତୀ ଶକ୍ତିହିଁ ଆଣିଦେବେ ପୂର୍ଣ୍ଣତା | ... | ଶ୍ରୀଅରବିନ୍ଦ | ... | ୯ |
| ଦିବ୍ୟକୃପା | ... | ଶ୍ରୀମା | ... | ୧୦ |
| ସମର୍ପଣହିଁ ପୂର୍ଣ୍ଣଯୋଗର ପଥ | ... | ଶ୍ରୀଅରବିନ୍ଦ | ... | ୧୨ |
| ସ୍ୱଭାବର ସମର୍ପଣ | ... | ଶ୍ରୀମା | ... | ୧୫ |
| ଦିବ୍ୟକୃପାର ଆବାହନ | ... | ଶ୍ରୀମା | ... | ୧୭ |
| ଆତ୍ମନିବେଦନ ଓ ଆନ୍ତରିକତା | ... | ଶ୍ରୀମା | ... | ୧୯ |
| କୃପା ଓ କୃତଜ୍ଞତା | ... | ଶ୍ରୀମା | ... | ୨୦ |
| ଶ୍ରୀମାଙ୍କ ସମ୍ବନ୍ଧରେ ଶ୍ରୀଅରବିନ୍ଦ | ... | ... | ... | ୨୨ |
| ମା'ଙ୍କ ସହ କଥୋପକଥନ | ... | ... | ... | ୨୩ |
| ନ୍ୟାୟ ଓ କୃପା | ... | ଶ୍ରୀମା | ... | ୨୪ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୫ |
| ଏକ ଅଭିନବ ମାନବ-ଗୋଷ୍ଠୀ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୮ |
| ସୂର୍ଯ୍ୟ ସବିତା – ସ୍ରଷ୍ଟା ଓ ପୋଷକ (ଋଗ୍‌ବେଦ : ମଣ୍ଡଳ - ୫, ସୂକ୍ତ : ୮୧) | ... | ଶ୍ରୀଅରବିନ୍ଦ | ... | ୩୨ |
| ଅତିମାନସ ଚେତନା ଓ ନୂତନ ସୃଷ୍ଟି | ... | ଶ୍ରୀ ପ୍ରପତ୍ତି | ... | ୩୫ |
| ପ୍ରେତ ଓ ପ୍ରେତାତ୍ମା : ସେମାନଙ୍କ ଅସ୍ତିତ୍ୱ ଓ ଆଚରଣ | ... | ଶ୍ରୀ ମନୋଜ ଦାସ | ... | ୩୮ |
| ଶ୍ରୀଅରବିନ୍ଦ ଓ ଦିଲୀପକୁମାର (୨) | ... | ... | ... | ୪୨ |
| ମାନବସମାଜର ବିଭିନ୍ନ ଧର୍ମ ଖ୍ରୀଷ୍ଟଧର୍ମ (୨) | ... | ଶ୍ରୀପତି ଦାସ | ... | ୪୫ |
| ବିବର୍ତ୍ତନୀ ଶକ୍ତିର ଦାବି | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୪୮ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଯୋଗବାଶିଷ୍ଠ ରାମାୟଣ ଭୁଶଣ୍ଡକାକ ଉପାଖ୍ୟାନ (୧) | ... | ... | ... | ୫୧ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ସ୍ୱପ୍ନଗୁଡ଼ିକ କାହିଁକି ମନେରହେ ନାହିଁ | ... | ଶ୍ରୀମା | ... | ୫୬ |

**ଶେଷ ପୃଷ୍ଠା**

| | | | | |
|---|---|---|---|---|
| ନବ ଉତ୍କଳର ଜନ୍ମତିଥି | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୮ |


❖

... But whatever you ask for or whatever your effort, you must feel, even while trying your best, using knowledge or putting forth power, that the result depends upon the Divine Grace. Once you have taken up the Yoga, whatever you do must be done in a spirit of complete surrender. This must be your attitude,– "I aspire, I try to cure my imperfections, I do my best, but for the result I put myself entirely into the hands of the Divine."

(MCW., Vol. 3. page. 97) – The Mother

କିନ୍ତୁ ତୁମେ ଯାହା ବି ଚାହୁଁଥାଅ ନା କାହିଁକି, ତୁମର ପ୍ରଚେଷ୍ଟା ଯାହା ବି ହେଉ ନା କାହିଁକି, ଏପରିକି ଜ୍ଞାନର ଉପଯୋଗ କରି ଓ ସାମର୍ଥ୍ୟର ପ୍ରୟୋଗ କରି ତୁମର ସର୍ବୋତ୍ତମ ପ୍ରଚେଷ୍ଟାରେ ଲାଗିଥିବା ବେଳେ ମଧ୍ୟ ତୁମକୁ ଏହା ଅନୁଭବ କରିବାକୁ ହେବ ଯେ ଫଳାଫଳ ନିର୍ଭର କରେ ଭଗବତ୍ କୃପା ଉପରେ । ତୁମେ ଥରେ ଯୋଗର ମାର୍ଗ ଗ୍ରହଣ କରିବା ପରେ, ତୁମେ ଯାହା ବି କରନା କାହିଁକି ତାହା ଏକ ସମ୍ପୂର୍ଣ୍ଣ ସମର୍ପଣର ଭାବ ନେଇ କରିବା ଉଚିତ । ତୁମର ମନୋଭାବ ଏହାହିଁ ହେବା ଉଚିତ ଯେ,– ''ମୁଁ ଅଭୀପ୍ସା କରୁଛି, ମୋର ଅପୂର୍ଣ୍ଣତାଗୁଡ଼ିକ ଦୂର କରିବା ପାଇଁ ଚେଷ୍ଟା କରୁଛି, ସର୍ବୋତ୍ତମ ପ୍ରଯତ୍ନ କରୁଛି, କିନ୍ତୁ ଫଳାଫଳ ପାଇଁ ମୁଁ ନିଜକୁ ପୂରାପୂରି ଛାଡ଼ି ଦେଉଛି ଭଗବାନଙ୍କ ହାତରେ ।''

– ଶ୍ରୀମା



The more complete your faith, sincerity and surrender, the more will grace and protection be with you. And when the grace and protection of the Divine Mother are with you, what is there that can touch you or whom need you fear ? A little of it even will carry you through all difficulties, obstacles and dangers; surrounded by its full presence you can go securely on your way because it is hers, careless of all menace, unaffected by any hostility however powerful, whether from this world or from worlds invisible. Its touch can turn difficulties into opportunities, failure into success and weakness into unfaltering strength. For the grace of the Divine Mother is the sanction of the Supreme and now or tomorrow its effect is sure, a thing decreed, inevitable and irresistible.

(*The Mother* p. 15 -16) – Sri Aurobindo

ତୁମର ଶ୍ରଦ୍ଧା, ତୁମର ଆନ୍ତରିକତା ଓ ସମର୍ପଣ ଯେତେ ପୂର୍ଣ୍ଣତର ହେବ, ମା'ଙ୍କର କରୁଣା ଓ ଅଭୟ ସେତେହିଁ ଘେରି ରହିବ । ଯଦି ମା' ଭଗବତୀଙ୍କର କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି, ତେବେ ଆଉ ଏପରି କ'ଣ ଅଛି ଯାହା ତୁମକୁ ସ୍ପର୍ଶ କରିବ ବା ଆଉ କାହାକୁ ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ବି ତୁମକୁ ସକଳ ବାଧା ବିପତ୍ତି ଓ ସଙ୍କଟରୁ ପାର କରିଦେବ; ତାଙ୍କର ପୂର୍ଣ୍ଣ ଉପସ୍ଥିତି ଯଦି ତୁମକୁ ଆବୃତ କରି ରଖେ, ତେବେ ନିରାପଦରେ ତୁମ ପଥରେ ତୁମେ ଚାଲିଯାଇ ପାରିବ, କାରଣ ସେ ପଥ ହେଲା ମା'ଙ୍କର; ଏ ଜଗତରେ ହେଉ ବା ଅଦୃଶ୍ୟ ଜଗତସମୂହରେ ହେଉ, କୌଣସି ଶତ୍ରୁଶକ୍ତି, ତାହା ଯେତେ ଶକ୍ତିଶାଳୀ ହେଉ ନା କାହିଁକି, ତୁମକୁ ସ୍ପର୍ଶ କରିପାରିବ ନାହିଁ; କୌଣସି ବିଭୀଷିକା ତୁମ ଚିନ୍ତାର କାରଣ ହୋଇପାରିବ ନାହିଁ । ଏହି କରୁଣାର ସ୍ପର୍ଶରେ ସଙ୍କଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ, ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ । କାରଣ ଦିବ୍ୟଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କ ଅନୁମତି । ଏବେ ହେଉ ବା ପରେ ହେଉ, ତାହାର ଫଳ ସୁନିଶ୍ଚିତ, ପୂର୍ବନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ।

– ଶ୍ରୀଅରବିନ୍ଦ



# ଭଗବତୀ ଶକ୍ତିହିଁ ଆଣିଦେବେ ପୂର୍ଣ୍ଣତା

## ଶ୍ରୀଅରବିନ୍ଦ

... ...ଏହି ପୂର୍ଣ୍ଣତାରେ ପହଞ୍ଚିବାକୁ ହେଲେ ଆମକୁ ସେହି ଦିବ୍ୟମହାଶକ୍ତିଙ୍କ ସମ୍ପର୍କରେ ସଚେତ ହେବାକୁ ହେବ ଏବଂ ଆମର ସମଗ୍ର ଆଧାରଟିକୁ ପରିପୂର୍ଣ୍ଣ କରିଦେବା ଲାଗି ଓ ଆମର ସମସ୍ତ କର୍ମର ଦାୟିତ୍ୱ ଗ୍ରହଣ କରିବା ଲାଗି ତାଙ୍କୁ ଆମ ଭିତରକୁ ଆକର୍ଷିତ କରି ଆଣିବାକୁ ହେବ ଓ ଆବାହନ କରି ଆଣିବାକୁ ହେବ । ତା'ହେଲେ ସେତେବେଳେ ଆଉ ଆମ କର୍ମସବୁକୁ ଚାଳିତ କରିବା ପାଇଁ ଚେଷ୍ଟା କରୁଥିବା କୌଣସି ପୃଥକ୍ ବ୍ୟକ୍ତି-ସଂକଳ୍ପ ବା ବ୍ୟକ୍ତିଗତ ଶକ୍ତି ରହିବ ନାହିଁ ବା କର୍ମର କର୍ତ୍ତା ହୋଇ ରହୁଥିବା ଏକ କ୍ଷୁଦ୍ର ବ୍ୟକ୍ତି ସତ୍ତାର କୌଣସି ବୋଧ ରହିବ ନାହିଁ କିଂବା ମାନସିକ, ପ୍ରାଣିକ ଓ ଦୈହିକ ପ୍ରକୃତିର ତ୍ରିଗୁଣାତ୍ମିକା ନିମ୍ନତର ଶକ୍ତିର କ୍ରିୟା ହୋଇ କିଛି ରହିବ ନାହିଁ । ସେତେବେଳେ ଦିବ୍ୟମହାଶକ୍ତିହିଁ ଆମକୁ ପରିପୂର୍ଣ୍ଣ କରି ଦେବେ ଓ ଆମର ସମସ୍ତ ଆନ୍ତର କ୍ରିୟାକଳାପ ତଥା ବାହ୍ୟ ଜୀବନ ଓ ଯୋଗର ଅଧୀଶ୍ୱରୀ ହୋଇ ସବୁକିଛି ନିଜ ହାତକୁ ଗ୍ରହଣ କରିନେବେ । ସେ ନିଜ ହାତକୁ ଗ୍ରହଣ କରିନେବେ ମନର ଶକ୍ତିକୁ ଯାହା ତାଙ୍କ ନିଜ ଶକ୍ତିରହିଁ ନିମ୍ନତର ଗଠନ ଏବଂ ତାହାକୁ  ଉଠାଇ ନେଇ ପରିଣତ କରିବେ ବୁଦ୍ଧି, ସଂକଳ୍ପ ଓ ଚୈତ୍ୟ କ୍ରିୟାକଳାପର ଉଚ୍ଚତମ, ଶୁଦ୍ଧତମ ଓ ପୂର୍ଣ୍ଣତମ ସାମର୍ଥ୍ୟରେ । ମନ, ପ୍ରାଣ ଓ ଦେହର ଯେଉଁ ଯାନ୍ତ୍ରିକ ଶକ୍ତିଗୁଡ଼ିକ ବର୍ତ୍ତମାନ ଆମକୁ ଶାସନ କରୁଛନ୍ତି, ସେଗୁଡ଼ିକୁ ସେ ରୂପାନ୍ତରିତ କରିବେ ତାଙ୍କ ନିଜର ଜୀବନ୍ତ ଓ ସଚେତ ଶକ୍ତି ଓ ଉପସ୍ଥିତିର ଆନନ୍ଦପୂର୍ଣ୍ଣ ଅଭିବ୍ୟକ୍ତି ସବୁରେ । ମନ ଯେଉଁସବୁ ନାନାବିଧ ଆଧ୍ୟାତ୍ମିକ ଅନୁଭୂତି ଲାଭ କରିବା ପାଇଁ ସମର୍ଥ, ସେ ସେଗୁଡ଼ିକୁ ଆମ ଭିତରେ ଅଭିବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକୁ ପରସ୍ପର ସହ ସମ୍ବନ୍ଧଯୁକ୍ତ କରାଇନେବେ । ଏବଂ ଏହି ପ୍ରକ୍ରିୟାଟିର ଚରମ ସିଦ୍ଧି ଓ ମୁକୁଟ ରୂପେ ସେ ମାନସିକ ସ୍ତରଗୁଡ଼ିକ ଭିତରକୁ ଅତିମାନସ ଦିବ୍ୟ-ଆଲୋକକୁ ଅବତରଣ କରାଇ ଆଣିବେ ଓ ମନର ଉପାଦାନଟିକୁ ଅତିମାନସ ଉପାଦାନରେ ବଦଳାଇ ଦେବେ ଏବଂ ନିମ୍ନର ସମସ୍ତ ଶକ୍ତିଗୁଡ଼ିକୁ ନିଜ ଅତିମାନସ ପ୍ରକୃତିର ଶକ୍ତିରେ ରୂପାନ୍ତରିତ କରି ଆମକୁ ଆମର ବିଜ୍ଞାନମୟ ସତ୍ତା ଭିତରକୁ ଉତ୍ତୋଳିତ କରିନେବେ । ସେତେବେଳେ ସେହି ଦିବ୍ୟମହାଶକ୍ତି ନିଜକୁ ପୁରୁଷୋତ୍ତମଙ୍କ ଶକ୍ତି ରୂପେ ପ୍ରକାଶ କରିଦେବେ ଓ ସ୍ୱୟଂ ଈଶ୍ୱର ନିଜର ଅତିମାନସ ଶକ୍ତି ଓ ଦିବ୍ୟଭାବ ଭିତରେ ଆପଣାକୁ ଅଭିବ୍ୟକ୍ତ କରି ଆମ ସତ୍ତା, କର୍ମ, ଜୀବନ ଓ ଯୋଗର ପ୍ରଭୁ ହୋଇ ଉଠିବେ । ❖

# ଦିବ୍ୟକୃପା

## ଶ୍ରୀମା

*ପ୍ରଶ୍ନ : ଦିବ୍ୟକୃପାର ସ୍ପର୍ଶ ଦ୍ୱାରା ବାଧାବିଘ୍ନଗୁଡ଼ିକ କିପରି ଅଗ୍ରଗତିର ସୁଯୋଗରେ ପରିଣତ ହୁଅନ୍ତି ?*

ଶ୍ରୀମା : ଅଗ୍ରଗତି ପାଇଁ ସୁଯୋଗ ? ହଁ ! ଏହା ଅତି ସ୍ପଷ୍ଟ, ବେଶ୍ ବୋଧଗମ୍ୟ ଏକ ବିଷୟ । ତୁମେ ଏକ ବଡ଼ ଭୁଲ୍ କରି ପକାଇଛ, ତୁମେ ଖୁବ୍ ଅସୁବିଧା ଅବସ୍ଥାରେ ପଡ଼ିଯାଇଛ; ତୁମର ଯଦି ବିଶ୍ୱାସ ଥାଏ, ତୁମର ଯଦି ଦିବ୍ୟ-କୃପା ଉପରେ ଆସ୍ଥା ଥାଏ, ତୁମେ ଯଦି ପ୍ରକୃତରେ ଏହା ଉପରେ ଭରସା ରଖ, ତୁମେ ହଠାତ୍ ଉପଲବ୍ଧି କରିବ ଯେ ଏହା ଏକ ଶିକ୍ଷା, ତୁମର ଅସୁବିଧା ଅବସ୍ଥାଟି ବା ଭୁଲ୍‌ଟି ଏକ ଶିକ୍ଷା ଛଡ଼ା ଆଉ କିଛି ନୁହେଁ ଏବଂ ଏହା ଆସିଥାଏ ତୁମକୁ ଏହି ଶିକ୍ଷା ଦେବା ପାଇଁ ଯେ ତୁମ ଭିତରେ କେଉଁଟିର ପରିବର୍ତ୍ତନ ଦରକାର, ଏବଂ ଦିବ୍ୟକୃପାର ଏହି ସାହାଯ୍ୟ ଦ୍ୱାରା ତୁମେ ନିଜ ଭିତରେ ଆବିଷ୍କାର କରିପାରିବ କ'ଣଟିକୁ ପରିବର୍ତ୍ତନ କରିବାକୁ ହେବ । ଏବଂ ତୁମେ ତାହା ପରିବର୍ତ୍ତନ କରି ପାରିବ । ଏବଂ ଏହି ଭାବରେ ତୁମେ ଏକ ବାଧା ଅସୁବିଧାର ଅବସ୍ଥା ଭିତରୁ ଏକ ବିରାଟ ଅଗ୍ରଗତି କରିବା ପାଇଁ ସମର୍ଥ ହେବ ଓ ଆଗକୁ ଏକ ଉଲ୍ଲେଖଯୋଗ୍ୟ ଲମ୍ଫ ପ୍ରଦାନ କରିପାରିବ । ସବୁ ସମୟରେ ଏହାହିଁ ଘଟୁଥାଏ । କେବଳ, ତୁମକୁ ଯଥାର୍ଥରେ ଆନ୍ତରିକ ହେବାକୁ ହେବ ଅର୍ଥାତ୍ ଭଗବତ୍ କୃପା ଉପରେ ଆସ୍ଥା ସ୍ଥାପନ କରି ତାହାକୁ ତୁମ ଭିତରେ କ୍ରିୟା କରିବା ପାଇଁ ଛାଡ଼ି ଦେବାକୁ ହେବ — କିନ୍ତୁ ଏପରି କଲେ ଚଳିବ ନାହିଁ : ତୁମର ଗୋଟିଏ ଅଂଶ ସାହାଯ୍ୟ ପାଇବା ପାଇଁ ଚାହୁଁଛି ଅଥଚ ଅନ୍ୟ ଅଂଶଟି ଯେତେ ଅଧିକ ପାରେ ତାହାର ପ୍ରତିରୋଧ କରୁଛି, କାରଣ ତାହା ପରିବର୍ତ୍ତିତ ହେବାକୁ ଚାହେଁ ନାହିଁ ।... ଏଇଟିହିଁ ଅସୁବିଧା ।

ଶ୍ରୀଅରବିନ୍ଦ ଯାହା କହିଛନ୍ତି, ସବୁ ସମୟରେ ଯେଉଁ କଥାଟି ଉପରେ ଜୋର୍ ଦେଇଛନ୍ତି, ତାହା ହେଉଛି ପୂର୍ଣ୍ଣଭାବରେ, ସମଗ୍ର ଭାବରେ, ଆନ୍ତରିକତା ସହ, କୌଣସି କିଛି କୁଣ୍ଠା ବା ଦ୍ୱିଧା ନ ରଖି ଭଗବତ୍ କୃପା ଉପରେ ଆସ୍ଥା ରଖିବାକୁ ହେବ । କାରଣ ସତ୍ତାର ଗୋଟିଏ ଅଂଶରେ ଏକ ଅଭୀପ୍ସା ଥାଏ, ସତ୍ତାର ଏପରି ଗୋଟିଏ ଅଂଶ ଥାଏ ଯାହାକି ନିଜକୁ ଦେଇ ଦିଏ କିନ୍ତୁ ଅନ୍ୟାନ୍ୟ ଏପରି ଅଂଶ ଥାଏ, ସମୟ ସମୟରେ ଛୋଟ ଅଂଶଟିଏ ବା ଅନ୍ୟ ସମୟରେ ବଡ଼ ଅଂଶଟିଏ, ସତ୍ତାର ଠିକ୍ ତଳଭାଗରେ ନିଜକୁ ସୁନ୍ଦରରୂପେ ଲୁଚାଇ ରଖିଥାଏ ଏବଂ ପୂରା ଚୁପ୍‌ଚାପ୍ ହୋଇ ରହିଥାଏ, ଯେପରିକି ତାହାକୁ କେହି ଦେଖି ପାରିବେ ନାହିଁ କିନ୍ତୁ ତାହା ନିଜର ସମସ୍ତ ଶକ୍ତି ନେଇ ପ୍ରତିରୋଧ କରୁଥାଏ ଯେପରିକି ତାହାକୁ ବଦଳାଇ ଦିଆ ନ ଯାଏ ।

ଫଳରେ ଆମକୁ ଆଶ୍ଚର୍ଯ୍ୟ ଲାଗେ, ''ଆଃ, ମୋର ଏତେ ସୁନ୍ଦର ଅଭୀପ୍ସା ଥିଲା, ମୋର ଏତେ ସଦିଚ୍ଛା ଥିଲା, ପରିବର୍ତ୍ତନ ପାଇଁ ଏତେ ଆକାଂକ୍ଷା ଥିଲା କିନ୍ତୁ କ'ଣ ହେଲା, ମୁଁ ତ କିଛି କରିପାରୁ ନାହିଁ ! କାହିଁକି ?'' ସେତେବେଳେ ଅବଶ୍ୟ ତୁମର ମାନସିକ ଔଦ୍ଧତ୍ୟ ଆସି କହିବ ଯେ, ''ମୋର ଯେତିକିଟା ପ୍ରାପ୍ୟ ମୁଁ ଭଗବାନଙ୍କଠାରୁ ତାହା ପାଇଲି ନାହିଁ, ଭଗବତ୍ କୃପା ମୋତେ କିଛି ସାହାଯ୍ୟ କରୁ ନାହିଁ, ନିଜକୁ ପରିବର୍ତ୍ତିତ କରିବାର କାମଟି ମୋତେ ସମ୍ପୂର୍ଣ୍ଣ ଏକାକୀ କରିବା ପାଇଁ ଛାଡ଼ି ଦିଆଗଲା । ଇତ୍ୟାଦି... ଇତ୍ୟାଦି ।

କିନ୍ତୁ ପ୍ରକୃତରେ କଥାଟି ତାହା ନୁହେଁ । ଏହା ଆସିଥାଏ କେଉଁଠି ଲୁଚି ରହିଥିବା ସେହି ଅଂଶଟିରୁ ଯାହା ନିଜକୁ ନିଜ ଉପରେ ଦୁଇ ପରସ୍ତ କରି ଗୁଡ଼ାଇ, କୁଣ୍ଡଳୀ କରି ନିଜକୁ ବେଶ୍ ଲୁଚାଇ ରଖିଥାଏ, ବାକ୍ସର ତଳଭାଗ ପରି, ସତ୍ତାର ଠିକ୍ ତଳ ଭାଗଟିରେ ଏବଂ ଏହାହିଁ ଆଦୌ ହଲଚଲ ହେବାକୁ ଅସ୍ୱୀକାର କରେ । (ମା' ଖୁବ୍ ମୃଦୁସ୍ୱରରେ କଥାଗୁଡ଼ିକ କହିଲେ) । ତା'ପରେ ଯେତେବେଳେ ସମସ୍ତ ପ୍ରଚେଷ୍ଟା ଓ ଅଭୀପ୍ସା ହ୍ରାସ ପାଇଯାଏ, କ୍ଷୟ ହୋଇଯାଏ, ସେତେବେଳେ ଏହି ଅଂଶଟି ନିଜ ରୂପ ନେଇ ଉପରକୁ ଉଠି ଆସେ, ପ୍ରଥମେ ଧୀର ଭାବରେ, ପରେ ନିଜର ଇଚ୍ଛାଟିକୁ ଏହା ତୁମ ଉପରେ ଲଦିଦିଏ ଏବଂ ଯେଉଁ କାମଟିକୁ ତୁମେ କରିବାକୁ ଚାହୁଁ ନ ଥିଲ, ଯାହା ନ କରିବା ପାଇଁ ତୁମେ ନିଷ୍ପତ୍ତି ନେଇଥିଲ, ସେଇ କାମଟି ତୁମ ଦ୍ୱାରା କରାଇ ନିଏ, ଏବଂ କିପରି ଓ କାହିଁକି କରିଲ ସେ ସଂପର୍କରେ ଆଦୌ କିଛି ନ ଜାଣି ତୁମେ ସେହି କାମଟି କରି ବସ ! କାରଣ ସେହି ଜିନିଷଟି ସେଠାରେ

ରହିଥିଲା ଓ ତା'ର ପାଳି ପଡ଼ିଲାରୁ ଉଠି ଆସିଲା – ଏଇ କଥାଟି ଛୋଟ ଜିନିଷ ପାଇଁ, ବଡ଼ ଜିନିଷ ପାଇଁ, ସମସ୍ତ ଟିକିନିଖି ଜିନିଷ ପାଇଁ, ଏପରିକି ଜୀବନର ଦିଗ୍-ନିର୍ଦ୍ଦେଶ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ।

ଅନେକ ଲୋକ ଅଛନ୍ତି ଯେଉଁମାନେ ପରିଷ୍କାର ଭାବରେ ଜିନିଷଟି ଦେଖି ପାରନ୍ତି, ସେମାନଙ୍କର କ'ଣ କରିବା ଉଚିତ ତାହା ଖୁବ୍ ଭଲଭାବେ ଜାଣନ୍ତି, କିନ୍ତୁ ସେମାନେ ଅନୁଭବ କରନ୍ତି ଯେ ତାହା ସେମାନେ କରି ପାରିବେ ନାହିଁ... । ସେମାନେ ଜାଣନ୍ତି ନାହିଁ କାହିଁକି ଏପରି ହୁଏ । ଏହା ପ୍ରକୃତରେ ଆଉ କିଛି ଯୋଗୁଁ ନୁହେଁ, ଆଗରୁ ଯାହା କୁହାଯାଇଛି ଠିକ୍ ସେଇଥିଯୋଗୁଁହିଁ ଏପରି ଘଟେ । ଗୋଟିଏ ଛୋଟ ଦାଗ ପରି କିଛି ରହିଯାଏ ଯାହା ପରିବର୍ତ୍ତିତ ହେବାକୁ ଚାହେଁ ନାହିଁ, ଏବଂ ଏହି ଛୋଟ ଦାଗଟି ନିଜର ସମୟକୁ ଅପେକ୍ଷା କରୁଥାଏ । ଏବଂ ତୁମେ ଯେଉଁଦିନ କିଛି ଶିଥିଳତା, କ୍ଲାନ୍ତି ବା ତନ୍ଦ୍ରାଳୁତା ବା ଟିକେ ତାମସିକ ଜଡ଼ତା ନେଇ ଏହାକୁ ତା'ର ନିଜ ରୂପ ଦେଖାଇବା ପାଇଁ ଅନୁମତି ଦିଅ, ସେ ତା'ର ସମସ୍ତ କେନ୍ଦ୍ରୀଭୂତ, ସଂଚିତ ଓ ପୁଞ୍ଜୀଭୂତ ଶକ୍ତି ନେଇ ଉଠି ଆସି ନିଜ ରୂପ ଦେଖାଇବ ଓ ତା'ର ଚାଳନାରେ ପଡ଼ି ତୁମେ ଏପରି ସବୁ କାମ କରିବ, ଏପରି ସବୁ କଥା କହିବ, ଏପରି ସବୁ ଅନୁଭବ କରିବ, ଯାହାକି ତୁମେ ଯେଉଁ ନିଷ୍ପତ୍ତି ନେଇଥିଲ ତାହାର ଠିକ୍ ଓଲଟା, ବିପରୀତ । ଏବଂ ତୁମେ ସେଇଠି ଛିଡ଼ା ହୋଇ କହୁଥିବ, ''ଆଃ, ଏହା କେତେ ହତୋତ୍ସାହଜନକ ।'' ପୁଣି ଆଉ କେତେକ ଲୋକ କୁହନ୍ତି, ''ଭାଗ୍ୟ !'' ସେମାନେ ଭାବନ୍ତି ଏହାହିଁ ହେଉଛି ସେମାନଙ୍କ ଭାଗ୍ୟ । ପ୍ରକୃତରେ ଏହା ଭାଗ୍ୟ ନୁହେଁ, ସେମାନେ ନିଜେହିଁ ହେଉଛନ୍ତି ଏହାର କାରଣ ।... ସେମାନଙ୍କ ପାଖରେ ସେହି ଜିନିଷଟି ନାହିଁ, ସେହି ଆଲୋକଟି, ସେହି ସନ୍ଧାନୀ ଆଲୋକଟି ନାହିଁ । ସେମାନଙ୍କ ସତ୍ତାର ଲୁଚି ରହିଥିବା ସେହି ଛୋଟ କୋଣଟି ଉପରେ ସେମାନେ ସେହି ସର୍ଚ୍ଚଲାଇଟ୍ ବା ସଂଧାନୀ ଆଲୋକକୁ ପକାଇ ନାହାନ୍ତି, ସେମାନେ ଆବିଷ୍କାର କରି ନାହାନ୍ତି ସେଠାରେ କ'ଣ ନିଜକୁ ବେଶ୍ ଭଲ ଭାବରେ ଲୁଚାଇ ରଖିଛି । ସେମାନେ ତାହାକୁ ସେଠାରେ ସେହିପରି ଭାବରେ ରହିବାକୁ ଛାଡ଼ି ଦେଇଛନ୍ତି, ଫଳରେ ସେମାନେ ଏହାହିଁ କହିଛନ୍ତି (ମା' ନିଜର ମୁହଁ ବୁଲାଇ ନେଲେ) ଯେପରିକି ତାହାକୁ ଦେଖି ପାରିବେ ନାହିଁ । କେତେଥର ତୁମେ ହଠାତ୍ ଅନୁଭବ କରିଥିବ ଯେ ତୁମେ ବେଶ୍ କିଛି ଗୋଟାଏକୁ ଧରି ଦେବାକୁ ଯାଉଛ, ''ଖପ୍'' । ଏହାଟିକେ ଆଘାତ ଦିଏ,... ଏହା ବେଶ୍ ଗୋଳମାଳିଆ ଓ କଷ୍ଟଦାୟକ କିଛି... ତେଣୁ ତୁମେ ସେ ବିଷୟରେ ନ ଭାବି ଅନ୍ୟ କଥାରେ ମନ ଦିଅ, ବାସ୍ ସେତିକି ! ସୁଯୋଗଟି ହାତଛଡ଼ା ହୋଇ ଚାଲିଯାଏ । ତୁମକୁ ଆଉ ଏକ ସୁଯୋଗ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ; ସେହି ଜିନିଷଟିକୁ ପୂରା ହାତମୁଠାରେ ଧରିବା ପାଇଁ ସୁଯୋଗ ପାଇବାକୁ ସକ୍ଷମ ହେବା ପୂର୍ବରୁ ତୁମକୁ ପୁଣି କେତେକ ନିର୍ବୋଧ କାମ କରିବାକୁ ହେବ, ସେତେବେଳେ ଯାଇ ତୁମେ ତା'ର ଲାଞ୍ଜ ବା ନାକ ବା କାନକୁ କଷି କରି ଜୋର୍ କରି ଧରି ପାରିବ ଓ କହିବ, ''ନା, ବର୍ତ୍ତମାନ ତୁ ଆଉ ଲୁଚି ରହି ପାରିବୁ ନାହିଁ, ମୁଁ ତୋର ପ୍ରକୃତ ରୂପଟିକୁ ଦେଖି ନେଇଛି ଏବଂ ତୋତେ ବିଦାୟ ନେଇ ପୂରା ବାହାରି ଯିବାକୁ ହେବ କିଂବା ବଦଳି ପରିବର୍ତ୍ତିତ ହେବାକୁ ପଡ଼ିବ ।''

ତୁମର ଏ ସଂପର୍କରେ ଏକ ଦୃଢ଼ ମୁଠା ଓ ଅଟଳ ଦୃଢ଼ ସଂକଳ୍ପ ରହିବା ଆବଶ୍ୟକ । ଆମେ ସେଦିନ ପଢ଼ିଥିବା ସେହି ଜାପାନୀ ଗଳ୍ପର ସୈନିକ ପରି ତୁମକୁ ଦୃଢ଼ ହେବାକୁ ହେବ, ଯେଉଁ ସୈନିକଟି ତା'ର ଆଣ୍ଠୁରେ ଏକ ଛୁରୀ ବାନ୍ଧିଥାଏ ଯାହା ଫଳରେ ସେ ନିଶ୍ଚିତ ହୋଇ ପାରିବ ଯେ ସେ ଆଉ ଶୋଇ ପଡ଼ିବ ନାହିଁ; ଏବଂ ଯେତେବେଳେ ତାକୁ ଖୁବ୍ ନିଦ ମାଡ଼େ ସେ ସେହି ଛୁରୀଟିକୁ ବୁଲାଇ ଏପରି କଷି କରି ବାନ୍ଧିଦିଏ ଯେ ତାହା ତାକୁ ଆହୁରି ବେଶୀ ଯନ୍ତ୍ରଣା ଦେବ । ତୁମ ଭିତରେ ସେଇ ଧରଣର ଦୃଢ଼ତା ରହିବା ଆବଶ୍ୟକ । ଏହାହିଁ ହେଉଛି ସଂକଳ୍ପର ଅର୍ଥ : ତୁମକୁ ଜାଣିବାକୁ ହେବ ତୁମେ କ'ଣ ଚାହଁ, ଏବଂ ତାହାକୁହିଁ କାର୍ଯ୍ୟରେ ପରିଣତ କରିବାକୁ ହେବ ।

(*The Mother's comments on 'The Mother'*, pp.133-35) ✤

# ସମର୍ପଣହିଁ ପୂର୍ଣ୍ଣଯୋଗର ପଥ

## ଶ୍ରୀଅରବିନ୍ଦ

ଅତିମାନସ ଯୋଗର ପ୍ରଥମ ଶବ୍ଦ ହେଲା ସମର୍ପଣ, ଏହାର ଶେଷ ଶବ୍ଦ ମଧ୍ୟ ସେଇ ସମର୍ପଣ । ଦିବ୍ୟ-ଚେତନାରେ ଉଠାଇ ନେବା ପାଇଁ, ପୂର୍ଣ୍ଣତା ପାଇଁ, ରୂପାନ୍ତର ପାଇଁ, ଶାଶ୍ୱତ ଭଗବାନଙ୍କ ପାଖରେ ନିଜକୁ ଦେଇ ଦେବାର ସଂକଳ୍ପ ଦ୍ୱାରାହିଁ ଏହି ଯୋଗ ଆରମ୍ଭ ହୁଏ ଏବଂ ପୂରାପୂରି ଭାବରେ ନିଜକୁ ଦେଇ ଦେବାରେହିଁ ଏହା ତା'ର ଚୂଡ଼ାନ୍ତ ପୂର୍ଣ୍ଣତାରେ ପହଞ୍ଚେ । କାରଣ ଯେତେବେଳେ କେବଳ ସେହି ଆତ୍ମନିବେଦନ ପୂର୍ଣ୍ଣତା ଲାଭ କରେ ସେତେବେଳେ ଯାଇ ଏହି ଯୋଗ ତା'ର ଶେଷ ଚରମ ପର୍ଯ୍ୟାୟରେ ପହଞ୍ଚେ ଯେଉଁଠି ଅତିମାନସ ଦିବ୍ୟସତ୍ୟ ଭିତରକୁ ସତ୍ତାଟିକୁ ସମଗ୍ର ଭାବରେ ନେଇ ନିଆଯାଇଛି ତା'ର ପୂର୍ଣ୍ଣତା ଓ ରୂପାନ୍ତର ପାଇଁ ।

*

ଆମେ ପରମ ଭଗବାନଙ୍କଠାରୁ ଯେଉଁ ବରଲାଭ ଚାହିଁଛୁ ତାହା ସର୍ବୋତ୍ତମ ପରମଙ୍କଠାରୁ ପୃଥିବୀ ଯେତେ ଯେତେ ବର ଚାହିଁପାରେ ତା' ଭିତରେ ସର୍ବଶ୍ରେଷ୍ଠ । ଆମେ ଚାହିଁଛୁ ସେହି ରୂପାନ୍ତର ଯାହାକୁ ସମ୍ପନ୍ନ ଓ ସିଦ୍ଧ କରିବା ସବୁଠୁ ଦୁରୂହ, ଯାହାର ଦାବି ଓ ସର୍ତ୍ତ ପୂରଣରେ କୌଣସି ତ୍ରୁଟିକୁ ଶେଷ ପର୍ଯ୍ୟନ୍ତ ସହ୍ୟ କରାଯାଏନା । ଜଡ଼ ଭିତରକୁ ପରମ ସତ୍ୟ ଓ ଶକ୍ତିର ଅବତରଣ, ଜଡ଼ର ଭୂମି ଓ ଚେତନାରେ ଏବଂ ଏହି ଜଡ଼ ପୃଥିବୀରେ ଅତିମାନସ ପ୍ରତିଷ୍ଠା, ଏବଂ ଜଡ଼ର ମୂଳତତ୍ତ୍ୱ ପର୍ଯ୍ୟନ୍ତ ଏକ ପୂର୍ଣ୍ଣାଙ୍ଗ ରୂପାନ୍ତର – ଏହାହିଁ ଆମର ଲକ୍ଷ୍ୟ, ଏହାଠାରୁ କିଛି କମ୍ ନୁହେଁ । ଏହି ଅଲୌକିକ ସିଦ୍ଧି କେବଳ ଏକ ଦିବ୍ୟକୃପାହିଁ ସମ୍ପନ୍ନ କରିପାରେ ।

ପରମା ଦିବ୍ୟଶକ୍ତି ସବୁଠୁ ଜଡ଼ମୟ ଚେତନା ଭିତରକୁ ଅବତରଣ କରିଛି କିନ୍ତୁ ସେଠାରେ ସେ ରହିଛି ଭୌତିକ ଘନ ଆବରଣର ପଶ୍ଚାତରେ । ନିଜର ପ୍ରକାଶ ପୂର୍ବରୁ, ନିଜର ପ୍ରକାଶ୍ୟ ମହାନ୍ କ୍ରିୟା ଆରମ୍ଭ ହେବା ପୂର୍ବରୁ ତାହାର ଦାବି ହେଲା ସେଠାରେ ଯେପରି ପରମ ଦିବ୍ୟକୃପାର ସର୍ତ୍ତସବୁ ବାସ୍ତବ ଓ ଫଳପ୍ରଦ ଭାବରେ ପୂରଣ ହେଉ । ଏବଂ ପ୍ରଥମ ସର୍ତ୍ତଟି ହେଲା ଜଡ଼ମୟ ସତ୍ତା ଓ ପ୍ରକୃତିରେ ପ୍ରକାଶିତ ଓ ଅଭିବ୍ୟକ୍ତ ହେବା ପୂର୍ବରୁ ସେହି ଦିବ୍ୟସତ୍ୟ ଯେପରି ଆମ ଭିତରେ ସମ୍ପୂର୍ଣ୍ଣ ଓ ସମଗ୍ର ଭାବରେ, ଦ୍ୱିଧାହୀନ ଓ ସର୍ତ୍ତହୀନ ଭାବରେ ଗୃହୀତ ହେବ ।

ସମଗ୍ର ସତ୍ତାର ଏକ ପୂର୍ଣ୍ଣ ସମର୍ପଣ, ଅନ୍ୟ କିଛି ପ୍ରତି ନୁହେଁ କେବଳ ଦିବ୍ୟ-ଭଗବତ୍ ପ୍ରଭାବ ପ୍ରତି ଏକ ସର୍ବତୋମୁଖୀ ଆତ୍ମ-ଉନ୍ମୀଳନ, ନିରନ୍ତର ସର୍ବାଙ୍ଗୀଣ ଭାବରେ କେବଳ ଦିବ୍ୟ-ସତ୍ୟକୁ ଗ୍ରହଣ କରିବା ଓ ସମସ୍ତ ମିଥ୍ୟାକୁ ପ୍ରତ୍ୟାଖ୍ୟାନ କରିବା – କେବଳ ଏହିଗୁଡ଼ିକହିଁ ହେଉଛି ସର୍ତ୍ତ । କିନ୍ତୁ କୌଣସି କୁଣ୍ଠା, ଦ୍ୱିଧା, ଛଳନା ବା ଏଡ଼ାଇ ଯିବାର ଭାବ ନରଖି ସହଜ ଓ ଆନ୍ତରିକ ଭାବରେ ଦୈହିକ ଚେତନା ଓ ତା'ର କ୍ରିୟା ପର୍ଯ୍ୟନ୍ତ ମଧ୍ୟ ଏହି ସର୍ତ୍ତଗୁଡ଼ିକୁ ପୂରାପୂରି ଭାବରେ ପୂରଣ କରିବାକୁ ହେବ ।

(ବୁଲେଟିନ୍, ଅଗଷ୍ଟ ୧୯୮୮)

## ଆନ୍ତର ସମର୍ପଣର ମୂଳମନ୍ତ୍ର

ଭଗବାନଙ୍କଠାରେ ଆସ୍ଥା ଓ ଦୃଢ଼ ବିଶ୍ୱାସ ହେଲା ଆନ୍ତର ସମର୍ପଣର ମୂଳମନ୍ତ୍ର । ମନୋଭାବଟି ଏପରି ହେବ : ''ମୁଁ ଭଗବାନଙ୍କୁ ଚାହେଁ, ଆଉ କିଛି ଚାହେଁ ନାହିଁ । ମୁଁ ସମ୍ପୂର୍ଣ୍ଣ ରୂପେ ନିଜକୁ ତାଙ୍କଠାରେ ଅର୍ପଣ କରିବାକୁ ଚାହେଁ; ଆଉ ଯେହେତୁ ମୋର ଆତ୍ମା ତାହାହିଁ ଚାହେଁ, ମୁଁ ତାଙ୍କର ସାକ୍ଷାତ୍ ପାଇବା ଓ ତାଙ୍କୁ ଉପଲବ୍ଧି କରିବା ଅନିବାର୍ଯ୍ୟ । ମୁଁ କେବଳ ସେତିକି ଚାହେଁ ଏବଂ ଚାହେଁ ମୋ ମଧ୍ୟରେ ତାଙ୍କର କ୍ରିୟା, ସେ କ୍ରିୟା ଗୋପନରେ ହେଉ କି ପ୍ରକାଶ୍ୟରେ ହେଉ, ଅନ୍ତରାଳରେ ହେଉ ବା ପ୍ରତ୍ୟକ୍ଷରେ ହେଉ, ମୋତେ ତାଙ୍କ ନିକଟକୁ ନେଇ ଆସୁ, ମୋ ନିଜ ସମୟରେ ଓ ନିଜ ଧାରାରେ ହେଉ ବୋଲି ଜୋର କରିବି ନାହିଁ; ସେ ତାଙ୍କର ନିଜର ସମୟ ଅନୁଯାୟୀ ଯେମିତି ଚାହାନ୍ତି ସେହି ଭାବରେହିଁ କରନ୍ତୁ; ତାଙ୍କ ପ୍ରତି ମୁଁ ବିଶ୍ୱାସ ପୋଷଣ କରିବି, ତାଙ୍କର ଇଚ୍ଛାକୁ ମାନି ନେବି, ତାଙ୍କର ଆଲୋକ, ଉପସ୍ଥିତି ଓ ଉଲ୍ଲାସ ପାଇଁ ମୁଁ ଅଟଳ ଆସ୍ପୃହା ପୋଷଣ କରିବି, ସବୁ ବାଧା, ସବୁ ମନ୍ଥରତାକୁ ପାର ହୋଇଯିବି, ତାଙ୍କରି ଉପରେ ନିର୍ଭର କରିଥିବି, କେବେ ବି

ନିରସ୍ତ ହେବି ନାହିଁ । ମନ ମୋର ସ୍ଥିର ହେଉ, ତାଙ୍କ ଉପରେ ଆସ୍ଥା ରଖି ଏବଂ ସେ ତାକୁ ତାଙ୍କର ଆଲୋକ ପ୍ରତି ଉନ୍ମୀଳିତ କରାନ୍ତୁ; ପ୍ରାଣ ମୋର ସ୍ଥିର ହେଉ ଏବଂ କେବଳ ତାଙ୍କରି ପ୍ରତି ଉନ୍ମୁଖ ହେଉ ଏବଂ ସେ ତାକୁ ତାଙ୍କର ପ୍ରଶାନ୍ତି ଓ ଉଲ୍ଲାସ ପ୍ରତି ଉନ୍ମୀଳିତ କରାନ୍ତୁ । ସବୁ ତ ତାଙ୍କରି ପାଇଁ ଆଉ ମୁଁ ନିଜେ ତାଙ୍କରି ପାଇଁ । ଯାହା ଘଟୁ ପଛେ, ମୁଁ ଏହି ଆସ୍ପୃହା ଓ ଆତ୍ମ-ଅର୍ପଣ ବଜାୟ ରଖିବି ଏବଂ ଏହା ସାଧିତ ହେବ — ଏହି ପୂର୍ଣ୍ଣ ନିର୍ଭରତାରେ ମୁଁ ଆଗେଇ ଚାଲିବି ।''

ଏହି ମନୋଭାବ ପୋଷଣ କରିବା ଭଳି ଉତ୍କର୍ଷ ଅର୍ଜନ କରିବାକୁ ହେବ... ।

ହୃଦୟ ଓ ପ୍ରକୃତିର ବିଶୁଦ୍ଧୀକରଣ, ଆନ୍ତର ଚେତନାର ଜାଗରଣ, ଆବରଣର ଅପସାରଣ, — ଭଗବାନ୍ ସବୁ କରିଦେଇ ପାରିବେ, ଯଦି ଜଣେ ଆସ୍ଥା ଓ ଦୃଢ଼ ବିଶ୍ୱାସ ସହ ନିଜକୁ ତାଙ୍କୁ ଦେଇ ଦେଇପାରେ; ଏକାଥରକେ ଯଦିବା ଜଣେ ତାହା ନପାରିଲା, ତଥାପି ଯେତେ ଅଧିକ ସେ କାର୍ଯ୍ୟ କରି ଯାଉଥିବ, ତେତେ ଅଧିକ ମାତ୍ରାରେ ଆନ୍ତର ସହାୟତା ଓ ନିର୍ଦ୍ଦେଶ ମିଳୁଥିବ ଓ ଭଗବାନଙ୍କର ଉପଲବ୍ଧି ନିଜ ଭିତରେ ବୃଦ୍ଧି ପାଉଥିବ । ଯଦି ଜିଜ୍ଞାସୁ ମନ କମ୍ କ୍ରିୟାଶୀଳ ରହେ, ବିନୟ ଓ ସମର୍ପଣର ସଂକଳ୍ପ ବୃଦ୍ଧି ପାଉଥାଏ ଏହା ପୂର୍ଣ୍ଣମାତ୍ରାରେ ସିଦ୍ଧ ହୋଇପାରିବ । ଅନ୍ୟ କୌଣସି ଶୌର୍ଯ୍ୟ ଓ ତପସ୍ୟା ଆଉ ଲୋଡ଼ା ହେବ ନାହିଁ, କେବଳ ଏହାକୁ ଛାଡ଼ି ।

*

ଗୀତାନୁଯାୟୀ ଯୋଗର ଦୁଇଟି ପୃଥକ୍ ଗତି ରହିଛି, ସିଦ୍ଧିଦାନକାରୀ ଗତିଟି ହେଉଛି ପୂର୍ଣ୍ଣ ସମର୍ପଣ । ପ୍ରଥମେ ନିମ୍ନ-ପ୍ରକୃତି ଉପରେ ବିଜୟ ହାସଲ କରିବାକୁ ପଡ଼େ, ଉର୍ଦ୍ଧ୍ୱତର ଆତ୍ମା ସାହାଯ୍ୟରେ ନିମ୍ନତର ଗତିବୃତ୍ତି ସହିତ ଜଡ଼ିତ ଜୀବାତ୍ମାକୁ ମୁକୁଳାଇ ନେବାକୁ ହୁଏ, ଯାହା ଭାଗବତ ପ୍ରକୃତି ମଧ୍ୟକୁ ଉତ୍ତୀର୍ଣ୍ଣ ହୁଏ; ସେହି ସଙ୍ଗେ ଯୋଗର ଆନ୍ତର କ୍ରିୟା ସମେତ ସମସ୍ତ କର୍ମ ଆହୁତି ସ୍ୱରୂପ ପୁରୁଷୋତ୍ତମଙ୍କୁ ଅର୍ପଣ କରିବାକୁ ପଡ଼େ । ପୁରୁଷୋତ୍ତମ ହେଉଛନ୍ତି ବିଶ୍ୱାତୀତ ଓ ସର୍ବାନ୍ତରବର୍ତ୍ତୀ ଭଗବାନ୍ । ଉର୍ଦ୍ଧ୍ୱତର ଆତ୍ମାର ସ୍ଥିତିକୁ ଉନ୍ନୀତ ହେଲେ, ପ୍ରଜ୍ଞାର ଅଧିକାରୀ ହୋଇ ବନ୍ଧନମୁକ୍ତ ହେଲେ ଯାଇ ଜଣେ ଭଗବାନଙ୍କଠାରେ ପୂର୍ଣ୍ଣ ସମର୍ପଣ କରେ, ଅନ୍ୟସବୁ ଧର୍ମ ପରିହାର କରି ଏକମାତ୍ର ଭାଗବତ-ଚେତନା, ଭାଗବତ-ସଂକଳ୍ପ ଏବଂ ଶକ୍ତି, ଭାଗବତ-ଆନନ୍ଦ ମଧ୍ୟରେ ବାସ କରେ ।

ଗୀତୋକ୍ତ ଯୋଗର ସମସ୍ତ ପ୍ରୟୋଜନୀୟ ଉପାଦାନ ଗ୍ରହଣ କରିଥିଲେ ମଧ୍ୟ ଆମ ଯୋଗ ଗୀତୋକ୍ତ ଯୋଗ ସଦୃଶ ନୁହେଁ । ଆମ ଯୋଗରେ ଆମେ ପୂର୍ଣ୍ଣ ସମର୍ପଣର ଧାରଣା, ସଂକଳ୍ପ ଓ ଆସ୍ପୃହା ନେଇ ଆରମ୍ଭ କରୁ; କିନ୍ତୁ ତା' ସହିତ ଆମକୁ ନିମ୍ନ ପ୍ରକୃତିକୁ ପ୍ରତ୍ୟାଖ୍ୟାନ କରିବାକୁ ପଡ଼େ, ଆମର ଚେତନାକୁ ତହିଁରୁ ମୁକୁଳାଇବାକୁ ପଡ଼େ, ନିମ୍ନ ପ୍ରକୃତି ସହ ଜଡ଼ିତ ଆତ୍ମାକୁ ଉର୍ଦ୍ଧ୍ୱତନ ପ୍ରକୃତିର ବିମୁକ୍ତି ମଧ୍ୟକୁ ଉଠି ଆସୁଥିବା ଆତ୍ମା ସାହାଯ୍ୟରେ ମୁକୁଳାଇବାକୁ ହୁଏ । ଆମେ ଯଦି ଏହି ଉଭୟ କ୍ରିୟା ଯୁଗପତ୍ ଆଚରଣ ନକରୁ, ତେବେ ଆମର ସମର୍ପଣ ତାମସିକ ଓ ସେହି ହେତୁ ପ୍ରକୃତ ସମର୍ପଣ ନହେବାର ଆଶଙ୍କା ରହେ, କୌଣସି ପ୍ରୟାସ, କୌଣସି ତପ ଏବଂ ସେହି ହେତୁ କୌଣସି ଅଗ୍ରଗତି ନକରିବାର ଆଶଙ୍କା ଦେଖାଦିଏ; କିଂବା ଆମେ ରାଜସିକ ସମର୍ପଣ କରୁ,— ଭଗବାନଙ୍କ ନିକଟରେ ନୁହେଁ, ଭଗବାନଙ୍କର ଏକ ଆତ୍ମକୃତ ଅଳୀକ ଧାରଣା ବା ମୂର୍ତ୍ତିଙ୍କ ନିକଟରେ, ଯାହାର ଅନ୍ତରାଳରେ ଲୁଚିଥାଏ ଆମର ରାଜସିକ ଅହଂ ବା ତା'ଠାରୁ ଅନିଷ୍ଟକର କିଛି ।

(SABCL, Vol. 22, P. 70)

*

...ସମର୍ପଣର ଅର୍ଥ ହେଲା, ଆମର କ୍ଷୁଦ୍ର ମନ ଓ ତା'ର ମାନସିକ ଧାରଣା ଓ ଅଭିରୁଚିକୁ ଏକ ଦିବ୍ୟଜ୍ୟୋତିଃ ଓ ଏକ ମହତ୍ତର ଜ୍ଞାନ ମଧ୍ୟକୁ ଦେଇ ଦେବା, ଆମର ନଗଣ୍ୟ ବ୍ୟକ୍ତିକ ଜଞ୍ଜାଳଜଡ଼ିତ ଅନ୍ଧ ଓ ଖଞ୍ଜ ସଂକଳ୍ପକୁ ଏକ ମହାନ୍, ସୁସ୍ଥିର, ଶାନ୍ତ, ଜ୍ୟୋତିର୍ମୟ ପରମ ସଂକଳ୍ପ ଓ ପରମା ଶକ୍ତିଙ୍କ ହାତରେ ଛାଡ଼ି ଦେବା, ଆମର ଛୋଟିଆ, ଅସ୍ଥିର, ଯନ୍ତ୍ରଣାକାତର ଆବେଗକୁ ସୁବ୍ୟାପ୍ତ, ନିବିଡ଼ ଭାଗବତ ପ୍ରେମ ଓ ଆନନ୍ଦ ମଧ୍ୟକୁ ଅଜାଡ଼ି ଦେବା, ଆମର କ୍ଷୁଦ୍ର ଦୁର୍ଭୋଗୀ ବ୍ୟକ୍ତିତ୍ୱକୁ ସେହି ଏକମେବାଦ୍ୱିତୀୟ ପୁରୁଷଙ୍କୁ ଦେଇଦେବା, ଯାହାଙ୍କର ତାହା ଏକ ମଳିନ ଉପଜାତ ମାତ୍ର ।...

(SABCL, Vol. 22, P. 193)

*

ସମର୍ପଣ ବିନା ସମଗ୍ର ସତ୍ତାର ରୂପାନ୍ତର ଅସମ୍ଭବ ।

*

ପୂର୍ଣ୍ଣ ସମର୍ପଣ ଅଳ୍ପ ଦିନରେ ସାଧ୍ୟ ନୁହେଁ,– କାରଣ ପୂର୍ଣ୍ଣ ସମର୍ପଣ ଅର୍ଥ ସତ୍ତାର ପ୍ରତ୍ୟେକ ଅଂଶରେ ଅହଂର ଗଣ୍ଠିକୁ କାଟି ଦେଇ, ମୁକ୍ତ ଓ ସମଗ୍ର ସତ୍ତାଟିକୁ ଭଗବାନଙ୍କୁ ଦେଇଦେବା । ମନ, ପ୍ରାଣ, ଶାରୀର ଚେତନା (ଏବଂ ଏହାର ପ୍ରତିଟି ଅଂଶ ଓ ସମସ୍ତ ଗତିବୃତ୍ତିଗୁଡ଼ିକୁ ମଧ୍ୟ) ଗୋଟିକ ପରେ ଗୋଟିଏ ପୃଥକ୍‌ଭାବେ ସମର୍ପଣ କରିବେ, ନିଜର ବାଟ ଛାଡ଼ି ଭଗବାନଙ୍କର ପଥାନୁସରଣ କରିବେ । କିନ୍ତୁ ପ୍ରଥମରୁ ଜଣେ ଯାହା କରିପାରେ, ତା'ହେଲା ଏକ କେନ୍ଦ୍ରୀୟ ସଂକଳ୍ପ ଓ ଆତ୍ମତ୍ୟାଗ ଏବଂ ତାହାକୁ ପ୍ରତିଟି ପଦକ୍ଷେପରେ, ଯେଉଁ ବାଟଟି ଖୋଲା ରହିଛି ସେହି ବାଟରେ କାର୍ଯ୍ୟକାରୀ କରିବା ଏବଂ ଆତ୍ମଦାନକୁ ସର୍ବାଙ୍ଗୀଣ କରିବା ଲାଗି ମିଳୁଥିବା ପ୍ରତିଟି ସୁଯୋଗର ସଦୁପଯୋଗ କରିବା । ଗୋଟିଏ ଦିଗର ସମର୍ପଣ ଅନ୍ୟ ଦିଗର ସମର୍ପଣକୁ ସହଜତର, ଅଧିକ ଅବଶ୍ୟମ୍ଭାବୀ କରିଦିଏ; କିନ୍ତୁ ଏହା ଆପଣାଛାଏଁ ଅନ୍ୟ ଗ୍ରନ୍ଥିଗୁଡ଼ିକୁ କାଟି ବା ହୁଗୁଳାଇ ଦିଏ ନାହିଁ । ବିଶେଷତଃ ଯେଉଁମାନେ ଉପସ୍ଥିତ ବ୍ୟକ୍ତିତ୍ୱ ଏବଂ ତା'ର ସୁଲାଳିତ ଧ୍ୟାନ ଧାରଣାଗୁଡ଼ିକ ସହିତ ନିବିଡ଼ଭାବେ ଆବଦ୍ଧ, ସେମାନଙ୍କର କେନ୍ଦ୍ରୀୟ ସଂକଳ୍ପ ସୁନିବଦ୍ଧ ଏବଂ କାର୍ଯ୍ୟ କ୍ଷେତ୍ରରେ ସେ ସଂକଳ୍ପର ପ୍ରଥମ ଛାପ ପଡ଼ି ସାରିଲା ପରେ ମଧ୍ୟ, ସେମାନେ ଦୁରାରୋହ୍ୟ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ।

(SABCL, Vol. 23, P. 591-592)

*

ସାଧନାର ପ୍ରଥମାବସ୍ଥାରେ – ପ୍ରଥମାବସ୍ଥାରେ ଅର୍ଥ ନୁହେଁ ଅଳ୍ପ କିଛିଦିନ ପାଇଁ – ପ୍ରୟାସ ଅପରିହାର୍ଯ୍ୟ । ସମର୍ପଣ ତ ନିଶ୍ଚୟ, କିନ୍ତୁ ସମର୍ପଣ କରିବା ତ ଦିନ ଅଧକର କଥା ନୁହେଁ । ମନର ସ୍ୱକୀୟ ଧାରଣାମାନ ଥାଏ ଏବଂ ସେ ତହିଁରେ ଲାଖି ରହିଥାଏ; ମଣିଷର ପ୍ରାଣ ସମର୍ପଣକୁ ବାଧାଦିଏ, କାରଣ ପ୍ରଥମେ ପ୍ରଥମେ ଯାହାକୁ ସେ ସମର୍ପଣ କହେ, ତାହା ଏକପ୍ରକାର ସଂଶୟାଚ୍ଛନ୍ନ ଆତ୍ମଦାନ ଯହିଁରେ ମିଶିଥାଏ ଦାବିଦସ୍ତୁର; ଜଡ଼ଚେତନା ଟେଳାଏ ପଥର ପରି ଏବଂ ତାହା ସମର୍ପଣ ବୋଲି ଯାହାକୁ କହେ, ତାହା ପ୍ରାୟଶଃ ନିଷ୍କ୍ରିୟତାରୁ ଅଧିକ କିଛି ନୁହେଁ । କେବଳ ଚୈତ୍ୟହିଁ ଜାଣିଥା'ନ୍ତି ସମର୍ପଣ କିପରି କରିବାକୁ ହୁଏ ଏବଂ ସାଧାରଣତଃ ପ୍ରଥମାବସ୍ଥାରେ ସେ ବେଶୀ ମାତ୍ରାରେ ଆବୃତ ଥାଆନ୍ତି । ଚୈତ୍ୟ ଜାଗ୍ରତ୍ ହେଲେ, ସେ ସମଗ୍ର ସତ୍ତାର ତତ୍‌କ୍ଷଣ ଓ ଯଥାର୍ଥ ସମର୍ପଣ ଆଣି ଦେଇ ପାରନ୍ତି, କାରଣ ଅବଶିଷ୍ଟାଂଶର ବାଧାଗୁଡ଼ିକ ଦ୍ରୁତ ମୁକାବିଲା କରାଯାଏ ଓ ଲୋପ କରି ଦିଆଯାଏ । କିନ୍ତୁ ସେ ଯାଏ ପ୍ରୟାସ ଅପରିହାର୍ଯ୍ୟ । ଅଥବା ପରମା ଶକ୍ତି ଉପରୁ ବନ୍ୟାର ପ୍ରବାହ ପରି ଅବତରଣ କରି ଆସି ସାଧନାର ଭାର ଗ୍ରହଣ କରିବା ପର୍ଯ୍ୟନ୍ତ ଏବଂ ସାଧନା କ୍ରମଶଃ ଅଧିକ ମାତ୍ରାରେ ସେ ସ୍ୱୟଂ କରିବା ଏବଂ ବ୍ୟକ୍ତିଗତ ପ୍ରୟାସ ପାଇଁ କ୍ରମଶଃ କମ୍ ଅବକାଶ ଦେଲା ପର୍ଯ୍ୟନ୍ତ ପ୍ରୟାସ ପ୍ରୟୋଜନ । କିନ୍ତୁ ସେ କ୍ଷେତ୍ରରେ ମଧ୍ୟ ମନ, ସଂକଳ୍ପ, ପ୍ରାଣ ଓ ଶରୀର ପୂରାପୂରି ଭାଗବତ ଶକ୍ତିଙ୍କ ଅଧିକାରକୁ ଆସିବାଯାଏ, ପ୍ରୟାସ ନହେଉ ପଛେ, ଅନ୍ତତଃ ଆସ୍ପୃହା ଓ ସଜାଗ ପର୍ଯ୍ୟବେକ୍ଷଣ ପ୍ରୟୋଜନ ହୁଏ । ମୋର ମନେ ହୁଏ 'ମା' ବହିର ଏକ ଅଧ୍ୟାୟରେ ମୁଁ ଏ ସମ୍ପର୍କରେ ଆଲୋଚନା କରିଛି ।

ଅନ୍ୟ ପକ୍ଷରେ, କେହି କେହି ଅଛନ୍ତି, ଯେଉଁମାନଙ୍କର ମୂଳରୁ ସମ୍ପୂର୍ଣ୍ଣ ସମର୍ପଣର ଅବିମିଶ୍ର ଓ ସକ୍ରିୟ ସଂକଳ୍ପ ରହିଥାଏ । ଏହିମାନେହିଁ ପ୍ରଚାଳିତ ହେଉଥା'ନ୍ତି ଚୈତ୍ୟ ଅଥବା ବିଶୁଦ୍ଧ ଆଲୋକିତ ମାନସ ସଂକଳ୍ପ ଦ୍ୱାରା ଯାହା ସମର୍ପଣକୁ ସାଧନାର ଧର୍ମ ବୋଲି ଥରେ ସ୍ୱୀକାର କରିନେଲା ପରେ, ସେସମ୍ପର୍କରେ ଅଯଥାର୍ଥ କିଛିକୁ ବରଦାସ୍ତ କରେ ନାହିଁ ଏବଂ ସତ୍ତାର ଅନ୍ୟ ଅଂଶଗୁଡ଼ିକ ଉପରେ ତା'ର ନିର୍ଦ୍ଦେଶ ଜାରି ରଖେ । ଏ କ୍ଷେତ୍ରରେ ପ୍ରୟାସ ତଥାପି ଥାଏ; ମାତ୍ର ତାହା ଏପରି ସୁପ୍ରସ୍ତୁତ ଓ ସ୍ୱତଃପ୍ରଣୋଦିତ ଏବଂ ତା'ର ପୃଷ୍ଠଭୂମିରେ ଏକ ମହତ୍ତର ଶକ୍ତି ସମ୍ବନ୍ଧରେ ଏଭଳି ଅବଧାନତା ରହିଥାଏ ଯେ ସାଧକ ନିଜେ କିଛି ପ୍ରୟାସ କରୁଛି ବୋଲି କ୍ୱଚିତ୍ ଅନୁଭବ କରେ । ବିପରୀତ କ୍ଷେତ୍ରରେ, ମନରେ କିଂବା ପ୍ରାଣରେ ସ୍ୱକୀୟ ଇଚ୍ଛାକୁ ବଜାୟ ରଖିବାର ସଂକଳ୍ପ ଯଦି ରହିଥାଏ, ତେବେ ସଂଘର୍ଷ ରହିବହିଁ ରହିବ ଏବଂ ସମ୍ମୁଖବର୍ତ୍ତୀ ଯନ୍ତ୍ର ଏବଂ ପଶ୍ଚାତ୍ ବା ଊର୍ଦ୍ଧ୍ୱବର୍ତ୍ତୀ ଭଗବାନଙ୍କ ମଧ୍ୟରେ ଥିବା ପ୍ରାଚୀରଟି ଭାଙ୍ଗି ନପଡ଼ିଲାଯାଏ ଅଧ୍ୟବସାୟ ଚଳାଇବାକୁ ପଡ଼ିବ ।...

(SABCL, Vol. 23, P. 588-589) ✜

# ସ୍ୱଭାବର ସମର୍ପଣ

## ଶ୍ରୀମା

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମର୍ପଣ ହେଉଛି ତୁମର ସ୍ୱଭାବ-ଚରିତ୍ରର ସମର୍ପଣ, ତୁମର ସତ୍ତା ଯେଉଁ ଧାରାଟି ଅନୁସରଣ କରୁଛି, ତା'ର ସମର୍ପଣ, ଯା'ଫଳରେ ତାହା ବଦଳି ଯାଇପାରିବ । ତୁମ ନିଜର ସେହି ସ୍ୱଭାବକୁ ଯଦି ସମର୍ପଣ ନକର, ସେ ସ୍ୱଭାବ କେବେବି ବଦଳିବ ନାହିଁ । ଏହାହିଁ ହେଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ବୁଝିବା, ପ୍ରତିକ୍ରିୟା ପ୍ରକାଶ କରିବା, ଅନୁଭବ କରିବା – ଏସବୁ ତୁମେ ନିର୍ଦ୍ଦିଷ୍ଟ ଧାରାରେ କରିଥାଅ; ତୁମର ଅଗ୍ରଗତି ମଧ୍ୟ ପ୍ରାୟ ସୁନିର୍ଦ୍ଦିଷ୍ଟ ଧାରାରେ ହେଉଥାଏ; ଆଉ ସର୍ବୋପରି, ଜୀବନକୁ ଅବଲୋକନ କରିବା ଏବଂ ଜୀବନରୁ କିଛି ପ୍ରତ୍ୟାଶା କରିବା ମଧ୍ୟ ତୁମେ ବିଶେଷ ଧାରାରେ କରିଥାଅ । ତା'ହେଲେ, ତୁମକୁ ଏଇ ଜିନିଷକୁହିଁ ସମର୍ପଣ କରିବାକୁ ପଡ଼ିବ । ତା'ର ଅର୍ଥ, ତୁମେ ଯଦି ସତରେ ଭାଗବତ ଆଲୋକ ଗ୍ରହଣ କରିବା ଏବଂ ନିଜକୁ ରୂପାନ୍ତରିତ କରିବାର ବାଞ୍ଛା ରଖିଥାଅ ତେବେ ତୁମର ଅସ୍ତିତ୍ୱର ସମଗ୍ର ଧାରାଟିକୁ ଦେଇ ଦେବାକୁ ପଡ଼ିବ । ଦେବାକୁ ହେବ ଏହାକୁ ଖୋଲି ଧରି, ଏହାକୁ ଯଥାସମ୍ଭବ ଗ୍ରହଣଶୀଳ କରି; ତା'ହେଲେ ତୁମେ କିଭଳି ହେବା ଉଚିତ, ତାହା ଦେଖୁଥିବା ଦିବ୍ୟ-ଚେତନା ସିଧାସଳଖ କ୍ରିୟା କରିପାରେ ଏବଂ ଏହିସବୁ ଗତିବୃତ୍ତିକୁ ବଦଳାଇ ସେଗୁଡ଼ିକୁ ସତ୍ୟତର ଗତିବୃତ୍ତିରେ ପରିଣତ କରିଦେଇପାରେ, ତୁମର ଯଥାର୍ଥ ସତ୍ୟର ଅଧିକ ଅନୁକୂଳ କରିଦେଇପାରେ । ଯାହା କରୁଛ, ସେତକ ସମର୍ପଣ କରିବାଠାରୁ ଏହା ଅସଂଖ୍ୟ ଗୁଣରେ ଅଧିକ ଗୁରୁତ୍ୱପୂର୍ଣ୍ଣ । ଜଣେ ଯାହା କରୁଛି (ଜଣେ ଯାହା କରେ ତାହା ଯେ ଖୁବ୍ ଗୁରୁତ୍ୱପୂର୍ଣ୍ଣ, ସେ କଥାଟି ସ୍ୱତଃ ପ୍ରମାଣିତ), ତା' ନୁହେଁ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା, ସେ ନିଜେ କ'ଣ । କାମ ଯାହାହେଉ ପଛକେ, କେଉଁ ଢଙ୍ଗରେ ତା' ସମ୍ପନ୍ନ ହେଉଛି, ତାହା ଯେତେ ନୁହେଁ ତତୋଽଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି କେଉଁ ଚେତନାରେ ଥାଇ ତାହା କରାଗଲା । ତୁମେ କାମ ହୁଏତ କରୁଥିବ, ବ୍ୟକ୍ତିଗତ କୌଣସି ଲାଭର ଆଶା ନରଖି ନିଃସ୍ୱାର୍ଥ ଭାବରେ କାର୍ଯ୍ୟ ହୁଏତ କରୁଥିବ, କାମ କରିବାର ଆନନ୍ଦ ପାଇଁ ହୁଏତ କାମ କରୁଥିବ, କିନ୍ତୁ ତା' ସଙ୍ଗେ ସଙ୍ଗେ ସେ କାମଟା ଛାଡ଼ି ଦେବାକୁ, କାମ କିଂବା କାମ କରିବାର ଢଙ୍ଗଟି ବଦଳାଇ ଦେବାକୁ ତୁମେ ପ୍ରସ୍ତୁତ ହୋଇ ନଥିବ, ଯଦି ତୁମେ ତୁମ ଢଙ୍ଗରେ କାମ କରିବାରେ ଲାଗିଥିବ, ତେବେ ଜାଣିବ ତୁମର ସମର୍ପଣ ସମ୍ପୂର୍ଣ୍ଣ ହୋଇ ନାହିଁ । ତୁମକୁ ଏଭଳି ଏକ ସ୍ଥିତିରେ ପହଞ୍ଚିବାକୁ ପଡ଼ିବ, ଯେତେବେଳେ ପ୍ରତ୍ୟେକଟି କାର୍ଯ୍ୟ କରାଯିବ, କାରଣ ତୁମେ ଭିତରେ ଅତି ସ୍ପଷ୍ଟଭାବରେ, କ୍ରମଶଃ ଅଧିକ ମାତ୍ରାରେ ଅନୁଜ୍ଞାତ୍ମକ ଭାବରେ ଅନୁଭବ କରିବ ଯେ ଏହି କାର୍ଯ୍ୟଟିହିଁ କରିବାକୁ ପଡ଼ିବ ଏବଂ ଏହି ନିର୍ଦ୍ଦିଷ୍ଟ ଢଙ୍ଗରେହିଁ ତାହା କରିବାକୁ ପଡ଼ିବ ଏବଂ ଖାସ୍ ସେହି କାରଣରୁହିଁ ତୁମେ ତାହା କରୁଛ । କୌଣସି ଅଭ୍ୟାସବଶରୁ ତୁମେ ସେ କାର୍ଯ୍ୟ କର ନାହିଁ, ସେ କାର୍ଯ୍ୟ ପ୍ରତି ତୁମର ଆସକ୍ତି ଥିବାରୁ ବା ସେହି କାର୍ଯ୍ୟଟିକୁ ତୁମେ ପସନ୍ଦ କର ବୋଲି କିଂବା କୌଣସି ଧାରଣାର ବଶବର୍ତ୍ତୀ ହୋଇ ବା ଏପରିକି ଏଭଳି କରିବା ସବୁଠାରୁ ଭଲ ବୋଲି ଏକ ଧାରଣା ତୁମକୁ ରୁଚୁଥିବା ଯୋଗୁଁ ମଧ୍ୟ ସେ କାର୍ଯ୍ୟ କର ନାହିଁ – ଯଦି କର, ତେବେ ତୁମର ସମର୍ପଣ ସର୍ବାଙ୍ଗୀଣ ହୋଇ ନାହିଁ । ଯେପର୍ଯ୍ୟନ୍ତ ତୁମେ କିଛି ସହିତ ଜଡ଼ିତ ରହିଛ, ଯେପର୍ଯ୍ୟନ୍ତ ତୁମ ଭିତରେ ଏପରି କିଛି ରହିଛି ଯେ କହୁଛି, ''ଏଇଟା ବଦଳିପାରେ, ସେଇଟା ବଦଳିପାରେ, କିନ୍ତୁ ସେଇଟା, ସେଇଟା ବଦଳିବ ନାହିଁ,'' ଯେ ଯାଏଁ ତୁମେ କୌଣସି ବିଷୟରେ ବି କହୁଥିବ, ''ସେଇଟା ବଦଳିବ ନାହିଁ'' (ତାହା ଯେ ବଦଳିବାକୁ ଚାହୁଁ ନାହିଁ, ସେଥିପାଇଁ ନୁହେଁ; ତାହା ଯେ ବଦଳିବ ଏକଥା ତୁମେ ଭାବି ପାରୁ ନାହିଁ, ସେଇଥିପାଇଁ), ସେପର୍ଯ୍ୟନ୍ତ ତୁମର ସମର୍ପଣ ପୂର୍ଣ୍ଣ ହୋଇ ନାହିଁ ।

କହିବା ବାହୁଲ୍ୟ ଯେ ଯଦି ତୁମର କାର୍ଯ୍ୟାନୁଷ୍ଠାନ, ତୁମର କାର୍ଯ୍ୟ ମଧ୍ୟରେ ତୁମେ ସାମାନ୍ୟତମ ଭାବେ ଅନୁଭବ କର, ''ମୁଁ ଏ କାର୍ଯ୍ୟ କରୁଛି, କାରଣ ମୋତେ ଏହା କରିବାକୁ କୁହାଯାଇଛି,'' ଆଉ ସେଥିରେ ସତ୍ତାର ପୂର୍ଣ୍ଣାଙ୍ଗ ଆନୁଗତ୍ୟ ନାହିଁ; ଯଦି ତୁମେ, ଏ କାର୍ଯ୍ୟଟି କରିବାକୁ ପଡ଼ିବ ଓ ତୁମେ ତାହା କରିବାକୁ ଭଲ ପାଉଛ, ଏହି ଭାବ ନେଇ କାର୍ଯ୍ୟଟି କରୁ ନଥାଅ; ଯଦି ତୁମ ଭିତରେ କିଛି ପଛେଇ କରି ରହିଥାଏ, ଅଲଗା ହୋଇ ରହିଥାଏ, ସ୍ୱତନ୍ତ୍ର ରହିଥାଏ, ''ମୋତେ ଏହି ଭାବରେ କାମଟି କରିବାକୁ କୁହାଯାଇଥିଲା, ତେଣୁ ମୁଁ ଏହି

ଭାବରେ ତାହା କଲି'' ବୋଲି ଭାବୁଥାଏ, ତେବେ ତା'ର ଅର୍ଥ ହେଲା ତୁମେ ଓ ସମର୍ପଣ ମଧ୍ୟରେ ଏକ ବିରାଟ ବ୍ୟବଧାନ ରହିଯାଇଛି । ଯଥାର୍ଥ ସମର୍ପଣ ହେଲା ଏହି ଅନୁଭବ ଯେ ତୁମେ ତାହା ଚାହୁଁଛ, ତୁମର ପୂର୍ଣ୍ଣ ଆନୁଗତ୍ୟ ସେଥିପ୍ରତି ରହିଛି : ତୁମକୁ ଯେଉଁ କାର୍ଯ୍ୟଟି କରିବାକୁ ଦିଆଯାଇଛି, **ଖାସ୍ ସେହି କାମଟି** ନକରି ତୁମର ଚାରା ନାହିଁ, ଆଉ ଯେଉଁ କାର୍ଯ୍ୟଟି ତୁମକୁ କରିବାକୁ ଦିଆଯାଇ ନାହିଁ, ତାହା ତୁମେ କରିପାରୁ ନାହଁ । କିନ୍ତୁ ଅନ୍ୟ ମୁହୂର୍ତ୍ତରେ କାମଟି ବଦଳିଯାଇପାରେ; ଯେକୌଣସି ମୁହୂର୍ତ୍ତରେ ଅନ୍ୟ କିଛି କାମ ଆସିଯାଇପାରେ, ଯଦି ନିଷ୍ପନ୍ନ ହୋଇଥାଏ ଯେ କାମଟି ଅନ୍ୟ କିଛି ହେଉ । ଏଇଠି ନମନୀୟତାର ପ୍ରଶ୍ନ ଆସିଯାଉଛି । ଏହିଠାରେହିଁ ବିରାଟ ପ୍ରଭେଦ ଘଟିଯାଏ । ବେଶ୍ ଜଣାଶୁଣା କଥା ଯେ ଯେଉଁମାନେ କାମ କରନ୍ତି, ସେମାନଙ୍କୁ କୁହାଯାଏ, ''ହଁ, କାମ କର, ତାହାହିଁ ତୁମ ପାଇଁ ସମର୍ପଣର ପଥ,'' କିନ୍ତୁ ତାହା ହେଲା ଆରମ୍ଭ । ସେଇ ପଥରେହିଁ ଆଗେଇବାକୁ ହୁଏ । ଇଏ କେବଳ ଆରମ୍ଭ ମାତ୍ର, ବୁଝୁଛ ତ ?

## ସମର୍ପଣରେ ରହିଛି ନିସ୍ତାରର ଏକମାତ୍ର ପଥ

ଦେଖ, ପୃଥିବୀର ବର୍ତ୍ତମାନ ଅବସ୍ଥାରେ, ପରିସ୍ଥିତି ସବୁସମୟରେ ଦୁସ୍ତର ହୋଇ ରହିଛି । ସତ୍ୟ ଓ ଆଲୋକର ଯେଉଁସବୁ ଶକ୍ତି ପୃଥିବୀରେ ରୂପ ଗ୍ରହଣ କରିବାକୁ ଚାହୁଁଛନ୍ତି, ସେମାନଙ୍କ ସହିତ ପରିବର୍ତ୍ତନ ଚାହୁଁ ନଥିବା, ଅତୀତର ଯାହାସବୁ ଅଚଳ, କଠିନ ଓ ହଟିବାକୁ ନାରାଜ, ସେଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ବିରୋଧୀ ଶକ୍ତିଗୁଡ଼ିକର ସଂଘର୍ଷ ଓ ଦ୍ୱନ୍ଦ୍ୱରେ ସାରା ପୃଥିବୀ ବୁଡ଼ି ରହିଛି । ଫଳତଃ, ପ୍ରତ୍ୟେକ ବ୍ୟକ୍ତିବିଶେଷ ଅସୁବିଧା ଅନୁଭବ କରୁଛି ଓ ଏକାରକମର ବାଧାର ସମ୍ମୁଖୀନ ହେଉଛି ।

ତୁମ ପାଇଁ ଗୋଟିଏ ମାତ୍ର ରାସ୍ତା ରହିଛି । ତା' ହେଉଛି ସର୍ବାଙ୍ଗୀଣ, ସମ୍ପୂର୍ଣ୍ଣ, ନିଃସର୍ତ୍ତ ସମର୍ପଣ । ଏହା ମୁଁ ଏହି ଅର୍ଥରେ କହୁଛି ଯେ ତୁମର କ୍ରିୟା, କର୍ମ, ଅଭିଳାଷ ପରିତ୍ୟାଗ ମାତ୍ର ନୁହେଁ, ତୁମର ସମସ୍ତ ଅନୁଭବ, ଅର୍ଥାତ୍ ତୁମେ ଯାହା କର, ତୁମେ ନିଜେ ଯେତେ ଯାହା, ସବୁ ଏକମାତ୍ର ଭଗବାନଙ୍କର । ତା'ହେଲେ ତୁମେ ନିଜକୁ ପାରିପାର୍ଶ୍ୱିକ ମାନବୀୟ ପ୍ରତିକ୍ରିୟାର ଊର୍ଦ୍ଧ୍ୱରେ – କେବଳ ଊର୍ଦ୍ଧ୍ୱରେ ନୁହେଁ, ସେମାନଙ୍କଠାରୁ ଭଗବାନଙ୍କ କରୁଣାର ପ୍ରାଚୀର ଦ୍ୱାରା ସୁରକ୍ଷିତ ବୋଲି ବୋଧ କରିବ । କୌଣସି କାମନା, କୌଣସି ଆସକ୍ତି ଆଉ ତୁମର ରହି ନଥିବ, ମଣିଷମାନଙ୍କଠାରୁ – ସେମାନେ ଯିଏ ହୋଇଥାଆନ୍ତୁ ନା କାହିଁକି – କୌଣସି ପୁରସ୍କାର ପାଇବାର ଆବଶ୍ୟକତା ଆଉ ନ ଥିବ – ଏତିକି ଜାଣ ଯେ ଏକମାତ୍ର ଯେଉଁ ପୁରସ୍କାରଟିର ଲାଭରେ ସାର୍ଥକତା ରହିଛି ତାହା ଆସେ ପରାପ୍ରଭୁଙ୍କଠାରୁ ଏବଂ ତାହା କେବେ ବି ଅକୃତକାର୍ଯ୍ୟ ହୁଏ ନାହିଁ, ଏପରି ସ୍ଥିତିରେ ଯେବେ ତୁମେ ପହଞ୍ଚିବ, ଯେବେ ବାହାରର କୌଣସି ସତ୍ତା ବା ବସ୍ତୁ ସହିତ ସମସ୍ତ ଆସକ୍ତି ତୁମେ ପରିହାର କରିଦେବ, ତେବେ ସଙ୍ଗେ ସଙ୍ଗେ ତୁମ ହୃଦୟରେ ଏହି ଉପସ୍ଥିତି, ଏହି ଶକ୍ତି, ଏହି କରୁଣା ଅନୁଭବ କରିବ ଓ ତାହା ସର୍ବଦା ତୁମ ସହିତ ରହିବ ।

ଅନ୍ୟ କୌଣସି ପ୍ରତିକାର ଆଉ ନାହିଁ । ଏହାହିଁ ଏକମାତ୍ର ପ୍ରତିକାର, ପ୍ରତ୍ୟେକ ବ୍ୟକ୍ତି ପାଇଁ, କୌଣସି ବ୍ୟତିକ୍ରମ ବ୍ୟତିରେକେ । ଯେଉଁମାନେ ଦୁର୍ଭୋଗରେ ପଡ଼ିଛନ୍ତି, ସେହି ଏକା କଥା ସେମାନଙ୍କୁ କୁହାଯିବ : ସବୁ ପ୍ରକାର ଦୁର୍ଭୋଗ ହେଉଛି ସମର୍ପଣ ସର୍ବାଙ୍ଗୀଣ ହୋଇ ନଥିବାର ଲକ୍ଷଣ । ତା'ପରେ ତୁମେ ଯେତେବେଳେ ଏକ 'ଧକ୍କା' ଅନୁଭବ କରିବ, ଯେମିତି ତୁମେ ଅନୁଭବ କରିଥାଅ, ସେତେବେଳେ ''ଓଃ, ଯେ ଖରାପ ଅବସ୍ଥା'' ବା ''ଏ ବଡ଼ ଦୁସ୍ତର ପରିସ୍ଥିତି'' ବୋଲି ନକହି ତୁମେ କହିବ ''ମୋର ସମର୍ପଣ ପୂର୍ଣ୍ଣାଙ୍ଗ ହୋଇ ନାହିଁ'' । ତା'ହେଲେ ସବୁ ଠିକ୍ ହେଲା । ତା'ପରେ ଭଗବତ୍ କରୁଣା ତୁମକୁ ସାହାଯ୍ୟ କରୁଛି, ତୁମକୁ ବାଟ କଢ଼ାଇ ନେଉଛି ବୋଲି ତୁମେ ଅନୁଭବ କରିବ ଏବଂ ଆଗେଇ ଚାଲିବ । ଦିନ ଆସିବ, ଯେତେବେଳେ ତୁମେ ଏପରି ଏକ ଶାନ୍ତି ମଧ୍ୟରେ ମୁଣ୍ଡ ଟେକି ଉଠିବ, ଯାହାକୁ କୌଣସି ପରିସ୍ଥିତି ବିଚଳିତ କରିବ ନାହିଁ । ସବୁପ୍ରକାର ପ୍ରତିକୂଳ ଶକ୍ତି, ପ୍ରତିକୂଳ ଗତିବୃତ୍ତି, ଆକ୍ରମଣ, ଭୁଲ୍ ବୁଝାମଣା, ଅଶୁଭ ଇଚ୍ଛାର ଜବାବ ତୁମେ ସେହି ଏକ ସ୍ମିତହାସ୍ୟରେ ଦେଇପାରିବ, ଯାହା ଭାଗବତ କରୁଣା ଉପରେ ପୂର୍ଣ୍ଣ ଆସ୍ଥାରୁ ଉତ୍ସାରିତ ହୁଏ । ତାହାହିଁ ନିସ୍ତାରର **ଏକମାତ୍ର** ପଥ, *ନାନ୍ୟଃ ପନ୍ଥା ବିଦ୍ୟତେ ଅୟନାୟ ।*

ସଂଘର୍ଷ, ଦୁର୍ଭୋଗ, ଦୁର୍ଗତି, ଉତ୍ତେଜନା – ଏସବୁ ଏ ଦୁନିଆରେ ପୂରି ରହିଛି, ଏହିସବୁକୁ ନେଇ ଏ ଦୁନିଆ । ଏଇଟା ଏ ଯାଏ ବଦଳି ନାହିଁ, ବଦଳିବାକୁ ଆହୁରି କିଛି ସମୟ ଲାଗିବ । ଆଉ ଏଥିରୁ ନିସ୍ତାର ପାଇବାର ସମ୍ଭାବନା ପ୍ରତ୍ୟେକଙ୍କ ପାଇଁ ରହିଛି । ତୁମେ ଯଦି ପରମକରୁଣାର ଉପସ୍ଥିତି ଆଡ଼କୁ ଢଳିଯାଅ, ତାହାହିଁ ନିସ୍ତାର ଲାଭର **ଏକମାତ୍ର** ବାଟ... । ❖

# ଦିବ୍ୟକୃପାର ଆବାହନ

## ଶ୍ରୀମା

*ପ୍ରଶ୍ନ : ମା', କିନ୍ତୁ ଆମେ ଯେତେବେଳେ ଦିବ୍ୟକୃପାର ହସ୍ତକ୍ଷେପ ପାଇଁ ଆନ୍ତରିକଭାବେ ପ୍ରାର୍ଥନା କରୁ ସେତେବେଳେ ଆମେ ଏକ ନିର୍ଦ୍ଦିଷ୍ଟ ଫଳ ପାଇବା ପାଇଁ ତାହା କରୁ ନାହିଁ କି ?*

ଶ୍ରୀମା : ତାହା ନିର୍ଭର କରେ ପ୍ରାର୍ଥନାର ଧରଣ ଉପରେ । ଯଦି ଜଣେ ଭଗବାନଙ୍କ କୃପାକୁ କେବଳ ଆବାହନ କରେ ଓ ତାଙ୍କ ହାତରେ ନିଜକୁ ଛାଡ଼ିଦିଏ ତା'ହେଲେ ସେ କୌଣସି ନିର୍ଦ୍ଦିଷ୍ଟ ଫଳ ଚାହିଁବ ନାହିଁ । କୌଣସି ନିର୍ଦ୍ଦିଷ୍ଟ ଫଳ ଚାହିଁବାକୁ ହେଲେ ତୁମକୁ ନିଜର ପ୍ରାର୍ଥନାଟିକୁ ନିର୍ଦ୍ଦିଷ୍ଟ ରୂପ ଦେବାକୁ ହେବ, ଠିକ୍ କ'ଣ ଚାହୁଁଛ ତାହା ସ୍ପଷ୍ଟ ଜଣାଇବାକୁ ହେବ । ତୁମର ଯଦି ଦିବ୍ୟକୃପା ପାଇଁ କେବଳ ଏକ ବିରାଟ ଅଭୀପ୍ସା ଥାଏ ଏବଂ ନିର୍ଦ୍ଦିଷ୍ଟ ଭାବେ କିଛି ନଚାହିଁ କେବଳ ଭଗବତୀ କୃପାକୁ ଆବାହନ କରିବ, ତାହା ଆଗରେ ସବିନୟ ବିନତି ଜଣାଇବ ତେବେ ସେହି କ୍ଷେତ୍ରରେ ତୁମେ ନୁହେଁ, ଭଗବତ୍ କୃପାହିଁ ସ୍ଥିର କରିବ ତୁମ ପାଇଁ କ'ଣ କରାଯିବା ଉଚିତ ।

*ପ୍ରଶ୍ନ : ଏହା ଉତ୍ତମ, ନୁହେଁ କି ?*

ଶ୍ରୀମା : ତାହା ପୂରାପୂରି ଭିନ୍ନ ଏକ ପ୍ରଶ୍ନ । ବୋଧହୁଏ ଗୁଣ ଦୃଷ୍ଟିରୁ ଏହା ଉଚ୍ଚତର । କିନ୍ତୁ ତଥାପି ଜଣେ ନିର୍ଦ୍ଦିଷ୍ଟ ଭାବରେ ଯଦି କିଛି ଚାହେଁ, ତେବେ ତାହାକୁ ସ୍ପଷ୍ଟ ରୂପ ଦେବା ଉଚିତ । ଯଦି ଭଗବତ୍ କୃପାକୁ ଆବାହନ କରିବା ପାଇଁ କାହାର କିଛି ବିଶେଷ କାରଣ ଥାଏ, ତେବେ ସେ ତାହାକୁ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଭାବରେ ରୂପ ଦେବାହିଁ ଉଚିତ । ଅବଶ୍ୟ ଯଦି ଜଣେ ପୂର୍ଣ୍ଣ ସମର୍ପଣର ଅବସ୍ଥାରେ ରହିଥାଏ, ଯଦି ଜଣେ ନିଜକୁ ପୂରାପୂରି ଉତ୍ସର୍ଗ କରି ଦେଇଥାଏ, ଯଦି କୃପା ପାଖରେ ନିଜକୁ ଏକାନ୍ତ ଭାବରେ ନିବେଦନ କରି ଦେଇଥାଏ ଓ ସେହି କୃପାହିଁ ତା' ପାଇଁ ଯାହା ଚାହିଁବ ତାହା କରିବାର ଭାର କୃପା ହାତରେ ଛାଡ଼ି ଦେଇଥାଏ ତେବେ ତାହା ଅତି ଉତ୍ତମ । କିନ୍ତୁ ପରେ ଯେପରି ସେ କୃପାର କାର୍ଯ୍ୟ ସମ୍ପର୍କରେ ଆଉ କିଛି ପ୍ରଶ୍ନ ନଉଠାଏ । ସେ ଯେପରି ଆଉ ନକୁହେ ଯେ, ''ମୁଁ ଅମୁକ ବସ୍ତୁଟି ପାଇବା ପାଇଁ ଏହା କରିଥିଲି ।'' କାରଣ ଯଦି କୌଣସି ନିର୍ଦ୍ଦିଷ୍ଟ ଜିନିଷ ପାଇବା ପାଇଁ ତୁମେ କୃପାର ଆବାହନ କର ତେବେ ସମସ୍ତ ଆନ୍ତରିକତା ନେଇ ସହଜ ଭାବରେ, ତୁମେ ଜିନିଷଟିକୁ ଠିକ୍ ଯେପରି ଦେଖୁଛ ସେହି ଅନୁସାରେ ନିଜର ପ୍ରାର୍ଥନାକୁ ରୂପ ଦିଅ । ପରେ କୃପାହିଁ ସ୍ଥିର କରିବ ତୁମ ପାଇଁ ତାହା ସେ ସେହିଭଳି ଭାବରେ କରିବ ନା ନାହିଁ । କିନ୍ତୁ ଯାହା ବି ହେଉ ତୁମେ ଯାହା ଚାହୁଁଛ ତାହାକୁ ସ୍ପଷ୍ଟ ରୂପ ଦେଇ ଜଣାଇବା ଉଚିତ । ତହିଁରେ କୌଣସି କ୍ଷତି ନାହିଁ ।

କେବଳ ସେତିକିବେଳେ ଏହା ଏକ ମନ୍ଦରୂପ ନିଏ ଯେତେବେଳେ ତୁମର ପ୍ରାର୍ଥନାଟି ପୂରଣ ନହେଲେ ତୁମେ ବିଦ୍ରୋହ କର । ସ୍ୱାଭାବିକ ଭାବରେ ଏହା ସେତେବେଳେ ମନ୍ଦ ଓ ଅବାଞ୍ଛନୀୟ ହୋଇ ଉଠେ । ସେତିକିବେଳେ ତୁମର ବୁଝିବା ଉଚିତ ଯେ ତୁମର ଯେଉଁ ବାସନାଟି ବା ଅଭୀପ୍ସାଟି ଥିଲା ତାହା ବିଶେଷ ବିଜ୍ଞତାପୂର୍ଣ୍ଣ ନଥିଲା, ବା ହୁଏତ ତୁମେ ଏପରି କିଛି ଜିନିଷ ପାଇଁ ପ୍ରାର୍ଥନା କରିଥିଲ, ଯାହାକି ତୁମ ପାଇଁ ଠିକ୍ ମଙ୍ଗଳପ୍ରଦ ନଥିଲା । ଏପରି କ୍ଷେତ୍ରରେ ସେହି ସମୟରେ ତୁମେ ଏକ ବିଜ୍ଞ ମନୋଭାବ ନେଇ ସହଜ ଭାବରେ କେବଳ ଏତିକି କହିବା ଉଚିତ ଯେ, ''ବେଶ୍, ଠିକ୍ ଅଛି, ଭଗବାନ୍ ! ତୁମର ଇଚ୍ଛାହିଁ ପୂର୍ଣ୍ଣ ହେଉ ।'' କିନ୍ତୁ ଯେପର୍ଯ୍ୟନ୍ତ ତୁମର ଭିତରୁ ଜିନିଷଗୁଡ଼ିକୁ ଦେଖିବା ଓ ଭିତରୁ ସେଗୁଡ଼ିକୁ ପସନ୍ଦ ଓ ଅପସନ୍ଦ କରିବାର ଭାବ ରହିଛି, ସେ ପର୍ଯ୍ୟନ୍ତ ତାହାକୁ ସ୍ପଷ୍ଟ ଭାବରେ ରୂପ ଦେଇ ଜଣାଇବାରେ କିଛି କ୍ଷତି ନାହିଁ । ଏହା ଏକ ଅତି ସ୍ୱାଭାବିକ ଗତିବୃତ୍ତି ।

ଉଦାହରଣସ୍ୱରୂପ, ତୁମେ ଯଦି ନିର୍ବୋଧଙ୍କ ପରି କିଛି କାମ କରିଥାଅ, କିଛି ଭୁଲ୍ କାମ କରିଥାଅ ଏବଂ ଯଥାର୍ଥ ଆନ୍ତରିକ ଭାବରେ ଚାହୁଁଥାଅ ଆଉ କେବେହେଲେ ସେହି ଭୁଲ୍‌ର ପୁନରାବୃତ୍ତି ନକରିବାକୁ, ତା'ହେଲେ ସେଥିପାଇଁ ସକ୍ଷମ ହେବା ପାଇଁ ପ୍ରାର୍ଥନା କରିବାରେ ମୁଁ କିଛି କ୍ଷତି ଦେଖୁ ନାହିଁ । ପ୍ରକୃତରେ ଜଣେ ଯଦି ଭିତରୁ ଯଥାର୍ଥ ଆନ୍ତରିକତା ନେଇ ଏଥିପାଇଁ ଏକାନ୍ତ ଭାବରେ ପ୍ରାର୍ଥନା କରେ ତା'ହେଲେ ତାହା ମଞ୍ଜୁର ହେବାର ପୂର୍ଣ୍ଣ ସମ୍ଭାବନା ରହିଛି ।

ତୁମେ ଏପରି କେବେହେଲେ ଭାବିବ ନାହିଁ ଯେ ଭଗବାନ୍ ତୁମକୁ ବିରୋଧ କରିବାରେ ଆନନ୍ଦ ପାଆନ୍ତି । ସେ କେବେହେଲେ ଏପରି କରିବାକୁ ଚାହାନ୍ତି ନାହିଁ । ସେ

ତୁମ ଅପେକ୍ଷା ଅଧିକ ଭଲ ଭାବରେ ଦେଖିପାରନ୍ତି କେଉଁଥିରେ ତୁମର ଯଥାର୍ଥ ମଙ୍ଗଳ ହେବ । କିନ୍ତୁ ଯେତେବେଳେ ଏହା ପୂରାପୂରି ଅପରିହାର୍ଯ୍ୟ ହୋଇପଡ଼େ ସେଇ କ୍ଷେତ୍ରରେହିଁ ସେ ତୁମର ଚାହିଁବାର ବିରୋଧ କରନ୍ତି । ତା' ନହେଲେ ତୁମେ ଯାହା ଚାହଁ ତାହା ଦେବା ପାଇଁ ସେ ସବୁବେଳେ ପ୍ରସ୍ତୁତ ।

*

ତୁମର ଯଦି ଦିବ୍ୟକୃପା ପାଇଁ ବିପୁଳ ଅଭୀପ୍ସା ଥାଏ, କୌଣସି ନିର୍ଦ୍ଦିଷ୍ଟ ଜିନିଷ ନଚାହିଁ, ତୁମେ ଏହାକୁ କେବଳ ଆବାହନ କର, ଏହାର କ୍ରିୟା ପାଇଁ କେବଳ ମିନତି ଜ୍ଞାପନ କର, ତା'ହେଲେ ତୁମେ ନୁହେଁ, ସେହି କୃପାହିଁ ସ୍ଥିର କରିବ ତୁମ ପାଇଁ ସେ କ'ଣ କରିବ ।

ମୁଁ ଏ ବିଷୟଟି ତୁମକୁ ଅନେକ ଥର କହିଛି । ତୁମେ ଯେତେବେଳେ କୌଣସି ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ରହିଥାଅ ଏବଂ ଏପରି କେତେକ ଘଟନା ଘଟେ ଯାହା ତୁମ ଇଚ୍ଛାର ବା ତୁମେ ଯାହା ସର୍ବୋତ୍ତମ ବୋଲି ମନେ କରିଥାଅ ତାହାର ବିରୋଧାଚରଣ କରେ ତା'ହେଲେ ଅନେକ ସମୟରେ ତୁମେ ସେଥିପାଇଁ ଦୁଃଖ ପାଅ ଏବଂ ନିଜକୁ କୁହ ଯେ ''ଜିନିଷଟି ଏପରି ନହୋଇ ଅନ୍ୟପ୍ରକାର ହୋଇଥିଲେ କେତେ ଭଲ ହୋଇଥା'ନ୍ତା,... ଛୋଟ ବଡ଼ ଅନେକ କଥାରେ ଏପରି ଘଟିଥାଏ... ତା'ପରେ ବର୍ଷ ପରେ ବର୍ଷ କଟିଯାଏ, ଅନେକ ଘଟନା ଘଟିଯାଏ, ତୁମେ ଆଗେଇ ଚାଲ, ଅଧିକ ସଚେତନ ହୁଅ, ତୁମର ବୁଝିବା ଶକ୍ତି ଅଧିକ ହୁଏ, ଏବଂ ସେତେବେଳେ ଯଦି ପଛକୁ ଫେରି ଚାହଁ ତେବେ ପ୍ରଥମେ ବିସ୍ମୟର ସହିତ ଏବଂ ପରେ ଏକ ସ୍ମିତହାସ୍ୟ ନେଇ – ଏହା ଲକ୍ଷ୍ୟ କରିବ ଯେ ଠିକ୍ ଯେଉଁ ପରିସ୍ଥିତିଗୁଡ଼ିକ ତୁମକୁ ଅତ୍ୟନ୍ତ ଭୟାନକ ଓ ପ୍ରତିକୂଳ ମନେ ହୋଇଥିଲା ଠିକ୍ ସେହି ଘଟନାଗୁଡ଼ିକହିଁ ତୁମ ପାଇଁ ସବୁଠୁ ଭଲ ହୋଇଛି, ତୁମର ଅଗ୍ରଗତି ପାଇଁ ସବୁଠୁ ଯାହା ଅନୁକୂଳ ଓ ସହାୟକ ତାହାହିଁ ଘଟିଛି । ତୁମ ଭିତରେ ଯଦି ସାମାନ୍ୟତମ ବିଜ୍ଞତା ଥାଏ ତା'ହେଲେ ତୁମେ ନିଜକୁ କହିବ, ''ପ୍ରକୃତରେ ଭଗବାନଙ୍କ କୃପା ଅସୀମ ।''

ତେଣୁ, ଯେତେବେଳେ ତୁମ ପାଇଁ ଏହିପରି ଘଟନା ଅନେକବାର ଘଟେ, ତୁମେ ଏହା ବୁଝିବାକୁ ଆରମ୍ଭ କର ଯେ ମଣିଷର ସମସ୍ତ ଅନ୍ଧ ଅଜ୍ଞାନତା ଓ ବାହ୍ୟରୂପର ସମସ୍ତ ପ୍ରତାରଣା ସତ୍ତ୍ୱେ ଦିବ୍ୟକୃପା ସର୍ବତ୍ର ବିରାଜମାନ ଓ କ୍ରିୟାଶୀଳ ଓ ଏହା ଏପରି ଭାବେ କାର୍ଯ୍ୟ କରୁଛି ଯେ କୌଣସି ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ପୃଥିବୀ ଯେଉଁ ଅବସ୍ଥାରେ ଥାଏ, ସେହି ଅବସ୍ଥାରେ ସବୁଠୁ ଯାହା ଉତ୍ତମ ଘଟିବା ସମ୍ଭବପର ତାହାହିଁ ଘଟେ । ଯେହେତୁ ଆମର ଦୃଷ୍ଟି ଖୁବ୍ ସୀମିତ ଏବଂ ଆମର ପସନ୍ଦ ଅପସନ୍ଦ ନେଇ ଆମେ ଏତେ ଅନ୍ଧ ହୋଇଯାଉ ଯେ ଆମେ ବୁଝିପାରୁ ନାହିଁ ଯେ ଘଟନାଗୁଡ଼ିକ ଏହି ଭାବରେହିଁ ଘଟିଥାଏ ।

କିନ୍ତୁ ଯେତେବେଳେ ଆମର ଆଖି ଖୋଲିଯାଏ ଏବଂ ଘଟନାଗୁଡ଼ିକର ପ୍ରକୃତ ରହସ୍ୟ ବୁଝିବାକୁ ଆରମ୍ଭ କରୁ ସେତେବେଳେ ଆମେ ଏପରି ଏକ ବିସ୍ମୟ ଭିତରେ ପ୍ରବେଶ କରୁ ଯାହା ଅବର୍ଣ୍ଣନୀୟ । କାରଣ ସେତେବେଳେ ଆମେ ଦେଖୁ ଘଟନାଗୁଡ଼ିକର ବାହ୍ୟ ରୂପର ପଶ୍ଚାତରେ ଏହି ଅସୀମ, ବିସ୍ମୟକର ଓ ସର୍ବଶକ୍ତିମତୀ ଦିବ୍ୟକୃପା ସବୁକିଛି ଜାଣେ, ସବୁକିଛି ସଙ୍ଗଠିତ କରେ, ସବୁକିଛିକୁ ବ୍ୟବସ୍ଥିତ କରେ, ଏବଂ ଆମକୁ ଭଲ ଲାଗୁ ବା ନଲାଗୁ, ଆମେ ଜାଣୁ ବା ନଜାଣୁ, ସବୁକିଛି ଭିତର ଦେଇ ଏହା ଆମକୁ ଆମର ପରମ ଲକ୍ଷ୍ୟ ସେହି ଭଗବତ୍ ମିଳନ ଲକ୍ଷ୍ୟ ଦିଗରେ... ସେହି ଭଗବତ୍ ପୁରୁଷଙ୍କ ସମ୍ପର୍କରେ ସଚେତ ହୋଇ ତାଙ୍କ ସହ ମିଳନ ଲାଭ କରିବା ଦିଗରେ ଆଗେଇ ନିଏ । ସେତେବେଳେ ଆମେ ସେହି ଦିବ୍ୟକୃପାର କ୍ରିୟା ଓ ସାନ୍ନିଧ୍ୟ ଭିତରେ ଆନନ୍ଦ ଓ ବିସ୍ମୟରେ ପରିପୂର୍ଣ୍ଣ ଏକ ଜୀବନଯାପନ କରୁ; ତହିଁରେ ରହିଥାଏ ଅପରୂପ ଶକ୍ତି ଓ ସାମର୍ଥ୍ୟର ଏକ ଅନୁଭବ ଏବଂ ତହିଁ ସଙ୍ଗେ ସଙ୍ଗେ ରହିଥାଏ ସ୍ଥିର, ଶାନ୍ତ, ପରିପୂର୍ଣ୍ଣ ଏପରି ଏକ ବିଶ୍ୱାସ ଓ ଭରସା ଯାହାକୁ କେହି କେବେହେଲେ ଟଳାଇ ଦେଇ ପାରିବ ନାହିଁ । ❖

# ଆତ୍ମନିବେଦନ ଓ ଆନ୍ତରିକତା

## ଶ୍ରୀମା

ଯଦି... ଯଦି ଜଣେ ସରଳ ଭାବରେ, ସମଗ୍ର ଭାବରେ ଓ ସର୍ତ୍ତହୀନ ଭାବରେ ନିଜକୁ ଦେଇଦିଏ, ଯଦି ପରମ ସତ୍ୟ, ପରମ ସଂକଳ୍ପ, ପରମ ସତ୍ତା ପାଖରେ ସେ ନିଜକୁ ସମର୍ପଣ କରେ ଓ କୌଣସି ହିସାବ କିତାବ ନକରି ସମଗ୍ର ସତ୍ତା ଓ ସତ୍ତାର ସମଗ୍ର ଉପାଦାନର ଏକ ବିପୁଳ ଉଦ୍ଦୀପନା ଭିତରେ ନିଜକୁ ସମ୍ପୂର୍ଣ୍ଣ ରୂପେ ତାଙ୍କରି ହାତରେ ଛାଡ଼ିଦିଏ ତା'ହେଲେ ଅହଂର ବିଲୋପ ପାଇଁ ତାହାହିଁ ହେବ ସବୁଠୁ ଦ୍ରୁତ ଓ ମୌଳିକ ମାର୍ଗ । ଲୋକମାନେ କହିବେ ଯେ ଏହା କରିବା ଖୁବ୍ କଷ୍ଟସାଧ କିନ୍ତୁ ଏହି ମାର୍ଗରେ ଅନ୍ତତଃ ଏକ ଉଷ୍ମତା ଅଛି, ଏକ ଉଦ୍ଦୀପନା, ଏକ ଉତ୍ସାହ, ଏକ ଆଲୋକ ଓ ଏକ ସୌନ୍ଦର୍ଯ୍ୟ ରହିଛି, ଏକ ପ୍ରତ୍ୟୟଭରା ସୃଜନଶୀଳ ଜୀବନ ରହିଛି ... ।

ଏବଂ ଏହି ମାର୍ଗଟିକୁ ମୁଁ ଅସ୍ତିବାଚକ, ସକାରାତ୍ମକ ମାର୍ଗ ବୋଲି କୁହେ, ଏହି ଆତ୍ମ-ନିବେଦନ ହେଉଛି ପୂର୍ଣ୍ଣାଙ୍ଗ, ସାମଗ୍ରିକ ଓ ସମ୍ପୂର୍ଣ୍ଣ, ଯେଉଁଥିରେ ନିଜ ପାଇଁ କୌଣସି କିଛି ସାଇତି ରଖିବାର ଭାବ ନାହିଁ, ଯେଉଁଥିରେ କୌଣସି ମୂଲଚାଲ କରିବାର ଭାବ ନାହିଁ ।

କେବଳ ଏହି ଅବସ୍ଥା, ଯେତେବେଳେ ଜଣେ ନିଜ ସମ୍ପର୍କରେ କିଛି ଚିନ୍ତା କରେ ନାହିଁ, ନିଜ ପାଇଁ ଜୀବନ ଧାରଣ କରେ ନାହିଁ, ନିଜକୁ ଆଦୌ ସୂଚିତ କରେ ନାହିଁ, କେବଳ ସେ ତାଙ୍କରି ଚିନ୍ତାରେହିଁ ମଗ୍ନ ରହେ ଯେ ପରମ ସୁନ୍ଦର, ଦୀପ୍ତିମୟ, ଆନନ୍ଦମୟ, ସର୍ବସମର୍ଥ, କରୁଣାଘନ ଓ ଅନନ୍ତ, ସେତେବେଳେ ଏପରି ଏକ ଗଭୀର ଆନନ୍ଦ ଉପୁଜିଥାଏ ଯାହା ସହିତ ଆଉ ଅନ୍ୟ କିଛିର ବି ତୁଳନା ହୋଇପାରିବ ନାହିଁ ।

ଏହାହିଁ ହେଉଛି ଏକମାତ୍ର ବସ୍ତୁ ଯାହା ଉପରେ ଆମର ସମଗ୍ର ଚେତନାକୁ ନିବଦ୍ଧ କରିବାକୁ ହେବ; ଏହାହିଁ ଆମ ଉଦ୍ୟମର ଏକମାତ୍ର ଯୋଗ୍ୟ ଓ ଈପ୍ସିତ ବସ୍ତୁ । ବାକି ସବୁକିଛି କେବଳ କାଳ-କ୍ଷେପଣ ଛଡ଼ା କିଛି ନୁହେଁ ।

ପାର୍ଥକ୍ୟଟି ହେଉଛି ଏକ ପର୍ବତ ଆରୋହଣ ପାଇଁ ମନ୍ଥରଗତିରେ ପାହୁଣ୍ଡ ପରେ ପାହୁଣ୍ଡ ପକାଇ, ତା'ର ଚାରିପାଖରେ ଘୂରିଘୂରି, ଶ୍ରାନ୍ତକ୍ଳାନ୍ତ ହୋଇ ଶତ ଶତ ବର୍ଷ ଧରି ଉଦ୍ୟମ କରି ଚାଲିବା ଓ ଅନ୍ୟ ପକ୍ଷରେ ନିଜର ଅଦୃଶ୍ୟ ଡେଣା ମେଲି ଦେଇ ସିଧା ପର୍ବତର ଶିଖରକୁ ଉଡ଼ିଯିବା ।

*

ଏକମାତ୍ର ଯେଉଁ ଜିନିଷଟି ଯଥାର୍ଥରେ ଫଳପ୍ରଦ ହୋଇଥାଏ ତାହା ହେଉଛି ଚେତନାର ପରିବର୍ତ୍ତନ । ଅତିମାନସ ଶକ୍ତିର ସ୍ପନ୍ଦନ ସହିତ ଏକ ଅନ୍ତରଙ୍ଗ, ନିରନ୍ତର, ଅଖଣ୍ଡ ଓ ଅନିବାର୍ଯ୍ୟ ସମ୍ବନ୍ଧ ସ୍ଥାପନ ଓ ଏକତ୍ୱ ମାଧ୍ୟମରେହିଁ ଏହି ଆନ୍ତର ମୁକ୍ତି ଆସିଥାଏ । ଅତିମାନସ ଶକ୍ତି ସହିତ, ଭଗବତ୍ ଶକ୍ତି ସହିତ ଏକତ୍ୱ ଲାଭ ପାଇଁ ପ୍ରତି ମୁହୂର୍ତ୍ତରେ ଆସ୍ପୃହାର ସହ ଲାଗି ରହିବା, ସତ୍ତାର ସମସ୍ତ ଉପାଦାନର ଏଥିପାଇଁ ସଂକଳ୍ପ, ଦେହର ସମସ୍ତ କୋଷାଣୁ ସମେତ ସମଗ୍ର ସତ୍ତାର ଏଥିପାଇଁ ଅଭୀପ୍ସା – ଏହାହିଁ ଆଣି ଦେଇଥାଏ ଅତିମାନସ ଦିବ୍ୟଶକ୍ତି ସହ ସେହି ମିଳନ ଓ ଏକତ୍ୱ । ଏହାର ପରିଣାମ କ'ଣ ହେବ ସେ ନେଇ ଆଉ ଆଦୌ କୌଣସି ଚିନ୍ତା-ଭାବନା ବା ବ୍ୟସ୍ତତାର ପ୍ରୟୋଜନ ନଥାଏ । ବିଶ୍ୱଶକ୍ତିମାନଙ୍କର ଲୀଳାଖେଳାରେ ଓ ସେଗୁଡ଼ିକର ଅଭିବ୍ୟକ୍ତିରେ ଯାହାକିଛି ହେବା ଆବଶ୍ୟକ ତାହାହିଁ ହେବ, ଏବଂ ତାହା ହେବ ସ୍ୱାଭାବିକ ଭାବରେ, ସ୍ୱତଃସ୍ଫୂର୍ତ୍ତ-ଭାବରେ, ସ୍ୱୟଂକ୍ରିୟ ଭାବରେ ଆପେ ଆପେ; ତହିଁରେ ବ୍ୟସ୍ତ ରହିବାର କୌଣସି ଆବଶ୍ୟକତା ନାହିଁ । ଏକମାତ୍ର ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ସେହି ଦିବ୍ୟଶକ୍ତି, ଦିବ୍ୟ-ଆଲୋକ, ସତ୍ୟ ଓ ସାମର୍ଥ୍ୟ ସହିତ, ଅତିମାନସ ଚେତନାର ସେହି ଅନିର୍ବଚନୀୟ ଆନନ୍ଦ ସହିତ ନିରନ୍ତର, ସମଗ୍ର ଓ ପୂର୍ଣ୍ଣ ସମ୍ବନ୍ଧ ସ୍ଥାପନ – ନିରନ୍ତର, ହଁ, ନିରନ୍ତର ସମ୍ବନ୍ଧ ସ୍ଥାପନ ।

ଏହାହିଁ ହେଉଛି ଆନ୍ତରିକତା । ବାକି ସବୁକିଛି କେବଳ ଅନୁକରଣ; କୁହାଯାଇପାରେ ଏହା ହେଉଛି ପ୍ରାୟ ଏକ ଭୂମିକାରେ ଅଭିନୟ ଯାହା ବ୍ୟକ୍ତି ନିଜ ପାଇଁହିଁ କରିଥାଏ ।

ପୂର୍ଣ୍ଣଶୁଦ୍ଧି ହେଉଛି ନିଜେ ହୋଇଉଠିବା, ଚିରତର ଭାବରେ ଅଧିକରୁ ଅଧିକ ଏକ ଆତ୍ମ-ପରିପୂର୍ଣ୍ଣ ସମ୍ଭୂତି ଭିତରେ ହୋଇଉଠିବା । ତୁମେ ହୋଇ ଉଠିଛ ବୋଲି ଛଳନା କରିବା ଆଦୌ ଉଚିତ ନୁହେଁ ତୁମକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ହୋଇ ଉଠିବାକୁ ହେବ ।

ଏହାହିଁ ହେଉଛି ଆନ୍ତରିକତା ।

(Bulletin, Feb. 2005, p. 13 & p. - 87)

# କୃପା ଓ କୃତଜ୍ଞତା
## ଶ୍ରୀମା

*ପ୍ରଶ୍ନ : କୃତଜ୍ଞତାର ଭାବ ନେଇ କୃପାକୁ ଗ୍ରହଣ କରିବାର ବାଟ କ'ଣ ?*

ଶ୍ରୀମା : ଆଃ ! ପ୍ରଥମେ ତୁମକୁ ଏହାର ପ୍ରୟୋଜନ ଅନୁଭବ କରିବାକୁ ପଡ଼ିବ ।

ଏହାହିଁ ସବୁଠୁ ପ୍ରଧାନ କଥା । ଏଥିପାଇଁ ତୁମ ଅନ୍ତରରେ ଏକ ପ୍ରକାର ନମ୍ର ବିନୀତ ଭାବ ରହିବା ଆବଶ୍ୟକ ଯାହାକି ତୁମକୁ ସଚେତ କରାଇ ଦେବ, ଭଗବତ୍ କୃପା ବିନା ତୁମେ କେଡ଼େ ଅସହାୟ; ସତ କହିବାକୁ ଗଲେ ଏହି କୃପା ବିନା ତୁମେ ପୂରାପୂରି ଅପୂର୍ଣ୍ଣ ଓ ଶକ୍ତିହୀନ । ଆରମ୍ଭରେ ଏହାହିଁ ପ୍ରଥମ କଥା ।

ତୁମର ଏହି ଅନୁଭୂତିଟି ବେଶ୍ ଆସିପାରେ । ଯେତେବେଳେ ତୁମେ ଦେଖ ଯେ ଯେଉଁ ଲୋକମାନେ ଆଦୌ କିଛି ଜାଣନ୍ତି ନାହିଁ ସେମାନେ ଅତ୍ୟନ୍ତ ଜଟିଳ ଓ କଷ୍ଟକର ପରିସ୍ଥିତିରେ ପଡ଼ିଛନ୍ତି, ବା ଏପରିସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଯେଉଁଗୁଡ଼ିକୁ ସେମାନଙ୍କର ସମାଧାନ କରିବାକୁ ହେବ ବା ଏପରି ସବୁ ପ୍ରବୃତ୍ତି ଆସୁଛି ଯେଉଁଗୁଡ଼ିକୁ ସେମାନଙ୍କର ଅତିକ୍ରମ କରିବାକୁ ହେବ ବା ଏପରି କିଛି ଘଟିଛି ଯାହା ସେମାନଙ୍କୁ ଖୁବ୍ ବିକ୍ଷୁବ୍ଧ ଓ ବିଚଳିତ କରିଛି... ଏପରି କ୍ଷେତ୍ରରେ ସେମାନଙ୍କୁ ଲାଗେ ଯେ ଆଉ କିଛି ଆଶା ନାହିଁ, ସବୁକିଛି ଶେଷ ହୋଇଗଲା; ସେମାନେ ଜାଣନ୍ତି ନାହିଁ କ'ଣ କରିବାକୁ ହେବ – ସେତେବେଳେ ନା ସେମାନଙ୍କର ମନ ନା ଇଚ୍ଛାଶକ୍ତି ବା ଅନୁଭବ ଶକ୍ତି କେହି କିଛି ସାହାଯ୍ୟ କରି ପାରନ୍ତି ନାହିଁ – ସେମାନେ ଜାଣନ୍ତି ନାହିଁ କ'ଣ କରିବାକୁ ହେବ – ସେତିକିବେଳେ ଏହା ଘଟିଥାଏ – ସେମାନଙ୍କ ଭିତରେ ଏକ ଧରଣର ଆବାହନ ବା ଡାକିବା ପରି କିଛି ଭାବ ଆସିଯାଏ, ଏପରି କିଛିକୁ ଆବାହନ, ଯାହା ସେମାନେ ଯେଉଁ କାମଟି କରିପାରୁ ନାହାନ୍ତି ସେ ତାହା କରିଦେବ । ମଣିଷ ଏପରି କିଛି ପାଇଁ ଅଭୀପ୍ସା କରେ, ଯାହା ସେ କରିପାରୁ ନଥିବା କାମଟିକୁ କରି ଦେଇ ପାରିବା ପାଇଁ ସକ୍ଷମ ।

ଏହାହିଁ ହେଉଛି ପ୍ରଥମ ଅବସ୍ଥା । ତା'ପରେ, ଯଦି ତୁମେ ସଚେତ ହୁଅ ଯେ କେବଳ ଦିବ୍ୟକୃପାହିଁ ସେହି କାମଟି କରିଦେବା ପାଇଁ ସମର୍ଥ, ଯେଉଁ ସଂକଟମୟ ପରିସ୍ଥିତିରେ ତୁମେ ପଡ଼ିଛ ସେଥିରୁ କେବଳ ଦିବ୍ୟକୃପାହିଁ ତୁମକୁ ଟାଣି ଉଦ୍ଧାର କରିଦେଇପାରେ, ସମାଧାନ ଆଣିଦେଇପାରେ, ସେଥିରୁ ବାହାରି ଆସିବା ପାଇଁ କେବଳ ଦିବ୍ୟକୃପାହିଁ ତୁମକୁ ସମସ୍ତ ଶକ୍ତି ଓ ସାମର୍ଥ୍ୟ ଦେଇପାରେ ତା'ହେଲେ ସ୍ୱାଭାବିକ ଭାବରେ ତୁମ ଭିତରେ ଏକ ନିବିଡ଼ ଅଭୀପ୍ସାର ଉଦୟ ହୁଏ, ଏପରି ଏକ ଚେତନା ଆସେ ଯାହା ରୂପ ନିଏ ଏକ ଉନ୍ମୀଳନର । ତୁମେ ଯଦି ଆବାହନ କର, ଅଭୀପ୍ସା କର, ଏବଂ ତାହାର ଉତ୍ତର ପାଇବା ପାଇଁ ଆଶାପୋଷଣ କର, ତା'ହେଲେ ସ୍ୱାଭାବିକ ଭାବରେ ଦିବ୍ୟକୃପା ପ୍ରତି ତୁମେ ନିଜକୁ ଖୋଲିଧର ।

ଏବଂ, ତା'ପରେ – ଏହି କଥାଟି ଉପରେ ତୁମକୁ ବିଶେଷ ମନୋଯୋଗ ଦେବାକୁ ହେବ – (ମା' ତାଙ୍କ ଓଠ ଉପରେ ଅଙ୍ଗୁଳି ରଖିଲେ) – ଦିବ୍ୟକୃପା ତୁମକୁ ଉତ୍ତର ଦେବ, ସେହି କୃପା ତୁମକୁ ତୁମର ସମସ୍ତ ବାଧାବିଘ୍ନ ଓ ଆପଦ ବିପଦରୁ ଉଦ୍ଧାର କରି ଆଣିବ, ସେହି କୃପାହିଁ ତୁମ ସମସ୍ୟାଟିର ସମାଧାନ ଆଣିଦେବ, ତୁମର ଦୁଃଖ-କଷ୍ଟ ଓ ଅଭାବ-ଅସୁବିଧା ଭିତରୁ ବାହାରି ଆସିବା ପାଇଁ ସାହାଯ୍ୟ କରିବ । କିନ୍ତୁ ଥରେ ତୁମେ ସେହି ଅସୁବିଧାରୁ ବାହାରି ଆସିଲେ, ଏବଂ ତୁମ ବାଧାବିଘ୍ନରୁ ମୁକୁଳି ଆସିଲେ କେବେହେଲେ ଭୁଲିଯାଅ ନାହିଁ ଦିବ୍ୟକୃପାହିଁ ତୁମକୁ ସେହି ସଂକଟରୁ ଉଦ୍ଧାର କରିଛି, କେବେହେଲେ ଭାବ ନାହିଁ ଯେ ତୁମେ ନିଜେ ତାହା ସମ୍ପନ୍ନ କରିଛ, କାରଣ ଏହି କଥାଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଅଧିକାଂଶ ଲୋକେ – ଯେତେବେଳେ ସେମାନଙ୍କର ବାଧାବିଘ୍ନ ବା ଅସୁବିଧାଜନକ ପରିସ୍ଥିତିଟି ଦୂର ହୋଇଯାଏ – ଭାବନ୍ତି, ''ଯା'ହେଉ ବେଶ୍ ଭଲ ଭାବରେ ମୁଁ ନିଜକୁ ଏଡ଼େ ବଡ଼ ଅସୁବିଧା ଭିତରୁ ମୁକୁଳାଇ ଆଣି ପାରିଲି ।''

ଏପରି ଯଦି ଘଟେ, ତେବେ ତୁମେ ନିଜେହିଁ କୃପାର ଦୁଆରଟି ବନ୍ଦ କରିଦିଅ, ତହିଁରେ ତାଲାଚାବି ଲଗାଇଦିଅ, ଏବଂ ଆଉ କିଛି ଗ୍ରହଣ କରିବା ପାଇଁ ସକ୍ଷମ ହୁଅ ନାହିଁ । ଏହି ଧରଣର ଆଭ୍ୟନ୍ତରୀଣ ନିର୍ବୋଧତାକୁ ଦୂର କରିବା ପାଇଁ, ଏବଂ ତୁମେ ନିଜେ ଯେ କିଛି କରିପାରିବ ନାହିଁ ଏହାକୁ ଆଉ ଥରେ

ଉପଲବ୍ଧି କରିବା ପାଇଁ ପୁଣିଥରେ ତୁମ ପାଇଁ ଦରକାର ହୁଏ ଆଉ ଏକ ବଡ଼ ଆଘାତ ପାଇବା ବା ଭୟଙ୍କର କୌଣସି ଅସୁବିଧା ବା ବିପଦରେ ପଡ଼ିବା । କାରଣ କେବଳ ଯେତେବେଳେ ତୁମେ ସଚେତ ହୁଅ ଯେ ତୁମେ ନିଜେ କିଛି କରିପାରିବ ନାହିଁ, ତୁମେ ସଂପୂର୍ଣ୍ଣ ଅସମର୍ଥ ଓ ଶକ୍ତିହୀନ, କେବଳ ସେତିକିବେଳେହିଁ ତୁମେ କିଛିଟା ଉନ୍ମୋଚିତ ଓ ନମନୀୟ ହେବାକୁ ଆରମ୍ଭ କର । କିନ୍ତୁ ଯେପର୍ଯ୍ୟନ୍ତ ତୁମେ ଭାବୁଥିବ ଯେ ତୁମେ ଯାହା କରୁଛ ତାହା ତୁମ ନିଜର ଦକ୍ଷତା ଓ ସାମର୍ଥ୍ୟ ଉପରେ ନିର୍ଭର କରୁଛି, ତା'ହେଲେ ପ୍ରକୃତରେ ତୁମେ କେବଳ ଗୋଟିଏ ଦ୍ୱାର ନୁହେଁ, ଗୋଟିଏ ପରେ ଗୋଟିଏ ଅନେକ ଦରଜା ବନ୍ଦ କରିଦିଅ ଏବଂ ତା'ପରେ ତାଲା ଲଗାଇ ଦିଅ । ତୁମେ ନିଜକୁ ଏକ ଅଭେଦ୍ୟ ଦୁର୍ଗ ଭିତରେ ବନ୍ଦ କରିଦିଅ, ଯାହା ଭିତରକୁ କିଛି ବି ପ୍ରବେଶ କରିପାରିବ ନାହିଁ । ଏହାହିଁ ମଣିଷର ସବୁଠୁ ବଡ଼ ଦୁର୍ବଳତା ଯେ ସେ ସବୁକିଛି ଶୀଘ୍ର ଭୁଲିଯାଏ । ଏହା ଅବଶ୍ୟ ସ୍ୱାଭାବିକ ଯେ ମଣିଷ ନିଜର ସାମର୍ଥ୍ୟରେହିଁ ସନ୍ତୁଷ୍ଟ ରହିବାକୁ ଭଲପାଏ । ✤

ମୋର ପ୍ରୟୋଜନ ଏପରି ଏକ ଆଶ୍ରୟସ୍ଥଳ ଯେଉଁଠାରେ ମୋର ଯୋଗ ସାଧନାକୁ ଅବାଧରେ ପୂର୍ଣ୍ଣ କରିପାରିବି ଏବଂ ମୋର ଚାରିପଟର ବ୍ୟକ୍ତିମାନଙ୍କୁ ଗଢ଼ିତୋଳି ପାରିବି । ମୋର ବୋଧ ହେଉଛି ପଣ୍ଡିଚେରୀହିଁ ସେହି ସ୍ଥାନ ଯାହା ଊର୍ଦ୍ଧ୍ୱସ୍ଥ ସତ୍ତାମାନଙ୍କ ଦ୍ୱାରା ନିର୍ଦ୍ଧାରିତ, କିନ୍ତୁ  ତୁମେ ଜାଣ ଜଡ଼ଜଗତରେ ଯାହା ଉଦ୍ଦିଷ୍ଟ ହୋଇଥାଏ ତାହାକୁ ପ୍ରତିଷ୍ଠିତ କରିବା ପାଇଁ କେତେ ଉଦ୍ୟମ ପ୍ରୟୋଜନ ।...

ଜଡ଼ ସ୍ତରରେ ଅଧ୍ୟାତ୍ମକୁ ଓହ୍ଲାଇ ଆଣିବା ପାଇଁ ଯେଉଁ ଶକ୍ତିର ପ୍ରୟୋଜନ ମୁଁ ତାହାର ବିକାଶ ସାଧନ କରୁଛି ଏବଂ ମୁଁ ବର୍ତ୍ତମାନ ଲୋକମାନଙ୍କ ଭିତରେ ମୋ ନିଜକୁ ସ୍ଥାପିତ କରିବା ପାଇଁ ଏବଂ ଅନ୍ଧକାର ବିଦୂରଣ-ପୂର୍ବକ ଆଲୋକ ଆନୟନ କରି, ସେମାନଙ୍କୁ ଏକ ନୂତନ ହୃଦୟ ଓ ନୂତନ ମନ ପ୍ରଦାନ କରି ସେମାନଙ୍କୁ ପରିବର୍ତ୍ତିତ କରିବା ପାଇଁ ସକ୍ଷମ ।...

ମୁଁ ବର୍ତ୍ତମାନ ଯାହା ସ୍ପଷ୍ଟରୂପେ ଦେଖି ପାରୁଛି ତା' ହେଉଛି ମୋ ଯୋଗର ପ୍ରଧାନ ଉଦ୍ଦେଶ୍ୟ ହେଲା ସମସ୍ତ ଭୁଲ୍‌ଭ୍ରାନ୍ତି ଓ ଫଳପ୍ରଦହୀନତାର ପ୍ରତ୍ୟେକଟି ସମ୍ଭାବ୍ୟ ଉତ୍ସକୁ ପୂର୍ଣ୍ଣ ଓ ସମଗ୍ର ଭାବରେ ଦୂରୀଭୂତ କରିବା । ଭୁଲ୍‌ଭ୍ରାନ୍ତିକୁ ଦୂର କରିବା – ଯାହାଫଳରେ ମୁଁ ଯେଉଁ ଦିବ୍ୟସତ୍ୟକୁ ଲୋକମାନଙ୍କୁ ପ୍ରଦର୍ଶିତ କରିବାକୁ ଯାଉଛି ତାହା ଯେପରି ପୂର୍ଣ୍ଣ ଓ ନିଖୁଣ ହୁଏ ଏବଂ ଫଳପ୍ରଦହୀନତାକୁ ଦୂର କରିବା ଯାହାଫଳରେ ପୃଥିବୀକୁ ପରିବର୍ତ୍ତିତ କରିବା ଦିଗରେ ମୁଁ ଯେତେଟା ସହାୟତା କରିବି ତା ଯେପରି ସାମଗ୍ରିକ ଭାବରେ ବିଜୟୀ ଓ ଅପ୍ରତିହତ ହୁଏ । ...

୧୨.୦୭.୧୯୧୧

*

ପଣ୍ଡିଚେରୀ ହେଉଛି ମୋର ନିଭୃତ ଆଶ୍ରୟସ୍ଥଳ **ମୋର ତପସ୍ୟାର ଗୁହା,** – ବୈରାଗ୍ୟ ସୁଲଭ ତପସ୍ୟା ନୁହେଁ, କିନ୍ତୁ ସେହି ତପସ୍ୟା ଯାହା ମୋ ନିଜ ଉଦ୍ଭାବନର ସଂକେତ ବହନ କରିଥାଏ ।

– ଶ୍ରୀଅରବିନ୍ଦ

# ଶ୍ରୀମାଙ୍କ ସମ୍ବନ୍ଧରେ ଶ୍ରୀଅରବିନ୍ଦ

...ଭଗବାନ୍ ମାନବରୂପ ଧରନ୍ତି, ମନୁଷ୍ୟର ବାହ୍ୟ ପ୍ରକୃତିକୁ ଗ୍ରହଣ କରନ୍ତି ସ୍ୱୟଂ ପଥରେ ଚାଲିବେ ଓ ମାନବକୁ ପଥ ଦେଖାଇବେ ବୋଲି, କିନ୍ତୁ ସେ ତାଙ୍କର ଦିବ୍ୟସ୍ୱରୂପକୁ କେବେ ବି ତ୍ୟାଗ କରି ନଥା'ନ୍ତି । ଯାହା ଘଟେ ତା' ହେଉଛି ଏକ ଅଭିବ୍ୟକ୍ତି, ନିତ୍ୟବର୍ଦ୍ଧମାନ ଦିବ୍ୟଚେତନାରହିଁ ଏକ ଅଭିବ୍ୟକ୍ତି, ତାହାକୁ ମାନବଚେତନାର ଏକ ଦିବ୍ୟପରିଣତି ବୋଲି କୁହାଯାଇ ପାରିବ ନାହିଁ । ମା' ତାଙ୍କର ଶୈଶବରେ ବି ମାନବତ୍ୱର ବହୁ ଊର୍ଦ୍ଧ୍ୱରେ ଥିଲେ ।...

*

... ତାଙ୍କର (ମା'ଙ୍କର) ମୂର୍ତ୍ତିପରିଗ୍ରହହିଁ ପାର୍ଥିବ ଚେତନାକୁ ସୁଯୋଗ ଦେଇଛି ନିଜ ମଧ୍ୟରେ ଅତିମାନସକୁ ଗ୍ରହଣ କରିବାକୁ ଏବଂ ସେଦିଗରେ ନିଜର ପ୍ରାରମ୍ଭିକ ରୂପାନ୍ତର ସାଧନ କରିବାକୁ । ପରେ ଅତିମାନସହିଁ ଆହୁରି ଏକ ରୂପାନ୍ତର ଘଟାଇବ କିନ୍ତୁ ତଥାପି ସମଗ୍ର ଚେତନା ଅତିମାନସରେ ରୂପାନ୍ତରିତ ହେବ ନାହିଁ । ଅତିମାନସର ପ୍ରତିନିଧିରୂପେ ଏକ ନୂତନ ଜାତିର ଆବିର୍ଭାବ ହେବ – ଯେପରି ମାନବ ହେଲା ମାନସର ପ୍ରତିନିଧି ।

*

ସେହି ଏକ ଦିବ୍ୟଶକ୍ତିହିଁ ବ୍ୟକ୍ତି ଓ ବିଶ୍ୱରେ ତଥା ବିଶ୍ୱାତୀତରେ କାର୍ଯ୍ୟକରୁଛନ୍ତି – ମା' ଏହି ସମସ୍ତର ପ୍ରତୀକ, କିନ୍ତୁ ସେ ଏହି ବିଶ୍ୱରେ ମୂର୍ତ୍ତ ହୋଇ କାର୍ଯ୍ୟ କରୁଛନ୍ତି ଏପରି ଏକ ବସ୍ତୁକୁ ଆଣିବା ସକାଶେ ଯାହା ଆଜି ବି ଏହି ଜଡ଼ ଜଗତରେ ପ୍ରଘଟ ନୁହେଁ, ତାଙ୍କର ଉଦ୍ଦେଶ୍ୟ ହେଲା ପାର୍ଥିବ ଜୀବନର ରୂପାନ୍ତର । ତାଙ୍କୁ ତୁମେ ଦେଖିବ ଏହିଭାବରେ, ଏହି ଉଦ୍ଦେଶ୍ୟ ନେଇ କ୍ରିୟାଶୀଳା ଦିବ୍ୟଶକ୍ତି ବୋଲି । ଦେହଧାରୀ ଜନନୀଙ୍କର ଏହି ହେଲା ସ୍ୱରୂପ, କିନ୍ତୁ ତାଙ୍କର ସମଗ୍ର ଚେତନାରେ ସେ ଭଗବାନଙ୍କର ଅନ୍ୟ ସମସ୍ତ ବିଭାବ ସହ ଅଭିନ୍ନ ।

*

ପୂର୍ଣ୍ଣ ନିଷ୍ଠାର ଅର୍ଥ ହେଲା ଏକମାତ୍ର ଦିବ୍ୟସତ୍ୟକୁ ଚାହିଁବା ଏବଂ ନିଜକୁ ଅଧିକରୁ ଅଧିକ ଭାବରେ ଦିବ୍ୟଜନନୀଙ୍କ ନିକଟରେ ସମର୍ପଣ କରିବା । କେବଳ ଏହି ଏକ ଅଭୀପ୍ସା ବ୍ୟତୀତ ଅନ୍ୟ ସମସ୍ତ ବ୍ୟକ୍ତିଗତ ଦାବି ଓ ସମସ୍ତ କାମନାବାସନା ପ୍ରତ୍ୟାଖ୍ୟାନ କରିବା, ଜୀବନର ସମସ୍ତ କର୍ମ ଭଗବାନଙ୍କୁ ଉତ୍ସର୍ଗ କରିବା ଏବଂ ଅହଂଶୂନ୍ୟ ଭାବରେ, କର୍ତ୍ତବ୍ୟକର୍ମ ଭାବରେ ଏହା କରିବା, – ଏହାହିଁ ହେଲା ଦିବ୍ୟଜୀବନର ଭିତ୍ତି ।

*

ଯୋଗପଥରେ କେହି ଥରେ ପ୍ରବେଶ କଲେ, ତାଙ୍କୁ କେବଳ ଏହାହିଁ କରିବାକୁ ହେବ : ଯାହାକିଛି ଘଟୁ, ଯେକୌଣସି ବାଧା ଆସୁ, ନିଜର ଏହି ସ୍ଥିର ସଂକଳ୍ପ ରଖିବାକୁ ହେବ ଯେ ଶେଷ ପର୍ଯ୍ୟନ୍ତ ଯିବାକୁ ହେବ । ନିଜ ଶକ୍ତିରେ କେହି ଯୋଗସିଦ୍ଧି ଲାଭ କରେ ନାହିଁ – ତୁମ ଊର୍ଦ୍ଧ୍ୱରେ ଯେଉଁ ମହତ୍ତର ଶକ୍ତି ରହିଛି, ତାହାରି ଦ୍ୱାରାହିଁ ସେହି ମହତ୍ତର ସିଦ୍ଧି ପ୍ରାପ୍ତ ହେବ । ସମସ୍ତ ବିପର୍ଯ୍ୟୟ ସତ୍ତ୍ୱେ ଅବ୍ୟାହତ ସେହି ମହତ୍ତର ଶକ୍ତି ପ୍ରତି ଆବାହନ ଦ୍ୱାରାହିଁ ସିଦ୍ଧିଲାଭ ହେବ । ଏପରିକି ତୁମେ ଯେତେବେଳେ ସକ୍ରିୟ ଭାବରେ ଅଭୀପ୍ସା କରି ନପାର, ସେତେବେଳେ ମଧ୍ୟ ମା'ଙ୍କ ସାହାଯ୍ୟ ପାଇବା ପାଇଁ ତାଙ୍କ ପ୍ରତି ଉନ୍ମୁଖ ହୋଇ ରହ । ଏହି କାର୍ଯ୍ୟଟିହିଁ ସର୍ବଦା କରଣୀୟ ।

*

ଯେଉଁମାନେ ସରଳ ନୁହନ୍ତି, ସେମାନେ ମା'ଙ୍କ ସାହାଯ୍ୟ ଦ୍ୱାରା ଲାଭ ପାଇପାରିବେ ନାହିଁ, କାରଣ ସେମାନେ ନିଜେ ନିଜେ ସେହି ସାହାଯ୍ୟକୁ ଫେରାଇ ଦିଅନ୍ତି । ଯଦି ସେମାନେ ପରିବର୍ତ୍ତିତ ନହୁଅନ୍ତି, ତେବେ ନିମ୍ନପ୍ରାଣ ଓ ଦୈହିକ ପ୍ରକୃତିରେ ଅତିମାନସ ଆଲୋକ ଏବଂ ସତ୍ୟର ଅବତରଣ ଆଶା କରିପାରିବେ ନାହିଁ; ସେମାନେ ସ୍ୱକୃତ ପଙ୍କରେ ପଡ଼ି ରହନ୍ତି ଏବଂ ଉନ୍ନତି କରିପାରନ୍ତି ନାହିଁ । ✤

# ମା'ଙ୍କ ସହ କଥୋପକଥନ

ଶ୍ରୀମା : ମୁଁ ଯେତେବେଳେ ମୋର ଶରୀରରେ ନ ଥାଏ, ଲୋକମାନଙ୍କ ସଙ୍ଗରେ ମୋର ବିଭିନ୍ନ ପ୍ରକାର ସମ୍ପର୍କ ହୁଏ, ଏହି ସମ୍ପର୍କର ଧାରଣା ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ଏବଂ ଏହା ଆଗରୁ ସ୍ଥିର ହୋଇଥିବା ଏକ ଜିନିଷ ନୁହେଁ, ଏହା ଇଚ୍ଛାକୃତ ନୁହେଁ, ଏପରିକି ଏହା ସମ୍ପର୍କରେ ଚିନ୍ତା ମଧ୍ୟ କରାଯାଇ ନ ଥାଏ । ଏହା କେବଳ ପର୍ଯ୍ୟବସିତ ହୋଇଥାଏ ।

କେତେକ ସମ୍ବନ୍ଧ ପୂରାପୂରି ମୋ ଭିତରେ ଥାଏ, ପୂରାପୂରି ମୋ' ଭିତରେ । ଏହା ବ୍ୟକ୍ତି ବ୍ୟକ୍ତି ଭିତରେ ସମ୍ପର୍କ ନୁହେଁ, କିନ୍ତୁ ସତ୍ତାର ଅବସ୍ଥା ଭିତରେ ସମ୍ପର୍କ – ଏହାର ଅର୍ଥ ହେଉଛି ସେହି ସମାନ ବ୍ୟକ୍ତି ସହିତ ବିଭିନ୍ନ ପ୍ରକାରର ସମ୍ବନ୍ଧ ରଖାଯାଇପାରେ । ଯଦି ଏହା ଏକକ ସମଗ୍ର ହୋଇ ଥାଆନ୍ତା... କିନ୍ତୁ ମୁଁ ତଥାପି ନିଶ୍ଚିତ ନୁହେଁ ଯେ ଏପରି ଜଣେ କେହି ବ୍ୟକ୍ତି ଅଛନ୍ତି ଯାହାଙ୍କ ସହ ମୋର ସମ୍ପର୍କ ପୃଥିବୀ ବ୍ୟାପୀ ।

ତେଣୁ ଏପରିସବୁ ଅଂଶ ରହିଛି ଯାହା ପୂରାପୂରି ମୋ ଭିତରେ, ପୂରାପୂରି – ତହିଁରେ ବିଭିନ୍ନତା ନାହିଁ, ସେସବୁଗୁଡ଼ିକ ସ୍ୱୟଂ ମୁଁ । ଆଉ କେତେକ ଅଂଶ ରହିଛି ଯେଉଁ କ୍ଷେତ୍ରରେ ଏକ ବିନିମୟ ସମ୍ପର୍କରେ ମୁଁ ସଚେତ । – ଏକ ଅତି ପରିଚିତ, ଏକ ଅତି ଘନିଷ୍ଠ ବିନିମୟ । ଏବଂ ମୋ ବାହାରେ କେତେକ ଅଂଶ ରହିଛି ଯାହା ସହ ମୋର ତଥାପି ସମ୍ପର୍କ ରହିଛି, ଠିକ୍ ଅପରିଚିତ ଲୋକଙ୍କ ସହ ସମ୍ପର୍କ ପରି ନୁହେଁ କିନ୍ତୁ କେବଳ ଅତି ସାମାନ୍ୟ ପରିଚୟ ଥିବା ଲୋକଙ୍କ ସହ ସମ୍ପର୍କ ପରି; ସେଗୁଡ଼ିକର ପ୍ରତିକ୍ରିୟାକୁ ଠିକ୍ ରୂପେ ବୁଝିବାର ଆବଶ୍ୟକତା ରହିଛି ଯାହା ଫଳରେ ଠିକ୍ ଜିନିଷଟିକୁ କରିପାରିବ । କିନ୍ତୁ ଏହି ବିଭିନ୍ନ ଅଂଶର ଆନୁପାତିକ ପାର୍ଥକ୍ୟ ସ୍ୱାଭାବିକ ଭାବରେ ଭିନ୍ନ ଭିନ୍ନ ହେବ ଯାହା ବ୍ୟକ୍ତିମାନଙ୍କ ବିଭିନ୍ନତା ଉପରେ ନିର୍ଭର କରିଥାଏ ।

(*ଶିଷ୍ୟ ଜଣକ ନିଜର ବାଧାବିଘ୍ନ ସମ୍ପର୍କରେ କହିଲେ*)

ଶ୍ରୀମା : ବାଧାବିଘ୍ନ ଆମ ପାଖକୁ ଆସିଥାଏ ପୂରାପୂରି ଭାବରେ ଆମର ଉପଲବ୍ଧିକୁ ଆହୁରି ପୂର୍ଣ୍ଣ ଓ ନିଖୁଣ କରିବା ପାଇଁ ।

ପ୍ରତ୍ୟେକ ଥର ଆମେ ଯେତେବେଳେ କିଛି ଜିନିଷର ଉପଲବ୍ଧି ଚାହୁଁ ଏବଂ କୌଣସି ପ୍ରତିରୋଧର, କୌଣସି ବାଧାର ବା ଏପରିକି ବ୍ୟର୍ଥତାର ସମ୍ମୁଖୀନ ହେଉ – ଯାହା ଆପାତ ବ୍ୟର୍ଥତା ବୋଲି ମନେହୁଏ – ସେତେବେଳେ ଆମର ଜାଣିବା ଉଚିତ ଏବଂ ଆଦୌ ଭୁଲିଯିବା ଉଚିତ ନୁହେଁ ଯେ ଏହା ପୂରାପୂରି ଓ ଅନନ୍ୟ ଭାବରେ ଆସିଛି ଆମର ଉପଲବ୍ଧିକୁ ଆହୁରି ପୂର୍ଣ୍ଣ ଓ ନିଖୁଣ କରିବା ପାଇଁ ।

ତେଣୁ ଏଥିପାଇଁ ବିଚଳିତ ହେବା, ଡରିଯିବା ବା ଅସୁବିଧା ଅନୁଭବ କରିବା ବା ନିଜକୁ ଗାଳିଦେବା ଯେ ''ମୁଁ ପୁଣିଥରେ ଏହା କରି ବସିଲି...'' ଏସବୁଗୁଡ଼ିକ ପୂରା ନିର୍ବୋଧତାର ପରିଚାୟକ ।

ବରଂ ସହଜଭାବରେ କୁହ, ''ଜିନିଷଟି ଠିକ୍ ଯେପରି ଭାବରେ କରାଯିବା ଉଚିତ ଆମେ ତାହା ଜାଣି ନାହୁଁ, ତା'ହେଲେ ଆମ ପାଇଁ ତାହା କରି ଦିଆଯାଉ ତାହାର ଫଳାଫଳ ଯାହା ବି ହେଉ ନା କାହିଁକି । ଆମେ ଯଦି କେବଳ ଦେଖି ପାରନ୍ତୁ କିପରି ଭାବରେ ଯାହା ଏକ କଷ୍ଟସାଧ୍ୟ କାମ ପରି, ଏକ ଭୁଲ୍ ପରି, ଏକ ବ୍ୟର୍ଥତା ପରି ବା ବାଧାବିଘ୍ନ ପରି ମନେ ହେଉଥାଏ, ପ୍ରକୃତରେ ତାହା ଆସିଥାଏ ଆମର ଉପଲବ୍ଧି ବା ସିଦ୍ଧିକୁ ଆହୁରି ପୂର୍ଣ୍ଣ ଓ ନିଖୁଣ କରିବା ପାଇଁ ।

ଥରେ ଆମେ ଏହା ଜାଣି ପାରିଲେ ସବୁକିଛି ସହଜ ହୋଇଉଠିବ ।

(*Mother's Agenda*, Vol. 1, Page. 207)

# ନ୍ୟାୟ ଓ କୃପା

## ଶ୍ରୀମା

ନ୍ୟାୟ ହେଉଛି ବିଶ୍ୱପ୍ରକୃତିର ଗତିବୃତ୍ତିଗୁଡ଼ିକ ସମ୍ପର୍କରେ ଏକ କଠୋର, ଯୁକ୍ତିସିଦ୍ଧ ନିର୍ଦ୍ଧାରଣ । ସ୍ଥୂଳ ଶରୀର ଉପରେ ଯେତେବେଳେ ଏହି ନିର୍ଦ୍ଧାରଣ କାର୍ଯ୍ୟକାରୀ ହୁଏ ତାହାହିଁ ରୋଗବ୍ୟାଧିର ରୂପ ନିଏ । ଚିକିତ୍ସକର ମନ ଏହି ଅଲଂଘ୍ୟ ନ୍ୟାୟ ଉପରେ ଭିତ୍ତି କରିହିଁ ଏପରି ଅବସ୍ଥା ଆଣିବା ପାଇଁ ଚେଷ୍ଟା କରେ, ଯାହା ଯୁକ୍ତିସିଦ୍ଧ ଭାବରେ ଉତ୍ତମ ସ୍ୱାସ୍ଥ୍ୟ ଦିଗରେ ଆଗେଇ ନେବ । ସାମାଜିକ ଶରୀରର କ୍ଷେତ୍ରରେ ନୈତିକ ଚେତନା ଓ ଆଧ୍ୟାତ୍ମିକ ଜଗତର କ୍ଷେତ୍ରରେ **ତପସ୍ୟା** ଠିକ୍ ଏହି ଭାବରେହିଁ କ୍ରିୟା କରେ ।

କେବଳ ଭଗବତ୍ କୃପାରହିଁ ସେହି ଶକ୍ତି ଅଛି ଯାହା ଏହି ବିଶ୍ୱ-ନ୍ୟାୟର କ୍ରିୟା ଓ ଗତିବୃତ୍ତି ଉପରେ ହସ୍ତକ୍ଷେପ କରିପାରେ ଓ ତାହାକୁ ବଦଳାଇ ଦେଇପାରେ । ଅବତାରଙ୍କ ମହାନ୍ କାର୍ଯ୍ୟ ହେଉଛି ପୃଥିବୀପୃଷ୍ଠରେ ଭଗବତ୍ କୃପାକୁ ପ୍ରକଟ ଓ ଅଭିବ୍ୟକ୍ତ କରିବା । ଅବତାରଙ୍କ ଶିଷ୍ୟ ହେବାର ଅର୍ଥ ହେଉଛି ସେହି ଭଗବତ୍ କୃପାର ଯନ୍ତ୍ର ହୋଇ ଉଠିବା । ପରମ କୃପାଦାୟିନୀ ମା', ଭଗବାନଙ୍କ ସହ ଏକାତ୍ମ ହୋଇ ଓ ବିଶ୍ୱନ୍ୟାୟର ଅଖଣ୍ଡ ଯନ୍ତ୍ର ଓ କ୍ରିୟା ସହ ଏକାତ୍ମ ହୋଇ, ତାହାର ପୂର୍ଣ୍ଣ ଜ୍ଞାନ ଲାଭ କରି ସେହି ଭଗବତ୍ କୃପାକୁ ବିତରଣ କରନ୍ତି ।

ଏବଂ ତାଙ୍କରି ମଧ୍ୟସ୍ଥତା ଜରିଆରେ, ଭଗବତ୍ ଅଭିମୁଖୀ ପ୍ରତ୍ୟେକଟି ଆନ୍ତରିକ ଓ ପ୍ରତ୍ୟୟଭରା ଅଭୀପ୍ସା ତାହାର ଉତ୍ତର ସ୍ୱରୂପ କୃପାର ହସ୍ତକ୍ଷେପକୁ ଆବାହନ କରି ଉତାରି ଆଣେ ।

ହେ ପ୍ରଭୁ, କିଏ ତୁମ ଆଗରେ ଛିଡ଼ା ହୋଇ ପୂରା ଆନ୍ତରିକତାର ସହ କହି ପାରିବ ଯେ ''ମୁଁ ଆଦୌ କୌଣସି ଭୁଲ୍ କରି ନାହିଁ'' ? ଆମେ ଦିନରେ କେତେବାର ତୁମର କାର୍ଯ୍ୟ ବିରୋଧରେ ଅପରାଧ କରି ନ ବସୁଛୁ ଓ ତୁମର କୃପା ବାରବାର ଆସି ତାହାକୁ ପୋଛି ନିଶ୍ଚିହ୍ନ କରି ନ ଦେଉଛି !

ତୋର କୃପାର ହସ୍ତକ୍ଷେପ ବିନା ଏପରି କିଏ ଅଛି ଯେ କି ବିଶ୍ୱ-ନ୍ୟାୟବିଧାନର ନିର୍ଦୟ ଖଡ଼୍ଗ ତଳକୁ ବାରବାର ନ ଆସିବ ?

ଏଠାରେ ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ସମାଧାନ କରିବାକୁ ଥିବା ଗୋଟିଏ ଗୋଟିଏ ଅସମ୍ଭବତାର ପ୍ରତିନିଧି । କିନ୍ତୁ ତୋର କୃପା ପାଇଁ ସବୁକିଛି ସମ୍ଭବ । ତୁମର କାର୍ଯ୍ୟ ହେଉଛି ଟିକିନିଖି ଭାବରେ, ତଥା ସମଗ୍ର ଭାବରେ ଏହି ସମସ୍ତ ଅସମ୍ଭବକୁ ଭଗବତ୍ ସିଦ୍ଧିରେ ରୂପାନ୍ତରିତ କରିବା ।

(CWM- Vol. 14, p. 83-84) ୧୫, ଜାନୁଆରୀ ୧୯୩୩

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ପୂର୍ବ ବଙ୍ଗରେ ପରିସ୍ଥିତି

ବରହମ୍ପୁର ସମ୍ମିଳନୀର ଧାରା ବିବରଣୀ ଉପରେ ମନ୍ତବ୍ୟ ଦେବା ପରିପ୍ରେକ୍ଷୀରେ ଆମେ ଆମର ମତ ବ୍ୟକ୍ତ କରିଥିଲୁ ଯେ ଟିପ୍ପେରାରେ ଘଟିଯାଇଥିବା ଘଟଣାଗୁଡ଼ିକରୁ ଯାହା ପରିସ୍ଥିତି ଉପୁଜିଲା ତାକୁ ଉପଲବ୍ଧି କରିବା ଓ ତା'ର ସମ୍ମୁଖୀନ ହେବା ଦିଗରେ ବିଫଳତାର କାରଣ ହେଉଛି ରାଷ୍ଟ୍ରନୀତିଜ୍ଞତା ଏବଂ ସାହସର ଘୋର ଅଭାବ ଆଉ ସେଥିପାଇଁ ନେତାମାନଙ୍କୁ ଦୋଷୀ ବୋଲି ଧରା ଯାଇଥିଲା । ଅଦ୍ୟାବଧି ନେତୃତ୍ୱଟା ଅନର୍ଗଳ ଭାଷା ସାଥିରେ ଗମ୍ଭୀର ଭାବବ୍ୟଞ୍ଜକ ସ୍ୱର, କଥାର ଚାତୁରୀ ଆଉ ଆଇନଗତ ଖସଡ଼ା ଲିଖନର ପ୍ରଚଣ୍ଡ ଦକ୍ଷତା ସହିତ ତାଳ ଦେଇ ଚାଲିଛି । ମହାନ୍ ଓ ଜରୁରୀ ଜାତୀୟ ଆବଶ୍ୟକତାଗୁଡ଼ିକୁ ହୃଦୟଙ୍ଗମ କରିବା ପାଇଁ କିଂବା ଏକ ଗୁରୁତର ସଂକଟର ମୁକାବିଲା କରିବା ପାଇଁ ନେତାଙ୍କୁ କେବେବି ତଲବ କରାଯାଇନି । ବିରୋଧ ତଥା ସହଯୋଗର ତତ୍ତ୍ୱ ଭିତରେ ଏସବୁ କାର୍ଯ୍ୟ ଥିଲା ବିଦେଶୀ ସରକାରଙ୍କର, ଆଉ ଜନପ୍ରିୟ ନେତାମାନଙ୍କର ଏକମାତ୍ର କର୍ତ୍ତବ୍ୟ ହେଲା ଉପଦେଶ ଦେବା କିଂବା ଆକ୍ଷେପ କରିବା ଓ ତା'ର ଫଳାଫଳ କ'ଣ ହେଉଛି ଆଗ୍ରହରେ ଚାହିଁ ରହିବା । ବଙ୍ଗଳାରେ ବର୍ତ୍ତମାନର ସ୍ଥିତି ଅନିଶ୍ଚୟତାରେ ଭରା ଓ ଯୁଗ ପରିବର୍ତ୍ତନର ଏକ ଗୋଳମାଳିଆ ସମୟ ଯେତେବେଳେ କି ଅବସ୍ଥାଚକ୍ର ବଦଳି ଯାଇଛି, ଜନ ନାୟକମାନଙ୍କଠାରୁ ଆଶା କରାଯାଉଛି ନୂଆ ନୂଆ ବିଶେଷତ୍ୱ ମାନ, ନୂଆ ନୂଆ ଭାବଧାରା ଓ ଉଦ୍ଦୀପନା ସବୁ । କିନ୍ତୁ ଏବେବି ନେତୃତ୍ୱ ରହିଛି ପୁରୁଣା ଢାଞ୍ଚାର ରାଜନୀତିଜ୍ଞଙ୍କ ହାତରେ । ପୁରୁଣା ନେତୃବୃନ୍ଦ ଯଦି ସେମିତି ପ୍ରତିଭାଶାଳୀ ମନୀଷୀ ହୋଇ ଥାଆନ୍ତେ ନୂତନ ପରିସ୍ଥିତି ସହିତ ତାଳ ଦେଇ ନିଜକୁ ଖାପ ଖୁଆଇବା ସକାଶେ ଏକ ନମନୀୟତା ସେମାନଙ୍କ ପାଖରେ ଥାଆନ୍ତା, – ଗୋଟିଏ ସୂକ୍ଷ୍ମଦୃଷ୍ଟି ଓ ସେସବୁକୁ ବୁଝିବା ପାଇଁ ଆଉ ସାହସର ସହ କାମ କରିଚାଲିବା ପାଇଁ ସାମର୍ଥ୍ୟ ଥାଆନ୍ତା ତା'ହେଲେ କିଛି ଚିନ୍ତା କରିବାର ନଥିଲା । କିନ୍ତୁ ଏ ସମସ୍ତ ଗୁଣ ନା ବାବୁ ସୁରେନ୍ଦ୍ରନାଥଙ୍କ ପାଖରେ ଥିଲା ଯିଏ ପୁରାତନ ନେତାମାନଙ୍କ ଗହଣରେ ଏକମାତ୍ର ପ୍ରତିଭାଶାଳୀ ବ୍ୟକ୍ତି ରୂପେ ବିବେଚିତ ହେଉଥିଲେ, ନା ମିଃ : ଗୋଖଲେଙ୍କ ପାଖରେ, ଯିଏ ହେଉଛନ୍ତି ରାଜନୀତିରେ ଜଣେ ଅସଲି ଧୁରନ୍ଧର ମଣିଷ, – ମଥାନୁପାତରେ ଏ ଗୁଣଗୁଡ଼ିକ ମଧ୍ୟ କମି ଯାଇଥିଲା । ଏବେ ବି ଦେଶକୁ ସେଇସବୁ ନେତାମାନଙ୍କର ସନ୍ଧାନ ନେବାକୁ ପଡ଼ିବ ଯେଉଁମାନେ ନୂଆ ଯୁଗ ପାଇଁ ଯୋଗ୍ୟ ବିବେଚିତ ହେଉଥିବେ ।

ସକଳ ସମ୍ଭାବ୍ୟ ସଂଶୟର ଊର୍ଦ୍ଧ୍ୱରେ କୋମିଲାର ଘଟଣା ନୂତନ ପରିସ୍ଥିତିର ମରମ କଥାଟିକୁ ଖୋଲି ଦେଇଛି । ନିପଟ ନିକୃଷ୍ଟ ବୁଦ୍ଧି ପାଖରେ ବର୍ତ୍ତମାନ ଏକଥା ସ୍ପଷ୍ଟ ହୋଇଯିବା ଉଚିତ ଯେ ଦୁଇଟା ବୃହତ୍ ଶକ୍ତି ଭିତରେ ଏକ ଲଢ଼େଇର ସୂତ୍ରପାତ ହୋଇଛି । ଏ ଲଢ଼େଇ ଏମିତି ଚାଲିଥିବ ଯେପର୍ଯ୍ୟନ୍ତ ତନ୍ମଧ୍ୟରୁ ଗୋଟିଏ କିଂବା ଅନ୍ୟଟି ଧ୍ୱଂସ ନପାଇଛି କିଂବା ହାରମାନିବାକୁ ବାଧ୍ୟ ନହୋଇଛି । ଏଇ ପ୍ରକୃତ ତଥ୍ୟଟିକୁ ଗୋପନ ରଖିବା ଖାଲି ଏକ ନିରର୍ଥକ ବ୍ୟାପାର । ଆମ ଉଦାରପନ୍ଥୀ ନେତା ଭାବିଥିଲେ, ଯେତେବେଳେ ଫୁଲାର୍ (Fuller) ଦେଶରୁ ବହିଷ୍କୃତ ହୋଇଗଲେଣି ଆଉ ମୋର୍ଲେ (Morley) ଆସି ସରକାରଙ୍କ ଦାୟିତ୍ୱ ସମ୍ଭାଳିଲେଣି ସେତେବେଳେ ଏ ସଂଘର୍ଷ ଆଉ ସଂଘର୍ଷ ହୋଇ ରହିବ ନାହିଁ ଓ ତାହା ପୁଣି କଂଗ୍ରେସ ଏବଂ ସରକାରଙ୍କ ମଧ୍ୟରେ ଏକ ଖୋଲା ଖୋଲି ବିତର୍କ ଭିତରେ ସୀମିତ ହୋଇ ରହିବ । ବର୍ତ୍ତମାନ ସେମାନେ ବସି ଆଉ ଥରେ ଚିନ୍ତା କଲେଣି, ଚିରାଚରିତ ବିରୋଧ ଏବଂ ସହଯୋଗର ସେଇ ରାଜନୀତି ଅଭିମୁଖେ ସୁଖଦ ପରିବର୍ତ୍ତନ ପାଇଁ ଯୋଜନାବଦ୍ଧ ପ୍ରୟାସ କରାଯାଇପାରେ । କିନ୍ତୁ ଆମକୁ ବିରୋଧ କରିଚାଲିଥିବା ପ୍ରତିକ୍ରିୟାଶୀଳ ବ୍ୟକ୍ତିମାନେ ରାଜନୀତିକୁ ଆମ ଅପେକ୍ଷା ଭଲରକମ ବୁଝିଛନ୍ତି; ସେମାନେ ଦେଖିବାକୁ ପାଇଛନ୍ତି ଯେ ଏଇ ନୂତନ ଉନ୍ମାଦନାର ଅଗ୍ନିଶିଖା କ୍ଷଣିକ ପାଇଁ ନୁହେଁ, ତାକୁ ବ୍ୟକ୍ତି ବିଶେଷଙ୍କ ଇଚ୍ଛାନୁସାରେ ପ୍ରଜ୍ୱଳିତ କରି ପୁଣି ନିର୍ବାପିତ କରି ହେବନି, କିନ୍ତୁ ତାହା ଅୟମାରମ୍ଭ ମାତ୍ର ଏକ ପ୍ରକାଣ୍ଡକାୟ ପ୍ରଖର ଲେଲିହାନ ବହ୍ନିର । ସେମାନଙ୍କ ନୀତି ହେଉଛି ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ, ଯାହା ଆଶା କରାଯାଇପାରେ ରାଜନୀତି କଳାରେ ଅତୀତର ଏଇଭଳି ଓସ୍ତାତମାନଙ୍କଠାରୁ । ସ୍ପଷ୍ଟତଃ, ଏହା ହେଉଛି ପୂର୍ବ ବଙ୍ଗଳାରେ ସଂଗ୍ରାମକୁ ଏକଘରକିଆ କରି ରଖିବା ଆଉ ଏଇ ଉଚ୍ଛ୍ୱାସକୁ ବିରୋଧ କରି ଚାଲିବା ତା'ର ପରିସମାପ୍ତି

ଘଟିଲା ପର୍ଯ୍ୟନ୍ତ । ନବ ଜାଗରଣର ନିବିଡ଼ ଆଶ୍ଳେଷ ଭିତରକୁ ସମଗ୍ର ଜାତି ଆସିଗଲା ପରେ ତାକୁ ବିରୋଧ କରିବା ଓ ଦମନ କରି ରଖିବା ଏତେ କଷ୍ଟସାଧ ଯେ ବାସ୍ତବିକ ତାହା ଏକ ଅସମ୍ଭବ ବ୍ୟାପାର ହୋଇ ପଡ଼ିବ । ପ୍ରଥମେ ଦେଶର ଗୋଟିଏ ମାତ୍ର ଅଞ୍ଚଳରେ ଏହା ବିରୋଧରେ ମୁକାବିଲା କରି ତାକୁ ଶେଷ କରି ଦେବାକୁ ହେବ, ସମଗ୍ର ଭାରତବର୍ଷରେ ବେଶ୍ ଫଳପ୍ରଦ ଭାବେ ତାହା ବ୍ୟାପକ ଆକାର ଧାରଣ କରିବା ପୂର୍ବରୁ, ଏହାହିଁ ହେବ ପ୍ରକାଶ୍ୟରେ ସବୁଠୁ ବିଜ୍ଞ ପନ୍ଥା । ସ୍ଥାନୀୟ ଅଞ୍ଚଳଗୁଡ଼ିକୁ ନେଇ ଏପରିକି ପ୍ରଭାବିତ ଇଲାକାଗୁଡ଼ିକରେ ଏହି ଆନ୍ଦୋଳନ ଉପରେ ଅତର୍କିତ ଚଡ଼ାଉ କରିବା ହେଉଛି ଏ ନୀତିର ମଧ୍ୟ ଅଂଶ ବିଶେଷ କିନ୍ତୁ ସମ୍ପୂର୍ଣ୍ଣ ରୂପେ ନୁହେଁ, ପ୍ରତିରକ୍ଷା ପାଇଁ ସ୍ୱୟଂ ସଙ୍ଗଠିତ ହେବା ପୂର୍ବରୁ ଏହାକୁ ଧ୍ୱଂସ କରିବାକୁ ହେବ; ଏବଂ ମୁସଲମାନମାନଙ୍କର ସଲିମୁଲ୍ଲାହି (Sallimullahi) ଗୋଷ୍ଠୀକୁ ଆୟୁଧଭାବେ ପ୍ରୟୋଗ କରିବାକୁ ହେବ ଯେତେବେଳେ ପୁଲିସ ସୁରକ୍ଷା ବଳୟ ସୃଷ୍ଟି କରିବାରେ ନିଜକୁ ଆବଦ୍ଧ କରି ରଖିଥିବ ।

ନେତାମାନେ ହୁଏତ କହିପାରନ୍ତି ଯେ ସେମାନେ କୋମିଲା ଘଟଣାର ଆକସ୍ମିକ ଆବିର୍ଭାବକୁ ଏକ ଅବାଞ୍ଛନୀୟ, ଦୁଃଖଦାୟକ ପରିସ୍ଥିତି ବୋଲି ଭାବିଥିଲେ, ସୌଭାଗ୍ୟକ୍ରମେ ତା'ର ପରିସମାପ୍ତି ଘଟିଥିଲା ବାବୁ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ 'ଗୋପନ' ପ୍ରଚେଷ୍ଟା ଯୋଗୁଁ ହେଉ କିଂବା ଅନ୍ୟକିଛି କମ୍ ବିସ୍ମୟକର ସାଧନ ବଳରେ । ସେମାନେ ଏପ୍ରକାର ଭାବି ନେଇଥିଲେ ଯେ ତାହା ସେମାନଙ୍କ ପକ୍ଷେ ହୁଏତ ସମ୍ଭବ ଏବଂ ଏପରି ଏକ ଅକ୍ଷମଣୀୟ ଗୁରୁତର ତ୍ରୁଟି ଅପେକ୍ଷା ଆଉ କୌଣସି ଘଟଣାରେ ଆନ୍ତରଦୃଷ୍ଟିର, ସାମାନ୍ୟତମ ରାଜନୈତିକ ବିଜ୍ଞତାର ଅଭାବ ଥିଲେ ସେମାନଙ୍କୁ ଅଧିକ ଜଘନ୍ୟ ନିନ୍ଦନୀୟ ଅପରାଧରେ ଦୋଷୀ ସାବ୍ୟସ୍ତ କରାଯାଇପାରି ନ'ଥାନ୍ତା । ଏକଥା ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇଯାଇଛି ଯେ କୋମିଲା ପରି ଘଟନା ପ୍ରଥମ ଥର ପାଇଁ ଘଟିନି କି ଏଭଳି ଘଟନାର ଏଇଠାରେ ଶେଷ ହେବନି । ସମ୍ମିଳନୀର ଅଧିବେଶନ ଆରମ୍ଭ ହେବା ପୂର୍ବରୁ ମୋଗ୍ରାହାଟଠାରେ ଉପଦ୍ରବ ପୂରା ଦମ୍‌ରେ ଘଟି ଚାଲିଥିଲା; ଏବଂ ତା'ର ଚିକିନିଖି ବିବରଣୀ ସୁରେନ୍ଦ୍ରନାଥଙ୍କର ନିଜ କାଗଜରେ ଯେଭଳି ନିହାତି ନିର୍ଭୁଲ୍ ରୀତିରେ ପ୍ରକାଶିତ ହୋଇଥିଲା ତାକୁ ଦେଖିଲେ ଆଖି ଝଲସି ଉଠିବ । କୋମିଲାଠାରେ ନବାବଙ୍କ ପରିଦର୍ଶନ ବେଳେ ଜାତୀୟତା ବିରୋଧିଗୁଣ୍ଡାଗିରି ହଠାତ୍ ଯେପରି ତେଜି ଉଠିଥିଲା; ହିନ୍ଦୁମାନଙ୍କୁ ପ୍ରକୃତ ପକ୍ଷରେ ସାହାଯ୍ୟ କରିବା ପାଇଁ କର୍ତ୍ତୃପକ୍ଷବୃନ୍ଦ ମନା କରିଦେଲେ କିନ୍ତୁ ସେମାନେ ଆସି ହସ୍ତକ୍ଷେପ କଲେ ଯେତେବେଳେ ହିନ୍ଦୁମାନେ ଘଟନାଟିକୁ ନିୟନ୍ତ୍ରଣ କରିବାକୁ ଗଲେ । ତେବେ ବି କିଛି ଦଙ୍ଗାକାରୀମାନଙ୍କ ପ୍ରତି ଗିରଫଦାରୀ ଓ ଦଣ୍ଡବିଧାନ ଏମିତି ଖାମଖିଆଲି ଓ ହାଲୁକା ଭାବରେ କରାଯାଇଥିଲା ଯେ କୌଣସି ଭୟ ଉଦ୍ରେକକାରୀ ପରିଣାମ ସୃଷ୍ଟି କରିବା କ୍ଷେତ୍ରରେ ତାହା ବିଫଳ ହୋଇ ପଡ଼ିଥିଲା ଯେତେବେଳେ ଅମଲାତନ୍ତ୍ର ତା'ର ସମସ୍ତ ଶକ୍ତି ଆଣି ଠୁଳ କରିଥିଲା ଦୋଷୀ ବୋଲି ଧରି ନିଆଯାଇଥିବା ହିନ୍ଦୁ ଅପରାଧୀଙ୍କୁ ଉତ୍ପୀଡ଼ିତ କରିବା ଦିଗରେ ।

ସେ ଯାହାହେଉ, କୋମିଲା ଘଟଣାର ପରିସମାପ୍ତି ଘଟିଥିଲା ଜାତୀୟତାର ବିଜୟରେ । ମୋଗ୍ରାହାଟଠାରେ ସେଇ ବିଜୟର ଯେପରି ପୁନରାବୃତ୍ତି ନ ଘଟେ ସେଥିପାଇଁ କିଛି ପ୍ରତିକାର ବିଧାନ କରାଯାଇଥିଲା । ପ୍ରତ୍ୟକ୍ଷ ରୂପେ ଜଣେ ମୁସଲମାନ ପୁଲିସ କର୍ମଚାରୀ ଦଙ୍ଗାହାଙ୍ଗାମାକାରୀମାନଙ୍କର ଅଧିନାୟକ ରୂପେ କାର୍ଯ୍ୟ କରିଥିବାର ମନେହେଉଛି; ମଣ୍ଡଳାଧୀଶ (Sub. Divisional Officer) ହିନ୍ଦୁମାନଙ୍କୁ ଆତ୍ମରକ୍ଷାର ପନ୍ଥାଗୁଡ଼ିକରୁ ବଞ୍ଚିତ କରି ରଖିବା ପାଇଁ ଚେଷ୍ଟା ଚଳେଇଥିଲେ । ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଗଠିତ ସୁରକ୍ଷା ସଂଗଠନକୁ ପ୍ରତିରୋଧ କରିବା ପାଇଁ ପ୍ରୟାସ ହୋଇଥିଲା । ହିନ୍ଦୁମାନଙ୍କ ପାଖକୁ ବାହାର ପଟୁ କୌଣସି ସାହାଯ୍ୟ ଯେପରି ନ ଆସେ ସେଥିପାଇଁ ଏକ ପୁଲିସ ବାହିନୀ ଷ୍ଟେସନକୁ ଅକ୍ତିଆର କରି ରଖିଥିଲେ, ଅନ୍ୟପକ୍ଷେ ମୁସଲମାନ ଗଣ୍ଡଗୋଳକାରୀମାନଙ୍କର ଅବୈଧ କାର୍ଯ୍ୟକଳାପ ପାଇଁ ପଥକୁ ସୁଗମ କରି ରଖା ଯାଇଥିଲା । ଶେଷରେ ଏ ସମସ୍ତ ବାଧା ଓ ପ୍ରତିବନ୍ଧକ ସତ୍ତ୍ୱେ ହିନ୍ଦୁମାନେ ଯେତେବେଳେ ପରିସ୍ଥିତିକୁ ନିଜ ଆୟତ୍ତାଧୀନ କଲେ ସେତେବେଳେ ଉଚ୍ଚକର୍ତ୍ତୃପକ୍ଷମାନେ ଘଟନାସ୍ଥଳରେ ଆସି ମୁହଁ ଦେଖେଇଲେ, ଗଣ୍ଡଗୋଳକୁ ପ୍ରଶମିତ କରାଗଲା ଆଉ ବର୍ତ୍ତମାନ ହିନ୍ଦୁମାନଙ୍କ ଉପରେ ଦମନଲୀଳା, ଗିରଫଦାରୀ ପୂରାମାତ୍ରାରେ ଚାଲିଛି । 'ବେଙ୍ଗଲି' ଆଉ 'ପତ୍ରିକା'ର ପତ୍ରକାରମାନଙ୍କ ଦ୍ୱାରା ପ୍ରଦତ୍ତ ବିବରଣୀର ଏହାହିଁ ସାରକଥା । କେହି ଅଦ୍ୟାବଧି ଏକଥାକୁ ଅସ୍ୱୀକାର କରି ନାହାନ୍ତି । ଯଦି ଏହାପରେ ନେତୃମଣ୍ଡଳୀ ପରିସ୍ଥିତିକୁ ହୃଦୟଙ୍ଗମ କରିବା ପାଇଁ ଅସମର୍ଥ ହୁଅନ୍ତି ତା'ହେଲେ ଯେତେଶୀଘ୍ର ପାରନ୍ତି ସେମାନେ ସେମାନଙ୍କ ନେତାଗିରିକୁ ପରିତ୍ୟାଗ କରି ନିଜ

ଆଧ୍ୟାତ୍ମିକ ମୋକ୍ଷ ପାଇଁ ଧ୍ୟାନ ଦେବେ, ଏହା ସେତେବେଳେ ସେମାନଙ୍କ ନିଜ ପାଇଁ ଓ ଦେଶ ପାଇଁ ଶ୍ରେୟସ୍କର ହେବ ।

ପୂର୍ବବଙ୍ଗଳାର ପରିସ୍ଥିତି ଯେକୌଣସି ବୁଦ୍ଧିମାନ୍ ନେତୃତ୍ୱପ୍ରତି ତିନିଗୋଟି ପ୍ରଶ୍ନ ରଖୁଛି । ଜାତୀୟତାର ସଂଗ୍ରାମକୁ ଶେଷ ପର୍ଯ୍ୟନ୍ତ ଲଢ଼ିବା ସକାଶେ କେବଳ କ'ଣ ପୂର୍ବବଙ୍ଗକୁ ଏକୁଟିଆ ଛାଡ଼ି ଦିଆଯିବ ଯେତେବେଳେ ଦେଶର ଅବଶିଷ୍ଟ ଭାଗ ନୀରବରେ ଜଳ ଜଳ ଚାହିଁ ରହିଥିବେ ? ଜାତୀୟତାର ସ୍ଥାନୀୟ ଓ ବିକ୍ଷିପ୍ତ ଶକ୍ତିଗୁଡ଼ିକୁ କ'ଣ ପ୍ରତିକ୍ରିୟାଶୀଳ ଗୋଷ୍ଠୀ ହାତରେ ଏମିତି ଉତ୍‌ପୀଡ଼ିତ ହେବାକୁ ଛାଡ଼ି ଦିଆଯିବ ନା ପରସ୍ପର ଭିତରେ ସୁରକ୍ଷାକୁ ସଂଘବଦ୍ଧ କରିବାକୁ ପଡ଼ିବ ? ଘଟନାଟିକୁ ହିନ୍ଦୁ-ମୁସଲମାନ ଝଗଡ଼ା ରୂପେ ଚିତ୍ରିତ କରିବା ପାଇଁ ପଦସ୍ଥ ସରକାରୀ କର୍ମଚାରୀଙ୍କର ନାନା ଅପଚେଷ୍ଟାକୁ ବିରୋଧ କରିବା ଉଦ୍ଦେଶ୍ୟରେ କି କି ପ୍ରତିକାର ବିଧାନ କରାଯିବ ? ଏଇ ପ୍ରଶ୍ନଗୁଡ଼ିକ ପ୍ରତି ନେତାମାନଙ୍କର କ'ଣ ଜବାବ ରହିଛି ? ବରହମ୍‌ପୁରରେ କେବଳ ଦୁଇଟି ମାତ୍ର ପ୍ରତିକାରର ବ୍ୟବସ୍ଥା କରାଯାଇଛି – ''ସହାନୁଭୂତି''ର ଏକ ଫମ୍ପା ଆଉ ଅଚଳ ପ୍ରସ୍ତାବ ଏବଂ କେଉଁ ଉଦ୍ଦେଶ୍ୟରେ ବ୍ୟବହୃତ ହେବ ବୋଲି ଆମକୁ ଜଣା ନଥିବା 'ପ୍ରତିରକ୍ଷା ପାଣ୍ଠି' ପାଇଁ ମହାଡ଼ମ୍ବର ପୂର୍ଣ୍ଣ ଆହ୍ୱାନ । ଏହା କୌଣସି ଟଙ୍କା ପଇସା ନୁହେଁ ଯାହାକୁ ପୂର୍ବବଙ୍ଗ ଚାହୁଁଛି, କିନ୍ତୁ ତା'ର ଲୋଡ଼ା ସକ୍ରିୟ ସହଯୋଗ, ମାର୍ଗ ଦର୍ଶନ ଆଉ ନେତୃତ୍ୱ । ନେତାମାନେ ନିଜେ ଏସବୁ ଯୋଗାଇ ଦେବାପାଇଁ ହୁଏତ ଅସମର୍ଥ କିଂବା ଅନିଚ୍ଛୁକ ବୋଲି ପ୍ରମାଣିତ କରିଦେଇଛନ୍ତି । ସେମାନେ ବୋଧେ କହିବେ ଯେ ଲର୍ଡ଼ ମିଣ୍ଟୋଙ୍କର ତଥା ସମ୍ମିଳନୀର ଅନୁକମ୍ପାକୁ ସେମାନେ ଗ୍ରହଣ କରି ନେଇଛନ୍ତି ଫଳରେ ଆଉ କିଛିର ଆବଶ୍ୟକତା ନାହିଁ ! ପୂର୍ବବଙ୍ଗରେ ସ୍ଥାନୀୟ ସରକାରୀ କର୍ମଚାରୀମାନେ ନିଜର ବିପୁଳ ଉତ୍ସାହ ବଳରେ ଅସାଧାରଣ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି କି ନାହିଁ ସେଥିରେ ସେମାନଙ୍କର ତିଳେ ହେଲେ କିଛି ଯାଏ ଆସେ ନାହିଁ । ଲର୍ଡ଼ ମିଣ୍ଟୋଙ୍କର ସହାନୁଭୂତି ଗଣ୍ଡଗୋଳର ପୁନରାବୃତ୍ତିକୁ ରୋକି ପାରିନି, ଆଉ ଆମକୁ ଭୟଭୀତ କରୁଥିବା ଏଭଳି ଘଟଣାର ଆହୁରି ପୁନରାବୃତ୍ତିକୁ ଏହା ଯେ ପ୍ରତିରୋଧ କରିବାକୁ ସମର୍ଥ ହେବ ସେ ବିଶ୍ୱାସ ଆମର ନାହିଁ । ସଫଳ କାର୍ଯ୍ୟକାରିତା ପାଇଁ ବରହମପୁର ସମ୍ମିଳନୀର ସହାନୁଭୂତି ସାଥିରେ ଏହା ଠିକ୍ ତାଳ ଦେଇଛି ବୋଲି ଯାହା ଜଣା ପଡ଼ୁଛି । ଜାତୀୟତାବାଦକୁ ବିଲୁପ୍ତ କରିବା ସକାଶେ ଆଗ୍ରହୀ ଇଂରେଜ ପ୍ରଶାସନଠାରୁ କୌଣସି ପ୍ରକାରର ସୁରକ୍ଷା ଲୋକେ ଆଶା କରିପାରିବେ ନାହିଁ । ମନେ ହେଉଛି ଜାତୀୟତାବାଦୀମାନେ ଆପଣା ନେତାଙ୍କଠାରୁ କୌଣସି ପ୍ରକାରର ସାହାଯ୍ୟ କିଂବା ନିର୍ଦ୍ଦେଶର ଆଶା ରଖିପାରିବେ ନାହିଁ । ନିଜର ନିଜସ୍ୱ ଦାସତ୍ୱରୁ ମୁକ୍ତିର ସନ୍ଧାନ ସେମାନେ ନିଜେହିଁ ନେବେ । ତା'ହେଲେ ସେଇୟାହିଁ ହେଉ । ଆମେମାନେ ଏଣିକି ନିଜେ ନିଜର ସୁରକ୍ଷା ପାଇଁ ପ୍ରବନ୍ଧ କରିବା; କାହାରି ନେତୃତ୍ୱ ବିନା, କାହାରି ସହଯୋଗ ନନେଇ ଦେଶର ସ୍ୱାର୍ଥ ପାଇଁ ଆଶା ଓ ଭବିଷ୍ୟତର ପଥକୁ ଆମେ ନିଜେହିଁ ଉନ୍ମୁକ୍ତ କରି ରଖିବା ।

(ବନ୍ଦେ ମାତରମ୍, ଏପ୍ରିଲ ୧୧, ୧୯୦୭)

## ଜନଶ୍ରୁତିର ଶାବକ

ମହାନ୍ ମିଃ. ମୋର୍ଲେ ବିଧାନ ପରିଷଦ (Legislative Council)ର କ୍ଷମତାକୁ ସଂପ୍ରସାରିତ କରିବା ପ୍ରସଙ୍ଗରେ ବଡ଼ଲାଟଙ୍କ ପାଖରୁ ତୁରନ୍ତ ଆସିଥିବା ସମ୍ବାଦଟିକୁ ପାଇସାରିଥିଲେ । ଡାକଟି ସୁଦୀର୍ଘ ଓ ଗୁରୁତ୍ୱପୂର୍ଣ୍ଣ ଏବଂ ଏଥିପାଇଁ ଦରକାର ତାଙ୍କର ପରିପକ୍ୱ ବିଚାରବୁଦ୍ଧି, ସେଥିପାଇଁ ପାର୍ଲାମେଣ୍ଟରେ ସେ ଏହାର ଆଲୋଚନା କରିପାରିବେ ନାହିଁ । ଏକାନ୍ତ ଗୋପନରେ ଏହାକୁ ପ୍ରସ୍ତୁତ କରାଯାଇଛି, ଏହାକୁ ପୂର୍ଣ୍ଣାଙ୍ଗ ରୂପରେଖ ଦିଆଯିବ, ତା'ପରେ ମିନର୍ଭା (Minerva)ର କର୍ମଚାରୀମାନେ ଦିନର ଆଲୋକରେ ଦେଖିବେ ଆଉ ଯୁଦ୍ଧର ସାଜ ପିନ୍ଧିବେ ଆପାଦ ମସ୍ତକ ବର୍ମାବୃତ କରି ରଖିବା ପାଇଁ । ଏକଥା ଏକ ନିଧାର୍ଯ୍ୟ ସତ୍ୟରୂପେ ପ୍ରକାଶ ପାଇବ । ହେ ନରମପନ୍ଥୀଗଣ, ତୁମେସବୁ ଆନନ୍ଦରେ ମାତିଉଠ । ଆହୁରି ଏକ ସହସ୍ରାବ୍ଦ ଯେ ତୁମର ଅତି ନିକଟରେ । ଉତ୍କଣ୍ଠିତ ପ୍ରତ୍ୟାଶାରେ ମିଃ: ଗୋଖଲେଙ୍କ ହୃଦୟ ଟିକିଏ କ୍ଷିପ୍ର ଗତିରେ ଧକ୍ ଧକ୍ ହେଉଥିବ । କ୍ଳାନ୍ତିଦାୟକ ଦରିଆପାରିର ଏ ଯାତ୍ରା, ଦିନ ତମାମ ବ୍ରିଟିଶ ଜନତା ନିକଟରେ ତାଙ୍କର ଆକୁଳ ନିବେଦନ, ରାତିସାରା ମିଃ: ମୋର୍ଲେଙ୍କ ସହିତ ତାଙ୍କର ଜ୍ଞାନଗର୍ଭକ କଥୋପକଥନ, ନିଶ୍ଚୟ କିଛି ସୁଫଳ ମିଳିବ । ପର୍ବତ ଯେ ଘାରି ହେଉଛି ପ୍ରସବ ଯନ୍ତ୍ରଣାରେ, ଜନ୍ମଦେବା ପାଇଁ ଜନଶ୍ରୁତିର ସେଇ ଶାବକଟିକୁ ।

(ବନ୍ଦେ ମାତରମ୍, ଏପ୍ରିଲ ୧୨, ୧୯୦୭)

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

# ଏକ ଅଭିନବ ମାନବ-ଗୋଷ୍ଠୀ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ନବସୃଷ୍ଟି ଆସନ୍ନ; ଏବେ ଜଗତଯାକ ଚାରିଆଡ଼େ ତାହାରି ପୂର୍ବାଭାସ, ଯେପରି ଏକ ତୀବ୍ର ବେଦନାର ଆଘାତରେ, ଆର୍ତ୍ତନାଦରେ ଜନନୀ ଧରିତ୍ରୀ ଅସ୍ଥିର, ସତେଅବା ସେ ପ୍ରସବ ବେଦନାରେ କାତର । ଏଇ ନୂଆସୃଷ୍ଟି ଆମର କପୋଳକଳ୍ପିତ କାହିଁ କେଉଁ ଦୂରସ୍ଥିତ ଆଦର୍ଶ ମାନବସମାଜ ନୁହେଁ କିଂବା ଏପରି ଏକ ଗୋଷ୍ଠୀର ଆଗମନର କଥା କହୁ ନାହିଁ ଯାହାର ଆଗମନ ଏବେ ବି କାର୍ଯ୍ୟକାରୀ ହୋଇ ନାହିଁ ଅର୍ଥାତ୍ ନବସୃଷ୍ଟିର ଭବିଷ୍ୟଦ୍‌ବାଣୀ ଆମେ କରିବାକୁ ଯାଉ ନାହୁଁ । ସେ ସୃଷ୍ଟି ସମ୍ଭବ ହୋଇସାରିଲାଣି ଏଇକ୍ଷଣି – ଓ ଏଇଠାରେ ।

ହୁଏତ ନୂଆ ମାନବ ଆମମାନଙ୍କ ଅଜ୍ଞାତସାରରେ ଆବିର୍ଭୂତ ହୋଇସାରିଛି ଓ ଇତିମଧ୍ୟରେ ଦିବ୍ୟସ୍ୱରୂପରେ ଆମ ଭିତରେ ଗଢ଼ି ଉଠୁଛି । ହୁଏତ ଆମର ନିକଟତମ ପ୍ରତିବେଶୀ ବା ଆମର ପ୍ରିୟ ଭାଇଟି ଭିତରେ ତାହାର ପ୍ରକାଶ ଘଟିବାକୁ ଯାଉଛି । ଏମିତିକି ମୋ ନିଜ ଭିତରେ ତାହାର ପ୍ରକାଶ ଘଟିଲାଣି । ଖାଲି ସେହି ଦିବ୍ୟମାନବତ୍ୱ ଉପରେ ପତଳା ଏକ ଢାଙ୍କୁଣୀ ଘୋଡ଼େଇ ହୋଇ ରହିଛି । ଧାଡ଼ିର ଠିକ୍ ପଛରେ ସେ ଠିଆ ହୋଇଛି ନିର୍ଦ୍ଦିଷ୍ଟ ଶୁଭକ୍ଷଣଟିକୁ ଅପେକ୍ଷା କରି, କେତେବେଳେ ସେ ସେଇ ଓଢ଼ଣାଟିକୁ ଫୋପାଡ଼ି ଦେଇ ଆସି ଧାଡ଼ିର ଆଗରେ ପୁରୋଭାଗରେ ଠିଆହୋଇ ପଡ଼ିବ । ଏପରି ଏକ ଯୁଗସନ୍ଧିକ୍ଷଣରେ ଆମେ ଆସି ପହଞ୍ଚିଛୁ ଠିକ୍ ଯେତେବେଳେ ପୁରୁଣା ପ୍ରତିଷ୍ଠାନସବୁ ଭାଙ୍ଗି ଧସି ପଡୁଛି ଓ ନୂଆ ଶକ୍ତିସବୁ ମୁଣ୍ଡଟେକି ଠିଆ ହେଉଛି । ପୁରୁଣା ଅଭ୍ୟାସ, ପୁରୁଣା ରୀତିନୀତିମାନ ଘୁଞ୍ଚି ଯାଉଛି ନବପ୍ରେରଣାର ଉନ୍ମେଷରେ । ଜୀବନର ସବୁ କ୍ଷେତ୍ରରେ, ସବୁ ସ୍ତରରେ ଜିନିଷପତ୍ର, ସାଜସରଞ୍ଜାମ ଆଦିକୁ ନୂଆ ଢଙ୍ଗରେ ସଜାଇବା ସକାଶେ, ପ୍ରତ୍ୟେକଟି ଜିନିଷର ନୂଆ ମୂଲ୍ୟାୟନ କରିବା ସକାଶେ ଗୋଟିଏ ଜରୁରୀ ତାଗିଦା ସତରେ ଯେମିତି ଆମ ଉପରେ ଆସି ପଡ଼ିଯାଇଛି । ଭୂତଳରୁ ନେଇ ଶିଖର ଯାଏଁ, ଅର୍ଥନୈତିକ ଓ ରାଜନୈତିକ ଜୀବନରୁ ଆରମ୍ଭ କରି ଶିଳ୍ପିକ ଓ ଆଧ୍ୟାତ୍ମିକ ଜୀବନ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ମନୁଷ୍ୟ ଏବେ ପ୍ରଚଣ୍ଡ ଧକ୍କା ଖାଉଛି, ଆନ୍ଦୋଳିତ ହେଉଛି, ଯେମିତି କିଛି ଗୋଟାଏ ଅଭିବ୍ୟକ୍ତ ହେବାକୁ ଯାଉଛି ଓ ସେଥିପାଇଁ ତାହା ଉପରୁ ଚାପ ପ୍ରୟୋଗ କରୁଛି । ସେ ଅନୁଭବ କରୁଛି ଓ ଏଇ କଥାଟିକୁ ସ୍ପଷ୍ଟକରି କହିବାକୁ ଭିତରୁ ଏକ ତାଡ଼ନା ବି ଅନୁଭବ କରୁଛି । ଦିବ୍ୟଶକ୍ତି ଅଲକ୍ଷିତ ଭାବରେ ସଞ୍ଚାରିତ ହେଉଛି, ଚିନ୍ମୟ ସତ୍ତା ଆମ ଭିତରେ ଗୁପ୍ତ ଭାବରେ ଠେଲା ଦେଉଛି – ସେ ଆଉ ଅନ୍ଧକାରରେ, ମୁଖାର ଆଢ଼ୁଆଳରେ ପଡ଼ିରହିବାକୁ ଚାହେଁ ନାହିଁ । ବାହାରକୁ, ଦିବାଲୋକକୁ ବାହାରି ଆସିବାକୁ ତା'ର ମନ । ସେ ଚାହେଁ ମଣିଷ ତା'ର ସମୁଦାୟ ଗୁଣ-ସମ୍ଭାରକୁ ଦେଖୁ, ବୁଝୁ ଓ ସମାଦର କରୁ ।

ସେଇ ଶକ୍ତି, ସେଇ ଚିନ୍ମୟ ସତ୍ତା, ମନୁଷ୍ୟର ଆବିର୍ଭାବ କାଳରୁ ସହସ୍ର ସହସ୍ର ବର୍ଷ ଧରି ବଢ଼ିଉଠିଛି, ଶକ୍ତି ସଂଗ୍ରହ କରିଛି । ଯେଉଁଦିନ ମଣିଷ ପ୍ରଥମ କରି ଏ ପୃଥିବୀରେ ଦେଖା ଦେଇଥିଲା, ତାହାରି ସଙ୍ଗେ ସଙ୍ଗେ ଉଚ୍ଚତର ମାନବ ବି ଜନ୍ମ ନେଇଥିଲା ତା' ଭିତରେ । ଚିନ୍ମୟ ପୁରୁଷ ସେତେବେଳେ ଆଉ ପଶୁ ଆବରଣରେ ରହିବାକୁ ରାଜି ହେଲେ ନାହିଁ, ମନୁଷ୍ୟରୂପ ଗ୍ରହଣ କଲେ – ସେଇ ଊର୍ଦ୍ଧ୍ୱାୟନର ସଙ୍ଗେ ସଙ୍ଗେ ମଣିଷ ଭିତରକୁ ସେ ନେଇ ଆସିଲେ ବିପୁଳତର ସ୍ୱାଧୀନତା ଓ ବିସ୍ତୃତତର ଗତିଛନ୍ଦ । ଆମ ଭିତରେ ଥିବା ଆନ୍ତର ତରଙ୍ଗର ଶିଖର ଦେଶ ଉପର ସ୍ତରରେ ଜାଗ୍ରତ୍ ହୋଇଛି ପ୍ରତି ଯୁଗରେ, ଦେଶଦେଶାନ୍ତରରେ – କବିମାନଙ୍କ ମଧ୍ୟରେ, ନ୍ୟାୟନୀତି ପ୍ରଣୟନକାରୀମାନଙ୍କଠାରେ, ଋଷିମାନଙ୍କ ଉପଲବ୍ଧିରେ, ନାନା ଅଭିଜ୍ଞତାରେ; ସତରେ ଯେମିତି ଯଜ୍ଞ-ଅଶ୍ୱର ଉନ୍ନତଶିର ଛୁଟିଚାଲିଛି ଦିବ୍ୟଉଷାର ଅଭିମୁଖରେ । ଏବେ ସେ ତା'ର ବନ୍ଦିଦଶାର କାଳ ଡେଇଁ ଗଲାଣି; ଏକଥା କୁହାଯାଇପାରେ ଯେ ତା'ର ପ୍ରସ୍ତୁତିପର୍ବ ଶେଷ ହୋଇଯାଇଛି । ଆତ୍ମା ତା'ର ନିଃସଙ୍ଗବୋଧର ପର୍ବକୁ ଡେଇଁ ଏବେ ପ୍ରକଟିତ ହେବାକୁ ଚାହୁଁଛି । ଏତେଦିନ ଧରି ଯାହା ଚାଲୁଥିଲା, ତାକୁ ଆବାହନ ଓ ସମ୍ମିଳନ କହିଲେ ଚଳିବ, ସେଇଟି ସାଧିତ ହେଉଥିଲା ଆତ୍ମାର ନିରବତା ଭିତରେ । ବର୍ତ୍ତମାନ ସମୟ ଆସିଛି, ସେ ନିରବତା ବାଙ୍ମୟ ହେବ । ଖୋଳପାଟି ଖସାଇଦେଇ ଆମ ଆନ୍ତରସତ୍ତା ପୂର୍ଣ୍ଣାଙ୍ଗ ଓ ପୂର୍ଣ୍ଣ ବିକଶିତ ହୋଇ ବାହାରକୁ ବାହାରି ଆସିବାର

ସମୟ ହୋଇଗଲାଣି । ଆତ୍ମଗୋପନକାରୀ ମହାରାଜା ବିଜୟିବୀରର ମହିମାରେ ଭୂଷିତ ହୋଇ ଫେରିଆସୁଛନ୍ତି ସ୍ୱ-ରାଜଧାନୀକୁ ଯେଉଁଠି ସେ ପୂର୍ଣ୍ଣ ରାଜକୀୟ ଅଧିକାର ଓ କ୍ଷମତାକୁ ଆପଣା ଆୟତ୍ତରେ ରଖିବେ ।

ବର୍ତ୍ତମାନ ମାନବୀୟ ପ୍ରଜାତି ପାଖରୁ ଉଦ୍ଭୂତ ହେବାକୁ ଯାଉଛି ଏକ ନୂତନ ମାନବ-ଗୋଷ୍ଠୀ । ଏଇ ଶ୍ରେଣୀର ସତ୍ତା ସର୍ବତ୍ର ରହିଛନ୍ତି ଓ ଏମାନେ ନିକଟ ଭବିଷ୍ୟତରେ ନିୟନ୍ତ୍ରଣ କରିବେ, ଶାସନ କରିବେ ଏହି ପୃଥ୍ୱୀଲୋକକୁ । ଏମାନେ ରହିବେ ଜାଗତିକ ବିବର୍ତ୍ତନର ଆସନ୍ନ କାଳଚକ୍ରର ଶୀର୍ଷରେ, ହେବେ ତା'ର ପୁରୋଧା; ଆଜି ପର୍ଯ୍ୟନ୍ତ ମଣିଷ ଯେଉଁ ପଦବୀରେ ଥିଲା ଅପସୃୟମାଣ ଯୁଗଚକ୍ରର ନିୟନ୍ତ୍ରଣକାରୀ ହୋଇ, ଠିକ୍ ସେହିପରି ଆଗାମୀ ଯୁଗରେ ଏମାନେ ରହିବେ । ତେବେ ପ୍ରଶ୍ନ ହେଉଛି – ଏ ନୂଆଗୋଷ୍ଠୀ କି ଧରଣର ମଣିଷ ? ଉତ୍ତରରେ କୁହାଯିବ – ମଣିଷ ଯାହା ନୁହେଁ, ସେ ତାହା – ଅର୍ଥାତ୍ ମଣିଷ ଯାହା ହୋଇପାରି ନାହିଁ ଓ ମଣିଷ ଯାହା ହୋଇଛି ବା ହୋଇ ପାରିଛି ସେ ହେବ ଏ ଦୁଇଟିର ସମନ୍ୱୟ – ଦୁଇଟିଯାକ ଗୁଣ ତା'ପାଖରେ ରହିବ । ସେ ମାନୁଷୀଧାରାରେ ଜନ୍ମ ହେବ ନାହିଁ ଅଥଚ ମନୁଷ୍ୟସୁଲଭ ମୌଳିକ ଆସ୍ପୃହା ଓ ଆକୁଳ ଆଗ୍ରହର ସୁସ୍ପଷ୍ଟ ଉପଲବ୍ଧି ତା'ର ରହିବ । ମାନୁଷୀ ଧାରାର ସହଜାତ ବନ୍ଧନ ଓ ଅକ୍ଷମତାକୁ ସେ ପାରି ହୋଇଯିବ, ଅଥଚ ସେଇସବୁ ଉପଲବ୍ଧି ରହିବ ଯାହା ତା'ର ଆତ୍ମାକୁ ଓ ଅନ୍ତରସ୍ଥ ଗଭୀରତମ ଅଂଶକୁ ବିକ୍ଷୁବ୍ଧ କରୁଛି, ଯନ୍ତ୍ରଣା ଦେଉଛି, ପୁଣି ତା'ଠି ସାନ୍ତ୍ୱନା ଓ ଆଶ୍ୱାସନାର ପ୍ରଲେପ ଦେଉଛି ଏବଂ ସେହିସବୁ ପାର୍ଥିବ ଜୀବନର ବିଚିତ୍ର ନାନା ଅଭିଜ୍ଞତା ଆଣି ଦେଉଛି; ସେସବୁକୁ ଗ୍ରହଣ କରି ମଧ୍ୟ ସେ ମହାନ୍ ହେବ ।

ନବ-ମାନବ ହେବ ପ୍ରଭୁ – କ୍ରୀତଦାସ ନୁହେଁ; ସେ ହେବ ପ୍ରଭୁ – ପ୍ରଥମତଃ ତା' ନିଜ ଉପରେ ଏବଂ ତା'ପରେ ସମଗ୍ର ଜଗତ୍ ଉପରେ । ଏବେ ମଣିଷର ଯେଉଁ ସ୍ଥିତି ରହିଛି, ତାକୁ କ୍ରୀତଦାସ ଛଡ଼ା ଆଉ କିଛି କୁହାଯାଇ ପାରିବ ନାହିଁ । ତା'ର ବ୍ୟକ୍ତିଗତ ବକ୍ତବ୍ୟ ବୋଲି କିଛି ନାହିଁ କି ପସନ୍ଦ-ଅପସନ୍ଦ ବୋଲି ବି କିଛି ନାହିଁ । ସିଦ୍ଧାନ୍ତ ଯେ ନିଅନ୍ତି ତା' ଭିତରେ ଅର୍ଥାତ୍ ଯେ ତା'ର ମାଲିକ ସେ ଈଶ୍ୱର, ଅନ୍ତରସ୍ଥ ଆତ୍ମା ତା' ଭିତରେ ସୁପ୍ତ, ନିଷ୍କ୍ରିୟ, ନିରବ । ସେ ପ୍ରକୃତିର ଓ ପରିବେଶର ହାତରେ ଥିବା ଖେଳଣା କଣ୍ଢେଇ ଭଳି ବ୍ୟବହାର କରୁଛି । ଏଥିଯୋଗୁଁ ଜଡ଼-ବିଜ୍ଞାନକୁ ସେ ତା'ର ମୁଖ୍ୟ 'ଧର୍ମଶାସ୍ତ୍ର' କରିଛି । କାରଣ ଜଡ଼ବିଜ୍ଞାନ ତାକୁ ଶିଖାଇବାକୁ ଚେଷ୍ଟା କରେ ପ୍ରକୃତିର କାର୍ଯ୍ୟ-ପ୍ରଣାଳୀ ଓ କିପରି ଭାବରେ ତାହାକୁ ମଣିଷ ଶାନ୍ତ ରଖିବ ଓ ସ୍ୱପକ୍ଷକୁ ଆଣିବ । ସାଧାରଣତଃ ଆଦର୍ଶ ମଣିଷ ବୋଲି ଲୋକେ ଯେଉଁ ମଣିଷର କଳ୍ପନା କରିଥା'ନ୍ତି ତା'ର ରୀତିନୀତି ଏକ ଚତୁର କ୍ରୀତଦାସ ଭଳି । ମାତ୍ର ଯେଉଁ ନୂଆ ମାନବ-ଗୋଷ୍ଠୀର କଥା ଆମେ ଏଠି କହୁଛୁ ସେ ତା'ର ସ୍ୱରୂପକୁ ଖୋଜି ପାଇଥିବ, ସେ ନିଜର ଆନ୍ତର ସଂକଳ୍ପ ଦ୍ୱାରା ସ୍ୱ-ଜଗତକୁ ଗଢ଼ି ତୋଳିବାକୁ ସମର୍ଥ ହୋଇଥିବ । ସେ ପ୍ରକୃତିର ଭୟରେ ପୀଡ଼ିତ ହେଉ ନ ଥିବ କିଂବା ଅନୁକ୍ଷଣ ଆଶଙ୍କା ଓ ଦ୍ୱିଧାର ରଜ୍ଜୁରେ ଟଣା ହେଉ ନ ଥିବ । ସେ ନୂଆମାନବ ନିଜକୁ ପ୍ରତିଷ୍ଠିତ କରିବ ନିଗୂଢ଼ ସୁସଙ୍ଗତି ଓ ମିଳନ ଉପରେ, ଯାହା ତାକୁ ଘୋଷିତ କରିବ ପ୍ରଭୁ ବୋଲି । ଆମେ ତାକୁ ଚିହ୍ନିବା ତା'ର ହାବଭାବରୁ ଓ ସୁଚାରୁ ଚାଲିଚଳନରୁ, ତା'ର ପ୍ରତ୍ୟେକ ଅଭିବ୍ୟକ୍ତିରେ ଫୁଟିଉଠୁଥିବା ରାଜୋଚିତ ସ୍ୱାଚ୍ଛନ୍ଦ୍ୟ ଓ ପ୍ରଭୁତ୍ୱରୁ ।

ଅଥଚ ଏଇ ସାର୍ବଭୌମ ଶକ୍ତି ଯେ କାହାକୁ ଆକ୍ରମଣ କରିବ ବା ବଳପ୍ରୟୋଗ କରିବ, ସେମିତି ଜମା ଆଶଙ୍କା ନାହିଁ – ସମ୍ଭାବନା ବି ରହିବ ନାହିଁ । ଯେଉଁ ଶକ୍ତି ସବୁବେଳେ ପ୍ରତିପକ୍ଷ ସୃଷ୍ଟି କରେ ଅର୍ଥାତ୍ ଯେଉଁ ଶକ୍ତି ସବୁବେଳେ କୌଣସି ନା କୌଣସି ପ୍ରତିଦ୍ୱନ୍ଦ୍ୱୀ ଖୋଜି ଯୁଦ୍ଧ କରେ – ଏସବୁ ରହିଲେ ଯାଇ ତା'ର ଅସ୍ତିତ୍ୱ ଅଛି ବୋଲି ଅନୁଭବ କରେ, ଯେଉଁ ଶକ୍ତି ଜୋର୍ କରି, ନିଜର କବଳରେ ରଖି ବା ନିଜର ବଶବର୍ତ୍ତୀ କରି ଜୟଲାଭ କରିବାକୁ ଚାହେଁ, ଆମର ଏଇ ମାନବଗୋଷ୍ଠୀ ସେପରି ହେବ ନାହିଁ, ତା'ର ଶକ୍ତିମତ୍ତା ସେ ପର୍ଯ୍ୟାୟର ନୁହେଁ । ସେମିତି ଯେଉଁ ନାଟକୀୟ 'କ୍ଷମତାର ଅଭିଳାଷ' (will to power), ଯାହାର ଚରମ ପ୍ରକାଶ ପ୍ରଚଣ୍ଡ ନିତ୍‌ସେଙ୍କ ଆସୁରିକ ଶକ୍ତିରେ, ଦିବ୍ୟମାନବର ଶକ୍ତି ସେଭଳି ନୁହେଁ । ପକ୍ଷାନ୍ତରରେ ତାହା ଦିବ୍ୟଶକ୍ତିମତ୍ତା – ସେଥିରେ ବଳ ପ୍ରୟୋଗ ଦ୍ୱାରା ବିଜୟ ହାସଲ ହୁଏ ନାହିଁ, ସେ ଯେଉଁ ବିଜୟ-ପ୍ରାପ୍ତି ତାହା ଅହଂପ୍ରସୂତ ନୁହେଁ । କାରଣ ଅହଂ ସ୍ୱଭାବତଃ ବାହ୍ୟ ପ୍ରତିପକ୍ଷରୁହିଁ ଆପଣାର ସତ୍ତାକୁ ଅନୁଭବ କରିବାର, ଜାହିର କରିବାର ପ୍ରୟୋଜନ ବୋଧ କରେ । ଦିବ୍ୟମାନବର ଶକ୍ତିମତ୍ତା ଆସିବ ମାନବର ଉଚ୍ଚତର ଆତ୍ମାରୁ ଯାହାକୁ ମାନବର ବିଶ୍ୱଗତ ଆତ୍ମା କହିଲେ ଠିକ୍ ହେବ । କାରଣ ସେ ଆତ୍ମା ଅପରସବୁ ବ୍ୟକ୍ତି ଆତ୍ମା ସହିତ ଏକୀଭୂତ । ଅସୁର ସ୍ୱୀୟ ଆକ୍ରମଣାତ୍ମକ ପ୍ରଚଣ୍ଡତା ସତ୍ତ୍ୱେ ଶାନ୍ତ ସ୍ୱଚ୍ଛନ୍ଦ ସ୍ୱୟଂସମ୍ପୂର୍ଣ୍ଣ ସାର୍ବଭୌମ ଶକ୍ତି ଯେ ହରାଇବସେ ତାହାର କାରଣ ଏଇଠାରେ ।

ଦୈବୀଶକ୍ତି କେବେହେଲେ ବି ନିଜକୁ ଜାହିର କରେ ନାହିଁ । ଖାଲି କାର୍ଯ୍ୟ ସମ୍ପାଦନ କରିଯାଏ ନିରବରେ; କୌଣସି ପ୍ରକାର ଜାଗତିକ ଶକ୍ତି ତାହା ବିରୋଧରେ ପ୍ରତିପକ୍ଷ ହୋଇ ଠିଆ ହୋଇପାରେ ନାହିଁ ସେହି କାରଣରୁ । ଜାଗତିକ ଶକ୍ତି କେବଳ ସେଇ ଉର୍ଦ୍ଧ୍ୱଶକ୍ତିର ଯନ୍ତ୍ର ହୋଇ କାମ କରିପାରେ । ନବୀନ ମାନବ-ଗୋଷ୍ଠୀ ତା'ର ସାର୍ବଭୌମତ୍ୱ ଦୃଢ଼ତାର ସହ ପ୍ରତିଷ୍ଠିତ କରିବ ଅନନ୍ତ ଭଗବାନଙ୍କ ସଙ୍ଗେ ଓ ବିଶ୍ୱଶକ୍ତିମାନଙ୍କ ସହ ସହଯୋଗିତା କରି । ସେ 'ସ୍ୱରାଟ୍' ହୋଇ 'ସମ୍ରାଟ୍' ହେବ – ସେ ନିଜର ପ୍ରଭୁ ହୋଇ ତା'ପରେ ଜଗତର ପ୍ରଭୁ ହେବ, ଏଥିରେ ସନ୍ଦେହ ନାହିଁ ।

ଏଇ ପ୍ରଭୁତ୍ୱ ଯେ ଖାଲି ସଂକଳ୍ପ ଭିତରେ କାମ କରିବ ତାହା ନୁହେଁ, ଏହା ମନକୁ, ହୃଦୟକୁ ସଂକ୍ରମିତ ହୋଇ ସେଠାରେ ନିଜକୁ ପ୍ରସାରିତ କରିବ । କାରଣ ଏଇ ନବମାନବ ଅହଂର ପ୍ରଭାବରୁ ମୁକ୍ତ ହୋଇଥିବ ଓ ସେଥିଯୋଗୁଁ ସେ ସୀମିତ ବୁଦ୍ଧି ସାହାଯ୍ୟରେ ବା ବିଚାର-ଯୁକ୍ତି ସାହାଯ୍ୟରେ ଜାଣିବ ନାହିଁ । ବିଚାର-ବିତର୍କ ଦ୍ୱାରା ଜାଣିବାକୁ ପରୋକ୍ଷ ଜ୍ଞାନ କୁହାଯାଏ । ସେ ମଣିଷ ଜ୍ଞାନଲାଭ କରିବ ପ୍ରତ୍ୟକ୍ଷ ଦର୍ଶନ ଦ୍ୱାରା, ଆନ୍ତର ସଂଯୋଗ, ଅପରୋକ୍ଷ ଆତ୍ମିକ ପ୍ରକାଶର ମାଧ୍ୟମରେ । ଏଇ ଅଭିନବ ଜ୍ଞାନ ହେବ ସୀମାହୀନ ନିଗୂଢ଼ ସୃଷ୍ଟିକ୍ଷମ । ଏହା ପ୍ରତିଷ୍ଠିତ ହେବ ସକଳବସ୍ତୁର ବାସ୍ତବ ସତ୍ୟ ଉପରେ ସେସବୁର ଭ୍ରାନ୍ତ ଅଳୀକ ଛାୟା ଉପରେ ପ୍ରତିଷ୍ଠିତ ନ ହୋଇ । ସେ ଜାତୀୟ ମାନବର ଯାବତୀୟ ଅଭିଜ୍ଞତା ଓ ଉକ୍ତିରେ ସତ୍ୟ ଦେଦୀପ୍ୟମାନ ହେବ, ଯେମିତି ବେଦ କହୁଛି – ''ଆମର ବାକ୍ୟରେ, ମନରେ ଓ ଶ୍ରବଣରେ ସତ୍ୟର ଆସନ ପ୍ରତିଷ୍ଠିତ ହେଉ'' । ସେଠି ମନ ଓ ବୁଦ୍ଧି ସକ୍ରିୟ ନୁହେଁ, ଏମିତିକି ଗଠନକାରୀ ବା ପରିଚାଳକ ନୁହେଁ । ସେଗୁଡ଼ିକ ଆଲୋକଦୀପ୍ତ ମାଧ୍ୟମ ବା ପୟଃ ପ୍ରଣାଳୀ ପରି କାମ କରିବେ ଅର୍ଥାତ୍ ସେଥିରେ ଆତ୍ମଦୀପ୍ତ ଜ୍ଞାନର ପ୍ରବାହ ପ୍ରବାହିତ ହେବ ଏବଂ ଆମର ଏଇ ହୃଦୟ, ଏବେ ଯେମିତି ରହିଛି ସେଇଟି ଆବେଗମତ୍ତା ଓ ଅହଂକାରର ଏକ କ୍ଷେତ୍ର ଛଡ଼ା ଅଧିକ କିଛି ନୁହେଁ; ସେତେବେଳେ ସେ ହୃଦୟର ଯାବତୀୟ କୋଳାହଳ ଶାନ୍ତ ହୋଇଯିବ ଓ ତାହା ନାନାପ୍ରକାର କୁଜ୍ଝଟିକାର ଅନ୍ଧକାରରୁ ମୁକ୍ତ ହେବ । ସେଇ ନିର୍ମେଘ ହୃଦୟ ଆକାଶରେ ଶୁଦ୍ଧ ସପ୍ରେମ ଉଷ୍ଣତା, ଶାନ୍ତ ନମନୀୟ ପ୍ରଭା ଦେଖାଦେବ । ଗ୍ରନ୍ଥି ଛିନ୍ନ ହେବ – ଭିଦ୍ୟତେ ହୃଦୟଗ୍ରନ୍ଥି, ଆଉ ତେଣିକି ମହାଜଳଧିର ଅନ୍ତହୀନ ପ୍ରବଳ ସ୍ରୋତଧାରା ବହିଯିବ ଆଗକୁ । ଆମେ ଖାଲି ସେମାନଙ୍କୁ ସ୍ନେହ-ଚକ୍ଷୁରେ ଦେଖିବୁ ନାହିଁ ଯାହାଙ୍କ ସହ ଆମର ଘନିଷ୍ଠ ପରିଚୟ ରହିଛି, ପ୍ରତ୍ୟେକ ମନୁଷ୍ୟକୁ ଆମେ ପ୍ରୀତିରେ ବାନ୍ଧିବୁ, ଯେହେତୁ ସେମାନେ ଭଗବାନଙ୍କ ସୃଷ୍ଟି । ଆମେ ଆଉ ଭଲପାଇବୁ ନାହିଁ ମାନବ-ସୁଲଭ ଆକୁଳ ଆକାଙ୍କ୍ଷା ଓ ବୁଭୁକ୍ଷା ନେଇ; ବରଂ ଆତ୍ମା ଆତ୍ମାରେ ନିହିତ ରହିଛି ଯେଉଁ ଦିବ୍ୟ ଏକାତ୍ମତା, ତାହାରିଠାରୁ ଉଦ୍ଭୂତ ଅପାର ରସରେ ଜର୍ଜରିତ ହୋଇ ପ୍ରେମକୁ ସଞ୍ଚାରିତ କରିବୁ ।

ଏବଂ ବିଶେଷକରି ଏଇ ମାନବସମାଜର ଭିତ୍ତି ଗଢ଼ା ହେବ ପରସ୍ପର ପ୍ରତି ସହଯୋଗିତାକୁ କେନ୍ଦ୍ର କରି; ପ୍ରତିଦ୍ୱନ୍ଦ୍ୱିତା ଉପରେ ଏହା ଠିଆ ହେବ ନାହିଁ । ଏହି ସମାଜରେ ନଗ୍ନ ସଙ୍ଘର୍ଷ ବା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବ୍ୟଷ୍ଟିସ୍ୱାର୍ଥର ସୁବିଧା ସକାଶେ ଚାଲୁଥିବା ପ୍ରଚଳିତ ଆପୋସ-ମୀମାଂସା ରହିବ ନାହିଁ । ସମଷ୍ଟିଗତ ଆତ୍ମାର ସଂଗଠିତ ପ୍ରକାଶହିଁ ହେବ ସେ ମାନବସମାଜର ମୂଳକଥା । ପ୍ରତ୍ୟେକ ବ୍ୟଷ୍ଟିଆତ୍ମାର ଭିତରେ କାମ କରି ସେମାନଙ୍କର ସ୍ୱ ସ୍ୱ ଦେବତ୍ୱକୁ ଅଭିବ୍ୟକ୍ତ କରି କରି ସେହି ଦିବ୍ୟ-ମାନବଗଣ ଆଗେଇ ଚାଲିବେ ଶ୍ରେଷ୍ଠତମ ଓ ବିଶାଳତମ ସ୍ୱାଧୀନତା ଲାଭ କରିବା ଦିଗରେ । ଏଇ ନୂଆ ଗୋଷ୍ଠୀ ଏଭଳି ଏକ ସଂଗଠନ ହେବ ଯାହା ସର୍ବାପେକ୍ଷା ମାର୍ଜିତ, ସୂକ୍ଷ୍ମ ତଥା ନମନୀୟ । ଏଥିରେ ଜଣେ ଅନ୍ୟଜଣକ ଉପରେ ନିର୍ଭର କରି ବସବାସ କରିବ ନାହିଁ, ବରଂ ଜଣେ ଅପର ଜଣକ ଭିତରେ ଜୀବନ ଧାରଣ କରିବ । ମୋଟାମୋଟି କହିବାକୁ ହେବ ସେହି ଗୋଷ୍ଠୀ-ସଂଗଠନ ଏକ ବିଶ୍ୱଦେବସଂଘ, ଯେଉଁଠି ପ୍ରତ୍ୟେକ ବ୍ୟକ୍ତି ହେବ ସକଳ ବ୍ୟକ୍ତିର ପ୍ରତିନିଧି ଏବଂ ସମୂହ କହିଲେ ବୁଝାଇବ ଜଣ ଜଣ କରି ପ୍ରତ୍ୟେକଙ୍କର ଅଭିବ୍ୟକ୍ତି ।

ଦେବତାମାନଙ୍କ ବିଷୟରେ ଆମର ଯେଉଁ ଧାରଣା ରହିଛି, ବେଶୀଭାଗ ସେହି ଧାରାରେ ବା ଛାଞ୍ଚରେ ଗଢ଼ି ଉଠିଥିବେ ସେଇ ମାନବଗଣ । ଦେବତା ଓ ମନୁଷ୍ୟମାନଙ୍କ ମଧ୍ୟରେ ଯେଉଁଭଳି ଯୋଗସୂତ୍ର ଥିଲା, ତାହା ହଜିଯାଇଛି ବୋଲି ଆମେ ଜାଣୁ । ପୁଣି ଥରେ ସେଇ ଯୋଗାଯୋଗ ସ୍ଥାପିତ ହେବ, ଅର୍ଥାତ୍ ନୂଆ ମାନବସମାଜ ହେବ ମୂର୍ତ୍ତ ଶରୀରଧାରୀ ଦେବ-ଜାତି, ମନୁଷ୍ୟ ଯେଉଁଥି ପାଇଁ ସବୁବେଳେ ଦେବତା ହେବାକୁ ଅଭୀପ୍ସା କରି ଆସିଛି, ତାହା ପୂରଣ ହେବ । ମନୁଷ୍ୟର ପ୍ରଥମ ବାସନା ଆଦି ସ୍ୱପ୍ନ ସଫଳ ହେବ; ସେ ଅମରତା (ଅମୃତତ୍ୱଂ) ଲାଭ କରିବ । ନଶ୍ୱରତାହିଁ ତାକୁ ବିଦୀର୍ଣ୍ଣ କରୁଛି, ବିଚ୍ଛିନ୍ନ କରୁଛି,

ତାକୁ ସୀମାର ବନ୍ଧନରେ ବାନ୍ଧି ରଖୁଛି, ତାକୁ ଗୋଟିଏ ହତଭାଗ୍ୟ ଜୀବ କରି ରଖିଛି ଆଜିଯାଏଁ । ଏଥିପାଇଁ ଦାୟୀ ତା'ର ଅଜ୍ଞତା, ଦୁର୍ବଳତା ଓ ଅହଂକାର – ଦାୟୀ ତା'ର ଆତ୍ମା ସ୍ୱୟଂ । ଏଇ ଆତ୍ମାରହିଁ ରୂପାନ୍ତର ପ୍ରୟୋଜନ, ପ୍ରୟୋଜନ ନବ-ସର୍ଜନାର – ଯିଶୁଖ୍ରୀଷ୍ଟ ଯେପରି ଚାହୁଁଥିଲେ । ଆମମାନଙ୍କର ଏଇ ଯେଉଁ କ୍ଷୁଦ୍ର ଆତ୍ମା, ତାହା ଆପଣାକୁ ବିଚ୍ଛିନ୍ନ କରିଛି ତା'ର ଦିବ୍ୟ ସ୍ୱରୂପରୁ, ଅର୍ଥାତ୍ ସେ ସ୍ୱରୂପତଃ ଯାହା, ସେଇ ବିଶାଳତର ଓ ପ୍ରବଳତର ଶକ୍ତି-ସମ୍ପନ୍ନ ଆତ୍ମାଠାରୁ ସେ ବିଚ୍ଛିନ୍ନ ହୋଇଛି । ଏବଂ ସେଇ କାରଣରୁ ସେ ପ୍ରତିମୁହୂର୍ତ୍ତରେ ମରୁଛି, ବଞ୍ଚି ରହି ମଧ୍ୟ ବଞ୍ଚିବାକୁ ଭୟ କରୁଛି, ଜୀବନ କଟାଉଛି ଦୀନହୀନ ଭାବରେ । କିନ୍ତୁ, ଏବେ ସେଇ ଯୁଗ ଆସିଛି ଯେତେବେଳେ ସେଇ ଦେବୋପମ ଆତ୍ମା ତା'ର ଅମୃତତ୍ୱର ରାଜପଦରେ ଭୂଷିତ ହୋଇ ଅଭ୍ୟୁଦିତ ହେବା ସକାଶେ ଆମର ଅଭିବାଦନ ପାଇବାକୁ ଅପେକ୍ଷା କରୁଛି ।

ନବ-ସୃଷ୍ଟିର ଶ୍ୱାସ-ପ୍ରଶ୍ୱାସ, ଉଚ୍ଛ୍ୱାସ-ଆଲୋଡ଼ନ ଭୁଲ୍ ହେବା କଥା ନୁହେଁ । ଆଜି ଆମେ ଯେଉଁ ପ୍ରଶ୍ନର ସାମନାସାମନି ହୋଇ ଠିଆ ହୋଇଛେ, ତାହା ନୂଆ ମାନବ-ସମାଜ କେବେ ଆସିବ, ସତରେ ଆସିବ କି ନାହିଁ, ସେ ଗୋଷ୍ଠୀର ଆବିର୍ଭାବ ସମ୍ଭବ କି ନାହିଁ – ଇତ୍ୟାଦି ସଂକ୍ରାନ୍ତରେ ନୁହେଁ, ଆମମାନଙ୍କ ମଧ୍ୟରୁ କିଏ କିଏ ବା କେଉଁମାନେ ଏହାର ଧାରକ ଓ ବାହକ ହେବାକୁ ସମ୍ମତ ହୋଇଛନ୍ତି, କେଉଁମାନେ ଏହି ନବ-ଗୋଷ୍ଠୀର ପ୍ରମୂର୍ତ୍ତ ବିଗ୍ରହ ହେବାକୁ ଚାହାନ୍ତି, ଆମକୁ ଏବେ ଏଇ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ ।

ଅନୁବାଦ : କୃଷ୍ଣାଦେବୀ

It is in work that one finds balance and joy.

– THE MOTHER

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

ବେଦରହସ୍ୟ - (ଦ୍ୱିତୀୟଭାଗ) : ନିର୍ବାଚିତ ସୂକ୍ତାବଳୀ – ୫

# ସୂର୍ଯ୍ୟ ସବିତା – ସ୍ରଷ୍ଟା ଓ ପୋଷକ

## (ଋଗ୍‌ବେଦ : ମଣ୍ଡଳ - ୫, ସୂକ୍ତ : ୮୧)

## ଶ୍ରୀଅରବିନ୍ଦ

### ଶ୍ରୀଅରବିନ୍ଦଙ୍କ ଭାଷ୍ୟ (୨) :

''ସୂର୍ଯ୍ୟ'' ଆମ ମନ ଓ ଚିନ୍ତାକୁ ''ସତ୍ୟ''ର ଆଲୋକରେ ପ୍ରଦୀପିତ କରନ୍ତି । ସେ ହେଉଛନ୍ତି 'ବିପ୍ର', ଜ୍ୟୋତିର୍ମୟ । ଇଏ ସେହି ଦେବତା ଅଟନ୍ତି ଯିଏ ବ୍ୟକ୍ତିଗତ ମନକୁ ତା' ନିଜର ତଥା ପରିବେଶର ପରିସ୍ଥିତିଗ୍ରସ୍ତ ଚେତନା ମଧ୍ୟରୁ ବ୍ୟକ୍ତିନିଷ୍ଠ ମାନବୀୟ ମନକୁ ମୁକ୍ତି ପ୍ରଦାନ କରିଥା'ନ୍ତି ଏବଂ ସେହିସବୁ ସୀମିତ ଗତିବୃତ୍ତିକୁ ବିସ୍ତାରିତ କରି ଦେଇଥା'ନ୍ତି ଯାହା ନିଜ ବ୍ୟକ୍ତିତ୍ୱଟି ସହିତ ଗ୍ରସ୍ତ ରହିବା ଦ୍ୱାରା ଏହା ଉପରେ ଆସି ଲଦା ହୋଇଥାଏ । ତେଣୁ ସେ 'ବୃହତ୍' – 'ପ୍ରଶସ୍ତ' । କିନ୍ତୁ ତାଙ୍କର ପ୍ରକାଶଗୁଡ଼ିକ ଅସ୍ୱଚ୍ଛ ଆଲୋକ ନୁହେଁ, ତଥା ଏହା ମଧ୍ୟ ନୁହେଁ ଯେ ତାଙ୍କର ସେହି ବିଶାଳତା ବ୍ୟକ୍ତି ଓ ବସ୍ତୁ ପ୍ରତି ସଂଶୟିତ ଓ ବିଘଟିତ ଦୃଷ୍ଟିକୋଣରୁ ଆସିଥାଏ । ବସ୍ତୁଗୁଡ଼ିକୁ ତା'ର ସମଗ୍ରତା ସହିତ, ସେଗୁଡ଼ିକର ଅଙ୍ଗ ତଥା ସେଗୁଡ଼ିକର ସମ୍ପର୍କ ସହିତ ତାହା ନିଜ ମଧ୍ୟରେ ଏକ ସ୍ୱଚ୍ଛ ପ୍ରତିବୋଧକୁ ଧାରଣ କରୁଥାଏ । ସେହି କାରଣରୁ ସେ 'ବିପଶ୍ଚିତ୍', ଅର୍ଥାତ୍ ସେ ନିଜ ଅବବୋଧରେ ସ୍ୱଚ୍ଛ । ଏହି ସୌର-ପ୍ରକାଶର କିଛି ମାତ୍ର ଅଂଶକୁ ପ୍ରାପ୍ତ କରିବା ସଙ୍ଗେ ସଙ୍ଗେ ତା' ନିଜ ମଧ୍ୟରେ ଅବସ୍ଥିତ ଦିବ୍ୟ-ସୂର୍ଯ୍ୟଙ୍କର ସଚେତନ ସ୍ଥିତି ସହିତ ନିଜ ସମଗ୍ର ମନୋଭାବ ତଥା ଏହାର ଚିତ୍ତବୃତ୍ତିର ସମ୍ବନ୍ଧକୁ ସଂଯୋଜିତ କରିଦେବାକୁ ସେ ପ୍ରୟାସ କରିଥାଏ । କହିବାର ଏହି ଅଭିପ୍ରାୟ ଯେ, ସୂକ୍ତର ତଥ୍ୟ ଅନୁଯାୟୀ, ସେମାନେ ନିଜର ଯାବତୀୟ ଧୂମାଚ୍ଛନ୍ନ ମାନସିକ ଅବସ୍ଥା ଏବଂ ସେମାନଙ୍କର ସକଳ ଭ୍ରାନ୍ତ ବିଚାରକୁ ନିଜ ମଧ୍ୟରେ ଅଭିବ୍ୟକ୍ତ ଏହି ଆଲୋକ ସହିତ ନିୟୋଜିତ କରି ଦିଅନ୍ତି ଯାହା ଫଳରେ ମାନସିକ ଅସ୍ୱଚ୍ଛତା ସ୍ୱଚ୍ଛ ହୋଇଯିବ ଏବଂ ବିଚାରର ଭ୍ରାନ୍ତିଗୁଡ଼ିକ ସେହି ସତ୍ୟରୂପେ ବଦଳିଯିବ ଯାହାକୁ ସେଗୁଡ଼ିକ ବିକୃତରୂପେ ଉପସ୍ଥାପନ କରୁଛନ୍ତି । ସୂକ୍ତରେ କଥିତ ''ୟୁଞ୍ଜତେ'', 'ଯୋଡ଼ିଯିବା' ବନିଯାଏ 'ଯୋଗ' । ଯିଏ ଜ୍ଞାନଦୀପ୍ତ (ବିପଶ୍ଚିତ୍), ଯିଏ ବୃହତ୍, ଯିଏ ସ୍ୱଚ୍ଛ ଜ୍ଞାତା (ବିପ୍ର) ସେହି ସବିତାଙ୍କ ସହିତ ''ସେମାନେ ନିଜ ମନକୁ ସଂଯୋଜିତ କରନ୍ତି, ସେମାନେ ନିଜ ବିଚାରକୁ ସଂଯୋଜିତ କରନ୍ତି (ଅର୍ଥାତ୍, ଯାହା ଦ୍ୱାରା ସେମାନେ ତାଙ୍କର ଏକ ଅଙ୍ଗ ହୋଇଯିବେ ଅଥବା ତାଙ୍କ ସହ ସମ୍ବନ୍ଧିତ ହୋଇଯିବେ ।''

ତା'ପରେ ଏହି ସତ୍ୟାଧିପତି ନିଜ ପ୍ରତି ଆହୂତ ସମସ୍ତ ମାନବୀୟ ଶକ୍ତିକୁ 'ସତ୍ୟ'ର ଧର୍ମରେ ସୁବ୍ୟବସ୍ଥିତ କରନ୍ତି; କାରଣ ସେ ମାନବ ମଧ୍ୟରେ ଏକମାତ୍ର ସର୍ବାଧିକାରସମ୍ପନ୍ନ ଦିବ୍ୟଶକ୍ତିରେ ପରିଣତ ହୁଅନ୍ତି ଯିଏ ସକଳ ଜ୍ଞାନ ଓ କର୍ମ ଉପରେ ରାଜତ୍ୱ କରୁଛନ୍ତି । ବିରୋଧୀ ତତ୍ତ୍ୱଗୁଡ଼ିକ ଦ୍ୱାରା କୌଣସି ପ୍ରକାରେ ପ୍ରତିହତ ନ ହୋଇ ସେ ନିଜ ରାଜତ୍ୱକୁ ପୂର୍ଣ୍ଣରୂପେ ସଂଚାଳିତ କରନ୍ତି; କାରଣ ସେ ସମଗ୍ର ବ୍ୟକ୍ତଜଗତକୁ ଜାଣନ୍ତି, ସେସବୁର କାରଣତତ୍ତ୍ୱକୁ ଜାଣନ୍ତି, ସେଗୁଡ଼ିକର ବିଧାନ ଓ ବିଧିକୁ ସେ ବହନ କରନ୍ତି, ସେଗୁଡ଼ିକର ଉଚିତ ପରିଣାମଗୁଡ଼ିକୁ ଆସିବାକୁ ସେ ବାଧ୍ୟ କରନ୍ତି । ମାନବ ମଧ୍ୟରେ ସପ୍ତ 'ହୋତ୍ର' (ଯଜ୍ଞୀୟ ଶକ୍ତି) ରହିଛି, ତା'ର ଆଧ୍ୟାତ୍ମିକ ଜୀବନରେ ଏହି ସପ୍ତ ହୋତ୍ରର ପ୍ରତ୍ୟେକ ଅଂଶ ଅନ୍ୟଟି ସହିତ ସଂଯୁକ୍ତ – ଦେହ (ଜଡ଼), ଜୀବନ (ପ୍ରାଣ), ମନ, ବିଜ୍ଞାନ, ଆନନ୍ଦ, ଇଚ୍ଛା ଏବଂ ଶେଷରେ ମୂଳସତ୍ତା । ମନୋଜଗତରେ ଜ୍ଞାନର ଅସ୍ୱଚ୍ଛତା ଥିଲେ ଏବଂ ତାହାକୁ ବଜାୟ ରଖିଲେ ଏହି ସଂଯୋଗରେ ଅନିୟମିତ କ୍ରିୟା ହୁଏ ଏବଂ ସମ୍ବନ୍ଧରେ ଦୋଷ ଦେଖା ଦିଏ, ଏହାହିଁ ମାନବର ସମସ୍ତ ସ୍ଖଳନ ତଥା ଦୁଃଖର କାରଣ, ସମସ୍ତ ଅମଙ୍ଗଳ କର୍ମ ତଥା ଅମଙ୍ଗଳ ଅବସ୍ଥାର କାରଣ । ସତ୍ୟର ଅଧିପତି 'ସୂର୍ଯ୍ୟ' ଯଜ୍ଞସ୍ଥଳରେ ସେହି ସପ୍ତହୋତ୍ରର ପ୍ରତ୍ୟେକକୁ ଠିକ୍ ସ୍ଥାନରେ ଆଣି ରଖନ୍ତି । ''କାର୍ଯ୍ୟ-କାରଣମୟ ଜଗତର ବେତ୍ତା ସେ ଯଜ୍ଞୀୟ ଶକ୍ତିଗଣଙ୍କୁ ସୁସଂସ୍ଥାପିତ କରନ୍ତି ।'' **(ବି ହୋତ୍ରା ଦଧେ ବୟୁନବିତ୍ ଏକମ୍)**

ମନୁଷ୍ୟ ଏହିଭାବେ ଏହି ଦିବ୍ୟସ୍ରଷ୍ଟାଙ୍କର ବିଶାଳ ତଥା ସର୍ବବ୍ୟାପକ ସ୍ତୁତିରେ ଯାଇ ଉପନୀତ ହୁଏ ଯାହା ତା' ନିଜ ମଧ୍ୟରେ ଅବସ୍ଥିତ । ଏହି ଋଚାରେ ଥିବା ସୂଚନା ଏହି ପ୍ରକାର, ଏବଂ ଏହାର ପର ଋଚାରେ ଅଧିକ ସ୍ୱଚ୍ଛ ସୂଚନା ରହିଛି ଯେ

ଏହାର ପରିଣାମରେ ଆସେ ମାନବର ସମଗ୍ର ସତ୍ତାର ଏହି ଜଗତର ଏକ ଯଥାଯଥ ତଥା ଶୁଭ ସଂରଚନା – କାରଣ, ଏହି ସମଗ୍ର ଇହଜୀବନ ହେଉଛି ନିରନ୍ତର ବିସୃଜନ । ‘‘ଦିବ୍ୟ ସ୍ରଷ୍ଟ ସ୍ୱରୂପ ସେହି ସବିତାଙ୍କର ସର୍ବବସ୍ତୁରେ ବ୍ୟାପ୍ତି ମହାନ୍ ଅଟେ ।’’ (**ଦେବସ୍ୟ ସବିତୁଃ ପରିଷ୍ଟୁତିଃ ମହୀ ଇତ୍ ।**) (୧ମ ମନ୍ତ୍ର ଆଧାରିତ ଟୀକା)

‘ସୂର୍ଯ୍ୟ’ ଦ୍ରଷ୍ଟା, ସତ୍ୟ ପ୍ରକଟନକାରୀ । ତାଙ୍କ ‘ସତ୍ୟ’ ସ୍ୱକୀୟ ପ୍ରକାଶରେ ବହନ କରିଥାଏ ସମସ୍ତ ଆକାରର ବସ୍ତୁକୁ, ଆମ ଜଗତର ଅଂଶୀଭୂତ ସମସ୍ତ ସାଂସାରିକ ବିଷୟ ଏବଂ ଅନୁଭୂତିକୁ, ଆମ ଅନ୍ତଃ ଓ ବାହ୍ୟ ବିଶ୍ୱଚେତନାର ସମସ୍ତ ପ୍ରକାର ଚିତ୍-ଆକାରକୁ । ଏହା ପ୍ରକଟ କରେ ସେଗୁଡ଼ିକର ଅନ୍ତର୍ଗତ ସତ୍ୟକୁ, ସେଗୁଡ଼ିକର ବୋଧକୁ, ସେଗୁଡ଼ିକର ଉଦ୍ଦେଶ୍ୟକୁ, ସେଗୁଡ଼ିକର ଔଚିତ୍ୟ ତଥା ଯଥାର୍ଥ ବ୍ୟବହାରକୁ । ଯଜ୍ଞଗୁଡ଼ିକର ଶକ୍ତିକୁ ଠିକ୍‌ଭାବେ ବ୍ୟବସ୍ଥାପିତ କରି ଆମ ସମଗ୍ର ଜୀବନର ଧର୍ମ ସ୍ୱରୂପ ଏହି ସତ୍ୟ ‘ଭଦ୍ର’ ଉତ୍ପାଦନ କରିଥାଏ । କାରଣ, ପ୍ରତ୍ୟେକ ଜିନିଷ ତିଷ୍ଠି ରହିବା ପଛରେ ଏକ ଯୁକ୍ତିସଂଗତ କାରଣ ଥାଏ, ସେଗୁଡ଼ିକର ସାଧୁ ଉପଯୋଗ ଏବଂ ସେଗୁଡ଼ିକର ଉଚିତ ଭୋଗ ସନ୍ନିହିତ ଥାଏ । ସେଗୁଡ଼ିକର ଅନ୍ତଃସତ୍ୟଟି ଆବିଷ୍କୃତ ହୋଇ ବିନିଯୁକ୍ତ ହେଲେ ସକଳ ବସ୍ତୁ ବ୍ୟକ୍ତି-ଆତ୍ମା ନିମନ୍ତେ ଶୁଭ ଫଳଦାୟକ ହୋଇଥା’ନ୍ତି, ଏହାର କଲ୍ୟାଣର ଅଭିବୃଦ୍ଧି ଘଟାଇଥା’ନ୍ତି, ପରମସୁଖର ବିସ୍ତାର କରିଥା’ନ୍ତି । ଏହି ଦିବ୍ୟ-କ୍ରାନ୍ତି ଉଭୟ କ୍ଷେତ୍ରରେ ପ୍ରଭାବକ ହୋଇଥାଏ – ନିମ୍ନତର ଭୌତିକ ଜୀବନ କ୍ଷେତ୍ରରେ ଏବଂ ଅଧିକ ଭାବେ ପୂରିଉଠିଥିବା ଆନ୍ତର ଜୀବନରେ, ଏହାହିଁ ଅଭିବ୍ୟକ୍ତି ଘଟାଇବା ନିମନ୍ତେ ଦେହକୁ ବିନିଯୋଗ କରିଥାଏ । ‘‘ସେହି ଦ୍ରଷ୍ଟା ସକଳ ରୂପକୁ ଧାରଣ କରନ୍ତି ଏବଂ ସେଥି ମଧ୍ୟରୁ ସେ ଦ୍ୱିପଦ ଓ ଚତୁଷ୍ପଦ ସତ୍ତା ନିମନ୍ତେ ଶୁଭ ସୃଜନ କରନ୍ତି । (**କବିଃ ବିଶ୍ୱା ରୂପାଣି ପ୍ରତି ମୁଞ୍ଚତେ, ଦ୍ୱିପଦେ ଚତୁଷ୍ପଦେଂ ଭଦ୍ରଂ ପ୍ରାସାବୀତ୍ ।**)

ସୂକ୍ତର ଅବଶିଷ୍ଟ ଭାଗରେ ନବ ସୃଷ୍ଟି ରଚନାର ପଦ୍ଧତି ବର୍ଣ୍ଣିତ ହୋଇଛି । ସ୍ରଷ୍ଟା ରୂପରେ, ପରମ ବରେଣ୍ୟ ରୂପରେ ସୂର୍ଯ୍ୟ ଆମ ମାନବ ଚେତନାରେ ଏହାର ସଂଗୁପ୍ତ ସ୍ୱର୍ଗୀୟ ଶିଖରଗୁଡ଼ିକୁ ଶୁଦ୍ଧ ମାନସିକ ସ୍ତରଗୁଡ଼ିକରେ ଅଭିବ୍ୟକ୍ତ କରି ଦିଅନ୍ତି, ଏଣୁ ଆମର ଦୈହିକ ଚେତନା ରୂପକ ପୃଥିବୀରୁ ଆମେ ଉପରକୁ ଦେଖିବାକୁ ସମର୍ଥ ହେଉ ଏବଂ ‘ଅଜ୍ଞାନ’ ରୂପକ ରାତ୍ରିର ସକଳ ଅସ୍ୱଷ୍ଟତାରୁ ମୁକ୍ତ ହେଉ । ପ୍ରାକୃତିକ ସୂର୍ଯ୍ୟଙ୍କ ଭଳି ସେ ଆମ ସତ୍ତାର ସମସ୍ତ ପ୍ରଦେଶକୁ ଆଲୋକିତ କରି କରି ‘ଉଷା’ଦେବୀଙ୍କର ଯାତ୍ରାକୁ ଅନୁସରଣ କରନ୍ତି ଏବଂ ଆମ ସତ୍ତା ଉପରେ ତାଙ୍କ କିରଣ ପ୍ରତିଫଳିତ ହୁଏ; କାରଣ ଜୀବନର ନିମ୍ନ ଭୂମିରେ ସ୍ୱୟଂ ‘ସତ୍ୟ’ ବା ଅତିମାନସିକ ବିଧାନ ସ୍ୱାଧିକାର ଗ୍ରହଣ କରିବା ପୂର୍ବରୁ ମାନସିକ ଜ୍ଞାନୋଜ୍ଜ୍ୱଳତା ସବୁବେଳେ ଏକ ପ୍ରାରମ୍ଭିକ ଆବଶ୍ୟକତା ହୋଇ ରହିଥାଏ । ‘‘ସେ ସ୍ରଷ୍ଟା, ସେ ପରମ ବରଣୀୟ, ସେ ସମଗ୍ର ସ୍ୱର୍ଗକୁ ବ୍ୟକ୍ତ କରୁଛନ୍ତି ‘ଉଷା’ଙ୍କ ପ୍ରଗତିର ଯାତ୍ରାକୁ ଅନୁସରଣ ପୂର୍ବକ (ଅଥବା ତାଙ୍କ ପ୍ରୟାଣ ଅନୁସାରେ) ସେ ବିରାଜିତ ହେଉଛନ୍ତି ।’’ (ବି ନାକମ୍ ଅଖ୍ୟତ୍ ସବିତା ବରେଣ୍ୟଃ, ଅନୁ ପ୍ରୟାଣମ୍ ଉଷସୋ ବିରାଜତି ।) (୨ୟ ମନ୍ତ୍ର ଆଧାରିତ ଟୀକା)

ଅନ୍ୟ ସର୍ବଦେବ ‘ସୂର୍ଯ୍ୟ’ଙ୍କର ଏହି ଗତି ସଞ୍ଚାରର ଅନୁଗମନ କରନ୍ତି ଏବଂ ତାଙ୍କରି ଜ୍ୟୋତିଃର ଶକ୍ତି ଦ୍ୱାରା ସେମାନେ ତାଙ୍କରି ବିଶାଳତାକୁ ପ୍ରାପ୍ତ କରନ୍ତି । ଏହାର ଅର୍ଥ ହେଲା, ମନୁଷ୍ୟ ମଧ୍ୟରେ ନିହିତ ଅନ୍ୟ ସମସ୍ତ ଦିବ୍ୟପ୍ରତିଭା ଅଥବା ସମ୍ଭାବନା ତା’ର ଅନ୍ତଃସ୍ଥ ‘ସତ୍ୟ’ ଓ ‘ଜ୍ୟୋତିଃ’ର ପ୍ରସାରତା ଅନୁଯାୟୀ ପ୍ରସାରିତ ହୋଇଥାଏ; ସୁକଳ୍ପିତ ମାନସୋତ୍ତର ବିଜ୍ଞାନର ବଳରେ ସେମାନେ ପ୍ରାପ୍ତ ହୁଅନ୍ତି ଯଥାର୍ଥ ସମ୍ଭୂତିର, ଉଚିତ କର୍ମଧାରାର, ଉଚିତ ଜ୍ଞାନର ସେହି ସମାନ ଅନନ୍ତ ବ୍ୟାପକତାକୁ । ‘ସତ୍ୟ’ ନିଜ ବିଶାଳତା ମଧ୍ୟରେ ସବୁକିଛିକୁ ଅନନ୍ତ ଓ ବିଶ୍ୱଗତ ‘ଜୀବନ’ର ଧାରା ରୂପେ ଗଢ଼ି ତୋଳିଥାଏ, ସୀମିତ ବ୍ୟକ୍ତିଗତ ଜୀବନକୁ ଏହି ତତ୍ତ୍ୱରେ ବଦଳେଇ ଦେଇଥାଏ, ସବିତା ରୂପେ ସେ ଯେଉଁ ଭୌତିକ ଚେତନାର ଲୋକଗୁଡ଼ିକୁ ରଚନା କରିଥିଲେ ସେଗୁଡ଼ିକୁ ତଦନ୍ତର୍ଗତ ଯଥାର୍ଥ ସତ୍ତାର ଧର୍ମରେ ବ୍ୟବସ୍ଥାପିତ କରିଥାଏ । ଆମ ମଧ୍ୟରେ ଏହା ବି ଏକ ସୃଷ୍ଟି, ଯଥାର୍ଥରେ କହିଲେ ଯଦିଓ ସମ୍ଭାବନା ରୂପେ ଯାହା ପୂର୍ବରୁ ବିଦ୍ୟମାନ ଥିଲା କିନ୍ତୁ ଅଜ୍ଞାନାନ୍ଧକାରରେ ଆଚ୍ଛନ୍ନ ହୋଇ ରହିଥିଲା, ତାହାକୁ ଏହା ଅଭିବ୍ୟକ୍ତ କରେ, – ଠିକ୍ ଯେପରି ଏହି ଭୌତିକ ପଥିବୀର ଲୋକଗୁଡ଼ିକ ଅନ୍ଧକାର

[୧] ‘‘ଦ୍ୱିପଦ’’ ଓ ‘‘ଚତୁଷ୍ପଦ’’ ଶବ୍ଦ ଦ୍ୱୟର ବ୍ୟାଖ୍ୟା ଅନ୍ୟ ପ୍ରକାରେ କରାଯାଇପାରେ । ତାହା କଲେ ଏଠାରେ ଲେଖାଟି ଏକ ବୃହତ୍ ସ୍ଥାନ ଅଧିକାର କରିବ ।

ଦ୍ୱାରା ଆମ ଆଖି ଆଗରେ ଆଚ୍ଛନ୍ନ ହୋଇଯାଏ, କିନ୍ତୁ ସୂର୍ଯ୍ୟ 'ଉଷା'ର ଅନୁଯାତ୍ରିକ ହୋଇ ଯେତେବେଳେ ଆଗେଇ ଚାଲନ୍ତି, ସେତେବେଳେ ଗୋଟି ଗୋଟି କରି ସମସ୍ତଙ୍କୁ ମାପି ଦୃଷ୍ଟି ସମ୍ମୁଖକୁ ଆଣିଥା'ନ୍ତି । ''ସେହି ଯାତ୍ରା-କ୍ରମଗୁଡ଼ିକୁ ଅନୁସରଣ କରି କରି ଅନ୍ୟ ଦେବତାଗଣ ତାଙ୍କରି ଶକ୍ତି ସାହାଯ୍ୟରେ ତାଙ୍କ ଦିବ୍ୟତ୍ୱର ବ୍ୟାପକତାରେ ଯାଇ ପହଞ୍ଚିଥା'ନ୍ତି – ସେହି ଜ୍ୟୋତିର୍ମୟ ସବିତୃଦେବ ନିଜର ମହତ୍ତା ବଳରେ ଆଲୋକର ଏହି ପାର୍ଥିବ ଲୋକକୁ ପୂର୍ଣ୍ଣ ରୂପେ ପରିମାପିତ କରିଥା'ନ୍ତି ।'' (ତୃତୀୟ ମନ୍ତ୍ର ଦ୍ରଷ୍ଟବ୍ୟ)

କିନ୍ତୁ 'ଦିବ୍ୟସତ୍ୟ' ଯେ କେବଳ ଆମର ଦୈହିକ ବା ପାର୍ଥିବ ଚେତନାର ପରିପୂର୍ଣ୍ଣ ସାମର୍ଥ୍ୟ ପର୍ଯ୍ୟନ୍ତ ପ୍ରଭାସିତ କରୁଛି ଏବଂ ନିଜ ପୂର୍ଣ୍ଣାଙ୍ଗ କ୍ରିୟା ନିମନ୍ତେ ତାହାକୁ ଗଠନ କରୁଛି ତାହା ନୁହେଁ । ବିଶୁଦ୍ଧ ମନର ତ୍ରି-ଭୁବନକୁ (ତ୍ରୀଣି ରୋଚନା) ଏହା ପରିବ୍ୟାପ୍ତ ହୋଇଯାଏ; ସମ୍ବେଦନା ଓ ଭାବାବେଗଗୁଡ଼ିକର, ବୁଦ୍ଧିର ଏବଂ ବୋଧିସମ୍ପନ୍ନ ବିବେଚନାର ଯେତେସବୁ ଦିବ୍ୟସମ୍ଭାବନା ରହିଛି ତା' ସହ ଆମକୁ ସମ୍ପର୍କିତ କରିଥାଏ ଏବଂ ଉଚ୍ଚତର ମାନସିକ ଶକ୍ତିଗୁଡ଼ିକୁ ସୀମିତତାରୁ ଏବଂ ପାର୍ଥିବ ଜଗତ୍ ସହିତ ଏହାର ଅବିରତ ସମ୍ପର୍କରୁ ମୁକ୍ତ କରି ଆମର ସମଗ୍ର ମାନସିକ ସତ୍ତାକୁ ଏହା ପୂର୍ଣ୍ଣତା ପ୍ରଦାନ କରିଥାଏ । ଏହାର କ୍ରିୟାବଳି ସେମାନଙ୍କର ପୂର୍ଣ୍ଣ ଅଭିବ୍ୟକ୍ତି ସମ୍ଭବ କରାଏ; ସୂର୍ଯ୍ୟଙ୍କ କିରଣରାଜି ଦ୍ୱାରା ଅର୍ଥାତ୍ ଆମ ମଧ୍ୟରେ ଅଭିବ୍ୟକ୍ତ ହୋଇଥିବା ଦିବ୍ୟ-ଅତିମାନସର ପ୍ରଭାରାଜି ଦ୍ୱାରା ସେହି ମାନସିକ ଶକ୍ତିଗଣ ପୂର୍ଣ୍ଣ 'ସତ୍ୟ'ର ଜୀବନରେ ଆସି ଏକତ୍ରିତ ହୁଅନ୍ତି । ''ଆହୁରି ମଧ୍ୟ, ହେ ସବିତଃ ! ତୁମେ ଭାସ୍ୱର ତ୍ରିଲୋକକୁ ଯାତ୍ରା କର, ଏବଂ 'ସୂର୍ଯ୍ୟ'ଙ୍କ କିରଣମାଳା ଦ୍ୱାରା ତୁମେ ପୂର୍ଣ୍ଣ ରୂପେ ନିଜକୁ ବ୍ୟକ୍ତ କରିଥାଅ (ଅଥବା, କିରଣଗୁଡ଼ିକ ମାଧ୍ୟମରେ ତୁମେ ଏକତ୍ର ହୋଇଛ) ।'' (**ଉତ ଯାସି ସବିତଃ ତ୍ରୀଣି ରୋଚନା, ଉତ ସୂର୍ଯ୍ୟସ୍ୟ ରଶ୍ମିଭିଃ ସମୁଚ୍ୟସି ।**)

ତା'ପରେ ଅମୃତତ୍ୱରୂପକ ଉଚ୍ଚତର ରାଜ୍ୟ, ସଚ୍ଚିଦାନନ୍ଦ ଏହି ଲୋକରେ ବ୍ୟକ୍ତ ହୁଅନ୍ତି, ପୂର୍ଣ୍ଣ ପ୍ରଭାରେ ପ୍ରକାଶିତ ହୁଅନ୍ତି । ଅତିମାନସ (ବିଜ୍ଞାନ)ର ଅଭିବ୍ୟକ୍ତିର ଆଲୋକ ମଧ୍ୟରେ ଉଚ୍ଚଲୋକ ଓ ନିମ୍ନଲୋକ ମଧ୍ୟରେ ଥିବା ବିରୋଧରେ ସମତା ପ୍ରତିଷ୍ଠିତ ହୁଏ । ଆମ ସତ୍ତାର ଉଭୟ ପାର୍ଶ୍ୱରେ ଥିବା, କେବଳ ଆମର ଏବେର ଅବସ୍ଥା ଉପରେ ନୁହେଁ, 'ଅଜ୍ଞାନ' ବା 'ରାତ୍ରି' ଭାସ୍ୱର ହୋଇଉଠେ । ଏହି ଉଚ୍ଚତର ରାଜ୍ୟ 'ଆନନ୍ଦ'ର ଧର୍ମରେ ସ୍ୱାଭିବ୍ୟକ୍ତିର ସହ ବିଦ୍ୟମାନ ଯାହା ଆମ ପାଇଁ 'ପ୍ରେମ' ଓ 'ଜ୍ୟୋତିଃ'ର ତତ୍ତ୍ୱ, 'ମିତ୍ର' ଦେବ ଯାହାର ପ୍ରତିନିଧିତ୍ୱ କରନ୍ତି । 'ସତ୍ୟ'ର ଅଧିଷ୍ଠାତୃ-ଦେବତା ନିଜକୁ ପୂର୍ଣ୍ଣ ଦେବତ୍ୱରେ ପ୍ରକଟ କଲାବେଳେ ଆନନ୍ଦର ଦେବ ହୋଇ ଯାଆନ୍ତି । ତାଙ୍କ ଅସ୍ତିତ୍ୱର ଧର୍ମ, ଯେଉଁ ବିଧାନ ତାଙ୍କର କାର୍ଯ୍ୟକଳାପକୁ ପରିଚାଳିତ କରେ, ଦୃଶ୍ୟତଃ ତାହା ହେଉଛି ପ୍ରେମ; କାରଣ ଜ୍ଞାନ ଓ କର୍ମକୁ ଯଦି ଠିକ୍ ଧାରାରେ ବ୍ୟବସ୍ଥାପିତ କରାଯାଏ ତେବେ ଏହି ଲୋକରେ ସବୁକିଛି ଭଦ୍ର, ସମୃଦ୍ଧି ଓ ଆନନ୍ଦରେ ପରିବର୍ତ୍ତିତ ହୋଇଯିବ । ''ହେ ପ୍ରଭୋ, ତୁମେ ଆହୁରି ମଧ୍ୟ 'ରାତ୍ରି'କୁ ଉଭୟ ପାର୍ଶ୍ୱରୁ ଘେରି ରହିଛ ଏବଂ ତୁମ କର୍ମର ବିଧାନ ଅନୁସାରେ ତୁମେ 'ମିତ୍ର' ଦେବ ବନିଯାଇଛ ।'' (ଚତୁର୍ଥ ମନ୍ତ୍ର ଦ୍ରଷ୍ଟବ୍ୟ)

ପରିଶେଷରେ ଭଗବତ୍ ଅସ୍ତିତ୍ୱର 'ସତ୍ୟ' ଆମ ମଧ୍ୟରେ ବିଶ୍ୱଗତ ସକଳ ସୃଷ୍ଟିର ଏକମାତ୍ର ଈଶ୍ୱର ହୋଇଥା'ନ୍ତି; ଏବଂ ତାଙ୍କର ସତତ ଅଭ୍ୟାଗମନ ଦ୍ୱାରା ଅଥବା ତାଙ୍କର ନିରବଚ୍ଛିନ୍ନ ପ୍ରଗତି ଦ୍ୱାରା ଯିଏ ସ୍ରଷ୍ଟା ଥିଲେ ସେ ପୋଷକ ବନିଥା'ନ୍ତି, 'ସବିତା' ହୋଇ ଯାଆନ୍ତି 'ପୂଷା' । ନିଜର ଅବିରତ ପ୍ରଗତିଶୀଳ ସୃଷ୍ଟି ଦ୍ୱାରା ସେ ଆମକୁ ସେପର୍ଯ୍ୟନ୍ତ ଶକ୍ତି ଓ ଜ୍ଞାନରେ ସମୃଦ୍ଧ କରିଚାଲନ୍ତି ଯେପର୍ଯ୍ୟନ୍ତ ଆମ ସୃଷ୍ଟିର ସମଗ୍ର ଜଗତକୁ ସେ ପ୍ରଭାସ୍ୱର ନ କରିଛନ୍ତି । ବୃଦ୍ଧିପ୍ରାପ୍ତ ହୋଇ ଆମେ ପୂର୍ଣ୍ଣ, ବୈଶ୍ୱ ଓ ଅନନ୍ତ ହୋଇ ଥାଉଁ । ଏହି ଭାବେ ଅତ୍ରି ସୁତ 'ଶ୍ୟାବାଶ୍ୱ' ନିଜ ସତ୍ତାରେ ସବିତାଙ୍କୁ ଉଦ୍ଭାସକ ସତ୍ୟ ତଥା ସୃଜନଶୀଳ, ପ୍ରଗତିଶୀଳ ମନୁଷ୍ୟର ପୋଷକ ବ୍ୟକ୍ତି ରୂପେ ସ୍ତୁତି କରିବାରେ ସଫଳ ହୋଇଥିଲେ – ସେ ହେଉଛନ୍ତି ସେହି ବ୍ୟକ୍ତି ଯିଏ ନିଜକୁ ଅହଂର ସୀମିତତାରୁ ମୁକ୍ତ କରି ବିଶ୍ୱାତ୍ମକତାରେ, ସାନ୍ତତାରୁ ମୁକ୍ତ କରି ଅନନ୍ତତାରେ ଉପନୀତ କରାଇ ପାରିଛନ୍ତି । ''ଆହୁରି ମଧ୍ୟ, ସୃଜନ ନିମନ୍ତେ କେବଳ ରହିଛି ତୁମର ଶକ୍ତି; ହେ ଦେବ ! ତୁମର ଗମନାଗମନ ଦ୍ୱାରା ତୁମେ ହୋଇଥାଅ ଆମର ପୋଷକ; ଏହି ସମଗ୍ର ଜଗତକୁ (ଆକ୍ଷରିକ ଅର୍ଥରେ – ସମ୍ଭୂତିକୁ) ତୁମେ ପୂର୍ଣ୍ଣରୂପେ ଜ୍ୟୋତିଷ୍ମାନ୍ କର । ହେ ସବିତଃ ! ଶ୍ୟାବାଶ୍ୱ ତୁମ ସ୍ତୁତିକୁ ଉପନୀତ ହେବାରେ ସଫଳ ହୋଇଛନ୍ତି ।''

[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ଦ୍ୱିତୀୟ ଭାଗ : ''*Surya Savitri, Creator and Increaser*'' ର ଓଡ଼ିଆ ଅନୁବାଦ]

ଅନୁବାଦ : ମଧୁସୂଦନ ମହାପାତ୍ର ❖

# ଅତିମାନସ ଚେତନା ଓ ନୂତନ ସୃଷ୍ଟି

ଶ୍ରୀ ପ୍ରପତ୍ତି

ଆମେମାନେ ଜୀବନ ଓ କର୍ମର ଏକ ନୂତନ ଭୂମି, ଏକ ନୂତନ ଉତ୍ସ ଖୋଜି ବୁଲୁଛୁ । ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ, ବର୍ତ୍ତମାନ ଦ୍ୱନ୍ଦ୍ୱ, ଦୁଃଖ, ବିକ୍ଷୋଭ, ଅଶାନ୍ତି ଓ ଅସ୍ଥିରତା ମଧ୍ୟରେ ମନୁଷ୍ୟ ବାସ କରିବାକୁ ଚାହୁଁ ନାହିଁ । ଏହି ଦ୍ୱନ୍ଦ୍ୱ, ଦୁଃଖ ଓ ଅଶାନ୍ତି ଏକ ଖଣ୍ଡିତ, ସୀମିତ, ଅପୂର୍ଣ୍ଣ ଚେତନାରୁ ଉଦ୍ଭୂତ । ଯେପର୍ଯ୍ୟନ୍ତ ମନୁଷ୍ୟ ଏହି ଅପୂର୍ଣ୍ଣ, ସୀମିତ ଓ ଖଣ୍ଡିତ ଚେତନାରେ ବାସ କରେ, ସେପର୍ଯ୍ୟନ୍ତ ସେ ଏହି ଦୁଃଖ ଦ୍ୱନ୍ଦ୍ୱ ଓ ଅଶାନ୍ତି-ଅସ୍ଥିରତା ମଧ୍ୟରୁ ମୁକ୍ତି ଲାଭ କରିବା ସମ୍ଭବ ନୁହେଁ । ଅନ୍ୟ କଥାରେ କହିବାକୁ ଗଲେ ଯେପର୍ଯ୍ୟନ୍ତ ମନୁଷ୍ୟ ଯେଉଁ ସ୍ଥିତିରେ ଅଛି, ସେହି ସ୍ଥିତିରେ ବାସ କରୁଥିବ, ସେ କେବେହେଲେ ବର୍ତ୍ତମାନର ଭୁଲ୍‌ଭ୍ରାନ୍ତି ଓ ଅନ୍ଧକାର ମଧ୍ୟରୁ ବାହାରି ଯାଇ ପାରିବ ନାହିଁ, ଯେତେ ପ୍ରକାର ବାହ୍ୟ ପରିବର୍ତ୍ତନ କଲେ ମଧ୍ୟ, ମନୁଷ୍ୟର ଆନ୍ତର ଜୀବନରେ ଏକ ନୂତନ ଶକ୍ତିର ଉଦ୍ରେକ ନହେବା ପର୍ଯ୍ୟନ୍ତ, ଏକ ନୂତନ ଜ୍ୟୋତିଃ ବା ଜ୍ଞାନର ସ୍ପର୍ଶ ନଲାଗିବା ପର୍ଯ୍ୟନ୍ତ, ମନୁଷ୍ୟ ସୁଖ, ଶାନ୍ତି ଓ ସ୍ଥିରତା ମଧ୍ୟରେ ବାସ କରିପାରିବ ନାହିଁ । ସମସ୍ତ ପ୍ରକାର ବାହ୍ୟ ପରିବର୍ତ୍ତନ ହେଲେ ମଧ୍ୟ ଧନ, ଦୌଲତ, ଐଶ୍ୱର୍ଯ୍ୟ, ସୁଖ-ସୁବିଧା ଓ ଭୋଗ ମଧ୍ୟରେ ଥିଲେ ସୁଦ୍ଧା, ଅଶାନ୍ତିର ଅନ୍ତର୍ଜ୍ୱାଳାରୁ ମନୁଷ୍ୟ ଛାଡ଼ ପାଇପାରେ ନାହିଁ । କୌଣସି ପ୍ରକାର ମିଳାମିଶା କରି, ସମସ୍ୟାର ସମ୍ମୁଖୀନ ନହୋଇ ପଳାୟନ କରିବା ଅଳ୍ପଦିନ ପାଇଁ ସମ୍ଭବ, କିନ୍ତୁ ଅସନ୍ତୋଷ ଓ ଅଶାନ୍ତି ମନୁଷ୍ୟକୁ ପଶ୍ଚାତରୁ ଅନୁଧାବନ କରେ । ଏହି ସମସ୍ୟାର ଗଭୀର, ଯଥାର୍ଥ ଓ ଯୁକ୍ତିଯୁକ୍ତ ସମାଧାନ ହେଲା ଏକ ନୂତନ ଚେତନାକୁ ଲାଭ କରିବା । ନୂତନ ଚେତନାହିଁ ପୂର୍ଣ୍ଣାଙ୍ଗ ଜୀବନ ଓ ନୂତନ ସମାଜର ଭିତ୍ତି ।

ଏହି ନୂତନ ଚେତନାର ଅର୍ଥ କ'ଣ ଓ ଏହାର ଗୁଣଧର୍ମ କ'ଣ ? ଏହା ଆମମାନଙ୍କ ସ୍ୱଭାବ ଓ କର୍ମରେ ପରିସ୍ଫୁଟ ହେବ କିପରି ? ଏହି ଚେତନାର ସ୍ତରରୁ କର୍ମ କରିବା ଏବଂ ଏହି ଚେତନାର ଭିତ୍ତିରେ ସମଗ୍ର ଜୀବନର ପୁନର୍ଗଠନ ସମ୍ଭବ କି ? ଏହି ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା ଆବଶ୍ୟକ ।

ଚେତନା ପ୍ରତ୍ୟେକ ସ୍ତରରେ ରହିଛି । ଶରୀର ସ୍ତରରେ ଶାରୀରିକ ଚେତନା, ପ୍ରାଣ ସ୍ତରରେ ପ୍ରାଣଗତ ଚେତନା, ମନ ସ୍ତରରେ ମନୋମୟ ଚେତନା । ଶରୀର ସ୍ତରରେ ଯେଉଁ ଚେତନା ରହିଛି ତାହା ଜଡ଼ ସ୍ତରର ଏବଂ ଏହା ସମ୍ପୂର୍ଣ୍ଣ ନିଥର, ଯାନ୍ତ୍ରିକ ଓ ସ୍ପନ୍ଦନହୀନ । ଏହା ଏକ ପ୍ରକାର ଅଚେତନା । କିନ୍ତୁ ଶରୀର ଅଥବା ଜଡ଼ ସ୍ତରର ଅନ୍ତଃସ୍ଥଳରେ ଏକ ଚେତନା ଗୁହ୍ୟ ଭାବେ ରହିଛି । ଯଦି ଜଡ଼ର ପରିବର୍ତ୍ତନ କରିବାକୁ ହେବ, ତେବେ ପ୍ରଥମେ ଏହି ଜଡ଼ଚେତନାକୁ ପରିବର୍ତ୍ତିତ କରିବାକୁ ହେବ । ସେହିପରି ସେହି ଚେତନାର ଅନ୍ୟ ଏକ ଭୂମି ହେଲା ପ୍ରାଣଭୂମି । ଏଠାରେ ଏହା ସ୍ପନ୍ଦନଯୁକ୍ତ, ସଂବେଦନଶୀଳ; ପ୍ରବୃତ୍ତି, ଭୋଗପିପାସା, ପ୍ରବେଗ, କାମନା-ବାସନା, ଇଚ୍ଛାରେ ପ୍ରକାଶିତ ହୁଏ । ଏହା ବୃକ୍ଷଲତା, ପଶୁପକ୍ଷୀ ଓ ମନୁଷ୍ୟ ମଧ୍ୟରେ ପ୍ରସ୍ଫୁଟିତ ହୋଇଛି । ପ୍ରାଣର ଧର୍ମକୁ ପରିବର୍ତ୍ତିତ କରିବାକୁ ହେଲେ ପ୍ରବୃତ୍ତିର ଆବେଗ-ପ୍ରବେଗ ଓ ପ୍ରାବଲ୍ୟରୁ ରକ୍ଷା ପାଇବାକୁ ହେଲେ, ଏହି ପ୍ରାଣଗତ ଚେତନାର ପରିବର୍ତ୍ତନ ବା ରୂପାନ୍ତର ଆବଶ୍ୟକ । ସେହିପରି ଏହି ଚେତନାର ଊର୍ଦ୍ଧ୍ୱତନ ଭୂମି ହେଲା ମନଃ ଚେତନା । ମନୋଭୂମିରେ ଚେତନାର ସଚେତନତା, ବିଚାର, ବୁଦ୍ଧି, ମନୀଷା ଓ ସ୍ୱଚ୍ଛ ଆଲୋକମୟତା ପ୍ରକାଶ ପାଇଛି । ମନୋମୟ ଚେତନାକୁ ଧାରଣ କରି ମନୁଷ୍ୟର ଜନ୍ମ । ମନୋମୟ ଭୂମିରେ ପୂର୍ଣ୍ଣ ଜ୍ୟୋତିର୍ମୟତା, ପୂର୍ଣ୍ଣ ଜ୍ଞାନ ବା ପୂର୍ଣ୍ଣ ଶକ୍ତି ନାହିଁ, କିନ୍ତୁ ମନୋଭୂମିରେ ଏକ ଦ୍ୱନ୍ଦ୍ୱହୀନ, ପୂର୍ଣ୍ଣ ଜ୍ଞାନଯୁକ୍ତ ଓ ପୂର୍ଣ୍ଣ ଜ୍ୟୋତିର୍ମୟ ଜୀବନର ପରିକଳ୍ପନା କରାଯାଇଥାଏ । ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଶକ୍ତି ଓ ପୂର୍ଣ୍ଣ ଆନନ୍ଦର ଦିବ୍ୟଭୂମି ବିଷୟ ଆମେମାନେ ମନରେ କଳ୍ପନା କରିପାରୁ, ମାତ୍ର ତାହା କିପରି ଲାଭ କରାଯାଇପାରେ ତାହା ବୁଝିପାରୁ ନାହିଁ । ମନର ଊର୍ଦ୍ଧ୍ୱରେ ଚେତନାର ବହୁ ବିଭିନ୍ନ ଭୂମି ରହିଛି ଏବଂ ଏହି ସକଳ ଭୂମିର ଶକ୍ତି ଓ ଜ୍ୟୋତିଃକୁ କାର୍ଯ୍ୟକାରୀ କରାଯାଇପାରେ । ଏହି ଭୂମିର ସତ୍ୟ, ଶକ୍ତି ଓ ଜ୍ୟୋତିଃକୁ ମନୁଷ୍ୟ ଚେତନା ମଧ୍ୟରେ ଅଣା ଯାଇପାରେ । ଅବଶ୍ୟ ମନୁଷ୍ୟର ଦେହଗତ, ପ୍ରାଣଗତ ଓ ମନୋଗତ ଚେତନାର ପଶ୍ଚାତରେ, ମନୁଷ୍ୟ ବ୍ୟକ୍ତିତ୍ୱର ଅତି ଗଭୀରରେ ଏକ ଚୈତ୍ୟ-ଚେତନା ବା ଦିବ୍ୟ-ଚେତନା ବିରାଜିତ । ଏହି ଚେତନା ସ୍ୱୟମ୍ଭୂ, ପୂର୍ଣ୍ଣ ଓ ଅଖଣ୍ଡ । ଏହା

ନିଜସ୍ୱ ଜ୍ଞାନରେ ପ୍ରତିଷ୍ଠିତ, ସ୍ୱୟଂ ଏକ ଜ୍ୟୋତିଃ ଓ ସ୍ଫୁଲିଙ୍ଗ । ଏହାର ଧର୍ମ ମନ, ପ୍ରାଣ ଓ ଦେହର ଧର୍ମଠାରୁ ଭିନ୍ନ । ଏହା ଊର୍ଦ୍ଧ୍ୱତନ ସ୍ୱୟଂସିଦ୍ଧ ଦିବ୍ୟ-ଚେତନାର ବା ପୂର୍ଣ୍ଣ ଭାଗବତ ଚେତନାର ପ୍ରତିଭୂ ଏବଂ ସେହି ଚେତନାର ବାହକ ଓ ଯନ୍ତ୍ର । ମନୁଷ୍ୟ ମଧ୍ୟରୁ ଏହି ଚେତନାହିଁ ଊର୍ଦ୍ଧ୍ୱତନ ଚେତନାର ଜବାବ ବା ଉତ୍ତର ଦିଏ । ଏହି ଚୈତ୍ୟ-ଚେତନାର ଜାଗରଣ ଓ ପ୍ରସ୍ତୁତି ଫଳରେ ମନୁଷ୍ୟ ନବଜନ୍ମ ଲାଭ କରେ । କିନ୍ତୁ ଏହି ଚେତନାର ଜାଗରଣ, ପ୍ରତିଷ୍ଠା ଓ କାର୍ଯ୍ୟକାରିତା ନିମିତ୍ତ ଆଉ ଏକ ବୃହତ୍ତର, ବିଶାଳତର ଏବଂ ବ୍ୟାପକ ଚେତନାର ପ୍ରୟୋଜନ ।

ଶ୍ରୀଅରବିନ୍ଦ ସ୍ୱୀୟ ସାଧନା ବଳରେ ଏହିପରି ଏକ ମହାନ୍, ବିଶାଳ ଓ ପରମଚେତନାର ଭୂମିରେ ପହଞ୍ଚିଥିଲେ ଏବଂ ତାହାର ନାମ ସେ ଦେଇଛନ୍ତି 'ଅତିମାନସ ଚେତନା' । ଉପନିଷଦରେ ଏହି ଅତିମାନସ ଭୂମିର ବର୍ଣ୍ଣନା ଅଛି ଏବଂ ଏହାକୁ ବିଜ୍ଞାନ ଭୂମି ବୋଲି କୁହାଯାଇଛି । ବେଦରେ ଏହି ଚେତନାର ନାମ ଋତଚିତ୍ ବା ସତ୍ୟ ଚେତନା ବୋଲି କୁହାଯାଇଛି । ଏହା 'ପ୍ରଜ୍ଞା ପୁରାଣୀ' ପରମ ଭାସ୍ୱର, ପୂର୍ଣ୍ଣ ଭାଗବତ ଚେତନା । ଏପରି ଚେତନାକୁ କେହି କେବେ ପୃଥିବୀରେ ଧାରଣ କରି ନାହାନ୍ତି । ପୃଥିବୀର ଅଜ୍ଞାନ, ଦୁଃଖ, ଶୋକ, ଅନ୍ଧକାର ମଧ୍ୟରେ ଏ ଚେତନାକୁ କେହି ସଂଯୁକ୍ତ କରାଇପାରି ନାହାନ୍ତି । ଶ୍ରୀଅରବିନ୍ଦ ଗଭୀର ତପସ୍ୟା ଫଳରେ ଏହି ସତ୍ୟର ସାନ୍ନିଧ୍ୟ ଲାଭ କଲେ ଏବଂ ପୃଥିବୀର ବାତାବରଣ ମଧ୍ୟରେ ଏହି ଚେତନାର ସଂଯୋଗ ସ୍ଥାପନ କଲେ । ୨୪ ଏପ୍ରିଲ ୧୯୫୬ ଖ୍ରୀଷ୍ଟାବ୍ଦର ମା'ଙ୍କର ଗୋଟିଏ ବାଣୀରୁ ଏକଥା ସ୍ପଷ୍ଟ ହୋଇ ଉଠିଛି :

"The manifestation of the Supramental upon earth is no more a promise but a living fact, a reality. It is at work here, and one day will come when the most blind, the most unconscious, even the most unwilling shall be obliged to recognise it." (CWM, Vol. 15, p.-96)

ଅର୍ଥାତ୍, ''ଅତିମାନସ ଆଉ ଗୋଟାଏ ସମ୍ଭାବନା ହୋଇ ନାହିଁ, ବରଂ ଏହା ଏକ ଜୀବନ୍ତ ସତ୍ୟ । ବର୍ତ୍ତମାନ ଏହା ଏଠାରେ କାର୍ଯ୍ୟ କରୁଛି, କିନ୍ତୁ ବେଳ ଆସିବ ଯେତେବେଳେ ଅତି ଅନ୍ଧ, ଅତି ମୂର୍ଖ ଓ ଅତି ମୂଢ଼ ମଧ୍ୟ ଏହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ ।''

ଏହି ଦିବ୍ୟ-ଅତିମାନସ ଚେତନା ଅବତରଣ ହେବାର ଅନେକ ବର୍ଷ ହୋଇଗଲାଣି ଏବଂ ଧୀରେ ଧୀରେ ଏହାର ପ୍ରଭାବ ଅଜ୍ଞାନ ଓ ଅନ୍ଧକାରମୟ ଜଗତ୍ ଉପରେ ପଡ଼ୁଛି । ଏହି ସତ୍ୟ ଜୋର୍ ଜବରଦସ୍ତି କରି ନିଜକୁ ଲଦି ଦେବ ନାହିଁ, ବରଂ ଏକ ମହାନ୍ ପ୍ରସ୍ତୁତି ଘଟିଲେ ଏହା କାର୍ଯ୍ୟକାରୀ ହେବ । ଅଜ୍ଞାନ ଓ ଜଡ଼ତାରେ ଆଚ୍ଛନ୍ନ ମନ-ପ୍ରାଣ-ଶରୀର ଏହି ସତ୍ୟକୁ ଗ୍ରହଣ ନକରି ଏହାର ବିରୋଧ କରୁଛି, କିନ୍ତୁ ଅନ୍ତରାତ୍ମା ଏହାର ଉତ୍ତର ଦେଇପାରିବେ । ସୁତରାଂ ଅନ୍ତରାତ୍ମାର ଉନ୍ମୀଳନ ଫଳରେ ମନୁଷ୍ୟ ଏହି ସତ୍ୟକୁ ଧରିପାରିବ ଏବଂ ନିଜ ଜୀବନରେ ପରିବର୍ତ୍ତନ ଆଣିପାରିବ । ଏହାର କ୍ରିୟା ଫଳରେ ମନ ଆଲୋକିତ ହେବ, ହୃଦୟ ଶାନ୍ତ ଓ ସ୍ଥିର ହେବ, ଶରୀର ଚେତନାରେ ମଧ୍ୟ କ୍ରିୟା ହେବ ଓ ଶରୀର ଦୀର୍ଘାୟୁ ଓ ଅପେକ୍ଷାକୃତ କମ୍ ରୋଗଗ୍ରସ୍ତ ହେବ ।

ମନୁଷ୍ୟ ଏହିପରି ପରିବର୍ତ୍ତନକୁ ଆଶା କରୁଛି, ଅପେକ୍ଷା ମଧ୍ୟ କରୁଛି, କିନ୍ତୁ ପରିବର୍ତ୍ତିତ ହେବାକୁ ତୀବ୍ରଭାବେ ଇଚ୍ଛା କରୁ ନାହିଁ । ଅଳ୍ପ ଅଳ୍ପ ପରିବର୍ତ୍ତନ କରି, ନିଜେ ଯେପରି ମୂଳତଃ ଥିଲା, ସେ ସେହିପରି ରହିବାକୁ ଚାହେଁ, କିନ୍ତୁ ଏହା ଏକ ନିରର୍ଥକ ଯୁକ୍ତି । ନିଜେ ଯାହା ସେହିପରି ରହିଥିବ ଅଥଚ ଏକ ନୂତନ ଜୀବନଧାରା ଓ ନୂତନ ସମାଜ ପ୍ରତିଷ୍ଠିତ ହେବ – ଏପରି ଆଶା କରିବା ଅର୍ଥହୀନ । "A perfected human world cannot be created by men or composed of men who are themselves imperfect."

(*The Life Divine*, p. 1058)

ଅର୍ଥାତ୍, ''ଅପୂର୍ଣ୍ଣତାରେ, ଦୋଷତ୍ରୁଟିରେ ପରିପୂର୍ଣ୍ଣ ମାନବ ଏକ ପୂର୍ଣ୍ଣାଙ୍ଗ ସମାଜ ଗଢ଼ି ତୋଳି ନପାରେ ।'' ଏଥିପାଇଁ ମାନବ ପ୍ରକୃତିର, ଅଭ୍ୟାସ, ଦୃଷ୍ଟି ଓ ଚେତନାର ପରିବର୍ତ୍ତନ ଆବଶ୍ୟକ । ସର୍ବାଦୌ ବ୍ୟକ୍ତିଗତ, ଅହଂକୈନ୍ଦ୍ରିକ ଚେତନାରୁ ସାର୍ବଭୌମ ଭାଗବତ ଚେତନା ମଧ୍ୟରେ ପ୍ରତିଷ୍ଠିତ ହେବାକୁ ହେବ । ସ୍ୱାର୍ଥ ଓ ଅହଂ ଦ୍ୱାରା ପରିଚାଳିତ ଜୀବନ ନାନା ବିଭ୍ରାନ୍ତି ଓ ତ୍ରୁଟିଯୁକ୍ତ । ଏହି ଅହଂ ସ୍ଥାନରେ ସାର୍ବଜନୀନ ଦିବ୍ୟ-ଭାଗବତ ତତ୍ତ୍ୱର ପ୍ରତିଷ୍ଠା କରିବାକୁ ହେବ । ମନୁଷ୍ୟର ହୃତ୍‌କେନ୍ଦ୍ରରେ ଏକ ନୂତନ ଶକ୍ତି, ନୂତନ ଜ୍ଞାନ ଓ ନୂତନ ଜ୍ୟୋତିଃର ଖେଳା ଆବଶ୍ୟକ । ଏହି ଶକ୍ତି ତା'ର ସମୁଚ୍ଚ ସ୍ତରରେ ଅତିମାନସ ଶକ୍ତି ଏବଂ ମନୁଷ୍ୟ ମଧ୍ୟରେ ଭାଗବତୀ ଚୈତ୍ୟ ଶକ୍ତି । ଏହି ଶକ୍ତି ଓ ଆଲୋକ ବଳରେ ବ୍ୟକ୍ତିର ଅନ୍ତରରେ

ଏକ ଆଲୋକମୟ ପଥ ଖୋଲିଯିବ, ଏକ ଅଭିନବ ଦିବ୍ୟ-ଆନନ୍ଦ, ସନ୍ତୋଷ ଓ ଶାନ୍ତିର ଧାରା ପ୍ରବାହିତ ହେବ, ଏପରିକି ବ୍ୟକ୍ତି-ଚେତନା ମଧ୍ୟରେ ଏକ ମୁକ୍ତ ଓ ମୋହଶୂନ୍ୟ ବିଶାଳତାର ଉପଲବ୍ଧି ହେବ । ଏହାହିଁ ବ୍ୟକ୍ତିର ନବଜନ୍ମ – ନବୀନ ସୃଷ୍ଟିର ପ୍ରଥମ ପାହାଚ । ଏଠାରେ ଏହି ବ୍ୟକ୍ତି କର୍ମର ଏକ ସ୍ୱତନ୍ତ୍ର ଉତ୍ସ ଆବିଷ୍କାର କରିବ । ଏହି ଉତ୍ସହିଁ ଭାଗବତ ଶକ୍ତି, ସାମର୍ଥ୍ୟ ଓ ପ୍ରେରଣାରେ ପୂର୍ଣ୍ଣ । ଏହି ପ୍ରେରଣା ବଳରେ ଯେଉଁ କର୍ମ ସାଧିତ ହେବ ତାହାହିଁ ଭାଗବତ କର୍ମ । ଧୀରେ ଧୀରେ ଏହି ପ୍ରେରଣା ଓ ଚେତନା ବ୍ୟକ୍ତିର ଆଧାରକୁ ଗଢ଼ି ତୋଳିବ ଏବଂ ରୂପାନ୍ତରିତ କରିବ । ଏହି ଆଦର୍ଶରେ ଅନୁପ୍ରାଣିତ ବହୁ ବ୍ୟକ୍ତି ଏକ ନୂତନ ସମାଜ ଗଠନରେ ଅଗ୍ରଦୂତ ହେବେ । ❖

## ଅତିମାନସ ରୂପାନ୍ତର ନିମିତ୍ତ ସର୍ତ୍ତ

କେବଳ ମୋ ନିଜ ସକାଶେ ଅତିମାନସ ସିଦ୍ଧିଲାଭ କରିବା ମୋର ଉଦ୍ଦେଶ୍ୟ ନୁହେଁ – ମୋ ନିଜ ସକାଶେ ମୁଁ କିଛି ବି କରୁ ନାହିଁ; କାରଣ ମୋ ନିଜର କୌଣସି ବ୍ୟକ୍ତିଗତ ପ୍ରୟୋଜନ ନାହିଁ, ମୋକ୍ଷ ନୁହେଁ ଅଥବା ଅତିମାନସ ରୂପାନ୍ତର ମଧ୍ୟ ନୁହେଁ । ମୁଁ ଯଦି ଅତିମାନସର ସନ୍ଧାନ କରୁଥାଏ, ତେବେ ଏହାର କାରଣ ହେଉଛି ଏହି ଯେ ଏହା କରାଯାଉଛି ପାର୍ଥିବ ଚେତନା ନିମିତ୍ତ ଏବଂ ଯଦି ଏହା ମୋ ମଧ୍ୟରେ ନହୁଏ, ତେବେ ଅନ୍ୟ କାହାରି ମଧ୍ୟରେ ବି ଏହା ହୋଇପାରିବ ନାହିଁ । ମୋର ଅତିମାନସୀକରଣ କେବଳ ପାର୍ଥିବ ଚେତନା ନିମିତ୍ତ ଅତିମାନସର ଦ୍ୱାର ଉନ୍ମୁକ୍ତ କରିବା ସକାଶେ ଏକ ଚାବିକାଠି ମାତ୍ର । ଏହାକୁ କେବଳ ପାଇବା ସକାଶେ ପାଇବାକୁ ଚେଷ୍ଟା କରିବା ସମ୍ପୂର୍ଣ୍ଣ ଅର୍ଥହୀନ । ଏଥିରୁ ଏହି ସିଦ୍ଧାନ୍ତରେ ପହଞ୍ଚିବା ମଧ୍ୟ ଉଚିତ ନୁହେଁ ଯେ ଯଦି ମୁଁ ଅତିମାନସ ସିଦ୍ଧି ଲାଭକରେ ତେବେ ପ୍ରତ୍ୟେକ ବ୍ୟକ୍ତି ଅତିମାନସ ସିଦ୍ଧି ପ୍ରାପ୍ତ ହେବେ; ଅନ୍ୟମାନେ କେବଳ ସେପରି ହୋଇପାରିବେ, ଯେଉଁମାନେ ଏଥିପାଇଁ ପ୍ରସ୍ତୁତ ଥିବେ ଓ ଏହା ସକାଶେ ଅଭୀପ୍ସା କରୁଥିବେ – ତେବେ ନିଃସନ୍ଦେହଭାବରେ ଏହା କୁହାଯାଇପାରେ ଯେ ମୋ ମଧ୍ୟରେ ଏହି ସିଦ୍ଧି ଉପଲବ୍ଧ ହେଲେ ତାହା ସେଦିଗରେ ସେମାନଙ୍କ ସକାଶେ ବିଶେଷ ସହାୟକ ହେବ । ତେଣୁ ସେଥିପାଇଁ ଅଭୀପ୍ସା ରଖିବା ସର୍ବଥା ଯୁକ୍ତିଯୁକ୍ତ – ଯଦି :

(୧) ଜଣେ ଅତିମାନବ ହେବାକୁ ନିତ୍‌ସୀୟ (Nietzschean) ଧାରଣା ଓ ଅନ୍ୟାନ୍ୟ ଉଚ୍ଚାକାଙ୍କ୍ଷାକୁ ପ୍ରଶ୍ରୟ ଦେଇ ଏହାକୁ ନିତାନ୍ତ ଏକ ବ୍ୟକ୍ତିଗତ ଓ ଅହଂଗତ ବିଷୟରେ ପରିଣତ ନକରେ ।

(୨) ଏହି ଉପଲବ୍ଧି ନିମିତ୍ତ ଆବଶ୍ୟକ ସର୍ତ୍ତ ଓ ସ୍ତରଗୁଡ଼ିକୁ ମାନି ଚାଲିବାକୁ ପ୍ରସ୍ତୁତ ହୁଏ ।

(୩) ଜଣେ ସେଥିପାଇଁ ଆନ୍ତରିକ ହୁଏ ଏବଂ ତାହାକୁ ଭଗବତ୍ ଅନ୍ୱେଷଣର ଏକ ଅଂଶ ବୋଲି ତଥା ନିଜ ମଧ୍ୟରେ ଭଗବତ୍ ସଂକଳ୍ପର ଚୂଡ଼ାନ୍ତ ରୂପ ବୋଲି ମନେକରେ ଏବଂ ସେହି ସଂକଳ୍ପର ପୂରଣ ବ୍ୟତୀତ ଅଧିକ କିଛି ଚାହେଁ ନାହିଁ, ତାହା ଯାହା ହେଉ ନା କାହିଁକି – ଚୈତ୍ୟିକ, ଆଧ୍ୟାତ୍ମିକ ଅଥବା ଅତିମାନସ ରୂପାନ୍ତର । ଜଗତରେ ଭଗବାନଙ୍କ କାର୍ଯ୍ୟର ପୂର୍ଣ୍ଣତା ନିମିତ୍ତ ଏହାକୁ ଗ୍ରହଣ କରିବା ଉଚିତ, କିନ୍ତୁ ବ୍ୟକ୍ତିଗତ ସୁଯୋଗ ବା ଉପଲବ୍ଧି ଭାବରେ ନୁହେଁ ।

ଏପ୍ରିଲ, ୧୯୩୫

– ଶ୍ରୀଅରବିନ୍ଦ

# ପ୍ରେତ ଓ ପ୍ରେତାତ୍ମା :
# ସେମାନଙ୍କ ଅସ୍ତିତ୍ୱ ଓ ଆଚରଣ

## ଶ୍ରୀ ମନୋଜ ଦାସ

***ପ୍ରଥମ ଜିଜ୍ଞାସୁ :*** *ମୋର ପ୍ରଶ୍ନ ହେଲା, ପ୍ରେତ ସତରେ ଅଛନ୍ତି କି ?*

**ଲେଖକ :** ସଂକ୍ଷେପରେ ଉତ୍ତର ଦେବା ସହଜ ନୁହେଁ । ପ୍ରେତ ଅଛନ୍ତି – ଅଧିକାଂଶ କ୍ଷେତ୍ରରେ ଆମ ମନ, ଆମ ଧାରଣା, ଆମ ସଂସ୍କାର ତଥା କୁସଂସ୍କାର ଭିତରେ । ଆମ ଭୟ ଏବଂ ଆମ ସଂସ୍କାରର ସୁଯୋଗ ନେଇ ଆମ ଅବଚେତନ ଏବଂ ଆମ କଳ୍ପନା, ଆମ ଆଗରେ ଭୂତ, ପ୍ରେତ ସୃଜନ କରିବାରେ ଓସ୍ତାଦ । ଏ ସମ୍ପର୍କରେ ମନସ୍ତତ୍ତ୍ୱବିତ୍‌ମାନଙ୍କର ବିଶ୍ଳେଷଣ ଅସ୍ୱୀକାର କରାଯାଇପାରିବ ନାହିଁ । ମୋର ଜଣାଶୁଣା ଜଣେ ବୃଦ୍ଧା ମୃତ୍ୟୁ ବରଣ କରିଥା'ନ୍ତି । ମୃତ୍ୟୁ ପୂର୍ବରୁ ସେ ମୋତେ ଥରେ ତାଙ୍କ ସହ ଦେଖା କରିବାକୁ ଖବର ଦେଇଥିଲେ । ମୁଁ ସ୍ଥାନାନ୍ତରେ ଥିଲି । ଲେଉଟି ଆସିବା ବେଳକୁ ସେ ଆଉ ନାହାନ୍ତି । ତାଙ୍କ ଡାକକୁ ସମ୍ମାନ ଦେଇପାରି ନଥିବାରୁ ବିଷାଦ ଅନୁଭବ କରି ମୋର ଜଣେ ବନ୍ଧୁଙ୍କ ବାରନ୍ଦାରେ ବୁଲୁଥାଏ, ହଠାତ୍ ମନେ ହେଲା ସେ କବାଟ ପାଖରେ ଉଭା । ଚମକି ପଡ଼ିଲି । ସେ ଧଳା ଶାଢ଼ି ପିନ୍ଧିଥିଲେ । କ୍ଷୀଣକାୟା । ପର ମୁହୂର୍ତ୍ତରେ ସେ ଉଭେଇ ଗଲେ । ସେତେବେଳେ ରାତ୍ରିର ପ୍ରଥମ ପ୍ରହର ।

ମୁଁ ଲକ୍ଷ୍ୟ କରି ଦେଖିଲି, ସେ କବାଟ ଉପରେ ସେଦିନ ଧଳାରଙ୍ଗ ବୋଳା ହୋଇଥାଏ । ପରଦିନ ଅନ୍ୟ ରଙ୍ଗ ଦିଆଯିବ । କିନ୍ତୁ ତାଙ୍କ ଚେହେରା ଦେଖିଲି କେମିତି ? ସେ କଥା ଭାବି ଭାବି ପଦଚାରଣା କରୁଛି, ପୁଣି ସେ ଚେହେରା ଫୁଟି ଉଠିଲା ଏବଂ ଅଚିରେ ଲିଭିଗଲା । ଠିଆ ହୋଇ ରହିଲି କବାଟ ଉପରେ ଦୃଷ୍ଟି ନ୍ୟସ୍ତ କରି । ଅଦୂରବର୍ତ୍ତୀ ଗଛର ଗୋଟାଏ ଡାଳ ପବନରେ ଥରେ ଥରେ ନଇଁ ଆସି ଜହ୍ନ ଆଲୁଅ ସହକାରେ କବାଟ ଉପରେ ଏମିତି ନକ୍‌ସାଟିଏ ଅଙ୍କନ କରୁଥାଏ, ଯାହା ମୁହୂର୍ତ୍ତକ ସକାଶେ ଗୋଟାଏ ମାନବାକୃତିର ଭ୍ରମ ସୃଜନ କରିବହିଁ କରିବ – ଏବଂ ସେ ପ୍ରତିଫଳନଟି ସେ ଭଦ୍ର ମହିଳାଙ୍କ ଆକାରରେ ରେଖାଚିତ୍ର ଭଳି ପ୍ରତୀୟମାନ ହେଉଥାଏ । ସେ ସଦ୍ୟ ପରଲୋକ ଯାଇଛନ୍ତି, ମୁଁ ତାଙ୍କ କଥା ଭାବୁଛି – ଏଭଳି ମାନସିକ ଅବସ୍ଥାରେ ସେ ପ୍ରତିଫଳନ ତାଙ୍କରି ପ୍ରେତରୂପ ବୋଲି ମୁଁ ଭାବିବା ସ୍ୱାଭାବିକ । ଅବଶ୍ୟ ତାହାକୁ ଭାବିବା ବୋଲି କହିବା ଠିକ୍ ହେବ ନାହିଁ । ତଡ଼ିତ୍ ବେଗରେ ସେଭଳି ଧାରଣା ଆସିଯିବ ଏବଂ ତତ୍‌କ୍ଷଣାତ୍ ମନରେ ଆତଙ୍କ ଖେଳିଯିବ – ଆମର ଗତାନୁଗତିକ ବିଶ୍ୱାସ ଏବଂ ସଂସ୍କାର ଯୋଗୁଁ ।

ମାନସିକ ସ୍ତରରେ ଭୂତ, ପ୍ରେତ ଦେଖିବାର ଏଭଳି ଅନେକ ବ୍ୟାଖ୍ୟା ଦିଆଯାଇପାରେ । ସେସବୁ ବ୍ୟାଖ୍ୟା ଯେମିତି ଭୁଲ୍ ନୁହନ୍ତି, ପ୍ରେତର ଅସ୍ତିତ୍ୱ ବି ସେହିଭଳି ଭୁଲ୍ ନୁହେଁ । ତେବେ, ପ୍ରେତ ସମ୍ପର୍କରେ ଆମର ଧାରଣା ଭୁଲ୍ । ପରଲୋକଗତ ବ୍ୟକ୍ତିର ଆକୃତି ଯଦି ହଠାତ୍ କାହାରି ଆଖିରେ ଧରାଦିଏ, ତେବେ ତାହା ବାତାବରଣରେ ଥିବା ତାଙ୍କର ଏକ ଛାପ ମାତ୍ର । ତାହାଠୁଁ ଅଧିକ କିଛି ନୁହେଁ । ସେ ଛାପର କୌଣସି ଶକ୍ତି ନଥାଏ । ତେବେ ଯିଏ ତାକୁ ଦେଖେ, ତା' ମନର ଭୟ ବା ଭାବପ୍ରବଣ ଆସକ୍ତି ସେ ଛାପକୁ କିଛି ବିଶେଷତ୍ୱ ପ୍ରଦାନ କରିପାରେ । (ଉତ୍ତରଦାତା ଶ୍ରୀମାଙ୍କ ଖଣ୍ଡିଏ ବହି ବାହାର କରି ଆଣିଲେ ।) ଶ୍ରୀମାଙ୍କ ଭାଷାରେ, ''It is the fear or emotion of those who see these images that sometimes gives them the appearance of a power or an action they do not possess in themselves.'' (CWM. Vol 16, p. 223)

ତେଣୁ ପ୍ରକୃତ ପ୍ରେତକୁ ଭୟ କରିବାର କୌଣସି କାରଣ ନାହିଁ । ସେ କୌଣସି ଅନିଷ୍ଟ କରିପାରିବ ନାହିଁ ।

***୨ୟ ଜିଜ୍ଞାସୁ :*** *କିନ୍ତୁ ପ୍ରେତାତ୍ମାମାନେ ଅନେକ ପ୍ରକାର ବିଘ୍ନ ଘଟାନ୍ତି ବୋଲି ଲୋକାପବାଦ ରହିଛି ।*

**ଉତ୍ତର :** ତାହା ଭ୍ରାନ୍ତ ଅପବାଦ । ଆଉ ଗୋଟାଏ କଥା । ଆମେ ସଚରାଚର ପ୍ରେତ ସହ ଆତ୍ମାକୁ ଯୋଡ଼ି ଦେଇ ପ୍ରେତାତ୍ମା ଶବ୍ଦଟି ପ୍ରୟୋଗ କରିଥାଉଁ ପରଲୋକଗତ ବ୍ୟକ୍ତିର ଦେହହୀନ ସତ୍ତାକୁ ବୁଝାଇବା ପାଇଁ । ଏଭଳି ଅଭିବ୍ୟକ୍ତି ଆକ୍ଷରିକ ଅର୍ଥରେ ଭୁଲ୍ । ପ୍ରେତ ସହ ଆତ୍ମାର ସଂଯୋଗ ନଥାଏ । ମୃତ୍ୟୁ ପରେ ଆମର ଯାହା ପ୍ରକୃତ ସତ୍ତା, ଯାହା ଅମର, ସେହି ଆତ୍ମା

ତା' ନିଜସ୍ୱ ଲୋକକୁ ପ୍ରସ୍ଥାନ କରେ । ଏ ଜନ୍ମର ଯାବତୀୟ ଅଭିଜ୍ଞତାକୁ ନିର୍ଯାସ ରୂପେ ନିଜ ଭିତରେ ସାମିଲ କରେ । ପରବର୍ତ୍ତୀ ଜନ୍ମ ନିମନ୍ତେ ପ୍ରସ୍ତୁତ ହୁଏ । କେବଳ ପ୍ରାଣସତ୍ତା – ଯାହା ମଣିଷର ନାନା ପ୍ରକାର ଆଶା, ଅଭିଳାଷ, ଲୋଭ ଏବଂ ଆସକ୍ତିର ମାଧ୍ୟମ, ତାହାହିଁ କିଛି କାଳ ପାରିପାର୍ଶ୍ୱିକ ବାତାବରଣରେ ବିଚରଣ କରେ । ତାହା ଖୁବ୍ ବେଶୀ ଆସକ୍ତ ହୋଇଥିଲେ କାହା କାହାକୁ ଦେଖାଦେଇପାରେ । ଅନେକ ସମୟରେ ବାତାବରଣରେ ଥିବା ଅନ୍ୟ ମାମୁଲି ସତ୍ତାମାନେ ଜଣକର ପ୍ରାଣସତ୍ତାକୁ ଅବଲମ୍ବନ କରି ଦେଖାଦେଇ ପାରନ୍ତି, ଅନ୍ୟକୁ ଭୟଭୀତ କରିପାରନ୍ତି ।

***ତୃତୀୟ ଜିଜ୍ଞାସୁ :*** *ବାତାବରଣରେ ସେମିତି ମାମୁଲି ସତ୍ତାମାନେ ଆସନ୍ତି କାହୁଁ ?*

**ଉତ୍ତର** : ଅତିଭୌତିକ ବା ଅତୀନ୍ଦ୍ରିୟ ବା Occult ଜଗତ୍ ବ୍ୟାପକ ଏବଂ ତା'ର ବ୍ୟାଖ୍ୟାୟନ ସହଜ ନୁହେଁ । ସ୍ଥୂଳ ଜଗତରେ ଯେମିତି ନାନାଦି ପଶୁପକ୍ଷୀ, ନାନାଦି ପ୍ରାଣୀ ଅଛନ୍ତି ଏବଂ ସେମାନେ କୁଆଡୁ ଆସିଲେ, କାହିଁକି ଆସିଲେ ଭଳି ପ୍ରଶ୍ନର ଉତ୍ତର ଦେବା ମୋ ଭଳି ସାଧାରଣ ଅନୁସନ୍ଧିତ୍ସୁ ପକ୍ଷରେ ସମ୍ଭବପର ନୁହେଁ । ଆମ ଅଗୋଚରରେ କେତେ ଅଦୃଶ୍ୟ ଶକ୍ତି ଭିତରେ ନାନାଦି ଘାତ-ପ୍ରତିଘାତ ସମ୍ଭବପର ହେଉଛି । କେତେ ବିକଳ, ବିକୃତ ଶକ୍ତି ବା ସତ୍ତା ଜାତ ହେଉଛନ୍ତି, ବିଲୀନ ହୋଇଯାଉଛନ୍ତି । ସେମାନଙ୍କ ଅସ୍ତିତ୍ୱ ସମ୍ଭବ ହେବା ଦିଗରେ ମଣିଷମାନଙ୍କ ନିମ୍ନ-ଚେତନା ନିର୍ଗତ କ୍ରୋଧ, ପ୍ରତିହିଂସା-ସ୍ପୃହା, ହତାଶା ଇତ୍ୟାଦିର ଅବଦାନ କମ୍ ନୁହେଁ ।

ତେବେ ଅନେକ ସମୟରେ ଅହେତୁକୀ ଭାବରେ କୌଣସି ଏକ ସତ୍ତା କାହାରି ଆଗରେ ଉଭା ହୋଇଯାଏ । ସେ ଯେ ଭୟ ଦେଖାଇବା ସକାଶେ ସେପରି କରେ, ତାହା ନୁହେଁ । କିନ୍ତୁ ମଣିଷଟିଏ ଭୟଭୀତ ହୋଇପଡ଼େ ।

***ପ୍ରଥମ ଜିଜ୍ଞାସୁ :*** *ସେସବୁ ସତ୍ତା ଅହେତୁକୀ ଭାବରେ ସେମିତି କରିବାର କାରଣ ?*

**ଉତ୍ତର :** 'ଅହେତୁକୀ'ର ହେତୁ ଖୋଜିଲେ ଚଳିବ ? ଯଦି ସେମାନଙ୍କ ପାଇଁ ହେତୁ ଥିବ, ତେବେ ତାହା ଆମ ବିଚାରବୁଦ୍ଧି ପର୍ଯ୍ୟାୟର ହେତୁ ନୁହେଁ । ସେ ଜଗତର ହେତୁଶାସ୍ତ୍ର ଭିନ୍ନ ହୋଇଥିବ । ଆମେ ସଭ୍ୟ, ଭବ୍ୟ ନାଗରିକମାନେ, ଆମ ଭିତରୁ କେହି ଜଣେ ପାଗଳ ହୋଇଗଲେ ଅହେତୁକୀ ଆଚରଣ କରିପାରେ, ଏହା ଏକ ସାଧାରଣ ଅଭିଜ୍ଞତା । ମାନସିକ ସ୍ୱାସ୍ଥ୍ୟ ବିଜ୍ଞାନ ଦୃଷ୍ଟିରୁ ପାଗଳ ନହୋଇ ମଧ୍ୟ ଆମ ଭିତରର ଆପାତ ଦୃଷ୍ଟିରୁ ମାର୍ଜିତ, ଉଚ୍ଚ ଶିକ୍ଷିତ ଏବଂ ସମ୍ଭ୍ରାନ୍ତ କେହି କେହି ବ୍ୟକ୍ତି ମଧ୍ୟ କାମ, କ୍ରୋଧ ବା ଲୋଭର ଶିକାର ହୋଇ ଅପ୍ରତ୍ୟାଶିତ ଭାବେ ଏମିତି ନାରକୀୟ କାଣ୍ଡ ଘଟାଇପାରନ୍ତି, ସେଥିରେ ଆପଣଙ୍କ ହେତୁଜ୍ଞାନ ବାଟବଣା ହୋଇଯିବ । ଅତୀନ୍ଦ୍ରିୟ ଜଗତର ନାଗରିକମାନଙ୍କଠାରୁ ଆପଣ ହେତୁଜ୍ଞାନର ଆଶା କାହିଁକି କରିବେ ?

ହଁ, ଯାହା କହୁଥିଲି, ଥରେ ଥରେ ଅଶରୀରୀ ସତ୍ତାଟିଏ ଅହେତୁକୀ ଭାବରେ ଆପଣଙ୍କ ଆଗରେ ଦୃଶ୍ୟମାନ୍ ହୋଇପାରେ । ଅବଶ୍ୟ ଏହାର ଅର୍ଥ ନୁହେଁ ଯେ ସେ ସର୍ବଦା ହେତୁହୀନ । ମୋର ମନେ ଅଛି, ଗତ ଶତାବ୍ଦୀର ଷଷ୍ଠ ଦଶକରେ ଜଣେ ଭଦ୍ର ବ୍ୟକ୍ତି 'ସିଦ୍ଧପୁର' ନାମକ ସ୍ଥାନରେ ଥିବା ତାଙ୍କ ଗୃହକୁ ଗଲେ ସେଠାରେ ସେମିତି ଏକ ସତ୍ତା ତାଙ୍କ ଆଗରେ ବାରଂବାର ଉଭା ହେଉଥାଏ । ସେ ଶ୍ରୀମାଙ୍କୁ ଲେଖିଲେ କି ସେ ଆଉ ସିଦ୍ଧପୁର ଯିବେ ନାହିଁ । ଶ୍ରୀମା ତାଙ୍କୁ ଦେଲେ ଏହି ନିର୍ଦ୍ଦେଶ : 'Go to Siddhapur'; ଏ ବାକ୍ୟଟି ମନେ ଅଛି । ପରବର୍ତ୍ତୀ ବାର୍ତ୍ତାର ମର୍ମ ହେଲା, ଯେତେବେଳେ ସେ ଅଶରୀରୀ ସତ୍ତା ତାଙ୍କ ଆଗରେ ଉଭା ହେବ, ସେ ତାକୁ ଏହି ଉପଦେଶ ଦେବେ : ତୁ ଯଦି ଶାନ୍ତି କାମନା କରୁଛୁ, ତେବେ ଚାଲି ଯା' ଶ୍ରୀମାଙ୍କ ପାଖକୁ । ସେ ତୋତେ ଶାନ୍ତି ଦେବେ ।

କାହାରି କାହାରି ପ୍ରାଣସତ୍ତା ପରଲୋକରେ କଷ୍ଟ ପାଏ, ବିଶେଷତଃ ଯେଉଁମାନେ ଆତ୍ମହତ୍ୟା କରିଥା'ନ୍ତି, ଅଥବା ନିଜେ କ୍ରୋଧୋନ୍ମତ୍ତ ଅବସ୍ଥାରେ କାହାକୁ ହତ୍ୟା କରିବାକୁ ଯାଇ ନିଜେ ନିହତ ହୋଇଥା'ନ୍ତି । ସେମାନେ ସେ କ୍ଳେଶଦାୟକ ଅବସ୍ଥାରୁ ଉତ୍ତୀର୍ଣ୍ଣ ହେବାକୁ ବ୍ୟାକୁଳ ହେବା ସ୍ୱାଭାବିକ ।

***ଦ୍ୱିତୀୟ ଜିଜ୍ଞାସୁ :*** *ସେମିତି କ୍ଷୁଦ୍ର ପ୍ରାଣସତ୍ତାମାନେ ଅନ୍ୟର ଅନିଷ୍ଟ କରିପାରନ୍ତି ତ !*

**ଉତ୍ତର :** ପାରନ୍ତି । ଥରେ ଥରେ ସେ ସତ୍ତାମାନଙ୍କୁ ଯଦି ଏପରି କୌଣସି କୁଶକ୍ତି ଆୟତ୍ତ କରିନିଏ, ଅନ୍ୟକୁ କଲବଲ କରିବାହିଁ ଯାହାର ଏକମାତ୍ର କର୍ମ, ତେବେ ସମ୍ପୂର୍ଣ୍ଣ ଅହେତୁକୀ ଭାବେ ସେମାନେ ଦୁଷ୍ଟାମି କରିବେହିଁ କରିବେ । ଆପଣମାନେ – କମଳାକାନ୍ତ ଦାସ ବୋଲି ଜଣେ ଲେଖକଙ୍କୁ ମନେ ରଖିଛନ୍ତି ? ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ ତାଙ୍କର 'ବୋଉ' ନାମକ ଉପନ୍ୟାସ ଖୁବ୍ ଜନପ୍ରିୟତା ଲାଭ କରିଥିଲା । ମୋର ଯେତେଦୂର ସ୍ମରଣ ହୁଏ, 'ସମାଜ'ର ରବିବାର

ସଂଖ୍ୟାରେ ପ୍ରାୟ ପୂର୍ଣ୍ଣ ପୃଷ୍ଠା ବ୍ୟାପୀ ତାଙ୍କର ଏକ ଲେଖା ମୋତେ ପ୍ରଥମ ଥର ପାଇଁ 'ଶ୍ରୀମା'ଙ୍କ ସମ୍ପର୍କରେ କିଞ୍ଚିତ୍ ଜାଣିବାର ସୁଯୋଗ ଦେଇଥିଲା । ଲେଖାଟି ଗତ ଶତାବ୍ଦୀର ପଞ୍ଚମ ଦଶକରେ ପ୍ରକାଶ ପାଇଥିଲା ।

କମଳାକାନ୍ତ ବାବୁ କୋରାପୁଟରେ ଚାକିରି କରୁଥିଲେ — ହୁଏତ ଗତ ଶତାବ୍ଦୀର ଚତୁର୍ଥ ଦଶକ ବା ପଞ୍ଚମ ଦଶକର ପ୍ରଥମରେ । ସେତେବେଳର କୋରାପୁଟ ଏକ ଜନବିରଳ ସହର; ଆଧୁନିକ ସୁବିଧା ସୁଯୋଗର ପ୍ରଶ୍ନ ନଥିଲା; ବିଦ୍ୟୁତ୍ ଯଦି ଥିଲା, ତେବେ ସରକାରୀ ବଙ୍ଗଳା ଓ ଅଳ୍ପ କିଛି ଘରେ ଥିଲା ।

ସହର ଉପାନ୍ତରେ ଏକ ଛୋଟ ଘରେ ସପରିବାର ରହୁଥିଲେ କମଳାକାନ୍ତ । ବହୁବର୍ଷ ପରେ ଘଟଣାଟି ମନେ ପକାଉଛି । ତେଣୁ ମୌଳିକ ତଥ୍ୟ ଠିକ୍ ଥିଲେ ମଧ୍ୟ ବିଶଦ ବର୍ଣ୍ଣନା ଦେଇପାରିବି ନାହିଁ ।

ତାଙ୍କ ପରିବାର ଉପରେ ହେଲା ବିନା ମେଘରେ ବଜ୍ରପାତ । ଘର ଭିତରେ ପଡ଼ିଲା ଢେଲା, ପଥର । ରୋଷେଇ ଚାଲିଥିବା ବେଳେ ପାତ୍ରରେ ଆସି ପଡ଼ିଲା ଆବର୍ଜନା । ଖାଲି ଆତଙ୍କରେ ନୁହେଁ, ଭୋକ ଉପାସରେ ପରିବାରକୁ ଦିନାତିପାତ କରିବାକୁ ପଡ଼ିଲା । କୋରାପୁଟରୁ ବଦଳି ପାଇଁ ପ୍ରାର୍ଥନା କରି ସେ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ ଦେଲେ । କିନ୍ତୁ ପ୍ରେତ-ଉପଦ୍ରବ ଯୋଗୁଁ ବଦଳି-ପ୍ରାର୍ଥନା ତତ୍କାଳୀନ ହାକିମଙ୍କର ସହାନୁଭୂତି ଉଦ୍ରେକ କରିପାରିଲା ନାହିଁ ।

ସେ ଘର ବଦଳାଇଲେ; କିନ୍ତୁ ଉପଦ୍ରବର ଇତି ହେଲା ନାହିଁ । ସାରା ପରିବାର ମର୍ମନ୍ତୁଦ ଅବସ୍ଥାରେ ଉପନୀତ ହେଲେ । କୋରାପୁଟର ଓ ଅରଣ୍ୟ ମୁଲକର ପ୍ରଖ୍ୟାତ ଗୁଣୀ ଓ ତନ୍ତ୍ରବିତ୍ ଓଝାମାନେ ଆମନ୍ତ୍ରିତ ହୋଇଆସିଲେ । କିନ୍ତୁ ସେମାନଙ୍କ ବିଦ୍ୟା ମଧ୍ୟ କାମ ଦେଲା ନାହିଁ — ଏଥିରେ ଏ ଘଟଣାଟି ଜାଣିଥିବା ସ୍ଥାନୀୟ ଲୋକେ ବିସ୍ମୟ-ବିମୂଢ଼ ପାଲଟି ଗଲେ ।

ଯେତେଦୂର ମନେ ପଡ଼ୁଛି, କମଳାକାନ୍ତ ବାବୁ ଚାକିରିରୁ ଇସ୍ତଫା ଦେଇ କୋରାପୁଟ ତ୍ୟାଗ କରିବାକୁ ମନସ୍ଥ କଲେ । ଅଥଚ ତାଙ୍କ ପାଇଁ ଜୀବିକାର ଅନ୍ୟ ପନ୍ଥା ମଧ୍ୟ ସେତେବେଳେ ନଥିଲା ।

ଏହି ସଙ୍କଟଜନକ ଅବସ୍ଥାରେ କେହି ଜଣେ ହିତୈଷୀ ତାଙ୍କୁ ସମଗ୍ର ଘଟଣାଟି ସେତେବେଳେ ଫରାସୀ ଉପନିବେଶ ପଣ୍ଡିଚେରୀରେ ଥିବା ଶ୍ରୀମାଙ୍କ ଗୋଚରକୁ ଆଣିବାର ପରାମର୍ଶ ଦେଲେ । କମଳାକାନ୍ତ ବାବୁ ତଦନୁସାରେ କାମ କଲେ । ଯେଉଁଦିନ ଶ୍ରୀମା ତାଙ୍କ ସମସ୍ୟା ଜ୍ଞାତ ହେଲେ, ସେହିଦିନ କିଂବା ଯେଉଁଦିନ ଶ୍ରୀମାଙ୍କ ଆଶୀର୍ବାଦ କମଳାକାନ୍ତ ବାବୁଙ୍କ ହସ୍ତଗତ ହେଲା, ସେହିଦିନହିଁ ସେ ଭୌତିକ ଉପଦ୍ରବ ବନ୍ଦ ହେଲା !

ବହୁବର୍ଷ ପରେ ଏ ଲେଖକ ସହ କଟକରେ ଦିନେ କମଳାକାନ୍ତ ବାବୁଙ୍କର ପରିଚୟ ହୁଅନ୍ତେ ଏବଂ ଏ ଲେଖକ ତାଙ୍କର ସେ ଲେଖାଟିର ଉଲ୍ଲେଖ କରନ୍ତେ ଶ୍ରୀମାଙ୍କ ଉଦ୍ଦେଶ୍ୟରେ ତାଙ୍କ ନୟନରୁ ଝରି ଆସିଥିଲା କୃତଜ୍ଞତାର ଅଶ୍ରୁ !

**ଚତୁର୍ଥ ଜିଜ୍ଞାସୁ :** ଯେଉଁ ଭୌତିକ ଉପଦ୍ରବକୁ ଗୁଣି-ଗାରୁଡ଼ୀ ଜାଣିଥିବା ବିଶେଷଜ୍ଞମାନେ ବନ୍ଦ କରିପାରିଲେ ନାହିଁ, ତାଙ୍କୁ ବନ୍ଦ କରିବା ବିଦ୍ୟା ଶ୍ରୀମା କିପରି ଜାଣିଲେ ? କ୍ଷମା କରିବେ । ଶ୍ରୀମା ଯେତେହେଲେ ଫ୍ରାନ୍ସ୍ ଦେଶର କନ୍ୟା । ଭାରତୀୟ ତନ୍ତ୍ର କହନ୍ତୁ, ଗୁଣିବିଦ୍ୟା କହନ୍ତୁ, ସେ କେବେ ଆୟତ୍ତ କଲେ ?

**ଉତ୍ତର :** ଶ୍ରୀମା ସେ ବିଦ୍ୟା ଆୟତ୍ତ କରିବାର ଆବଶ୍ୟକତା ନଥିଲା । ଅବଶ୍ୟ ସେଭଳି ଯାବତୀୟ ବିଦ୍ୟା — ନୀଚରୁ ସର୍ବୋଚ୍ଚ ପର୍ଯ୍ୟନ୍ତ ଯେଉଁସବୁ ବିଭୂତିକୁ ଅତୀନ୍ଦ୍ରିୟ ବିଜ୍ଞାନ ବୋଲି ଅଭିହିତ କରାଯାଏ — ତା'ର ଆମୂଳଚୂଳ ଜ୍ଞାନ ଶ୍ରୀମାଙ୍କ ଚେତନାରେ ବିକଶିତ ହୋଇସାରିଥିଲା ସେ ଆଲ୍‌ଜେରିଆରେ ଥିବା ବେଳେ ।

ଆପଣମାନେ ଜାଣନ୍ତି, ଯେକୌଣସି ମହାମାନ୍ତ୍ରିକ ବା ମହାତାନ୍ତ୍ରିକଙ୍କଠାରୁ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ସ୍ଥାନ ଅମାପ ଊର୍ଦ୍ଧ୍ୱରେ । ସେ ଦୁହେଁ କାଳାନ୍ତରର ଆବାହକ, ମାନବଜାତି ସକାଶେ ବିବର୍ତ୍ତନରେ ଏକ ନୂତନ ପର୍ଯ୍ୟାୟର ବାର୍ତ୍ତାବହ ତଥା ପୁରୋଧା । ଜଣେ ମହାନ୍ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ସକାଶେ ଗୁଣି-ଗାରୁଡ଼ୀ ବିଦ୍ୟାର ନିର୍ଦ୍ଦିଷ୍ଟ ପ୍ରୟୋଗ ରୀତି ବା ସେସବୁକୁ ଖଣ୍ଡନ କରିବାର ଜ୍ଞାନ ଲୋଡ଼ା ନଥାଏ । ତାଙ୍କ କରୁଣାହିଁ ଦିବ୍ୟଶକ୍ତି ରୂପେ ଅପଶକ୍ତିର ପ୍ରଭାବକୁ ଦୂରୀଭୂତ କରେ ।

***ପ୍ରଥମ ଓ ଚତୁର୍ଥ ଜିଜ୍ଞାସୁ :*** *ଅପଶକ୍ତିମାନେ ଆଧ୍ୟାତ୍ମିକ ବ୍ୟକ୍ତିମାନଙ୍କୁ ଆକ୍ରମଣ କରିବାକୁ ସାହସ କରନ୍ତି ?*

**ଉତ୍ତର :** ଅବଶ୍ୟ କରନ୍ତି । ମହାବୀର ଜିନ ଏବଂ ବୁଦ୍ଧଙ୍କଠାରୁ ଆରମ୍ଭ କରି ଶ୍ରୀଅରବିନ୍ଦଙ୍କ ପର୍ଯ୍ୟନ୍ତ ମହାନ୍ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱସବୁ କୁଶକ୍ତିର ଆକ୍ରମଣରୁ ବାଦ୍ ପଡ଼ି ନାହାନ୍ତି । ଯେତେବେଳେ ଶ୍ରୀମାଙ୍କ ପ୍ରସଙ୍ଗ ପଡ଼ିଛି, ତାଙ୍କରି ଜୀବନରୁ ଗୋଟାଏ ଦୃଷ୍ଟାନ୍ତ ଦେଉଛି । ୧୯୧୯ ମସିହା ଜାନୁଆରୀ ।

ଶ୍ରୀମା ଥା'ନ୍ତି ଜାପାନର ଟୋକିଓ ମହାନଗରୀରେ । ଗୋଟାଏ ପ୍ରକାର ବିକଟ ଫ୍ଲୁ ଜାତୀୟ ଜ୍ୱର ହଠାତ୍ ସେ ଦେଶକୁ ଆକ୍ରମଣ କଲା । ଜ୍ୱରଗ୍ରସ୍ତ ହେବାର ତୃତୀୟ ଦିନହିଁ ଜଣକର ଜୀବନାବସାନ ହେଉଥାଏ ।

ଖାସ୍ ଟୋକିଓ ସହରରେ ଦୈନିକ ହଜାର ହଜାର ନରନାରୀ ପ୍ରାଣ ହାରୁଥା'ନ୍ତି । ସାରା ବାତାବରଣରେ ଘୋଟି ରହିଥାଏ ଭୟ ଏବଂ ବିଷଣ୍ଣ ଭାବ । ଦିନେ ଶ୍ରୀମାଙ୍କୁ ଏକାକିନୀ ଟ୍ରାମ ଯୋଗେ ନଗରୀର ଗୋଟାଏ ଦୂର ପ୍ରାନ୍ତକୁ ଯିବାକୁ ପଡ଼ିଲା । ଟ୍ରାମର ସମସ୍ତ ଯାତ୍ରୀ ବାୟୁମଣ୍ଡଳରେ ଥିବା ଜୀବାଣୁ କବଳରୁ ମୁକ୍ତ ରହିବାର ପ୍ରୟାସ ରୂପେ ମୁହଁ, ନାକ ଉପରେ ମୁଖା ଜାତୀୟ କିଛି ପରିଧାନ କରିଥା'ନ୍ତି ।

ଶ୍ରୀମା ହଠାତ୍ କୌତୂହଳ ଅନୁଭବ କଲେ; କ'ଣ ଏ ବିଚିତ୍ର ବ୍ୟାଧିର ରହସ୍ୟ ? ବାସ୍, କୌତୂହଳହିଁ ତାଙ୍କ କଳେବର ଭିତରକୁ ସେ ବ୍ୟାଧିର ଅନୁପ୍ରବେଶ ଘଟାଇଲା । ଆପଣା ବସାକୁ ଲେଉଟି ଆସିବା ମାତ୍ରେ ସେ ଶଯ୍ୟାଶାୟୀ ହେଲେ ।

ସେ ଏକାକିନୀ ଥା'ନ୍ତି । କୌଣସିମତେ ତାଙ୍କର ଜଣେ ଡାକ୍ତର ବନ୍ଧୁ ଖବର ପାଇ ଆସି ପହଞ୍ଚିଲେ । ସେ ବ୍ୟାଧିର ଏକମାତ୍ର ଔଷଧ ଥାଏ ଦୁଷ୍ପ୍ରାପ୍ୟ । ଡାକ୍ତରଙ୍କ ପାଖରେ ସାମାନ୍ୟ ମାତ୍ରାରେ ତାହା ଥାଏ । ଭଦ୍ରଲୋକ ସେତକ ଶ୍ରୀମାଙ୍କୁ ଦେବାକୁ ଉଦ୍ୟତ ହୁଅନ୍ତେ ଶ୍ରୀମା ତାହା ଗ୍ରହଣ କଲେ ନାହିଁ । ସେତକ ଔଷଧ ଦ୍ୱାରା ଆଉ କାହାରି ପ୍ରାଣରକ୍ଷା କରିବାର ପରାମର୍ଶ ଦେଇ ତାଙ୍କୁ ଫେରାଇ ଦେଲେ ।

ଭୀଷଣ ବେଦନା ଦ୍ୱାରା ଶ୍ରୀମା ଆକ୍ରାନ୍ତ । ତୃତୀୟ ଦିନ ସନ୍ଧ୍ୟାରେ ସେ ଦେଖିଲେ ଏକ ବିଚିତ୍ର ଦୃଶ୍ୟ । ଗୋଟାଏ ବୀଭତ୍ସ ମଣିଷ – ଯାହାର ଫାଳେ ମୁଣ୍ଡ ଉଡ଼ିଯାଇଛି – ଦେହରେ ଜଣେ ଯୋଦ୍ଧାର ପୋଷାକ – ସେ ପଶି ଆସି ଅଚାନକେ ଶ୍ରୀମାଙ୍କ ଛାତି ଉପରେ ପଡ଼ି ତାଙ୍କ ରକ୍ତ ଶୋଷିବାକୁ ଆରମ୍ଭ କଲା । ସତେ ଯେପରି ତାଙ୍କ ପ୍ରାଣଶକ୍ତି ନିଃଶେଷ ହେବାକୁ ଆଉ ବିଳମ୍ବ ନାହିଁ !

କହିବା ବାହୁଲ୍ୟ, ନିଜର ଅତୀନ୍ଦ୍ରିୟ ଦୃଷ୍ଟି ଯୋଗେହିଁ ଶ୍ରୀମା ସେ ବ୍ୟାଧି ଦୂତକୁ ଦେଖିଥିଲେ । ବର୍ତ୍ତମାନ ନିଜର ସେହି ଅତୀନ୍ଦ୍ରିୟ ଶକ୍ତି ପ୍ରୟୋଗକରି ସେ ତାହା ସହ ଲଢ଼ିଲେ ଏବଂ ତାକୁ ଫୋପାଡ଼ି ଦେଲେ ।

ମୃତ୍ୟୁ ଦୂତ ଟଳି ଟଳି ଚାଲିଗଲା । ହୁଏତ ସେହି ମୁହୂର୍ତ୍ତରେ ହେଲା ତା'ର ବିଲୟ । ସେହି ମୁହୂର୍ତ୍ତରୁ ସେ ବ୍ୟାଧି ଯୋଗେ ଆଉ କେହି ମରିବାର ସମ୍ବାଦ ମିଳିଲା ନାହିଁ । ସେ ଦୁରନ୍ତ ବ୍ୟାଧି କାହିଁକି ଆସିଥିଲା, କାହିଁକି ହଠାତ୍ ଅପସରିଗଲା, ସେ ବିଷୟରେ ସମ୍ବାଦପତ୍ରମାନଙ୍କରେ ଅବଶ୍ୟ ଚର୍ଚ୍ଚା ହେଲା, କିନ୍ତୁ ତା'ର ଆଦି ଏବଂ ଅନ୍ତର ପ୍ରକୃତ ରହସ୍ୟ ସର୍ବସାଧାରଣଙ୍କ ପାଇଁ ରହିଲା ଅଜ୍ଞାତ ।

ସେତେବେଳେ ପ୍ରଥମ ମହାଯୁଦ୍ଧ ଚାଲିଥାଏ । ସେ ଯୁଦ୍ଧରେ ଅକାଳରେ ମୃତ୍ୟୁବରଣ କରୁଥା'ନ୍ତି ହଜାର ହଜାର ଯୁବକ; ସେମାନଙ୍କ ଆଶା, ଆକାଂକ୍ଷା, ସ୍ୱପ୍ନ, କଳ୍ପନା – ହଠାତ୍ ସବୁ ଭୁଶୁଡ଼ି ପଡୁଥାଏ । ସେହିମାନଙ୍କ ବିକ୍ଷୁବ୍ଧ, ବିଦ୍ରୋହୀ ପ୍ରାଣସତ୍ତା ନେଇଥାଏ ସେ ଧ୍ୱଂସାତ୍ମକ ବ୍ୟାଧିର ରୂପ ।

***ଜଣେ ଜିଜ୍ଞାସୁ : ଅତୀନ୍ଦ୍ରିୟ ଜଗତ୍ ସମ୍ପର୍କରେ ଆମ ଜ୍ଞାନ କେତେ ସୀମିତ !***

**ଉତ୍ତର :** ଇନ୍ଦ୍ରିୟ-ଲବ୍ଧ ଜ୍ଞାନ ଆମର ବା କେତେଦୂର ? ଏହି ସ୍ଥୂଳ ପୃଥିବୀ ଏବଂ ଆମେ ବିତାଉଥିବା ଏହି ଜୀବନର ରହସ୍ୟ ବା ଆମେ କେତେ ମାତ୍ରାରେ ଜାଣୁଁ ? ❖

ମା'ଙ୍କୁ ସମର୍ପଣ କରି ତାଙ୍କ ପାଇଁ କର୍ମ କରିବା ଦ୍ୱାରା, ନିଜର କୌଣସି ଖିଆଲୀ କଳ୍ପନା ବା ଆତ୍ମପ୍ରବଣ ପ୍ରାଣିକ ଝୁଙ୍କକୁ ପ୍ରଶ୍ରୟ ନ ଦେଇ ମା'ଙ୍କର ବ୍ୟକ୍ତ ଇଚ୍ଛା ପ୍ରତି ଆଜ୍ଞାନୁବର୍ତ୍ତୀ ହୋଇ ରହିବା ଦ୍ୱାରାହିଁ ତୁମେ ଏଠାରେ ଦିବ୍ୟଜନନୀ ଶ୍ରୀମାଙ୍କ ମୂର୍ତ୍ତରୂପ ସଙ୍ଗେ ସଂଯୋଗ ରଖିପାରିବ ଓ ଯୋଗରେ ଅଗ୍ରଗତି କରିପାରିବ ।

– ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦ ଓ ଦିଲୀପକୁମାର
## (୨)

[ବିଖ୍ୟାତ ସଂଗୀତଜ୍ଞ, ଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ପ୍ରିୟ ଶିଷ୍ୟ ଶ୍ରୀ ଦିଲୀପକୁମାର ରାୟଙ୍କର ଶ୍ରୀଅରବିନ୍ଦଙ୍କ ସହିତ କଥୋପକଥନ ଓ ସେହି ସମୟର ଅଭିଜ୍ଞତା]

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଦିଲୀପକୁମାର ରାୟଙ୍କ ବର୍ଣ୍ଣନା ନିମ୍ନମତେ :

ଦିଲୀପ : ତାହା କ'ଣ ମୋ ପକ୍ଷରେ ସମ୍ଭବ !

ଶ୍ରୀଅରବିନ୍ଦ : ପ୍ରଥମରୁ ସମ୍ଭବ ନୁହେଁ । ହେଲେ ତ କହିଥା'ନ୍ତି, ତୁମେ ବର୍ତ୍ତମାନ ବି ମୁକ୍ତ ପୁରୁଷ ହୋଇ ରହିଛ । ମୋର କହିବାର ଉଦ୍ଦେଶ୍ୟ ତୁମେ ଯଦି ଯୋଗ କରିବାକୁ ଚାହଁ, ତା'ହେଲେ ଏଇ ଅନ୍ତର୍ମୁକ୍ତିର ଆଦର୍ଶକୁ ସର୍ବଦା ତୁମକୁ ଆଖି ଆଗରେ ଧରି ରଖିବାକୁ ପଡ଼ିବ । ଅର୍ଥାତ୍ ଯଦି ତୁମକୁ କିଛି ଛାଡ଼ିବାକୁ କୁହାଯାଏ, ସେଥିପାଇଁ ପ୍ରସ୍ତୁତ ଥିବ ସବୁବେଳେ ।

ଦିଲୀପ : ଛାଡ଼ିବାକୁ କୁହା ହେବ ନିଶ୍ଚୟ ।

ଶ୍ରୀଅରବିନ୍ଦ : ବାହାର ଦିଗରୁ ହୁଏତ କିଛି ଛାଡ଼ିବାକୁ ପଡ଼ି ନପାରେ । କିନ୍ତୁ ସେଥିରେ ବିଶେଷ କିଛି ଯାଏ ଆସେ ନାହିଁ, କାରଣ ଭିତରେ ତୁମକୁ ପୂରାପୂରି ନିର୍ଲିପ୍ତ ରହିବାକୁ ପଡ଼ିବ । ଅନ୍ତରରେ ଯଦି ତୁମେ ବନ୍ଧନମୁକ୍ତ ହୋଇଯାଅ ତେବେ ବାହାରେ ଯାହାକିଛି ବନ୍ଧନ ଆଣେ ସେମାନଙ୍କୁ ନଛାଡ଼ିଲେ ବି କିଛି ଯାଏ ଆସେ ନାହିଁ । କିନ୍ତୁ ଯାହାକିଛି ଅନ୍ତରାୟ ହୋଇ ଠିଆ ହୁଏ ଦରକାର ହେଲେ ତାକୁ ବିଦାୟ ଦେବାକୁ ପ୍ରସ୍ତୁତ ହେବାକୁ ପଡ଼ିବ । ଯୋଗର ଏହା ଏକ ପ୍ରଧାନ ସର୍ତ୍ତ ।

କହିଲି, ''ସୂକ୍ଷ୍ମତର ସ୍ତରର ଜିନିଷ ସମ୍ବନ୍ଧରେ ବି ସେଇ ଏକା କଥା ?''

ଶ୍ରୀଅରବିନ୍ଦ ମୃଦୁ ହସି କହିଲେ, ''ହେବହିଁ ହେବ, ଏମିତି କଥା ତ ମୁଁ କହି ନାହିଁ ! ତେବେ ଯୋଗ ଯଦି ତୁମ ଜୀବନର ସବୁଠାରୁ ବଡ଼ ଜିନିଷ ହୋଇଥା'ନ୍ତା, ତା'ହେଲେ ସେଥିପାଇଁ ସଙ୍ଗୀତ ଛାଡ଼ିବାକୁ ପଡ଼ିପାରେ ବୋଲି ଭାବିବା ମାତ୍ରେ ତୁମେ ଏତେ ଉଦ୍‌ବିଗ୍ନ ହୋଇ ପଡ଼ନ୍ତ କି ?''

ମୁଁ ଅପ୍ରତିଭ ହୋଇ ମୁଣ୍ଡ ନୁଆଁଇଲି । କୁଣ୍ଠିତ ହୋଇ କହିଲି, ''ଆପଣ ଭାବିବେ ନାହିଁ ଯେ, ମୁଁ ଗୀତ ଛାଡ଼ିବା ପାଇଁ ଅକ୍ଷମ । ପ୍ରକୃତ କଥା ଜାଣନ୍ତି ? କେମିତି ନିଃଶଂସୟ ହେବି ଯେ ଯୋଗରେ ସଙ୍ଗୀତ ଛାଡ଼ି ଦେବାର କ୍ଷତିପୂରଣ ମିଳିବ ? ମୋର ସମସ୍ୟା ହେଲା ଗୋଟିଏ ବଡ଼ ଜିନିଷ ପାଇଁ ଛୋଟକୁ ଛାଡ଼ିବା ମୋ ପକ୍ଷରେ କଷ୍ଟକର ହେବ ନାହିଁ, ଯଦି ଏଇ ବଡ଼ କିଛିର ପୂର୍ବାଭାସ ମିଳେ । କିନ୍ତୁ ଯେତେବେଳେ ଯୋଗଲବ୍ଧ ଆନନ୍ଦ ସମ୍ବନ୍ଧରେ କିଛି ସୂକ୍ଷ୍ମ ଧାରଣା ମୋର ନାହିଁ, ତେବେ ଅଧ୍ରୁବ ପାଇଁ ଧ୍ରୁବକୁ ଆଗରୁ ଛାଡ଼ି ଦେବାକୁ ହେବ, ଏମିତି ଭାବିବାକୁ ବି ବାଧେ । କୂଳର ମାୟା କାଟିବା ଆଗରୁ ଅକୂଳର କିଛି ସ୍ୱାଦ ଅନ୍ତତଃ ପାଇବାକୁ ଚାହିଁବା କ'ଣ ଖୁବ୍ ଅସଂଗତ, ଅଯୌକ୍ତିକ ?''

ଶ୍ରୀଅରବିନ୍ଦ କହିଲେ, ''ମୁଁ ତୁମକୁ କହିଛି ଯେ ତୁମକୁ ସଂଗୀତ ବା ସେ ରକମ ଅନ୍ୟ ସବୁକିଛିକୁ ଛାଡ଼ିବାକୁ ହେବ, ଏମିତି କିଛି ବାଧ୍ୟବାଧକତା ନାହିଁ । ଯାହା ଆବଶ୍ୟକ ତାହା ହେଉଛି ଯଦି ଦରକାର ହୁଏ ତା'ହେଲେ ଯେଉଁ ଜିନିଷ ଯୋଗର ପ୍ରତିକୂଳ ସେସବୁକୁ ବିଦାୟ ଦେବାକୁ ତୁମେ ଅରାଜି ହେବ ନାହିଁ ।''

ଦିଲୀପ : କିନ୍ତୁ ଯଦି ଜିଜ୍ଞାସା କରେ, ଏ ଯୋଗରୁ କ'ଣ ମିଳିବ ସବୁ ଛାଡ଼ିଦେବା ଆଗରୁ ? ମନ ଯଦି କୌତୂହଳୀ ହୁଏ ଜାଣିବାକୁ, ତାହା କ'ଣ ନିଷିଦ୍ଧ ?

ଶ୍ରୀଅରବିନ୍ଦ : ନିଷିଦ୍ଧ ନୁହେଁ, କିନ୍ତୁ ଯୋଗ ଠିକ୍ ମାନସ କୌତୂହଳର ବ୍ୟାପାର ନୁହେଁ । ଯୋଗ ହେଲା ଉପଲବ୍ଧିର ବ୍ୟାପାର, ଜୀବନ ଦେଇ ଉପଲବ୍ଧି, ସମସ୍ତ ସତ୍ତା ଦେଇ ଉପଲବ୍ଧି । କ୍ଷତି ପୂରଣର କଥା କହୁଥିଲ, କ୍ଷତିପୂରଣ ଅଛି ଅବଶ୍ୟ । ତାହା ସ୍ଥାୟୀ ଓ ଗଭୀର । କିନ୍ତୁ ତାକୁ ଦାବି କଲେ ଯେ ସେ ଧରା ଦେବ, ଏମିତି କିଛି ସେ ପ୍ରଥମରୁ ପ୍ରତିଶ୍ରୁତି ଦିଏ ନାହିଁ । ତା' ଛଡ଼ା କ'ଣ ହୁଏ ଜାଣ ? ଯେଉଁସବୁ ଆନନ୍ଦ ନିମ୍ନତର ସ୍ତରର ଜିନିଷ, ସେସବୁ ଯେତେବେଳେ ତୁମ ପାଖରେ ଖୁବ୍ ବେଶୀ ଆଦରଣୀୟ, ଖୁବ୍ ବେଶୀ ଧ୍ରୁବ ବୋଲି ମନେ ହୁଏ ସେତେବେଳଯାଏ ତୁମେ ସେସବୁକୁ ଛାଡ଼ି ପାରିବ ନାହିଁ ।

ଏସବୁ ବାସନା ମଣିଷ ସେତେବେଳେ ଛାଡ଼ିପାରେ ଯେତେବେଳେ କେବଳ ସେ ଏଥିରୁ ଗଭୀର ଅତୃପ୍ତି ପାଏ । ଯେଉଁଠାରେ ପାର୍ଥିବ ସୁଖର ଶେଷ, ସେହିଠାରେହିଁ ପରମାର୍ଥିକ ଆଶ୍ୱାସର ଆରମ୍ଭ ।

ଟିକିଏ ଚୁପ୍ ରହି ପୁଣି ପଚାରିଲି – ''କିନ୍ତୁ ଯେତେବେଳଯାଏ ପାର୍ଥିବ ବାସନା ଥାଏ, ସେତେବେଳଯାଏ ପରମାର୍ଥିକ ଆନନ୍ଦର ସ୍ୱାଦ ମଧ ମିଳେ ନାହିଁ କାହିଁକି ?''

ଶ୍ରୀଅରବିନ୍ଦ କହିଲେ, ''ଏକେବାରେ ଯେ ମିଳେ ନାହିଁ, ଏକଥା ସତ ନୁହେଁ । ଜୀବନରେ ପ୍ରଚୁର ସୁଖର ମୁହୂର୍ତ୍ତରେ ମଧ ଅତୃପ୍ତିର ଫାଙ୍କ ଦେଇ କେତେଥର ଉପର ଆଲୁଅର ଡାକ ଆସେ । ତେବେ ସେ ଡାକ ମିଳେଇ ଯାଏ, ଆଧାର ତିଆରି ହୋଇ ନଥିଲେ । ସେତେବେଳେ ପୁଣି ଅନ୍ଧାର ଛାଇ ଆସେ । ସେଥିପାଇଁ ଯୋଗ ଆମକୁ ସେହି ଜାଗାକୁ ଠେଲି ଉଠାଇନିଏ, ଯେଉଁଠାରେ ସେ ଆଲୋକ ସହଜରେ ଲିଭେ ନାହିଁ । ବାସନାକୁ କାଟି ଉଠି ନପାରିଲେ ସେ ଏକ ଶୃଙ୍ଖଳ ପରି ଆମକୁ ନିମ୍ନତର ଜଗତର ଅନେକ କିଛି ସହିତ ବାନ୍ଧି ରଖେ । ଯୋଗର ରାଜ୍ୟ ବୁଦ୍ଧି ବା କଳାର ରାଜ୍ୟଠାରୁ ଅନେକ ଊର୍ଦ୍ଧ୍ୱରେ ବୋଲି ଏସବୁ ରାଜ୍ୟର କାମନା ମଧ କେବେ କେବେ ପ୍ରତିବନ୍ଧକ ହୋଇ ଠିଆ ହୁଅନ୍ତି ।''

ମୁଁ ପଚାରିଲି, ''ତାହା ଯଦି ସତ, ଆପଣ ବିଚାର ବୁଦ୍ଧି ବା କଳାର ଆନନ୍ଦକୁ ପ୍ରଶଂସା କରନ୍ତି କାହିଁକି ? ଆପଣଙ୍କର ଲେଖାରେ ମଧ ବୁଦ୍ଧି ବା କଳାର ଦୀପ୍ତି ଏତେ ଉଜ୍ଜ୍ୱଳ କାହିଁକି ? ଆପଣଙ୍କର *Future Poetry*ରେ କାବ୍ୟରସର ଏତେ ସୁଖ୍ୟାତି କରିଛନ୍ତି କାହିଁକି ? ଆପଣଙ୍କର *Psychology of Social development*ରେ ଆପଣ ତ ଲେଖିଛନ୍ତି, 'ଆମ ସତ୍ତାର ଚରମ ଲକ୍ଷ୍ୟ ହେଉଛି ସୌନ୍ଦର୍ଯ୍ୟ ମଧ ଦେଇ ଈଶ୍ୱରଙ୍କୁ ଲାଭ କରିବା ।' ''

ଶ୍ରୀଅରବିନ୍ଦ କହିଲେ, ''ବୁଦ୍ଧି ବା କଳାକୁ ପ୍ରଶଂସା କରିବି ନାହିଁ କାହିଁକି ? କିଛିଦୂର ଯାଏଁ ସେମାନେ ଆମମାନଙ୍କୁ ଆଗେଇ ନିଅନ୍ତି ନିଶ୍ଚୟ । ଅସଲରେ ଏହା ହେଲା କ୍ରମବିକାଶର କଥା । ମୁଁ ଥରେ ଲେଖିଥିଲି, ବୁଦ୍ଧି କିଛି ଦୂର ଯାଏ ସହାୟ ହୋଇ ପଥ ଦେଖାଏ ଯେଉଁଥିରେ ସେ କିଛି ଦେଖିପାରେନା, ସେଠାରେ ମଧ ଉପଦେଶ ଦେବାକୁ ଆରମ୍ଭ କରେ । ସେତେବେଳେହିଁ ବିପଦ ଆସେ । କାରଣ ସେ ସେତେବେଳେ ଯେ କେବଳ ଠକାଏ ତାହା ନୁହେଁ, ନିଜେ ମଧ ଠକାମିରେ ପଡ଼େ । ତା' ଯେ ଅଲଗା ଅଲଗା ଆଧାର, ଅଲଗା ଅଲଗା ସାଧନାର ଅଧିକାରୀ, ଅର୍ଥାତ୍ ପ୍ରତି ଆଧାର ତା'ର ନିଜ ସ୍ୱଭାବ ପଥରେହିଁ ସହଜରେ ପରିଣତି ପାଏ । ଅନ୍ୟ ଭାବରେ କହିଲେ ଯେଉଁମାନେ ବୁଦ୍ଧି ଜଗତର ଆଲୋକ ପାଇଁ ଭଲ ଆଧାର ସେମାନେ ଗୋଟିଏ ଦିଗରୁ ଅନ୍ୟମାନଙ୍କଠାରୁ ଆଗରେ ଥାଆନ୍ତି । କିନ୍ତୁ ଏକଥା କହିବାର ଅର୍ଥ ଏହା ନୁହେଁ ଯେ, ବୁଦ୍ଧି ଜଗତର ଉପଲବ୍ଧିଠାରୁ ଆଉ ବଡ଼ ଉପଲବ୍ଧି କିଛି ନାହିଁ, ନିଶ୍ଚୟ ଅଛି । ଆଧ୍ୟାତ୍ମିକ ଉପଲବ୍ଧିର ସ୍ୱାଦ ପାଉ ନପାଉଣୁ ଆମେ ତାହା ଜାଣିପାରିବା । ସେଥିପାଇଁ ତ ମାନସ ଜଗତର ଆନନ୍ଦ କିଛିଦିନ ପର୍ଯ୍ୟନ୍ତ ଆମକୁ ଆନନ୍ଦ ଦେଲେ ମଧ ତୃଷ୍ଣା ନିବିଡ଼ ହୋଇଉଠେ । ଫଳରେ ଉଦାରତର ରାଜାର ସୌନ୍ଦର୍ଯ୍ୟ ଭୋଗ କରିବାକୁ ଆଗ୍ରହ ବେଳେ ବେଳେ ପ୍ରବଳ ହୁଏ । ବୁଝିପାରୁଛ ?''

ଦିଲୀପ : ଅର୍ଥାତ୍, ଆପଣ କହିବାକୁ ଚାହାନ୍ତି ଯେ, ଯୋଗ ଆମର ଚେତନାକୁ ଆହୁରି ବିସ୍ତୀର୍ଣ୍ଣ କରେ, ଗଭୀର କରେ ?

ଶ୍ରୀଅରବିନ୍ଦ : ହଁ, କ୍ରମବିକାଶ କହିଲେ ମୁଁ ତାହାହିଁ ବୁଝେ । ଧୀରେ ଧୀରେ ଚେତନାର ବିକାଶ ହେବା । ଯୋଗ ଦ୍ୱାରାହିଁ ଊର୍ଦ୍ଧ୍ୱତର ଆଲୋକ ଓ ଶକ୍ତିର ଅବତରଣ ହେବ ।

ଟିକିଏ ପରେ ମୁଁ ପ୍ରଶ୍ନ କଲି, ''ସବୁ ତ ବୁଝିଲି, କେବଳ ମୋର ଯୋଗ କରିବା ସମ୍ବନ୍ଧରେ କ'ଣ ହେଲା ?''

ସେ କହିଲେ, ''ପ୍ରତ୍ୟେକେ କିଛି ନା କିଛି ଯୋଗ କରିପାରନ୍ତି ।''

ଦିଲୀପ : ମୁଁ କିନ୍ତୁ ଆପଣଙ୍କ ପୂର୍ଣ୍ଣଯୋଗର କଥା କହୁଛି ।

''ସେ କଥା କ'ଣ ଜାଣ ?'' ଟିକିଏ ଚିନ୍ତା କରି ଶ୍ରୀଅରବିନ୍ଦ କହିଲେ, ''ମୋ ଯୋଗରେ ତୁମକୁ ଦୀକ୍ଷା ଦେବା ସମ୍ଭବ ହେବ କି ନା, ବର୍ତ୍ତମାନ କହି ପାରୁ ନାହିଁ ।''

ଦିଲୀପ : କାହିଁକି, ଜାଣିପାରେ କି ?

ଶ୍ରୀଅରବିନ୍ଦ : କାରଣ ମୁଁ ଯେଉଁ ଯୋଗପଥରେ ଚାଲିଛି, ତା'ର ଲକ୍ଷ୍ୟ ହେଲା ଆମର ସମଗ୍ର ପ୍ରକୃତିର ରୂପାନ୍ତର – ଦେହ ପର୍ଯ୍ୟନ୍ତ । ଏହା ବଡ଼ କଠିନ ପଥ । ଏହାର ଲକ୍ଷ୍ୟ ସହଜ ଲଭ୍ୟ ନୁହେଁ । ବିପଦ ମଧ ଯଥେଷ୍ଟ ରହିଛି । ତେଣୁ ମୁଁ କାହାକୁ ଏ ଯୋଗ ଗ୍ରହଣ କରିବାକୁ କହେ ନାହିଁ, ଯେପର୍ଯ୍ୟନ୍ତ ତା'ର ଏହି ଯୋଗ ପାଇଁ ତୃଷ୍ଣା ପ୍ରବଳ ହୋଇ ନଥାଏ ବା ସେ ଏଥିପାଇଁ ସବୁକିଛି ଛାଡ଼ିବାକୁ ପ୍ରସ୍ତୁତ ହୋଇ

ନଥାଏ । ଅର୍ଥାତ୍ ମୁଁ କେବଳ ତାକୁହିଁ ମୋର ଯୋଗରେ ଦୀକ୍ଷା ଦେଇପାରେ, ଯାହା ପାଇଁ ଏହି ଯୋଗ ଛଡ଼ା ଆଉ କିଛି ମଧ୍ଯ କରଣୀୟ ମନେ ହୁଏ ନାହିଁ । ତୁମ ଭିତରେ ଏପରି ତୃଷ୍ଣା ଏବେ ମଧ୍ୟ ଆସି ନାହିଁ । ତୁମେ ଚାହଁ ଜୀବନ ସମସ୍ୟାର କିଛିଟା ସମାଧାନ । ଅର୍ଥାତ୍ ତୁମର ଜିଜ୍ଞାସା ହେଲା ମନର ତୃଷ୍ଣା – ଅନ୍ତରାତ୍ମାର ନୁହେଁ ।

ଟିକିଏ ଦୁଃଖ ହେଲା ମନରେ । କହିଲି, ‘‘ଶୁଣନ୍ତୁ, ମୋର ମନେ ହେଉଛି ଆପଣ ହୁଏତ ଠିକ୍ ବୁଝିପାରୁ ନାହାନ୍ତି, ମୋତେ ପ୍ରକୃତରେ କେଉଁଠାରେ ବାଧୁଛି । ମୁଁ ସତରେ କହୁଛି ମୋର ଏ କୌତୂହଳ ନିଛକ ମାନସିକ ନୁହେଁ ।’’

ଶ୍ରୀଅରବିନ୍ଦ : ମୁଁ ତ ‘କୌତୂହଳ’ କହୁ ନାହିଁ । କହୁଛି ‘ଜିଜ୍ଞାସା’ । ତା’ଛଡ଼ା ମୁଁ କହୁଛି ତୁମର ବର୍ତ୍ତମାନ ଅବସ୍ଥାର କଥା । ତା’ର ମାନେ ନୁହେଁ ଯେ ଅନ୍ତରର ତୃଷ୍ଣା ପରେ ତୁମ ଭିତରେ ଚୈତ୍ୟ ଜାଗ୍ରତ୍ ହେବ ନାହିଁ ।

ଦିଲୀପ : ବୁଝିଛି, କିନ୍ତୁ ମୋ’ କଥା ଦୟାକରି ଟିକିଏ ଶୁଣନ୍ତୁ । ୧୯୧୯ଠାରୁ ୧୯୨୨ ପର୍ଯ୍ୟନ୍ତ ମୁଁ ୟୁରୋପରେ ଥିଲି । ବହୁ ଲୋକଙ୍କ ସାଙ୍ଗରେ ଦେଖା ହୋଇଛି । ମନୀଷୀ, ଗୁଣୀ, ଜ୍ଞାନୀ, ଭାବୁକ, ନାନା ଲୋକଙ୍କ ପାଖକୁ ମୁଁ ଯାଇଛି ଏହି ଜିଜ୍ଞାସା ନେଇ । କାରଣ ଭଗବଦ୍‌ଗୀତାର କଥାକୁ ମୁଁ ସବୁବେଳେ ଗ୍ରହଣ କରିଛି ଯେ, ପ୍ରଣିପାତ କରି, ପ୍ରଶ୍ନ କରି ଓ ସେବାକରି ସତ୍ୟଦର୍ଶୀମାନଙ୍କ ପାଖକୁ ସତ୍ୟର ଜିଜ୍ଞାସୁ ହୋଇ ଯିବି । ସେମାନଙ୍କ ପାଖକୁ ଯାଇ ମୋର ଲାଭ ବି ହୋଇଛି ପ୍ରଚୁର । ମହାତ୍ମାଜି, ରସେଲ, ରୋମାଁରୋଲା, ଦୁହାମେଲ, ରବୀନ୍ଦ୍ରନାଥ, ଚିତ୍ତରଞ୍ଜନ – ଆହୁରି ଅନେକ ସ୍ୱଳ୍ପଖ୍ୟାତ ମହାତ୍ମାଙ୍କର ସଂସ୍ପର୍ଶରେ ଆସିଛି । ଏ ସମସ୍ତଙ୍କ ପାଖରେ ମୁଁ ଗଭୀର ଭାବରେ କୃତଜ୍ଞ । କିନ୍ତୁ ତେବେ ମଧ୍ୟ ଜୀବନର ଦୁଃଖ, ଶୋକ, ଅବିଚାର, ନିଷ୍ଠୁରତା, ହଜାର ହଜାର ଶୋକାବହ ଦୃଶ୍ୟରେ – ପ୍ରକୃତିର ଅର୍ଥହୀନ ଅପଚୟର ଦୃଶ୍ୟରେ, ମନୁଷ୍ୟର ଭଲ ନ ଚାହିଁ, ମନ୍ଦ ଚାହିଁବାର ଦୃଶ୍ୟରେ, ମୁଁ ବାରବାର ଅତ୍ୟନ୍ତ ବିଚଳିତ ହୋଇ ଉଠିଛି । ମନରେ ପ୍ରଶ୍ନ ଉଠିଛି – ଏସବୁର କ’ଣ କିଛି ପ୍ରତିକାର ନାହିଁ ? ଯଦି ଥାଏ, ତେବେ କାହିଁକି ମିଳେ ନାହିଁ, କାହିଁକି ଏତେ ଖୋଜି ବୁଲିବାକୁ ହୁଏ ? ମଣିଷ ଯଦି ‘ଅମୃତର ପୁତ୍ର’ ହେବ ତେବେ ଯୁଗ ଯୁଗ ଧରି କାହିଁକି ତା’ର ବିଷ ପ୍ରତି ଏତେ ଆଗ୍ରହ ? ତା’ଛଡ଼ା ମୋ’ ମନରେ ପ୍ରାୟ ପ୍ରଶ୍ନ ଉଠେ ଯେ –

‘‘କହିଯାଅ, ମନ ଦେଇ ଶୁଣୁଛି’’ – ଶ୍ରୀଅରବିନ୍ଦ କହିଲେ ।

ଦିଲୀପ : ଯେତେବେଳେ କୌଣସି ମହତ୍ ମନୁଷ୍ୟ ପାଖକୁ ଯାଇଛି, ସେ କ’ଣ ଶାନ୍ତି ପାଇଛନ୍ତି, ସତ୍ୟ ପାଇଛନ୍ତି ? ଅନ୍ତରର ଅତଳରୁ ସ୍ୱର ଉଠେ, ନାଁ ତ, ଏ ଯୁଗରେ ଏକମାତ୍ର ଶ୍ରୀରାମକୃଷ୍ଣଙ୍କ ସମ୍ବନ୍ଧରେ, ଅନ୍ତର କହେ, ‘ହଁ, ସେ ପାଇଥିଲେ’ । ‘ଯଂ ଲବ୍ଧ୍ୱା ଚାପରଂ ଲଭ୍ୟଂ ମନ୍ୟତେନାଧିକମ୍ ତାତଃ’ – ତାଙ୍କୁ ସେହି ପରମଧନ ମିଳିଥିଲା, ଯାହା ପାଇଲେ ଆଉ କିଛି ପାଇବାର ନଥାଏ । ହୁଏତ ବେଶୀ ଆତ୍ମଜୀବନୀ ପରି ଶୁଣାଯାଉଛି ।

ଶ୍ରୀଅରବିନ୍ଦ : ନା, ନା, କୁହ –

ଦିଲୀପ : ମୋର ସବୁବେଳେ ଇଚ୍ଛା ହେଉଥାଏ, ସେ ଅବସ୍ଥା କିପରି ମିଳେ ତାହା ଜାଣିବା ପାଇଁ । ‘ଯସ୍ମିନ୍ ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ ।’ ଯେଉଁଠାରେ ପ୍ରତିଷ୍ଠିତ ହେଲେ ଜୀବନର ସବୁ ପରସ୍ପର ବିରୋଧୀ ଭାବର ଯନ୍ତ୍ରଣାରୁ ନିଷ୍କୃତି ମିଳେ, ଆନନ୍ଦରେ, ଶାନ୍ତିରେ ଅଚଳ-ପ୍ରତିଷ୍ଠ ହୋଇଯାଇପାରୁ । ସଂଗୀତକୁ ମୁଁ ଅତ୍ୟନ୍ତ ଭଲପାଏ ବୋଲି ଆପଣଙ୍କୁ କହିଛି । କିନ୍ତୁ ବେଳେବେଳେ ମନେ ହୁଏ, ଏ ସ୍ୱାର୍ଥପର ସୁଖାବହ ବ୍ରତ କ’ଣ ଭଲ ! ଦେଖୁଛି ଯେତେବେଳେ ଜନାରଣ୍ୟରେ ଦୁଃଖର କଣ୍ଟକବନ, ହୃଦୟ ଠେଲି କାନ୍ଦଣା ଗୁମୁରି ଉଠେ, ଏ ଜଗତକୁ କ’ଣ ବଦଳାଇ ହେବ ନାହିଁ ?

(କ୍ରମଶଃ)

(ଦିଲୀପକୁମାର ରାୟଙ୍କ ବଙ୍ଗଳାରେ ଲିଖିତ ‘ତୀର୍ଥଙ୍କର’ ପୁସ୍ତକରୁ ଅନୂଦିତ ।)

ଅନୁବାଦ : ମମତା ଦାଶ

# ମାନବସମାଜର ବିଭିନ୍ନ ଧର୍ମ

## ଖ୍ରୀଷ୍ଟଧର୍ମ (୨)

## ଶ୍ରୀପତି ଦାସ

[ଶ୍ରୀ ଅମୂଲ୍ୟ ରଞ୍ଜନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ *''Philosophy of Religion – An Approach to World Religion''* ପୁସ୍ତକର ଅବଲମ୍ବନରେ ଲିଖିତ ।]

**ଯିଶୁଖ୍ରୀଷ୍ଟଙ୍କର ପୁନରୁତ୍ଥାନ :**

ପୁନରୁତ୍ଥାନ ଲାଭ କରିବାର ଅର୍ଥ ଦୃଶ୍ୟମାନ ମୃତ୍ୟୁ ଅବସ୍ଥାରୁ ଜୀବନ ବା ସଚେତନ ଅବସ୍ଥାକୁ ଆସିବା । ଯିଶୁଖ୍ରୀଷ୍ଟ କ୍ରୁଶବିଦ୍ଧ ହୋଇ କବରପ୍ରାପ୍ତ ହୋଇଥିଲେ । କିନ୍ତୁ ଶାସ୍ତ୍ରାନୁସାରେ ଯିଶୁଙ୍କ ମୃତ୍ୟୁର ତିନିଦିନ ପରେ ତାଙ୍କର ଆତ୍ମା କବର ମଧ୍ୟରୁ ଉଠି ଆସିଥିଲା ଯାହାକୁ ଯିଶୁଙ୍କର ପୁନରୁତ୍ଥାନ କୁହାଯାଏ । ତା'ପରେ ଯିଶୁଖ୍ରୀଷ୍ଟ ତାଙ୍କର କେତେକ ଘନିଷ୍ଠ ଅନୁସରଣକାରୀ ଓ ମାତା ମେରୀଙ୍କଠାରେ ଆବିର୍ଭୂତ ହେଲେ ।

ଯିଶୁଖ୍ରୀଷ୍ଟଙ୍କ ପୁନର୍ଜୀବନ ପ୍ରାପ୍ତି ସମ୍ବନ୍ଧେ ଅନେକ କିଛି ଲିଖିତ ହୋଇଛି । କେତେକ ପଣ୍ଡିତ ଏହି ଘଟଣାର ନିର୍ଭରଯୋଗ୍ୟ ତଥ୍ୟ ସମ୍ବନ୍ଧେ ଆଲୋକପାତ କରିଛନ୍ତି । ଏହା ସ୍ମରଣଯୋଗ୍ୟ ଯେ ଯିଶୁଖ୍ରୀଷ୍ଟ କେବଳ ତାଙ୍କର କେତେକ ଅତି ଘନିଷ୍ଠ ଅନୁସରଣକାରୀଙ୍କ ନିକଟରେ ଆବିର୍ଭୂତ ହୋଇଥିଲେ । ଜେରୁଜେଲମ୍‌ରେ ତାଙ୍କର ଶିଷ୍ୟମାନେ ପ୍ରଥମେ ଭାବିଥିଲେ ଯେ ସେ ଥିଲେ ଏକ ଆତ୍ମା । ଏହି ଘଟଣାରୁ ଅନୁମାନ କରାଯାଇପାରେ ଯେ ପ୍ରକୃତରେ ଏହି ନବଜନ୍ମ ଅସ୍ତିତ୍ୱହୀନ ହୋଇପାରେ । ଯିଶୁଖ୍ରୀଷ୍ଟଙ୍କର ଭୌତିକ ଉପସ୍ଥିତି ଏବଂ ପୋଡ଼ା ମାଛ ଓ ମହୁପାନ କରିବା, କେତେକ ସନ୍ଦେହଜନକ ଶିଷ୍ୟଙ୍କର ଯୁକ୍ତିଯୁକ୍ତ ଭାବରେ ଗ୍ରହଣଯୋଗ୍ୟ ହୋଇ ନଥିଲା । କେବଳ ଯେଉଁମାନଙ୍କର ଅଭିଜ୍ଞତା ଥିଲା, ସେହିମାନେହିଁ ଜାଣିପାରିଥିଲେ ଯେ ଏହା ଥିଲା ଏକ ମନସ୍ତାତ୍ତ୍ୱିକ ଘଟଣା ବା ବିଶ୍ୱାସ ଓ ବିଚାରର ଅବସ୍ଥା ବା ଏକ ଶକ୍ତିଶାଳୀ ଆତ୍ମାର କର୍ମ ବା ଯିଶୁଖ୍ରୀଷ୍ଟଙ୍କର ଭୌତିକ ନବଜନ୍ମ ।

ଯାହାହେଉ ଯିଶୁଖ୍ରୀଷ୍ଟଙ୍କ ମୃତ୍ୟୁରେ ତାଙ୍କର ଶିଷ୍ୟମାନେ ହତାଶ ଓ ବିଶୃଙ୍ଖଳିତ ହୋଇ ଉଠିଥିଲେ । କିନ୍ତୁ କେତେକ ବ୍ୟକ୍ତି ଯିଶୁଖ୍ରୀଷ୍ଟଙ୍କର ଏହି ନବଜନ୍ମକୁ କେବଳ ଆତ୍ମାର ବୋଲି ମନେ କରିଥିଲେ ଏବଂ ଶରୀରର ନବଜନ୍ମକୁ ପ୍ରତ୍ୟାଖ୍ୟାନ କରିଥିଲେ । ବୋଧହୁଏ ଯିଶୁଖ୍ରୀଷ୍ଟଙ୍କର ଏହି ଆତ୍ମା ଯାହାକୁ ମୃତ୍ୟୁ ପରେ ବଞ୍ଚିରହିବା ବୋଲି ହିନ୍ଦୁଧର୍ମରେ କୁହାଯାଏ, ତାହା ତାଙ୍କର ଶିଷ୍ୟମାନଙ୍କୁ ପରିଚାଳିତ, ପଥପ୍ରଦର୍ଶିତ ଓ ଅନୁପ୍ରେରିତ କରିଥିଲା ।

**ପାପ ଓ ଯନ୍ତ୍ରଣା ଭୋଗ :**

ପାପ ହେଉଛି ବାଇବେଲ ଲିଖିତ ଶବ୍ଦ ଯାହା ଭଗବତ୍ ଆଦର୍ଶରେ ବଞ୍ଚିବା ନିମିତ୍ତ ବିଫଳ ହେଲେ ଉତ୍ପତ୍ତି ହୋଇଥାଏ । ପାପର ବିଭିନ୍ନ ସ୍ତରରେ ବିଭିନ୍ନ ନାମ ହୋଇଥାଏ । ଏହାର ପ୍ରଥମ ଅବସ୍ଥା ହେଉଛି ତ୍ରୁଟି ବା ଭ୍ରାନ୍ତି ଏବଂ ଅନ୍ତିମ ଅବସ୍ଥା ହେଉଛି ଖଳତା । ବାଇବେଲ ଶିକ୍ଷାଦିଏ ଯେ ପାପ କୌଣସି କର୍ମ ଓ ମନୋଭାବର ପ୍ରକାର ନୁହେଁ; ବରଂ ଏକ ଅବସ୍ଥା । ମନୁଷ୍ୟର ସାଧାରଣ ପ୍ରକୃତି ହେଉଛି ପାପ କରିବା । ତେଣୁ ସେ ପାପଯୁକ୍ତ କର୍ମ କରିଥାଏ । ପରମେଶ୍ୱର ହେଉଛନ୍ତି ପବିତ୍ର, ନ୍ୟାୟବାନ୍ ଓ ପାପୀକୁ ଦଣ୍ଡ ଦିଅନ୍ତି । ତେଣୁ ମନୁଷ୍ୟର ପାପକର୍ମ କରିବାର ଅବସ୍ଥା ତାକୁ ପରମେଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ରଖିଛି । ପୁନଶ୍ଚ ପରମେଶ୍ୱର ହେଉଛନ୍ତି ବ୍ୟକ୍ତିଗତ ଭାବେ ଏକ ପ୍ରେମମୟ ଦେବତା । ସେ ଜାଣନ୍ତି ଯେ କୌଣସି ସାଧାରଣ ମନୁଷ୍ୟ ତାଙ୍କ ଭଳି ଉଚ୍ଚ ସ୍ତରକୁ ଯାଇପାରିବ ନାହିଁ । ତେଣୁ ଯିଶୁଖ୍ରୀଷ୍ଟ ମନୁଷ୍ୟଙ୍କ ପରି ଶରୀର ଧାରଣ କରିଥିଲେ ।

ଖ୍ରୀଷ୍ଟୀୟ ଧର୍ମଶାସ୍ତ୍ରରେ ଅମଙ୍ଗଳର ଚରମ ଅବସ୍ଥା ହେଉଛି ଯିଶୁଖ୍ରୀଷ୍ଟଙ୍କ କ୍ରୁଶବିଦ୍ଧ ଅବସ୍ଥା । ସକଳ ପାପ, ଦୁଃଖକଷ୍ଟ ଓ ଅମଙ୍ଗଳ ଅବସ୍ଥା ଆସିଥାଏ ସଇତାନର ଅସ୍ତିବାଚକ ଅମଙ୍ଗଳ ଶକ୍ତି ହେତୁ । କିନ୍ତୁ ଯେହେତୁ ପରମେଶ୍ୱର ହେଉଛନ୍ତି ମଙ୍ଗଳମୟ

ଓ ପ୍ରେମମୟ ତେଣୁ ସେ ମନୁଷ୍ୟର ସକଳ ପାପକୁ କ୍ଷମା କରନ୍ତି ଏବଂ ନୂତନ ପ୍ରକୃତି ସହ ଚିରନ୍ତନ ଜୀବନ ପ୍ରଦାନ କରନ୍ତି ।

**ଖ୍ରୀଷ୍ଟଧର୍ମର ବିଭାଗୀକରଣ :**

ଖ୍ରୀଷ୍ଟଧର୍ମର ମୁଖ୍ୟ ବିଭାଗଗୁଡ଼ିକ ହେଉଛି; (୧) ରୋମାନ୍ କାଥୋଲିସିଜମ୍, (୨) ଇଷ୍ଟର୍ଣ୍ଣ ଅର୍ଥୋଡକ୍ସି, (୩) ପ୍ରୋଟେଷ୍ଟାଣ୍ଟିଜିମ୍ ଓ (୪) ଲୁଥେରାନିଜମ୍ ।

**ରୋମାନ୍ ଉଦାରବାଦୀ ଗୋଷ୍ଠୀ :**
**(Roman Catholicism)**

ଏହା ସେଣ୍ଟ୍ ପଲ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ଏବଂ ପୃଥିବୀର ସକଳ ଖ୍ରୀଷ୍ଟୀୟ ଧର୍ମାନୁଷ୍ଠାନ ମଧ୍ୟରେ ବୃହତ୍ତମ ।

ରୋମରେ ଜଣେ ପୋପ୍‌ଙ୍କ ନେତୃତ୍ୱରେ ଏହା ସଂଗଠିତ । ଏହି ସଂଗଠନକୁ 'ଈଶ୍ୱରଙ୍କ ସମାଜ' ବୋଲି କୁହାଯାଏ ।

ଯିଶୁଖ୍ରୀଷ୍ଟଙ୍କ ଦଶଟି ନୀତିବାଣୀ (ten sermons) ସହିତ ଗିର୍ଜାର ଆଦେଶକୁ ଏମାନଙ୍କୁ ପାଳନ କରିବାକୁ ହୋଇଥାଏ । ଏହାର ପ୍ରଥମ ସତ୍ୟାଶ୍ରିତ ଦୈବବିଧାନ ହେଉଛି ଏକହିଁ ଈଶ୍ୱରଙ୍କୁ ଶ୍ରଦ୍ଧା, ଆଶା, ଦାନ ଓ ଧର୍ମ ସହ ଭକ୍ତି କରିବା । ଦ୍ୱିତୀୟ ଆଦେଶ ହେଉଛି ଈଶ୍ୱରଙ୍କୁ ତଥା ପବିତ୍ର ବସ୍ତୁସକଳକୁ ସମ୍ମାନ ସହ ଭକ୍ତି କରିବା । ତୃତୀୟ ଆଦେଶ ହେଉଛି ରବିବାରକୁ ପବିତ୍ର ବୋଲି ମନେ କରିବା । ଚତୁର୍ଥ ଆଦେଶ ହେଉଛି ପଡ଼ୋଶୀମାନଙ୍କୁ ସମ୍ମାନ ଦେବା । ପଞ୍ଚମ ଆଦେଶ ହେଉଛି ସକଳ ପ୍ରକାର ହତ୍ୟାରୁ ନିବୃତ୍ତ ହେବା । ଷଷ୍ଠ ଓ ନବମ ଆଦେଶ ହେଉଛି ଚିନ୍ତା, ବାକ୍ୟ ଓ କର୍ମରେ ସକଳ ପ୍ରକାର ଅସତ୍ୟକୁ ବର୍ଜନ କରିବା । ଅଷ୍ଟମ ଆଦେଶ ହେଉଛି ପଡ଼ୋଶୀମାନଙ୍କ ସୁନାମକୁ ସୁରକ୍ଷିତ ରଖିବା । ଏହା ସକଳ ପ୍ରକାର ଅପ୍ରୀତିକର ଓ ମିଥ୍ୟା ସାକ୍ଷ୍ୟ-ପ୍ରଦାନକୁ ବାରଣ କରେ । ସପ୍ତମ ଓ ଦଶମ ଆଦେଶ ହେଉଛି ପଡ଼ୋଶୀମାନଙ୍କର ଗୃହସାମଗ୍ରୀ ଓ ସମ୍ପତ୍ତି ପ୍ରତି ସକଳ ପ୍ରକାରର ଲୋଭନୀୟ ଚିନ୍ତାଧାରା ବା ଅନ୍ୟାୟପୂର୍ଣ୍ଣ ଇଚ୍ଛାକୁ ବର୍ଜନ କରିବା ।

ଆମେରିକା, ଗ୍ରୀସ୍ ଓ ରୋମ ପ୍ରଭୃତି ଦେଶରେ ଏହା ବିଶେଷଭାବେ ପ୍ରସାରିତ ହୋଇଛି ।

**ପ୍ରାଚ୍ୟର ରକ୍ଷଣଶୀଳ ଗୋଷ୍ଠୀ :**
**(Eastern Orthodoxy)**

ଇଷ୍ଟର୍ଣ୍ଣ ଅର୍ଥୋଡ଼କ୍ସର ମୁଖ୍ୟ ପ୍ରଶାସନିକ କେନ୍ଦ୍ର କନ୍‌ଷ୍ଟାଣ୍ଟିନୋପଲ୍‌ରେ ଅବସ୍ଥିତ । ଆର୍କବିଶପ୍‌ଙ୍କ ସହ ଏହାର ଚାରିଜଣ ବିଶପ୍‌ଙ୍କୁ ନେଇ ଏହି ସଂଘ ଗଠିତ । ରୋମାନ୍ ଗିର୍ଜା ସଦୃଶ ଇଷ୍ଟର୍ଣ୍ଣ ଗିର୍ଜା ବିଶପ୍, ପୁରୋହିତ, ସାଧୁ, ସନ୍ନ୍ୟାସିନୀ ଓ ସାଧାରଣ ବ୍ୟକ୍ତିଙ୍କୁ ନେଇ ପରିଚାଳିତ ହୁଏ । ରକ୍ଷଣଶୀଳ ମତାନୁଯାୟୀ କୌଣସି ଏକକ ବ୍ୟକ୍ତି ଏହି ଗିର୍ଜାର ମୁଖ୍ୟ ଶାସକ ହୋଇ ପାରନ୍ତି ନାହିଁ । ସେମାନେ ବିଶ୍ୱାସ କରନ୍ତି ଯେ ଯିଶୁଖ୍ରୀଷ୍ଟହିଁ ଏହି ଗିର୍ଜାକୁ ଶ୍ରେଣୀବଦ୍ଧ ପୁରୋହିତମାନଙ୍କ ଦାୟିତ୍ୱରେ ଏହାର ସୁରକ୍ଷା ନିମିତ୍ତ ନିୟୋଜିତ କରନ୍ତି । ଇଷ୍ଟର୍ଣ୍ଣ ଗିର୍ଜା ଜୀବନର ରହସ୍ୟମୟ ସଂପୃକ୍ତ ସଭ୍ୟମାନଙ୍କୁ ନେଇ ପରିଚାଳିତ । ପ୍ରାଚ୍ୟ ଦେଶର ଖ୍ରୀଷ୍ଟିଆନମାନେ ମୁକ୍ତିର ସନ୍ଧାନ କରୁଥିବା ବ୍ୟକ୍ତିମାନଙ୍କୁ ନେଇ ଗିର୍ଜା-ପରିଚାଳନାର ବିରୋଧ କରନ୍ତି ।

ପ୍ରାଚ୍ୟର ରକ୍ଷଣଶୀଳ ଗିର୍ଜାଗୁଡ଼ିକ ମୁଖ୍ୟତଃ ଗ୍ରୀସ୍, ରୋମାନ୍, ବୁଲ୍‌ଗେରିଆ, ରୁଷିଆ ଏବଂ ମଧ୍ୟ ପ୍ରାଚ୍ୟରେ ଅବସ୍ଥିତ ।

**ଖ୍ରୀଷ୍ଟଧର୍ମର ପ୍ରତିକାରବାଦୀ ଗୋଷ୍ଠୀ :**
**(Protestantism)**

ପ୍ରୋଟେଷ୍ଟାଣ୍ଟିଜିମ୍ ଗିର୍ଜାଭାବେ ନୁହେଁ, କିନ୍ତୁ ପାଶ୍ଚାତ୍ୟ ଖ୍ରୀଷ୍ଟଧର୍ମର ଏକ ଆନ୍ଦୋଳନ ଭାବେ ପ୍ରତିଷ୍ଠିତ ହୋଇଥିଲା । ଏହା ରୋମାନ୍ ପୋପ୍‌ଙ୍କ ମତାନ୍ଧତା, ପୁରାତନ କ୍ରିୟାପଦ୍ଧତି ଓ ନିଜ ପ୍ରଭୁତ୍ୱର ସଂରକ୍ଷଣ ବିରୋଧରେ ସଂଗଠିତ ହୋଇଥିଲା । ପରିଣାମତଃ ପ୍ରୋଟେଷ୍ଟାଣ୍ଟ୍ ସଂଗଠନ ରୋମାନ୍ ଖ୍ରୀଷ୍ଟିଆନମାନଙ୍କ ବିରୁଦ୍ଧରେ ପ୍ରତିଷ୍ଠିତ ହୋଇଥିଲା ।

ପ୍ରୋଟେଷ୍ଟାଣ୍ଟିଜିମ୍ ଶିକ୍ଷାଦିଏ ଯେ କୌଣସି ଧର୍ମୀୟ କ୍ରିୟାକଳାପ, ପୂଜା-ଆରାଧନା, ମନ୍ତ୍ରୋଚ୍ଚାରଣ, ବାଇବେଲର ସ୍ୱାଧ୍ୟାୟ ବା ପବିତ୍ର ସ୍ଥାନକୁ ଧର୍ମଯାତ୍ରା ମୁକ୍ତିଦେଇ ପାରେ ନାହିଁ । ପ୍ରୋଟେଷ୍ଟାଣ୍ଟ୍‌ମାନେ ବିଶ୍ୱାସ କରନ୍ତି ଯେ ଈଶ୍ୱରଙ୍କ ପ୍ରତି ଉନ୍ମୀଳନ ନିର୍ଭର କରେ ମନୁଷ୍ୟର ଚରିତ୍ର ଓ ନୈତିକ ଜୀବନର ପବିତ୍ରତା ଉପରେ । ଏମାନେ ଖ୍ରୀଷ୍ଟଧର୍ମର ପ୍ରଥମ ଆଦେଶର "ମୁଁ ପ୍ରଭୁ, ତୁମର ଈଶ୍ୱର,... ମୋ ସମ୍ମୁଖରେ ଅନ୍ୟକୌଣସି ଈଶ୍ୱରଙ୍କର ଅସ୍ତିତ୍ୱ ନାହିଁ"– ଏହାର ପ୍ରତିବାଦ କରନ୍ତି ।

ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କ ବ୍ୟତୀତ ଅନ୍ୟ ଖ୍ରୀଷ୍ଟିଆନମାନେ ଏହି ଧର୍ମାଦେଶକୁ ଗ୍ରହଣ କରନ୍ତି । ରୋମାନ୍ କ୍ୟାଥଲିକ୍‌ମାନେ ଯେପରି ଯିଶୁଖ୍ରୀଷ୍ଟଙ୍କୁ ପୂଜା କରନ୍ତି, ଏମାନେ ସେପରି କରନ୍ତି ନାହିଁ ।

ବର୍ତ୍ତମାନ ପୃଥିବୀର ଖ୍ରୀଷ୍ଟିଆନମାନଙ୍କର ଏକଚତୁର୍ଥାଂଶ ହେଉଛନ୍ତି ପ୍ରୋଟେଷ୍ଟାଣ୍ଟ୍ ଖ୍ରୀଷ୍ଟିଆନ । ପୃଥିବୀର ବିଭିନ୍ନ ଦେଶରେ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କର ଗିର୍ଜା ଦେଖାଯାଏ । କିନ୍ତୁ ଏମାନଙ୍କୁ ଏକତ୍ରିତ କରିବା ସକାଶେ କୌଣସି କେନ୍ଦ୍ରୀୟ ସଂଗଠନ ନାହିଁ ।

**ଖ୍ରୀଷ୍ଟୀୟ ଧର୍ମ-ସଂସ୍କାରବାଦ :**
(Lutheranism)

ପୃଥିବୀର ପ୍ରାୟ ଏକତୃତୀୟାଂଶ ପ୍ରୋଟେଷ୍ଟାଣ୍ଟ୍‌ମାନେ ମାର୍ଟିନ୍ ଲୁଥାର୍ ଓ ତାଙ୍କର ଅନୁସରଣକାରୀମାନଙ୍କ ପରମ୍ପରାକୁ ଗ୍ରହଣ କରିଥା'ନ୍ତି । ପ୍ରୋଟେଷ୍ଟାଣ୍ଟ୍ ସଂସ୍କାରବାଦୀମାନେ ମାର୍ଟିନ୍ ଲୁଥାରଙ୍କ ଆନ୍ଦୋଳନ ପର୍ଯ୍ୟନ୍ତ ଅଧିକ ସଂଖ୍ୟାରେ ଦେଖାଦେଇ ନଥିଲେ । ଲୁଥାର୍ ତାଙ୍କର ଆନ୍ଦୋଳନରେ ବିଶ୍ୱାସ କରିଥିଲେ ଯେ ନୂତନ ଟେଷ୍ଟାମେଣ୍ଟର ମୂଳ ଗିର୍ଜାଗୁଡ଼ିକର ପୁନରୁଦ୍ଧାର କରାଯାଇପାରେ ।

ଲୁଥାର୍‌ଙ୍କ ମତାନୁସାରେ ଈଶ୍ୱରଙ୍କ ଦ୍ୱାରା ପ୍ରକାଶିତ ଚରମ ଜ୍ଞାନକୁ ଜାଣିବାର ଏକମାତ୍ର ଉପାୟ ହେଉଛି ଯିଶୁଖ୍ରୀଷ୍ଟଙ୍କଦ୍ୱାରା ପ୍ରକାଶିତ ସତ୍ୟକୁ ଗ୍ରହଣ କରିବା । ସେ ଅଧିକାଂଶ ରୋମାନ୍ ମତକୁ ଗ୍ରହଣ କରିଥିଲେ । ତାଙ୍କର ବିଶ୍ୱାସ ଥିଲା ଯେ କର୍ମଦ୍ୱାରା ନୁହେଁ କିନ୍ତୁ ପବିତ୍ର ଶାସ୍ତ୍ରର ଅନୁସରଣ ଦ୍ୱାରା ମୁକ୍ତିଲାଭ କରାଯାଇପାରେ । ତାଙ୍କର ମତବାଦକୁ ସଂକ୍ଷେପରେ ତିନୋଟି ବାଣୀରେ କୁହାଯାଇପାରେ । କେବଳ ଧର୍ମଶାସ୍ତ୍ର ଦ୍ୱାରା, ଦୟା ଦ୍ୱାରା ଏବଂ ଶ୍ରଦ୍ଧା ଦ୍ୱାରା ମନୁଷ୍ୟର ମୁକ୍ତି ସମ୍ଭବ ହୋଇପାରେ ।

**ଅନ୍ତିମ ସିଦ୍ଧାନ୍ତ :**
(Conclusion)

ଖ୍ରୀଷ୍ଟିଆନମାନେ ବିଶ୍ୱାସ କରନ୍ତି ଯେ ପରମେଶ୍ୱରଙ୍କର ତ୍ରିବିଧ ସତ୍ତା ବା ତିନୋଟି ସ୍ୱଷ୍ଟ ବ୍ୟକ୍ତିତ୍ୱ ଅଛି : ପିତା, ପୁତ୍ର ଓ ପରମାତ୍ମା । ତେଣୁ ପରମେଶ୍ୱର ହେଉଛନ୍ତି ଏକ ବ୍ୟକ୍ତିଗତ ସତ୍ତା ଯାହାଙ୍କର ଅଛି ତିନୋଟି ମୁଖ୍ୟ ଗୁଣ । ତାହା ହେଉଛି ସର୍ବଜ୍ଞତା, ସର୍ବଶକ୍ତିମାନତା ଓ ସର୍ବବିଦ୍ୟମାନତା । ସେ ହେଉଛନ୍ତି ଅସୀମ ଓ ଚିରନ୍ତନ ।

ଯିଶୁଖ୍ରୀଷ୍ଟ ଅନ୍ୟ ସାଧାରଣ ମନୁଷ୍ୟମାନଙ୍କ ପରି ପୃଥିବୀକୁ ଆସି ନଥିଲେ । ସେ ଥିଲେ ଏପରି ଏକ ମନୁଷ୍ୟ ଯେ ଅଲୌକିକ (Super-natural) ପରିସ୍ଥିତି ମଧ୍ୟରେ ଜନ୍ମିଥିଲେ । କେତେକ ବ୍ୟକ୍ତି କହନ୍ତି ଯେ, ସେ ଥିଲେ ପୃଥିବୀର ମହତ୍ତମ ଜୀବନ୍ତ ଉଦାହରଣ, ଅତି ଉଚ୍ଚକୋଟିର ନୈତିକ ଶିକ୍ଷକ ।

ପୃଥିବୀର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଈଶ୍ୱର ପ୍ରେମ କରନ୍ତି । ପ୍ରେମହିଁ ଈଶ୍ୱରଙ୍କର ମହତ୍ତମ ଅଭିବ୍ୟକ୍ତି । ପ୍ରେମହିଁ ଭଗବାନ୍ ଏବଂ ଯେକୌଣସି ବ୍ୟକ୍ତି ଯଦି ପ୍ରେମ ମଧ୍ୟରେ ବାସ କରନ୍ତି, ତେବେ ସେ ଈଶ୍ୱରଙ୍କ ମଧ୍ୟରେହିଁ ବାସ କରନ୍ତି ଏବଂ ଈଶ୍ୱର ମଧ୍ୟ ତାଙ୍କ ମଧ୍ୟରେ ବାସ କରନ୍ତି ।

ଈଶ୍ୱର ନିଜକୁ ପ୍ରକାଶ କରିଥିଲେ ଯିଶୁଙ୍କ ମଧ୍ୟରେ । କାରଣ ଯିଶୁ ହେଉଛନ୍ତି ଈଶ୍ୱରଙ୍କ ବାଣୀ, ଚିନ୍ତା ଓ ଚେତନା । ଈଶ୍ୱର ହେଉଛନ୍ତି ସକଳ ନାମ, ରୂପ ଓ ବୋଧଗମ୍ୟତାର ଊର୍ଦ୍ଧ୍ୱରେ । ସେ ହେଉଛନ୍ତି ପରମ, ପବିତ୍ର ଓ ସତ୍ । ସେ ଯିଶୁଙ୍କ ମାଧ୍ୟମରେହିଁ ସୁଲଭ୍ୟ ଘନିଷ୍ଠ ପିତାଭାବେ ପ୍ରାପ୍ତ ହୋଇଥା'ନ୍ତି । ସେ ହେଉଛନ୍ତି ଅଦୃଷ୍ଟ ଈଶ୍ୱରଙ୍କର ପ୍ରତିମୂର୍ତ୍ତି ।

ବାଇବେଲ ମଧ୍ୟରେ ରହିଛି ଈଶ୍ୱରଙ୍କ ଚେତନା, ମନୁଷ୍ୟର ବିଭିନ୍ନ ଅବସ୍ଥା, ମୁକ୍ତିର ମାର୍ଗ, ପାପୀମାନଙ୍କର ସର୍ବନାଶ, ବିଶ୍ୱସ୍ତମାନଙ୍କର ଆନନ୍ଦ । ଏହାର ନୀତିସବୁ ପବିତ୍ର, ଆଚରଣବିଧି ହେଉଛି ଘନିଷ୍ଠ, ଏହାର ଇତିହାସ ସତ୍ୟମୂଳକ, ଏହାର ସିଦ୍ଧାନ୍ତ ହେଉଛି ଅପରିବର୍ତ୍ତନୀୟ । ନୂତନ ଟେଷ୍ଟାମେଣ୍ଟ ଅନୁସାରେ, ''ଅନ୍ୟକିଛିର ଉପସ୍ଥିତି ପୂର୍ବରୁ ଯିଶୁଙ୍କ ଉପସ୍ଥିତି ଈଶ୍ୱରଙ୍କ ମଧ୍ୟରେ ବିଦ୍ୟମାନ ଥିଲା । ସେ ଈଶ୍ୱରଙ୍କ ମଧ୍ୟରେ ଥିଲେ ନିତ୍ୟଜୀବନ୍ତ । ସେ ସବୁକିଛିର ସ୍ରଷ୍ଟା, ଅନ୍ୟକୌଣସି କିଛିର ଉପସ୍ଥିତି ତାଙ୍କ ସୃଷ୍ଟି ପୂର୍ବରୁ ନଥିଲା । ତାଙ୍କ ମଧ୍ୟରେ ରହିଛି ଶାଶ୍ୱତ ଜୀବନ ଏବଂ ଏହି ଜୀବନ ସମଗ୍ର ମାନବସମାଜକୁ ଅନ୍ଧକାର ମଧ୍ୟରେ ଆଲୋକ ପ୍ରଦାନ କରେ । କୌଣସି ଅନ୍ଧକାର ଏହାକୁ ନିର୍ବାପିତ କରିପାରେ ନାହିଁ ।'' ପରବର୍ତ୍ତୀ କାଳରେ ଯିଶୁ ତାଙ୍କର ଏକ ଭାଷଣରେ ମାନବସମାଜକୁ କହିଥିଲେ, ''ମୁଁ ହିଁ ବିଶ୍ୱର ଆଲୋକ । ତେଣୁ ତୁମେ ଯଦି ମୋତେ ଅନୁସରଣ କର, ତେବେ ତୁମେ ଅନ୍ଧକାର ମଧ୍ୟରେ ଝୁଣ୍ଟି ପଡ଼ିବ ନାହିଁ । କାରଣ ତୁମର ପଥକୁ ଜୀବନ୍ତ ଆଲୋକ ଉଦ୍ଭାସିତ କରିବ ।'' ✜

# ବିବର୍ତ୍ତନୀ ଶକ୍ତିର ଦାବି

## ଶ୍ରୀ ବିମଳ ପ୍ରସନ୍ନ ଦାସ

ପରମ କାରୁଣିକ ବୁଦ୍ଧଙ୍କ ନିର୍ବାଣ ତତ୍ତ୍ୱ, ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ବ୍ରହ୍ମ ସତ୍ୟ, ଜଗନ୍ମିଥ୍ୟା (ମାୟାବାଦ) ଏବଂ ବୈଷ୍ଣବମାନଙ୍କର ହରିରେବ ଜଗତ୍ ଓ ଜଗଦେବ ହରି ଏବଂ ନିତ୍ୟ ବୃନ୍ଦାବନଙ୍କ ପରିକଳ୍ପନା ସାମୂହିକ ଜୀବନ ତଥା ଚେତନାର ପରିବର୍ତ୍ତନ କରିପାରି ନାହିଁ । ପ୍ରଶ୍ନ ଉଠେ ଏହି ସାମୂହିକତା ବା ସମଷ୍ଟିର ଉପାଦାନ କ'ଣ ? ଉପକରଣ କିଏ ? ହୁଏତ ଉତ୍ତର ହେଉଛି ଆପଣ ଏବଂ ମୁଁ । କାରଣ ବ୍ୟକ୍ତିକୁ ନେଇ ସମଷ୍ଟିର ସୃଷ୍ଟି । ପ୍ରତ୍ୟେକ ବ୍ୟକ୍ତି ବିବର୍ତ୍ତନୀ ଧାରାରେ ଗୋଟିଏ ଗୋଟିଏ ଅପରିହାର୍ଯ୍ୟ ସଂଯୋଜକ । "Every individual is an essential link in the evolutionary movement." ସୁତରାଂ ବ୍ୟକ୍ତିଗତ ମୁଁ ଓ ବ୍ୟକ୍ତିଗତ ଆପଣ କେବେ ପ୍ରତ୍ୟକ୍ଷ ବା କେବେ ପରୋକ୍ଷ ଭାବରେ ସାମୂହିକତା ପାଇଁ ଦାୟୀ । ଏକଦା କୌଣସି ଏକ ବିଶେଷ ଅବସ୍ଥା ପାଇଁ ବ୍ୟକ୍ତିବିଶେଷ ଦାୟୀ ହେଉଥିଲା । ଆଜି ଅଧିକାଂଶ ଅବସ୍ଥା ପାଇଁ ଯେ ସମଷ୍ଟି ଦାୟୀ, ତା'ର ପଶ୍ଚାତରେ ରହିଛି ବିବର୍ତ୍ତନୀ ଶକ୍ତିର ଭୂମିକା । ସମଗ୍ର ମାନବଜାତିର ଚେତନାରେ ଯୁଗାନ୍ତକାରୀ ପରିବର୍ତ୍ତନର ସମୟ ସମାଗତ । ତେଣୁ ସାମୂହିକ ଭାବରେ ମଣିଷ ଯନ୍ତ୍ରଣା ପାଇବ, ସାମୂହିକ ଭାବରେ ମୋହମୁକ୍ତ ହେବ, ସାମୂହିକ ଭାବରେ ସେ ନିଜର ପର୍ଯ୍ୟାଲୋଚନା କରିବ, ସାମୂହିକ ଭାବରେ ସେ ନିଜ ଭିତରେ ସୁଷୁପ୍ତ ଅଭୀପ୍ସାକୁ ଜାଗରିତ କରିବ, ଆଜିର ଅର୍ଦ୍ଧ-ପଶୁବତ୍ ସ୍ଥିତି ଅତିକ୍ରମ କରି ଆଗକୁ ଯିବାର ମହତ୍ ସାହସ ସଞ୍ଚୟ କରିବ, ଏହାହିଁ ବିବର୍ତ୍ତନୀ ଶକ୍ତିର ଦାବି ।

ଏହି ପରିପ୍ରେକ୍ଷୀରେ ମା'ଙ୍କ ୩୦ ମାର୍ଚ୍ଚ, ୧୯୧୪ର ଧ୍ୟାନ ପ୍ରାର୍ଥନା ଅତ୍ୟନ୍ତ ପ୍ରଣିଧାନ ଯୋଗ୍ୟ । ମହାଯୋଗୀ ଶ୍ରୀଅରବିନ୍ଦଙ୍କୁ ୨୯ ମାର୍ଚ୍ଚ, ୧୯୧୪ରେ ପ୍ରଥମେ ଦର୍ଶନ କରିବା ପରେ ମା' ତାଙ୍କର ଦିବ୍ୟ-ଉପଲବ୍ଧିକୁ ନିମ୍ନୋକ୍ତ ଭାଷାରେ ଅଭିବ୍ୟକ୍ତ କରିଛନ୍ତି ସେଥିରେ ।

''ଧୀରେ ଧୀରେ ଦିଗ୍‌ବଳୟ ପରିଷ୍କାର ହୋଇ ଉଠୁଛି, ପଥ ସ୍ୱଚ୍ଛ ହୋଇଯାଉଛି । ପ୍ରତି ମୁହୂର୍ତ୍ତରେ ଆମେମାନେ ଚାଲିଛୁ ନିଶ୍ଚୟତାରୁ ଅଧିକ ନିଶ୍ଚୟତା ଆଡ଼କୁ ।

''ଶତ ଶତ ଜୀବ ଯଦି ଗାଢ଼ତମ ଅଜ୍ଞାନ ମଧ୍ୟରେ ବୁଡ଼ି ରହିଥା'ନ୍ତି, ସେଥିରେ କିଛି ଯାଏ ଆସେ ନାହିଁ । କାଲି ମୁଁ ଯାହାଙ୍କୁ ଦେଖିଲି ସେ ପୃଥିବୀ ଉପରେ ବିଦ୍ୟମାନ । ତାଙ୍କର ଉପସ୍ଥିତିହିଁ ଯଥେଷ୍ଟ ପ୍ରମାଣ ଯେ ଏପରି ଏକ ଦିନ ଆସିବ ଯେତେବେଳେ ଅନ୍ଧକାର ଆଲୋକରେ ରୂପାନ୍ତରିତ ହେବ ।...'' (ମାର୍ଚ୍ଚ ୩୦, ୧୯୧୪)

ମା'ଙ୍କର ଉପରୋକ୍ତ ଉପଲବ୍ଧି ମହାକାବ୍ୟ ସାବିତ୍ରୀରେ ସ୍ପଷ୍ଟ ଓ ପ୍ରାଞ୍ଜଳ ହୋଇ ଉଠିଛି, ଅର୍ଥାତ୍ ଅନ୍ଧକାରର ଅବଗୁଣ୍ଠନ ତଳେ ଯେଉଁ ଆଲୋକ ପ୍ରସ୍ତୁତିରତ, ତାକୁ ଦେଖିବା, ଜାଣିବା – ଏପରିକି ତା'ର ଆଭାସ ପାଇବା ଅଳ୍ପ କେତେକଙ୍କ ପକ୍ଷରେ ସମ୍ଭବ ହେବ ।

"A few shall see what none yet understands;
God shall grow up while
the wise men talk and sleep;
For man shall not know
the coming till its hour
And belief shall be not till the work is done."
(*Savitri*, p. 55) – Sri Aurobindo

ବ୍ୟକ୍ତିର ସମ୍ମିଶ୍ରଣ ଓ ସମନ୍ୱୟରେ ସମଷ୍ଟିର ସୃଷ୍ଟି । ''ଆମେ ଚାଲୁଛୁ ନିଶ୍ଚୟତାରୁ ଅଧିକ ନିଶ୍ଚୟତା ଆଡ଼କୁ''– ମା' ହୁଏତ ଏଠି ଏହି ଅଳ୍ପ କେତେଜଣ ଯିଏ ଦିବ୍ୟାଲୋକର ଉଦ୍‌ଭାସକୁ ଗ୍ରହଣ କରିଛନ୍ତି ତାଙ୍କରି ବିଶ୍ୱାସ ଓ ନିଶ୍ଚିତତାର ଉଦାହରଣ ଦେଇଛନ୍ତି । ମାତ୍ର ଯେହେତୁ ପ୍ରତ୍ୟେକ ବ୍ୟକ୍ତି ବିବର୍ତ୍ତନୀ କ୍ରିୟାର ଗୋଟିଏ ଗୋଟିଏ ଅପରିହାର୍ଯ୍ୟ ଉପକରଣ ବା ଉପାଦାନ, ତେଣୁ ପ୍ରତ୍ୟେକଙ୍କ ପାଇଁ ଏହା କିପରି ସମ୍ଭବ ତଥା ବାସ୍ତବ ରୂପ ଗ୍ରହଣ କରିବ, ମା' ନିଜେ ତା'ର ଦୃଷ୍ଟାନ୍ତ ହୋଇ ଯାଇଛନ୍ତି । ୧୯୧୪ ଏପ୍ରିଲ ୩ ତାରିଖ ପ୍ରାର୍ଥନାରେ ମା' ଉଲ୍ଲେଖ କରିଛନ୍ତି, ''ମନେ ହେଉଛି ମୁଁ ଯେପରି ଗୋଟିଏ ନବଜନ୍ମ ଲାଭ କରିଛି, ଅତୀତର ସମସ୍ତ ପନ୍ଥା, ନିୟମ ଓ ଅଭ୍ୟାସ ଆଉ ମୋର କୌଣସି କାର୍ଯ୍ୟରେ ଲାଗିବ ନାହିଁ । ଏକ ସମୟରେ ଯାହା ପରିଣାମ ବୋଲି ବୋଧ ହେଉଥିଲା,

ଆଜି ତାହା କେବଳ ଗୋଟାଏ ପ୍ରସ୍ତୁତି । ମନେ ହେଉଛି ଯେପରି ଏ ପର୍ଯ୍ୟନ୍ତ ମୁଁ କିଛି ବି କରି ନାହିଁ, ଯେପରି ଆଧ୍ୟାତ୍ମିକ ଜୀବନ ଆଦୌ ଯାପନ କରି ନାହିଁ, ଯେପରି ସେହି ମାର୍ଗରେ ବର୍ତ୍ତମାନ ମୁଁ ପ୍ରବେଶ କରୁଛି, ମୋର ମନେହେଉଛି, ଯେପରି ମୁଁ କିଛି ବି ଜାଣେ ନାହିଁ, କିଛି ପ୍ରକାଶ କରିପାରୁ ନାହିଁ, ଏବଂ ସମସ୍ତ ପ୍ରକାର ଉପଲବ୍ଧି ଏବେ ଆରମ୍ଭ ହେବ । ସମସ୍ତ ଅତୀତ ଯେପରି ମୋଠାରୁ ଅନ୍ତର୍ହିତ ହୋଇଛି, ଆଉ ଭୁଲଭ୍ରାନ୍ତି ଯେପରି କଟିଯାଇଛି, ସିଦ୍ଧି ମଧ୍ୟ ସେହିପରି ଖସିପଡ଼ିଛି; ଯେପରି ସମସ୍ତ କିଛି ଅନ୍ତର୍ହିତ ହୋଇଛି ଯଦ୍ଦ୍ୱାରା ସେହି ସ୍ଥାନରେ ରୂପ ଗ୍ରହଣ କରିପାରେ ଗୋଟିଏ ନବଜାତ ଶିଶୁ ଯାହାକୁ ଆରମ୍ଭରୁହିଁ ଗଢ଼ି ତୋଳିବାକୁ ହେବ, ଯାହାର କୌଣସି କର୍ମବନ୍ଧନ ନାହିଁ, କୌଣସି ଅଭିଜ୍ଞତା ନାହିଁ ଯାହା ତାହାର ଉପକାରରେ ଆସିବ, ଏପରିକି ତାହାର କୌଣସି ଭୁଲଭ୍ରାନ୍ତି ବି ନାହିଁ ଯାହାକୁ ସେ ସଂଶୋଧନ କରି ନେବ । ମୋର ମସ୍ତିଷ୍କ ଶୂନ୍ୟ, କୌଣସି ଜ୍ଞାନ ନାହିଁ, କୌଣସି ନିଶ୍ଚିତ ସିଦ୍ଧାନ୍ତ ନାହିଁ, କୌଣସି ପ୍ରକାର ଅସାର ଚିନ୍ତା ବି ନାହିଁ । ମୁଁ ଅନୁଭବ କରୁଛି, ଏହି ଅବସ୍ଥାରେ ଯଦି ମୁଁ ଅବାଧରେ ନିଜକୁ ସମର୍ପଣ କରିପାରେ, ଯଦି ଜାଣିବାକୁ ବା ବୁଝିବାକୁ ଚେଷ୍ଟା ନକରେ, ଯଦି ସଂପୂର୍ଣ୍ଣରୂପେ ଗୋଟିଏ ଅବୋଧ ଓ ସରଳ ଶିଶୁ ତୁଲ୍ୟ ହେବାକୁ ସମ୍ମତି ଦିଏ, ତାହାହେଲେ କୌଣସି ନୂତନ ସମ୍ଭାବନା ମୋ ସମ୍ମୁଖରେ ଖୋଲି ଯାଇପାରେ । ମୁଁ ଜାଣେ ମୋତେ ବର୍ତ୍ତମାନ ସଂପୂର୍ଣ୍ଣରୂପେ ଦେଇଦେବାକୁ ହେବ ଏବଂ ଗୋଟିଏ ଖାଲି ସାଦା କାଗଜ ପରି ହେବାକୁ ହେବ, ଯାହା ଉପରେ, ହେ ଭଗବାନ୍, ତୁମ ସଂକଳ୍ପ, ତୁମ ଚିନ୍ତା ଅବାଧରେ, ନିର୍ଭୁଲରେ ଲିପିବଦ୍ଧ ହୋଇପାରେ ।''

ମା' ଆମକୁ ଯୋଗ ସାଧନା ଦିଗରେ ପ୍ରସ୍ତୁତ କରିବା ପାଇଁ ନିଜେ ଏପରି ଦୃଷ୍ଟାନ୍ତ ହୋଇ ଯାଇଛନ୍ତି । ସମସ୍ତ ଅତୀତ ସତେ ଯେପରି ତାଙ୍କ ପାଖରୁ ଅନ୍ତର୍ହିତ ହୋଇ ଯାଇଛି । ଅନୁରୂପ ଭାବରେ ମା'ଙ୍କର ଏହି ଅନୁପମ ଆଦର୍ଶକୁ ପ୍ରତ୍ୟେକ ବ୍ୟକ୍ତି ଜୀବନରେ ପ୍ରୟୋଗ କରିବା ଅନିବାର୍ଯ୍ୟ ଓ ଅପରିହାର୍ଯ୍ୟ । ସାଦା କାଗଜ ପରି ସ୍ୱଚ୍ଛ ଓ ସ୍ନିଗ୍ଧ ହୋଇ ଯିବାକୁ ପଡ଼ିବ । କୌଣସି ସନ୍ଦେହ ବା ସର୍ତ୍ତ ରହିବ ନାହିଁ । ଅଳ୍ପ କେତୋଟି ବର୍ଷର ସାଧନାକୁ ଯଦି ପ୍ରସ୍ତୁତି ପରିବର୍ତ୍ତେ ପରିଣତି ବୋଲି ମନେ କରାଯାଏ, ତାହା ଆତ୍ମତୃପ୍ତି ବା ଆତ୍ମ-ପ୍ରବଞ୍ଚନା ହୋଇପାରେ, ମାତ୍ର ଆତ୍ମ-ଉପଲବ୍ଧି ନୁହେଁ । ଏହି ଆତ୍ମ-ଉପଲବ୍ଧି ଲାଭ କରିବା ପାଇଁ ବ୍ୟକ୍ତିକୁ ନିଜର ବ୍ୟକ୍ତିତ୍ୱବୋଧରୁ ଉଦ୍ଧାର କରିବାକୁ ପଡ଼ିବ । ଏହାହିଁ ତ ସାଧନା ଓ ତା'ର ସିଦ୍ଧି ହେଉଛି ନିଜଠାରୁ ନିଜକୁ ମୁକ୍ତ କରିବା । ସେଥିପାଇଁ ୧୯୧୪ ଏପ୍ରିଲ ୭ ତାରିଖରେ ମା' ବିଶ୍ୱନିୟନ୍ତାଙ୍କୁ ବ୍ୟାକୁଳ ନିବେଦନ କରିଛନ୍ତି, ''କେବେ ମୁଁ ମୋର ବ୍ୟକ୍ତିତ୍ୱବୋଧକୁ ସମ୍ପୂର୍ଣ୍ଣ ରୂପେ ଭୁଲି ଯିବି, ହୋଇ ପାରିବି କେବଳ ତୁମର ଯନ୍ତ୍ର ଯାହା ଗଠିତ ହେବ କେବଳ ସେହି ସକଳ ଶକ୍ତି ଦ୍ୱାରା ଯାହାକୁ ଏହି ଯନ୍ତ୍ର ପ୍ରକାଶ କରିବ ? କେବେ ମୋର ଏକତ୍ୱବୋଧର ଚେତନାରେ କୌଣସି ଜଡ଼ତା ଆସି ମିଶିବ ନାହିଁ, ଆଉ କେବେ ମୋର ଦିବ୍ୟପ୍ରେମର ଅନୁଭୂତି ସହ କୌଣସି ଦୁର୍ବଳତା ମିଶିବ ନାହିଁ ?'' ମା'ଙ୍କ ଆକୁଳ ଆକୁତି, ''ମୋତେ ମୋ'ଠାରୁ ଉଦ୍ଧାର କର'' ।

ମାନୁଷୀ ମା' ଟିଏ ନିଜର ସନ୍ତାନକୁ ଗଢ଼ିଲା ପରି ବିଶ୍ୱ-ଜନନୀ ନିଜେ ତାଙ୍କର ସକଳ ସନ୍ତାନଙ୍କ ପାଇଁ ସତେଅବା ଦିବ୍ୟ-ସେତୁ ବନ୍ଧଟିଏ ହୋଇ ଉଠିଛନ୍ତି । ନିଶ୍ଚିତ ତଥା ନିର୍ଦ୍ଦିଷ୍ଟ ପଥ ଓ ପନ୍ଥା ଦେଖାଇଛନ୍ତି । ମହାଯୋଗୀଙ୍କ ଅନୁପମ ଭାଷାରେ "She is the Golden bridge – the wonderful fire." ''ସ୍ୱର୍ଣ୍ଣମୟ ସେତୁ ସେ ଯେ ବହ୍ନି ଅନୁପମ ।'' ମଣିଷ ଜୀବନରେ ସକଳ ପାପ, ତାପ, ଦୁଃଖ, ଶୋକକୁ ପୋଛି ଦେବାହିଁ ତାଙ୍କର ସଂକଳ୍ପ । ସାବିତ୍ରୀ ମହାକାବ୍ୟର ୩୧୪ ପୃଷ୍ଠାରେ ଋଷି କବି ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି, "Suffering was lost in her immortal smile."

ନିଜକୁ ସମ୍ପୂର୍ଣ୍ଣ ରୂପେ ତାଙ୍କ ପାଦପଦ୍ମରେ ସମର୍ପଣ କରିଦେଲେ ''ମୋର'' ''ମୁଁ'' ବିଲୁପ୍ତ ହୋଇଯିବ । ସେତିକି ବେଳେ ଅଜ୍ଞାନତା ଓ ''ମୁଁତ୍ୱ-ବୋଧର'' ଶେଷ ଆବରଣଟି ଅପସାରିତ ହୋଇ ତା' ସ୍ଥାନରେ ଆସିବ ଶାନ୍ତି, ସମ୍ମିଳିତ ସାଧନା ଓ ସମଷ୍ଟିଗତ ସମର୍ପଣ । ଅର୍ଥାତ୍ ବ୍ୟକ୍ତିଗତ ''ମୁଁ'' ଯାହା ସକଳ ଦ୍ୱନ୍ଦ୍ୱ ଓ ସଂଘର୍ଷର ଉତ୍ସ, ତାହା ଅନ୍ତର୍ହିତ ହେଲା ପରେ ବ୍ୟକ୍ତିଟିଏ ସଂପ୍ରସାରିତ ହୋଇଯାଏ, ସସୀମତାରୁ ଅସୀମତା ଆଡ଼କୁ, ପୂର୍ବର ସ୍ୱାର୍ଥପର, ସଂକୀର୍ଣ୍ଣ ''ମୁଁ'' ସ୍ଥାନରେ ଏକ ବିଶ୍ୱାୟିତ ''ମୁଁ'' ଜନ୍ମନିଏ; ଯାହା ଆଲୋକ, ପ୍ରେମ ଓ ଅନିର୍ବଚନୀୟ ଆନନ୍ଦରେ ପରିପୂର୍ଣ୍ଣ । ବ୍ୟକ୍ତିଗତ ଦୃଷ୍ଟି ସୀମାବଦ୍ଧ ହୋଇ ରହେ ନାହିଁ, ପ୍ରସରି ଯାଏ ଦିଗନ୍ତର ଅନ୍ତିମ ବଳୟକୁ । ସେ ଦୃଷ୍ଟି ଓ ଦିଗନ୍ତର ପ୍ରଶାନ୍ତ ନିରବତା ମଧ୍ୟରେ ସୃଷ୍ଟି ଓ ସ୍ରଷ୍ଟାଙ୍କର ବୈଚିତ୍ର୍ୟମୟ ସ୍ଥିତି ଉଦ୍ଭାସିତ ହୋଇଉଠେ । ସେତେବେଳେ ମୁଁ ଏହି କାର୍ଯ୍ୟ ବା ସେହି କାର୍ଯ୍ୟ କରୁଛି, ମୁଁହିଁ ପ୍ରଶଂସାର ପାତ୍ର – ଏ ଧାରଣା ଅପସରି ଯାଏ । ଏହା ଯେ

ଏକ ଦୁଷ୍କର୍ମୀ ମାୟା, ଏକ ତାମସୀ ମିଥ୍ୟା, ତା' ସ୍ପଷ୍ଟ ହୋଇ ଉଠେ । ମୁଁତ୍ୱ ଏକ କରାଳ କୀଟ ପରି ସକଳ କର୍ମର ଫଳ ଖାଇ ଦିଏ ଓ ସମସ୍ତ ପରିଣାମ ବ୍ୟର୍ଥ କରେ । ସୁତରାଂ ''ମୁଁ''ର କୌଣସି ସତ୍ୟ ନାହିଁ ।

ପୂର୍ଣ୍ଣଯୋଗ ସାଧନାରେ ମା' ନିଜେହିଁ ସାଧକ ଓ ନିଜେହିଁ ସାଧନା । ଅର୍ଥାତ୍ ସେ ନିଜେହିଁ ଆଦର୍ଶ ଓ ନିଜେହିଁ ଉଦାହରଣ । ଯେତେ ଅଯୋଗ୍ୟ, ଅସମର୍ଥ ଓ ଅପଦାର୍ଥ ହେଲେ ବି ବ୍ୟକ୍ତିଗତ 'ମୁଁ' ଓ ବ୍ୟକ୍ତିଗତ 'ଆପଣ' ତାଙ୍କର ସନ୍ତାନ । ଆମକୁ ସର୍ବାଙ୍ଗ ସୁନ୍ଦର କରି ଗଢ଼ିବା ପାଇଁ ଦିବ୍ୟ-ଜନନୀ ମାନୁଷୀ ରୂପରେ ଅବତରି ଆସିଛନ୍ତି ଆମର ତମସାଚ୍ଛନ୍ନ ବୁଦ୍ଧି ଓ ଅନ୍ଧ ଚକ୍ଷୁ ଖୋଲି ଦେବା ପାଇଁ ବିଶ୍ୱନିୟନ୍ତାଙ୍କୁ ବ୍ୟାକୁଳ ପ୍ରାର୍ଥନା କରିଛନ୍ତି ।

''ହେ ଭଗବାନ୍ ! ସେହି ସମସ୍ତଙ୍କୁ ଶାନ୍ତି ଦିଅ, ଆଲୋକ ଦିଅ, ସେମାନଙ୍କର ଅନ୍ଧ ଚକ୍ଷୁ ଓ ତମସାଚ୍ଛନ୍ନ ବୁଦ୍ଧି ଖୋଲିଦିଅ, ସେମାନଙ୍କର ନିଷ୍ଫଳ ଆତ୍ମପୀଡ଼ନ ଓ ନିରର୍ଥକ ଦୁଶ୍ଚିନ୍ତା ଶାନ୍ତ କରି ଦିଅ । ସେମାନଙ୍କର ନିଜ ଉପରେ ଆବଦ୍ଧ ଦୃଷ୍ଟିକୁ ଫେରାଇ ନିଅ । ତୁମ କାର୍ଯ୍ୟରେ ବିନା ହିସାବରେ, ବିନା ସଙ୍କୋଚରେ ଆତ୍ମୋତ୍ସର୍ଗର ଆନନ୍ଦ ସେମାନଙ୍କୁ ଦିଅ । ତୁମର ସୁଷମା ସକଳ ବସ୍ତୁ ଭିତରେ ବିକଶିତ ହେଉ, ଆଉ ସକଳ ହୃଦୟରେ ତୁମର ପ୍ରେମ ଜାଗରିତ ହେଉ ଯଦ୍ଦ୍ୱାରା ତୁମର ଚିରନ୍ତନ ଉନ୍ନତଶୀଳ ବିଧାନ ପୃଥିବୀ ଉପରେ ସିଦ୍ଧ ହେବ, ଏବଂ ତୁମର ସୁସଙ୍ଗତି ପ୍ରସାରିତ ହେଉ ସେହିଦିନ ପର୍ଯ୍ୟନ୍ତ ଯେଉଁଦିନ ପର୍ଯ୍ୟନ୍ତ ଶାନ୍ତି ଓ ଶୁଦ୍ଧି ସହ ସକଳ ବସ୍ତୁ ତୁମେହିଁ ହୋଇ ନ ଯାଇଛ ।

''ଆହା ! ସକଳ ଆଖିରୁ ଲୁହ ଶୁଖିଯାଉ, ସକଳ ବେଦନା ଦୂର ହୋଇଯାଉ, ସକଳ ଯନ୍ତ୍ରଣା ମିଳାଇ ଯାଉ, ସକଳ ହୃଦୟରେ ବିରାଜିତ ହେଉ ସ୍ଥିର ପ୍ରଶାନ୍ତି ଏବଂ ସକଳ ମସ୍ତିଷ୍କ ସୁଦୃଢ଼ ହୋଇଉଠନ୍ତୁ ଏକ ଶକ୍ତିଶାଳୀ ନିଃସଂଶୟତାରେ । ସଞ୍ଜୀବନୀ ଧାରା ତୁଲ୍ୟ ପ୍ରବାହିତ ହେଉ ସକଳଙ୍କ ମଧ୍ୟରେ ତୁମର ଜୀବନ, ସକଳେ ତୁମର ଅଭିମୁଖୀ ହୁଅନ୍ତୁ, ଯଦ୍ଦ୍ୱାରା ତୁମର ଧ୍ୟାନରେ ସେମାନେ ଅର୍ଜନ କରିବେ ଯାବତୀୟ ପ୍ରକାର ବିଜୟର ଶକ୍ତି ।''

(ଜାନୁଆରୀ ୭, ୧୯୧୪)



ନବଜନ୍ମ ତୁମ ହୃଦୟରେ ପ୍ରକାଶିତ ହେଉ, ଶାନ୍ତି ଓ ଆନନ୍ଦ ମଧ୍ୟରେ ତାହା ନିଜର ଜ୍ୟୋତିଃ ବିକୀର୍ଣ୍ଣ କରୁ, ତୁମ ସତ୍ତାର ସକଳ ଅଂଶକୁ – ତୁମ ମନ, ଦୃଷ୍ଟି, ସଂକଳ୍ପ, ହୃଦୟ, ପ୍ରାଣ ଓ ଶରୀରକୁ ତାହା ନିଜ ମଧ୍ୟରେ ଧାରଣ କରୁ । ତୁମ ଜୀବନର ପ୍ରତ୍ୟେକଟି ଦିନ ହେଉ ତା'ର ବୃଦ୍ଧି, ତା'ର ବୃହତ୍ତର ପୂର୍ଣ୍ଣତାର ଦିନ ଯେପର୍ଯ୍ୟନ୍ତ ତୁମ ସତ୍ତାର ସମସ୍ତ ଅଙ୍ଗ ମା'ଙ୍କର ସନ୍ତାନ ନ ହୋଇଛି । ସେହି ଜ୍ୟୋତିଃ, ସେହି ଶକ୍ତି ଏବଂ ସେହି ସାନ୍ନିଧ୍ୟ ତୁମକୁ ଚତୁର୍ଦ୍ଦିଗରୁ ଘେରି ରହୁ, ତୁମକୁ ରକ୍ଷା କରୁ, ପାଳନ କରୁ ଏବଂ ପୋଷଣ କରୁ, ଯେତେଦିନ ପର୍ଯ୍ୟନ୍ତ ତୁମର ବାହ୍ୟ ଓ ଆନ୍ତର ଜୀବନ ନ ହୋଇଛି ତା'ର ଶାନ୍ତି, ଶକ୍ତି ଓ ଆନନ୍ଦର ଏକ ଅଖଣ୍ଡ ଗତିଧାରା ଓ ପ୍ରକାଶ ।

– ଶ୍ରୀଅରବିନ୍ଦ

# ଯୋଗବାଶିଷ୍ଠ ରାମାୟଣ

[ସଂସ୍କୃତ ଭାଷାରେ ବତିଶ ହଜାର ଶ୍ଳୋକ ବା ଚଉଷଠି ହଜାର ପଂକ୍ତି ସମ୍ବଳିତ ଏହି 'ଯୋଗବାଶିଷ୍ଠ ରାମାୟଣ' ଗ୍ରନ୍ଥଟି ବେଦାନ୍ତ ଦର୍ଶନ ଉପରେ ଆଧାରିତ । ବିଷୟବସ୍ତୁକୁ ଏହିପରି ଏକ ଆଖ୍ୟାନ ଅବଲମ୍ବନରେ ଉପସ୍ଥାପିତ କରାଯାଇଛି : ଯୁବରାଜ ରାମଚନ୍ଦ୍ରଙ୍କର ବୈରାଗ୍ୟ ଉଦୟ ଫଳରେ ଯେତେବେଳେ ସେ ରାଜକାର୍ଯ୍ୟ ଓ ସଂସାରର ଅନ୍ୟାନ୍ୟ କର୍ମ, ଭୋଗ, ସମ୍ପଦ ଓ ଐଶ୍ୱର୍ଯ୍ୟ ଆଦି ପ୍ରତି ଉଦାସୀନ ଓ ବୀତଶ୍ରଦ୍ଧ ହୋଇ ବିମର୍ଷ ହୋଇ ପଡ଼ିଲେ ସେତେବେଳେ ମହାରାଜା ଦଶରଥଙ୍କ ଅନୁରୋଧ କ୍ରମେ ମହର୍ଷି ବଶିଷ୍ଠ ତାଙ୍କ ଭିତରେ ବିମର୍ଷତା ଦୂରକରି ସବୁକିଛି ସମ୍ପର୍କରେ ଯଥାର୍ଥ ମନୋଭାବ ଓ ସତ୍ୟଦୃଷ୍ଟି ଆଣି ଦେବା ପାଇଁ ତାଙ୍କ ଆଗରେ ଅଜସ୍ର ଉପଦେଶ, ଗଳ୍ପ, ଆଖ୍ୟାୟିକା ଓ ତାତ୍ତ୍ୱିକ ବ୍ୟାଖ୍ୟା ଆଦି ବାଢ଼ି ଆତ୍ମଜ୍ଞାନ ଓ ନିର୍ବାଣ ବା ମୁକ୍ତିକୁ ଜୀବନର ଲକ୍ଷ୍ୟ ରୂପେ ଉପସ୍ଥାପିତ କଲେ ଓ ଯଥାର୍ଥ ସତ୍ୟଦୃଷ୍ଟି ଥିଲେ ଏହି ଲକ୍ଷ୍ୟଲାଭରେ ସଂସାରର କୌଣସି କର୍ମ ବାଧାସ୍ୱରୂପ ହୁଏ ନାହିଁ ବୋଲି ବୁଝାଇ ଦେଲେ ।

ଏହି ଗ୍ରନ୍ଥଟି 'ମହାରାମାୟଣ', 'ଆର୍ଷ ରାମାୟଣ', 'ଜ୍ଞାନବାଶିଷ୍ଠ', 'ବାଶିଷ୍ଠ ରାମାୟଣ' ବା କେବଳ 'ବାଶିଷ୍ଠ' ନାମରେ ମଧ୍ୟ ପରିଚିତ । ଏହାର ରଚନାକାଳ ସମ୍ପର୍କରେ ନାନା ମତପାର୍ଥକ୍ୟ ରହିଥିଲେ ମଧ୍ୟ ଏହା ଆନୁମାନିକ ଷଷ୍ଠ ଖ୍ରୀଷ୍ଟାବ୍ଦରେ ରଚିତ ବୋଲି ଅନେକଙ୍କର ମତ ।]

## ଭୁଶଣ୍ଡକାକ ଉପାଖ୍ୟାନ

## (୧)

ବଶିଷ୍ଠ କହିଲେ — ହେ ରାମ ! ଏହି ଭୁଶଣ୍ଡଙ୍କର ବୁଦ୍ଧି ଅତୀବ ସରଳ । ଦେଖିବାକୁ ସେ ବର୍ଷାକାଳ ମେଘପରି ନିବିଡ଼ ଶ୍ୟାମବର୍ଣ୍ଣ । ତାଙ୍କ ବାକ୍ୟ ଗମ୍ଭୀର ଓ ସ୍ନେହମୟ । ସେ ସର୍ବଦା ହାସ୍ୟମୁଖରେ ଆଳାପ କରନ୍ତି । ଏହି ଜଗତର ସମସ୍ତ ବିଷୟ ତାଙ୍କର ପରିଜ୍ଞାତ ଏବଂ ସେ ଭୋଗସବୁକୁ ତୃଣବତ୍ ତୁଚ୍ଛ ମନେକରନ୍ତି । ତତ୍ତ୍ୱ ବିଚାର କରି ସେ ଏପରି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ, ଜୀବସକଳ କାମନା ପଛେ ପଛେ ଧାବିତ ହୁଅନ୍ତି ବୋଲି ସେମାନେ ଜନ୍ମ ଓ ମୃତ୍ୟୁରୂପ ସଂସାରଦଶା ପ୍ରାପ୍ତ ହୁଅନ୍ତି । ତାଙ୍କୁ ଦେଖି ଧୀର ବୋଲି ମନେହୁଏ ଏବଂ ସେ ପର ଓ ଅପର ବ୍ରହ୍ମଙ୍କର ସାକ୍ଷାତ୍କାର ଲାଭକରିଛନ୍ତି । ତାଙ୍କ ବୁଦ୍ଧି ବିଶ୍ରାନ୍ତ, ଅନ୍ତରରେ ସେ ପରମ ଆନନ୍ଦରସ ଆସ୍ୱାଦନ କରନ୍ତି ଏବଂ ଆତ୍ମତତ୍ତ୍ୱ ଓ ମାୟାତତ୍ତ୍ୱ, ଉଭୟ ତତ୍ତ୍ୱ ସେ ପରିଜ୍ଞାତ ଅଛନ୍ତି । ଆତ୍ମସାକ୍ଷାତ୍କାର ଲାଭକରି ସେ ଅଭୟ ବ୍ରହ୍ମ ରୂପରେ ବିରାଜମାନ ଏବଂ ତାଙ୍କ ସହାସ୍ୟ ବଦନ ଜିଜ୍ଞାସୁଗଣଙ୍କର ପ୍ରଶ୍ନସବୁର ଉତ୍ତର ଦେବାକୁ ସର୍ବକ୍ଷଣ ଉନ୍ମୁଖ । ସେ ନିଜର ବୃତ୍ତାନ୍ତସକଳ ଏହିଭାବେ ମୋତେ କହିଲେ :

*

ଭୁଶଣ୍ଡ କହିଲେ — ହେ ମୁନୀନ୍ଦ୍ର ! ମୁଁ ବହୁ ପୂର୍ବ କଳ୍ପରେ ଜନ୍ମ ଗ୍ରହଣ କରି ସେହି କଳ୍ପର କଳ୍ପବୃକ୍ଷ ନୀଡ଼ରେ ଅବସ୍ଥାନ କଲେ ମଧ୍ୟ ବର୍ତ୍ତମାନ କଳ୍ପପରି ତାହାର ବର୍ଣ୍ଣନା କଲି । କାରଣ, ଏହି କଳ୍ପରେ ମଧ୍ୟ ମୁଁ ପୂର୍ବ ପୂର୍ବ କଳ୍ପପରି ସବୁ ଦେଖୁଅଛି । ହେ ମୁନେ ! ମୁଁ ଯେ ଆଜି ଆପଣଙ୍କ ଦର୍ଶନ ଲାଭକଲି, ଏହା ମୋର ପୂର୍ବ ସଞ୍ଚିତ ପୁଣ୍ୟଫଳରେ ଘଟିଲା । ହେ ମୁନିବର ! ଆପଣଙ୍କ ପଦାର୍ପଣରେ ଏହି କଳ୍ପତରୁ ଏବଂ ତହିଁରେ ଅବସ୍ଥିତ ମୋର ଏହି ନୀଡ଼ ପବିତ୍ର ହେଲା । ହେ ଋଷେ ! ଏକ୍ଷଣି ଆପଣ ମୋ ପ୍ରଦତ୍ତ ପାଦ୍ୟ ଓ ଅର୍ଘ୍ୟ ଗ୍ରହଣକରି ମୋତେ ପବିତ୍ର କରନ୍ତୁ; ଏବଂ ଆପଣ ଆଉ ଯାହା ଶୁଣିବାକୁ ଇଚ୍ଛାକରନ୍ତି, ତାହା ଆଦେଶ କରନ୍ତୁ ।

*

ହେ ମୁନେ ! ଆମେମାନେ ଏହିଠାରେ ବହୁକାଳ ଅତିବାହିତ କରିଅଛୁଁ । ହେ ଅନଘ ! ଯେପରି ଦିବା ଆସେ ଓ ଚାଲିଯାଏ, ସେହିପରି କେତେ ଯୁଗ ଯେ ଚାଲିଯାଇଛି, ତାହାର ସଂଖ୍ୟା ଗଣନା କରାଯାଇ ପାରିବ ନାହିଁ । ଇତିମଧ୍ୟରେ ମୋର ଅନୁଜଗଣ ସମସ୍ତେ ଏକେ ଏକେ ଦେହ ତ୍ୟାଗକରି ପରମ-ପଦଙ୍କଠାରେ ପ୍ରବିଷ୍ଟ ହୋଇଛନ୍ତି ।

ବଶିଷ୍ଠ କହିଲେ — ହେ ଭୁଶଣ୍ଡ ! ଯେତେବେଳେ ପ୍ରଳୟକାଳ ସମାଗତହୁଏ, ବାତସ୍କନ୍ଧ ନାମକ ପ୍ରଳୟ ଝଞ୍ଜା

ଯେତେବେଳେ ପ୍ରବଳ ବେଗରେ ବହୁଥାଏ, ସେତେବେଳେ ଆପଣଙ୍କର କିଛି କଷ୍ଟ ହୁଏ କି ? ପ୍ରଳୟ ସମୟରେ ଯେତେବେଳେ ସମଗ୍ର ଜଗତ୍ ବିକ୍ଷୁବ୍ଧ ହୋଇଉଠେ, ସେତେବେଳେ ଏହି କଳ୍ପବୃକ୍ଷ ଭଗ୍ନ ହୁଏନା କାହିଁକି; କୁହନ୍ତୁ ।

ଭୁଶଣ୍ଡ କହିଲେ – ହେ ବ୍ରହ୍ମନ୍ ! ବିହଗମାନଙ୍କର ଅତିଶୟ ଦୁଃଖଜନକ ଅବସ୍ଥା ବିଷୟ ଆପଣଙ୍କୁ କ'ଣ କହିବି ? ସେମାନଙ୍କ ପରି କଷ୍ଟକର ଅବସ୍ଥା ଜଗତରେ ବୋଧହୁଏ ଅନ୍ୟ କୌଣସି ପ୍ରାଣୀଙ୍କର ନାହିଁ । କିନ୍ତୁ ହେ ଭଗବନ୍ ! ଆମେମାନେ ନିତ୍ୟ ଆତ୍ମାଙ୍କଠାରେ ସନ୍ତୁଷ୍ଟ ଥାଉଁ; ସେଥିପାଇଁ ଏହିସବୁ ବିପଦ-ଆପଦରେ କୌଣସି କଷ୍ଟ ଅନୁଭବ କରୁନା । ହେ ବ୍ରହ୍ମନ୍ ! ଆମେମାନେ ଏହିସବୁ ଦୁଃଖରୁ ମୁକ୍ତରହି କାଳ ଅତିବାହିତ କରୁଅଛୁଁ । ମୁଁ ଜୀବିତ ରହି ଐହିକ ବା ପାରତ୍ରିକ କର୍ମାନୁଷ୍ଠାନରେ ଇଚ୍ଛୁକ ନୁହେଁ । ପୁଣି ଶରୀରତ୍ୟାଗ କରିବାକୁ ମଧ୍ୟ ଇଚ୍ଛୁକ ନୁହେଁ । ନୈଷ୍କର୍ମ୍ୟ ଅବଲମ୍ବନପୂର୍ବକ ନିତ୍ୟ ବୁଦ୍ଧ ଓ ପୂର୍ଣ୍ଣାନନ୍ଦ ଆତ୍ମସ୍ୱରୂପରେ ମୁଁ ସଂସ୍ଥିତ ଅଛି ଏବଂ ପରେ ଏହିପରି ରହିବି । ଏହି କଳ୍ପପାଦପରେ ଅବସ୍ଥାନପୂର୍ବକ ଆତ୍ମାଲୋକ ଦ୍ୱାରା ଅତୀବ ସୂକ୍ଷ୍ମ କାଳଗତି ଦେଖିଦେଖି ଆମ୍ଭେମାନେ ଚଳୁଁ । ହେ ବ୍ରହ୍ମନ୍ ! ଯଦିଓ ଏହି କଳ୍ପଭବନରେ ଦିବା ଓ ରାତ୍ରିର ବିଭାଗ ଦେଖାଯାଏନା, ତଥାପି ପ୍ରାଣପ୍ରବାହ ଦ୍ୱାରା ଆମ୍ଭେମାନେ କାଳଗତି ଉତ୍ତମରୂପେ ଜାଣୁ ଅଛୁଁ । ହେ ମୁନେ ! ମୋ ମନ ସର୍ବକ୍ଷଣରେ ଶାନ୍ତ ଓ ସ୍ଥିର ଅଛି; ସେଥିପାଇଁ କୌଣସିଥିରେ ମୁଁ କଷ୍ଟ ଭୋଗ କରେନା । ଏହି ଜଗତକୁ ମୁଁ ମାୟାନିର୍ମିତ ଦର୍ଶନ କରେ ବୋଲି ଏଥିରେ ମୋର ସତ୍ୟ ବୁଦ୍ଧି ନାହିଁ । ସୁତରାଂ ଏହାର ଯେତେବେଳେ ପ୍ରଳୟ ଉପସ୍ଥିତ ହୁଏ, ସେତେବେଳେ ମୁଁ କୌଣସି କଷ୍ଟ ଅନୁଭବ କରେନା । ହେ ମହାମତେ ! ଅତୀବ କଷ୍ଟକର ଅବସ୍ଥା ଉପସ୍ଥିତ ହେଲେ ମଧ୍ୟ ଆମ୍ଭେମାନେ ତହିଁରେ ପର୍ବତ ପରି ଅଚଳ ହୋଇ ରହିପାରୁ; ସେଥିପାଇଁ ଜାଗତିକ ଦୁଃଖରେ ଆମ୍ଭମାନଙ୍କର ଦୁଃଖ ଭୋଗ ହୁଏନା । ହେ ଭଗବନ୍ ! ସଂସାରରୂପ ଏହି ଯେଉଁ ନଦୀ, ଭୂତଗଣଙ୍କୁ ନେଇ କାଳସମୁଦ୍ରରେ ପ୍ରବିଷ୍ଟ ହେଉଅଛି, ସେଥିରେ ଆମ୍ଭମାନଙ୍କର କୌଣସି କ୍ଷତି ବୃଦ୍ଧି ନାହିଁ । କାରଣ, ଆମ୍ଭେମାନେ ତ ସଂସାର ନଦୀର ତୀରଦେଶରେ ଅବସ୍ଥିତ ଅଛୁ । ସେହିପରି ରହି, ଗ୍ରହଣ ବା ତ୍ୟାଗ କିଛି ନ କରି, ଏକ ଭାବରେ ବର୍ତ୍ତମାନ ଅଛୁଁ । ହେ ଭଗବନ୍ ! ବ୍ୟବହାର ଦଶାରେ ଆମ୍ଭମାନଙ୍କ ମନ ବିଷୟ ସହିତ ସଂଯୁକ୍ତ ହେଲେ ମଧ୍ୟ, ସେ ତହିଁରେ କଦାପି ଅନୁରକ୍ତ ହୁଏନା । କାରଣ, ସେ ଯେ ବିଷୟତତ୍ତ୍ୱ ପରିଜ୍ଞାତ ହୋଇଛି ! ହେ ବ୍ରହ୍ମନ୍ ! ମନ୍ଦରଗିରି ଦ୍ୱାରା ମଥିତ ହୋଇ କ୍ଷୀର-ସମୁଦ୍ରରୁ ଯେଉଁ ଅମୃତ ଉତ୍‌ଥିତ ହୋଇଥିଲା, ଆପଣଙ୍କ ପଦାର୍ପଣ ମାତ୍ରେ ଆମ୍ଭେମାନେ ସେହି ଅମୃତ ଆସ୍ୱାଦ ପାଇ ତୃପ୍ତ ହୋଇଅଛୁଁ । କାହିଁକିନା, ତତ୍ତ୍ୱଜ୍ଞାନସମ୍ପନ୍ନ ସାଧୁମାନଙ୍କ ସଙ୍ଗ ଗୁଣରେ ଆତ୍ମକଲ୍ୟାଣ ଲବ୍ଧ ହୋଇଥାଏ । ବିଷୟଭୋଗ ମଧ୍ୟରେ ସାର ପଦାର୍ଥ କିଛି ନାହିଁ । ସତ୍‌ସଙ୍ଗରୁ ସାରବସ୍ତୁ ଲାଭ କରାଯାଏ । ହେ ମୁନେ ! ଆପଣ ଏହି ତ୍ରିଲୋକରୂପ ପଦ୍ମର ଏକମାତ୍ର ଭ୍ରମର । କାରଣ, ମୁଁ ଯଦିଓ ପୂର୍ବରୁ ପରମାତ୍ମତତ୍ତ୍ୱ ପରିଜ୍ଞାତ ହୋଇଛି, ତଥାପି ମୋର ବୋଧହେଉଛି ଯେ, ଆପଣଙ୍କୁ ଦେଖି ମୋର ସବୁ ପାପ ଧ୍ୱଂସହେଲା ଏବଂ ତହିଁରେ ମୁଁ ପରମାତ୍ମତତ୍ତ୍ୱ ବିଜ୍ଞାତ ହେଲି । ହେ ସାଧୋ ! ମୋ ଜନ୍ମ ସଫଳ ହେଲା ।

ଭୁଶଣ୍ଡ କହିଲେ – ପ୍ରଳୟ କାଳରେ ଯେତେବେଳେ ଜଗତ୍ କ୍ଷୁବ୍ଧ ଏବଂ ଘୋର ଝଞ୍ଜା ବହୁଥାଏ, ଏହି କଳ୍ପପାଦପ ସେତେବେଳେ ଅଚଞ୍ଚଳ ଥାଏ, ତିଳେମାତ୍ର ବିଚଳିତ ହୁଏନା । ହେ ସାଧୋ ! ଏହି କଳ୍ପବୃକ୍ଷ ନାନାଲୋକବାସୀ ସର୍ବଭୂତର ଅଗମ୍ୟ; ଏଥିପାଇଁ ଆମ୍ଭେମାନେ ଏଠାରେ ସୁଖରେ ବସବାସ କରୁଁ । ଜଗତରେ ଯେତେବେଳେ ଯେକୌଣସି ଉତ୍ପାତ ଓ ଉପଦ୍ରବ ଉପସ୍ଥିତ ହୋଇଛି, ଏହି କଳ୍ପବୃକ୍ଷ କୌଣସିଥିରେ କମ୍ପିତ ହୁଏ ନାହିଁ । ହେ ମୁନିଶ୍ରେଷ୍ଠ ! ପ୍ରଳୟ କାଳରେ ଅବିନଶ୍ୱର ଏହି କଳ୍ପବୃକ୍ଷ ଯେତେବେଳେ ଆମ୍ଭମାନଙ୍କର ବାସସ୍ଥାନ, ସେତେବେଳେ ଆମ୍ଭମାନଙ୍କର ବିପଦ ଆପଦ ଆସିବ କେଉଁଠୁ ? କଦର୍ଯ୍ୟ ସ୍ଥାନରେ ବାସକରି ପ୍ରାଣିଗଣ ବିପଦାପନ୍ନ ହୋଇଥା'ନ୍ତି ।

ବଶିଷ୍ଠ ଜିଜ୍ଞାସା କଲେ – ହେ ମହାମତେ ! ପ୍ରଳୟକାଳରେ ଯେତେବେଳେ ଉତ୍ପାତ ଝଞ୍ଜା ବହୁଥାଏ ଏବଂ ଯେତେବେଳେ ଏକ ସମୟରେ ଦ୍ୱାଦଶ ସୂର୍ଯ୍ୟ ଉଦିତ ହୁଅନ୍ତି, ସେତେବେଳେ ତ ସମସ୍ତଙ୍କର କ୍ଲେଶ ହେବାର କଥା; ତେବେ ଆପଣ ଅକ୍ଲିଷ୍ଟ ହୋଇ ରହନ୍ତି କିପରି ?

ଭୁଶଣ୍ଡ କହିଲେ – ପ୍ରଳୟ କାଳରେ ଯେତେବେଳେ ଜୀବସମୂହଙ୍କର ଜଗଦ୍‌ବ୍ୟବହାର ବିପର୍ଯ୍ୟସ୍ତ ହୋଇ, ବିଶୃଙ୍ଖଳ ଭାବେ ସବୁ ବିଲୀନହୁଏ, ସେତେବେଳେ ମୁଁ ଏହି ନୀଡ଼ ତ୍ୟାଗକରି ଆକାଶରେ ଅବସ୍ଥାନ କରେଁ । ଏକ ସମୟରେ ଯେତେବେଳେ ଦ୍ୱାଦଶ ଆଦିତ୍ୟ ଉଦିତ ହୋଇ ପ୍ରଚଣ୍ଡ ତାପ

ଦିଅନ୍ତି, ସେତେବେଳେ ମୁଁ ଜଳଶରୀରୀ ବରୁଣ ହୋଇ ଅବସ୍ଥାନ କରେ । ପ୍ରଳୟ ଝଞ୍ଜା ଯେତେବେଳେ ବହୁଥାଏ, ସେତେବେଳେ ନିଜକୁ ମୁଁ ପର୍ବତ ଜ୍ଞାନକରି ଅଟଳ, ଅଚଳଭାବେ ସଂସ୍ଥିତ ଥାଏ । ସୁମେରୁ ପ୍ରଭୃତି ଗିରି ବିଗଳିତ ହୋଇ ଜଗତ୍ ଯେତେବେଳେ ଏକାର୍ଣ୍ଣବରେ ପରିଣତ ହୁଏ, ସେତେବେଳେ ନିଜକୁ ମୁଁ ବାୟୁବୋଧ କରି ଆକାଶରେ ବିଚରଣ କରେ । ପରିଶେଷରେ ବ୍ରହ୍ମାଣ୍ଡର ଅବ୍ୟାକୃତି ଅବସ୍ଥା ପ୍ରାପ୍ତହୋଇ ନିର୍ବିକଳ୍ପ ସମାଧିଯୋଗରେ ନିର୍ମଳ ବ୍ରହ୍ମଙ୍କଠାରେ ସଂସ୍ଥିତ ଥାଏ । ପୁନରାୟ ଯେତେବେଳେ ପଦ୍ମଯୋନି ବ୍ରହ୍ମା ଜଗତ୍ ସୃଷ୍ଟିକରନ୍ତି, ସେତେବେଳେ ତାଙ୍କ ବ୍ରହ୍ମାଣ୍ଡରେ ପ୍ରବିଷ୍ଟ ହୋଇ ଏହି ନୀଡ଼ରେ ବସବାସ କରେ ।

ବଶିଷ୍ଠ କହିଲେ – ହେ ପକ୍ଷୀନ୍ଦ୍ର ! ପ୍ରଳୟ ସମୟରେ ଯେପରି ବୋଧଶକ୍ତି ବଳରେ ଆପଣ ଅକ୍ଷୀଣ ଦେହରେ ବର୍ତ୍ତମାନ ଥାଆନ୍ତି, ଅପରାପର ଯୋଗିଗଣ ସେପରି ପାରନ୍ତି ନାହିଁ କାହିଁକି ?

ଭୁଶଣ୍ଡ କହିଲେ – ହେ ବ୍ରହ୍ମନ୍ ! ପରମେଶ୍ୱରଙ୍କ ନିୟତି ଓ ତାଙ୍କ ଅନୁସରଣରେ ମୋ ସଂକଳ୍ପ ଏପରି ଯେ, ପ୍ରତିକଳ୍ପରେ ମୁଁ ଏହିପରି ଅବସ୍ଥାନ କରିବି; ଏହି ପର୍ବତରେ ଏହି କଳ୍ପତରୁ ଏହି ଭାବରେ ଉଦ୍ଭୂତ ହେବ ଏବଂ ତହିଁରେ ମୁଁ ବାସ କରିବି । ନିୟତିକୁ କେହି ଲଂଘନ କରିପାରେନା । ସୁତରାଂ ନିୟତି ଏବଂ ତଦନୁସାରେ ମୋ ସଂକଳ୍ପବଶତଃ ଏପରି ଘଟିଥାଏ ।

ବଶିଷ୍ଠ କହିଲେ – ହେ ବିହଙ୍ଗରାଜ ! ଆପଣଙ୍କ ଆୟୁ ଅସୀମ; ସେଥିପାଇଁ ଆପଣଙ୍କ ପରି ବହୁଦର୍ଶୀ ଅନ୍ୟ କେହି ନାହିଁ । ଆପଣ ବହୁ ସୃଷ୍ଟିର ଉଦ୍ଭବ ଓ ବିଳୟ ଦେଖିଛନ୍ତି । ହେ ମଙ୍ଗଳମୟ ! ଆପଣଙ୍କ ଦୃଷ୍ଟ ସେହିସବୁ ସୃଷ୍ଟି ମଧ୍ୟରେ ସର୍ବାପେକ୍ଷା ଆଶ୍ଚର୍ଯ୍ୟ କ'ଣ, ତାହା ଆପଣଙ୍କ ସ୍ମୃତି ପଥାରୂଢ଼ ଅଛି କି ?

ଭୁଶଣ୍ଡ କହିଲେ – ହେ ମହାନ୍ ! ମୋର ମନେହେଉଛି, ସୁମେରୁ ଗିରିର ଅଧୋଦେଶସ୍ଥ ଏହି ପୃଥିବୀ ଗୋଟିଏ ସୃଷ୍ଟିରେ ପର୍ବତ, ବୃକ୍ଷ ଓ ତୃଣଶୂନ୍ୟ ଥିଲା । ପୁଣି କେଉଁ ସୃଷ୍ଟିରେ ଏହି ପୃଥିବୀ ଏକାଦଶ ସହସ୍ର ବର୍ଷ ପର୍ଯ୍ୟନ୍ତ ଭସ୍ମାଚ୍ଛାଦିତ ଥିଲା । ସେତେବେଳେ ଚନ୍ଦ୍ର, ସୂର୍ଯ୍ୟ ବା ଦିବାରାତି ନ ଥିଲା । ଅନ୍ୟ ଗୋଟିଏ ସୃଷ୍ଟିରେ ଦେଖିଥିଲି, ସୁମେରୁ ଗିରିର ରତ୍ନସମୂହ ଜ୍ୟୋତିଃରେ ଏହି ଜଗତ୍ ଅର୍ଦ୍ଧ ଉଜ୍ଜ୍ୱଳ ଓ ଅର୍ଦ୍ଧ ତିମିରାବୃତ ହୋଇ ଲୋକାଲୋକ ପର୍ବତ ପରି ପ୍ରତୀତ ହେଉଥିଲା । ପୁଣି ମନେହୁଏ, ଦେବ ଓ ଅସୁରଗଣଙ୍କ ଯୁଦ୍ଧରେ ଗୋଟିଏ ସୃଷ୍ଟିରେ ଏହି ପୃଥିବୀ ଜନଶୂନ୍ୟ ହୋଇଥିଲା । ପୁଣି କେତେବେଳେ ପୃଥିବୀର ସମସ୍ତ ଭୂଭାଗ ଜଳମଗ୍ନ ହୋଇଯାଇଥିଲା । ପୁଣି କେଉଁ ସୃଷ୍ଟିରେ ଯୁଗଦ୍ୱୟ ପର୍ଯ୍ୟନ୍ତ ପୃଥିବୀ କେବଳ ବନରାଜିରେ ଆକୀର୍ଣ୍ଣ ଥିଲା; ଏହି ସମୟରେ ଅନ୍ୟ କୌଣସି ପ୍ରାଣୀ ପୃଥିବୀରେ ଜନ୍ମଗ୍ରହଣ କରି ନ ଥିଲେ । ହେ ବ୍ରହ୍ମନ୍ ! ଏକ ସମୟରେ କେବଳ ତେଜଃପୁଞ୍ଜମୟ ଗୋଟିଏ ସୃଷ୍ଟି ଦେଖିଥିଲି । ତହିଁରେ ସ୍ତ୍ରୀ, ପୁରୁଷଙ୍କ ମିଳନ ବ୍ୟତୀତ ସଂକଳ୍ପ ବଳରେ ପ୍ରଜା ଉତ୍ପନ୍ନ ହେଉଥିଲେ । ଆଉ ଏକ ସୃଷ୍ଟିରେ ଦେଖିଥିଲି – ମୃତ୍ତିକାଦି କିଛି ନାହିଁ; ଦେବ ଓ ମନୁଷ୍ୟଗଣ ଆକାଶରେ ଅବସ୍ଥାନ କରୁଛନ୍ତି । ବତ୍ସ ବଶିଷ୍ଠ ! ଆପଣଙ୍କ ବୟସ ମୋ ଅପେକ୍ଷା ଅନେକ ଅଳ୍ପ । ତଥାପି ଏହି କଳ୍ପର ଅତୀତ ଘଟଣା ଆପଣ ସବୁ ଜାଣନ୍ତି ବୋଲି ତାହା ଆଉ କହୁ ନାହିଁ । ଚିରଞ୍ଜୀବୀ ବୋଲି ପ୍ରତି କଳ୍ପରେ ମୁଁ ଯେଉଁସବୁ ଘଟଣା ଘଟିବା ଦେଖିଛି, ତାହା କହି ଶେଷ କରିହେବ ନାହିଁ । ଏହି କଳ୍ପର ବିଷ୍ଣୁଙ୍କୁ ଅତୀତ କଳ୍ପରେ ବ୍ରହ୍ମାରୂପେ ଆବିର୍ଭୂତ ହେବା ମୁଁ ଦେଖିଛି । ଅନ୍ୟ କଳ୍ପରେ ପୁଣି ସେହି ବ୍ରହ୍ମା ରୁଦ୍ର ହୋଇଥିବାର ଦେଖିଛି । ଏହି ରୁଦ୍ରଙ୍କୁ ଅନ୍ୟ ଏକ କଳ୍ପରେ ବିଷ୍ଣୁ ହେବା ଦେଖିଛି ।

ବଶିଷ୍ଠ କହିଲେ – ହେ ରାମ ! ଏହାପରେ ମୁଁ ତାଙ୍କୁ ଜିଜ୍ଞାସା କଲି, ହେ ବିହଗ ରାଜେନ୍ଦ୍ର ! ଆପଣ ଯେତେବେଳେ ଏହି ଜଗତର ଅନ୍ତର୍ଗତ, ସେତେବେଳେ ଆପଣଙ୍କୁ ମୃତ୍ୟୁ ଗ୍ରାସ କରିପାରେନା କାହିଁକି ?

ଭୁଶଣ୍ଡ କହିଲେ – ହେ ବ୍ରହ୍ମନ୍ ! ଯେଉଁମାନଙ୍କ ହୃଦୟ ଦୋଷଜାଲରେ ଜଡ଼ିତ ନୁହେଁ ଏବଂ ବାସନାସୂତ୍ରରେ ଗ୍ରଥିତ ନୁହେଁ, ମୃତ୍ୟୁ ତାଙ୍କୁ ହନନ କରେ ନାହିଁ । ଯେଉଁ ବ୍ୟକ୍ତି ରାଗ, ଦ୍ୱେଷ, କାମ, କ୍ରୋଧ ଓ ଲୋଭର ବଶୀଭୂତ ନୁହେଁ, ସେ ମୃତ୍ୟୁକର୍ତ୍ତୃକ ଆକ୍ରାନ୍ତ ହୁଅନ୍ତି ନାହିଁ । ଯାହାଙ୍କ ଚିତ୍ତ ପରମପଦଙ୍କଠାରେ ବିଶ୍ରାମ ଲାଭ କରିଅଛି, ମୃତ୍ୟୁ ତାଙ୍କୁ ହନନ କରିବାକୁ ଅନିଚ୍ଛୁକ । ଶରୀରରୂପ ବନରେ ପ୍ରବେଶକରି ଯାହାଙ୍କ ମନ ମର୍କଟବତ୍ ଚଞ୍ଚଳତା ପ୍ରକାଶ କରେନା, ତାଙ୍କୁ ମୃତ୍ୟୁ ବଧକରେ ନାହିଁ । ହେ ବ୍ରହ୍ମନ୍ ! ଚିତ୍ତ ଯାହାଙ୍କର ସମାଧିମାନ୍ ହୋଇଅଛି, ସଂସାରର କାରଣ ସ୍ୱରୂପ ପୂର୍ବକଥିତ ଦୋଷସମୂହରେ ସେ ବିଜଡ଼ିତ ହୁଅନ୍ତି ନାହିଁ । ସେ ସୁପ୍ତ ବା ଜାଗ୍ରତ୍ ନୁହନ୍ତି । ତାଙ୍କର ଉଦୟ, ଅସ୍ତ, ସ୍ମୃତି, ବିସ୍ମୃତି କିଛି ନ ଥାଏ । କାମ ଓ କ୍ରୋଧଜନିତ ଯେଉଁ ସକଳ ଭାବ

ହୃଦୟାକାଶକୁ ଆଚ୍ଛନ୍ନ ଓ ଅନ୍ଧକାର ପୂର୍ଣ୍ଣକରେ, ସମାଧିମାନ୍ ପୁରୁଷକୁ ସେସବୁ ଭାବ ସ୍ପର୍ଶକରେ ନାହିଁ । ତାଙ୍କର ଆଦାନ-ପ୍ରଦାନ, ପ୍ରାର୍ଥନା, ତ୍ୟାଗ ଆଦି କୌଣସି କର୍ମ ନ ଥାଏ; ଅଥଚ ସେ ସବୁ କରନ୍ତି । ସୁତରାଂ ଯାହା ସର୍ବକାଳରେ ଓ ସର୍ବ ଅବସ୍ଥାରେ ମଧୁର, ହିତକର ଓ ପରମ ସୁଖସ୍ୱରୂପ, ମନକୁ ସେହି ବ୍ରହ୍ମଙ୍କଠାରେ ଅନୁରକ୍ତ କରିବା କର୍ତ୍ତବ୍ୟ । ବୁଦ୍ଧିର ଯିଏ ଆଲୋକ, ଅମୃତଠାରୁ ଯିଏ ଅମୃତ, ଯାହାଙ୍କଠାରେ ପରମ ଆନନ୍ଦ ଭିନ୍ନ ଅନ୍ୟ କିଛି ନାହିଁ, ସେହି ଆତ୍ମତତ୍ତ୍ୱରେ ମନକୁ ବିଲୀନ କରିବା କର୍ତ୍ତବ୍ୟ । ସୁର-ସେବିତ ସ୍ୱର୍ଗଲୋକରେ ମଧ ଚିରସ୍ଥାୟୀ ମଙ୍ଗଳକର କିଛି ନାହିଁ, ମର୍ତ୍ତ୍ୟାଦି ଅନ୍ୟାନ୍ୟ ଲୋକ ବିଷୟରେ ଆଉ କ'ଣ କହିବି ? ବିବେକସମ୍ପନ୍ନ ସାଧୁପୁରୁଷଙ୍କ ଚିତ୍ତ ଯାହାଙ୍କୁ ଲାଭକରି ଚିରଦିନ ବିଶ୍ରାମ ଲାଭକରେ, ସେ କେବଳ ଏକମାତ୍ର ନିତ୍ୟବସ୍ତୁ ଏବଂ ତାଙ୍କ ନିକଟରେ ଅନ୍ୟ ସବୁ ଅତିଶୟ ତୁଚ୍ଛ । ତେବେ ଯେଉଁ ମନୁଷ୍ୟଗଣ ରାଜୈଶ୍ୱର୍ଯ୍ୟକୁ ସୁଖକର ବୋଲି ପ୍ରାର୍ଥନା କରନ୍ତି, ତାହା କେବଳ ମୋହର ଫଳ । ବିବେକ ପ୍ରଭାବରେ ଯେଉଁମାନେ ପରମପଦଙ୍କୁ ପ୍ରାପ୍ତ ହୋଇଛନ୍ତି, ସେମାନେ ଏହା ତୁଚ୍ଛ ମନେକରନ୍ତି ।

ଭୁଶଣ୍ଡ କହିଲେ – ସର୍ବପ୍ରକାର ଜ୍ଞାନ ମଧରେ ଏକମାତ୍ର ଭ୍ରାନ୍ତିବିହୀନ ଅଦ୍ୱୈତ ଜ୍ଞାନହିଁ ଉତ୍ତମ । ଆଉ ଆତ୍ମଭାବନା ଜୀବଗଣଙ୍କୁ ସର୍ବବିଧ ଦୁଃଖରୁ ପରିତ୍ରାଣକରେ । କାହିଁକି ନା, ଆତ୍ମଜ୍ଞାନ ଉଦୟରେ ସଂସାରଭ୍ରାନ୍ତି ଦୂରୀଭୂତ ହୋଇଥାଏ । ହେ ଭଗବନ୍ ! ଯେଉଁ ଆତ୍ମଭାବନା କଥା ମୁଁ କହିଲି, ଏହା ସମସ୍ତ କଳ୍ପନାର ଅତୀତ । ହେ ମୁନିବର ! ଏହି ଆତ୍ମଭାବନାର ସଖୀସ୍ଥାନୀୟ ଅନେକ ଭାବନା ଅଛି; ସେହି ସକଳ ଭାବନା ମଧ ଆତ୍ମଭାବନା ତୁଲ୍ୟ, କଥଞ୍ଚିତ୍ ସହଜସାଧ୍ୟ । ହେ ମୁନୀଶ୍ୱର ! ତନ୍ମଧ୍ୟରେ ମୁଁ ଗୋଟିଏ ମାତ୍ର ଭାବନାରେ ଅଭ୍ୟସ୍ତ ହୋଇଅଛି; ତାହାର ନାମ ପ୍ରାଣଭାବନା । ପ୍ରାଣଭାବନା ମଧ ସର୍ବଦୁଃଖହାରିଣୀ, ସର୍ବସୌଭାଗ୍ୟର ଜନନୀ ଏବଂ ସେହି ଭାବନା ଫଳରେ ମୁଁ ଏହିପରି ଦୀର୍ଘଜୀବନ ଲାଭକରିଅଛି ।

ବଶିଷ୍ଠ କହିଲେ – ଏହିସବୁ ଭାବନା ବିଷୟ ଯଦିଓ ମୁଁ ପରିଜ୍ଞାତ ଅଛି, ତଥାପି ଭୁଶଣ୍ଡଙ୍କୁ ମୁଁ ଜିଜ୍ଞାସା କଲି – ହେ ସାଧୋ ! ପ୍ରାଣଭାବନା ବିଷୟରେ ଆପଣ ମୋ ନିକଟରେ ବ୍ୟକ୍ତ କରନ୍ତୁ ।

ଭୁଶଣ୍ଡ କହିଲେ – ହେ ମୁନେ ! ଆପଣ ବେଦାନ୍ତଶାସ୍ତ୍ର ସମ୍ୟକ୍ ପରିଜ୍ଞାତ ଅଛନ୍ତି ଏବଂ ସମସ୍ତଙ୍କ ସନ୍ଦେହ ବିଦୂରିତ କରନ୍ତି । ତଥାପି ଏହି ବାୟସକୁ ଜିଜ୍ଞାସା କରୁଛନ୍ତି, ଏହା ବଡ଼ ଆଶ୍ଚର୍ଯ୍ୟ । ଯାହାହେଉ, ଆପଣଙ୍କ ସହିତ ପୁନରାୟ ଆଲୋଚନା କଲେ ମୋର ଆଉ ଅଧିକ ଶିକ୍ଷା ହୋଇପାରିବ । ସୁତରାଂ ହେ ଭଗବନ୍ ! ପ୍ରାଣ ସମାଧିପ୍ରାପ୍ତ ହୋଇ ମୁଁ ଯେପରି ଦୀର୍ଘଜୀବୀ ହୋଇଅଛି, ତାହା କହୁଅଛି, ଶୁଣନ୍ତୁ । ହେ ଭଗବନ୍ ! ଏହି ଶରୀରରୂପ ଗୃହର ତିନୋଟି ସ୍ତମ୍ଭ, ନଅଟି ଦ୍ୱାର; ଏହି ଗୃହର ଅଧିପତି ହେଲା ଅହଙ୍କାର; ସେ ପୁର୍ଯ୍ୟଷ୍ଟକ ନାମକ ପରିବାରବର୍ଗ ଓ ପଞ୍ଚତନ୍ମାତ୍ରା ନାମକ ସ୍ୱଜନଗଣଙ୍କ ସହିତ ଏହି ଗୃହରେ ବସବାସ କରେ ଓ ଏହାର ରକ୍ଷଣାବେକ୍ଷଣ କରେ । କେଶସମୂହ ଏହି ଗୃହର ଆଚ୍ଛାଦନ, କର୍ଣ୍ଣଗହ୍ୱରଦ୍ୱୟ ଚନ୍ଦ୍ରଶାଳା, ନେତ୍ରଦ୍ୱୟ ଗବାକ୍ଷ, ମୁଖ ପ୍ରଧାନଦ୍ୱାର, ବାହୁ ଓ ପାର୍ଶ୍ୱଦ୍ୱୟ ଦୁଇ ପାର୍ଶ୍ୱ ଏବଂ ବଦନରୂପ ପ୍ରଧାନ ଦ୍ୱାରର ମଧଦେଶ ଦନ୍ତଶ୍ରେଣୀରୂପ ବକୁଳମାଲ୍ୟରେ ଭୂଷିତ । ରୂପରସ ପ୍ରଭୃତି ବାହ୍ୟବିଷୟ ସମୂହର ଆହରଣକାରୀ ଜ୍ଞାନେନ୍ଦ୍ରିୟ ପଞ୍ଚକ ଦ୍ୱାରପାଳ ଏବଂ ଏହି ଗୃହ ଆତ୍ମା ଆଲୋକରେ ଉଭାସିତ । ଗୃହପତି ଜାଗ୍ରତ୍‌କାଳରେ ନେତ୍ରତାରାରୂପ ଅଳିନ୍ଦ ବା ବାରଣ୍ଡାରେ ଅବସ୍ଥିତ ଥାଏ । ଅସ୍ଥିରୂପ କାଷ୍ଠ ଏବଂ ଶିରାରୂପ ରଜ୍ଜୁ ଦ୍ୱାରା ଏହି ଗୃହ ଦୃଢ଼ଭାବେ ବଦ୍ଧ ଏବଂ ରକ୍ତମାଂସ ଓ ମେଦରୂପ ଜଳ, ମାଟି ଓ ଗୋମୟ ଦ୍ୱାରା ସଂଲିପ୍ତ । ହେ ମୁନିନାୟକ ! ଏହି ଗୃହ ମଧରେ ଦୁଇପାର୍ଶ୍ୱର ଦୁଇଖଣ୍ଡି ଘର-ଆକାରୀୟ ଇଡ଼ା ଓ ପିଙ୍ଗଳା ନାମରେ ଦୁଇଟି ସୂକ୍ଷ୍ମ ନାଡ଼ୀ ଅନୁନ୍ମେଷିତ ଭାବେ ବର୍ତ୍ତମାନ ଏବଂ ତାହା ମଧରେ ଦୁଇଟି ପଦ୍ମ ଅବସ୍ଥିତ । ସେହି ପଦ୍ମଦ୍ୱୟର ନାଡ଼ସକଳ ଅଧଃ ଓ ଊର୍ଦ୍ଧ୍ୱ ଦିଗରେ ପ୍ରସୃତ ଏବଂ ଦଳଗୁଡ଼ିକ ପରସ୍ପର ମିଳିତ । ନାସା ଅଗ୍ରଭାଗରୁ ପଦଦ୍ୱୟ ଅବଧି ସମଗ୍ର ଶରୀରାକାଶରେ ପ୍ରବାହିତ ଚନ୍ଦ୍ରନାମକ ଅପାନ ବାୟୁର ଅମୃତ ବର୍ଷଣରେ ଏହି ଦଳସମୂହ ବିକଶିତ । ପ୍ରାଣ ଓ ଅପାନ ବାୟୁର ସଞ୍ଚଳନ ଦ୍ୱାରା ଏହାର ପତ୍ର ସକଳ ବିକଶିତ ଓ ଉଚ୍ଛ୍ୱସିତ ହୁଏ । ପ୍ରବଳ ବାୟୁ ଅରଣ୍ୟସ୍ଥ ଲତା ଓ ପତ୍ରାଦିରେ ପ୍ରତିହତ ହୋଇ ଯେପରି ବିଞ୍ଚି ହୋଇପଡ଼େ, ସେହିପରି ପ୍ରାଣ ଓ ଅପାନ ବାୟୁର ସଞ୍ଚରଣ ଏହି ପତ୍ରସକଳରେ ପ୍ରତିହତ ଓ ଚାରିଦିଗରେ ପ୍ରସୃତ ହୋଇ ସମସ୍ତ ନାଡ଼ୀ ଛିଦ୍ରରେ ପ୍ରବେଶପୂର୍ବକ ବର୍ଦ୍ଧିତ ହୁଏ । ଏହି ବର୍ଦ୍ଧିତ ବାୟୁ ଶରୀର ମଧରେ ପୃଥକ୍ ପୃଥକ୍ ସ୍ଥାନ କଳ୍ପନା ପୂର୍ବକ ପ୍ରାଣ, ଅପାନ, ସମାନ, ଉଦାନ, ବ୍ୟାନ– ଏହି ପଞ୍ଚନାମରେ ପଞ୍ଚଧା ବିଭକ୍ତ ହୋଇ ଊର୍ଦ୍ଧ୍ୱ ଓ ଅଧୋଦେଶସ୍ଥ ନାଡ଼ୀ ସକଳରେ

ପ୍ରବିଷ୍ଟ ଓ ପ୍ରବାହିତ ହୁଏ । ଏହି ପ୍ରକାରେ ଏହି ଏକ ପ୍ରାଣ ପାଞ୍ଚଭାଗରେ ବିଭକ୍ତ ହୋଇ ଭିନ୍ନ ଭିନ୍ନ କାର୍ଯ୍ୟ ସମ୍ପନ୍ନ କରେ । ଚନ୍ଦ୍ରରୁ ଯେପରି କିରଣ ସବୁ ବର୍ଷିତ ହୁଏ, ସେହିପରି ଏହି ହୃତ୍‌ପଦ୍ମରୁ ସମସ୍ତ ପ୍ରାଣଶକ୍ତି ନିଃସୃତ ହୋଇ ଶରୀରର ଉର୍ଦ୍ଧ୍ୱ ଓ ଅଧୋଭାଗରେ ବିସ୍ତୃତ ହେଉଅଛି । ଏହି ପ୍ରାଣଶକ୍ତି ସକଳ ନାଡ଼ୀ ମଧ୍ୟରେ ଆଗମନ ଗମନ, ହରଣ-ବିହରଣ-କର୍ଷଣ, ପତନ ଉତ୍ପତନ, ପ୍ରଭୃତି ନାନା କ୍ରିୟା କରୁଅଛି । ହୃଦୟ-ପଦ୍ମସ୍ଥ ଏହି ବାୟୁକୁ ପଣ୍ଡିତଗଣ ପ୍ରାଣ କୁହନ୍ତି । ହେ ମୁନେ ! ଏହି ପ୍ରାଣବାୟୁର ଏକ ଶକ୍ତି ଚକ୍ଷୁ ସ୍ପନ୍ଦିତ କରେ, ଏକ ଶକ୍ତି ସ୍ପର୍ଶକ୍ରିୟା ସମ୍ପନ୍ନ କରେ, ଏକ ଶକ୍ତି ନାସିକା ମଧ୍ୟ ଦେଇ ପ୍ରବାହିତ ହୁଏ, ଏକ ଶକ୍ତି ଭୁକ୍ତ ଅନ୍ନ ପରିପାକ କରେ, ଏକ ଶକ୍ତି ବାକ୍ୟ ରୂପେ ନିର୍ଗତ ହୁଏ । ଯାନ୍ତ୍ରିକ ଯେପରି ଯନ୍ତ୍ରକୁ ସ୍ୱେଚ୍ଛାମତେ ପରିଚାଳିତ କରେ, ଭଗବାନ୍ ପ୍ରାଣବାୟୁକୁ ମଧ୍ୟ ସେହିପରି ଶରୀରକୁ ପରିଚାଳିତ କରୁଛନ୍ତି । ହେ ମୁନେ ! ମୁଁ ସର୍ବକ୍ଷଣ ଏହି ପ୍ରାଣ ଓ ଅପାନ; ଏହି ଦୁଇ ବାୟୁର ଅନୁବର୍ତ୍ତନ କରିଥାଏ । ଏହି ଦୁଇ ବାୟୁ ଶୀତ ଓ ଉଷ୍ଣଭାବମୟ ଏବଂ ଆକାଶମାର୍ଗରେ ବିଚରଣଶୀଳ । ଏହି ଶରୀରରୂପ ଯନ୍ତ୍ରକୁ ବହନକରି ଏମାନେ କଦାପି ଶ୍ରାନ୍ତ ହୁଅନ୍ତି ନାହିଁ । ଏହି ବାୟୁଦ୍ୱୟ ହୃଦୟାକାଶର ସୂର୍ଯ୍ୟ ଓ ଚନ୍ଦ୍ର ସ୍ୱରୂପ; କେହି କେହି ଏମାନଙ୍କୁ ଅଗ୍ନି ଓ ସୋମ ସ୍ୱରୂପ ମଧ୍ୟ କୁହନ୍ତି । ଏହି ବାୟୁଦ୍ୱୟ ମନର ରଥଚକ୍ର, ପୁଣି ଅହଙ୍କାରରୂପ ଭୂପତିଙ୍କର ଦୁଇଟି ଉତ୍ତମ ଅଶ୍ୱ । ହେ ବ୍ରହ୍ମନ୍ ! ଜାଗ୍ରତ୍, ସ୍ୱପ୍ନ, ସୁଷୁପ୍ତି ସକଳ ଅବସ୍ଥାରେ ଏହି ବାୟୁଦ୍ୱୟ ସମଭାବେ ପ୍ରବାହିତ । ମୁଁ ଅବିଚ୍ଛିନ୍ନ ଭାବରେ ଏମାନଙ୍କ ଗତି ଅନୁସରଣକରି ସୁଷୁପ୍ତଙ୍କ ପରି ଦିନ ଅତିବାହିତ କରେ ଏବଂ ଯାବଜ୍ଜୀବନ ସେହିପରି କରିବି । ଏହି ବାୟୁଯୁଗଳର ଗତି ଏତେ ସୂକ୍ଷ୍ମ ଯେ, ମୃଣାଳ ସୂତ୍ରର ସହସ୍ର ଭାଗର ଗୋଟିଏ ଭାଗ ଅପେକ୍ଷା ମଧ୍ୟ ଦୁର୍ଲକ୍ଷ୍ୟ । ହେ ମହାତ୍ମନ୍ ! ଏହି ଦୁଇବାୟୁ ହୃଦୟ ମଧ୍ୟରେ ନିରନ୍ତର ଯାତାୟାତ କରୁଛନ୍ତି । ବହୁ ଶ୍ରୁତିବାକ୍ୟରେ ବହୁଭାବେ କୀର୍ତ୍ତିତ ଏହି ପ୍ରାଣଗତିର ଅନୁବର୍ତ୍ତନ ଯେଉଁ ବ୍ୟକ୍ତି କରନ୍ତି, ସେ ମୃତ୍ୟୁବନ୍ଧନରୁ ମୁକ୍ତହୋଇ ସଂସାରରେ ଆଉ ଜନ୍ମ ଗ୍ରହଣ କରନ୍ତି ନାହିଁ ।

(କ୍ରମଶଃ)

(ଶ୍ରୀ ନାରାୟଣ ବୀରବର ସାମନ୍ତଙ୍କ ଦ୍ୱାରା ଅନୁବାଦିତ ''ଯୋଗବାଶିଷ୍ଠ ରାମାୟଣ'' ପୁସ୍ତକରୁ ସଂଗୃହୀତ)

... ଶତ ଶତ ଜୀବ ଯଦି ଗାଢ଼ତମ ଅଜ୍ଞାନ ମଧ୍ୟରେ ବୁଡ଼ି ରହିଥାଆନ୍ତି, ସେଥିରେ କିଛି ଯାଏ ଆସେ ନାହିଁ । କାଲି ମୁଁ ଯାହାଙ୍କୁ ଦେଖିଲି ସେ ପୃଥିବୀ ଉପରେ ବିଦ୍ୟମାନ । ତାଙ୍କର ଉପସ୍ଥିତିହିଁ ଯଥେଷ୍ଟ ପ୍ରମାଣ ଯେ ଏପରି ଏକ ଦିନ ଆସିବ ଯେତେବେଳେ ଅନ୍ଧକାର ଆଲୋକରେ ରୂପାନ୍ତରିତ ହେବ, ତୁମର ରାଜତ୍ୱ ଯଥାର୍ଥରେ ପୃଥିବୀ ଉପରେ ପ୍ରତିଷ୍ଠିତ ହେବ ।

ହେ ଭଗବାନ୍, ଏହି ଅତ୍ୟାଶ୍ଚର୍ଯ୍ୟର ଦିବ୍ୟସ୍ରଷ୍ଟା, ଯେବେ ମୁଁ ଏହି ଚିନ୍ତାକରେ, ଆନନ୍ଦ ଓ କୃତଜ୍ଞତାରେ ମୋର ହୃଦୟ ପରିପ୍ଲୁତ ହୋଇଯାଏ – ଆଶା ମୋର ଅସୀମ ହୋଇଉଠେ ।

ହେ ପ୍ରଭୁ, ମୋର ଆରାଧନା ସକଳ ବାକ୍ୟର ଅତୀତ, ନିର୍ବାକ୍ ମୋର ପୂଜା ।

ମାର୍ଚ୍ଚ ୩୦, ୧୯୧୪ — ଶ୍ରୀମା

অন্তরাল জগত্

# ସ୍ୱପ୍ନଗୁଡ଼ିକ କାହିଁକି ମନେରହେ ନାହିଁ

## ଶ୍ରୀମା

ଏହାର କାରଣ ହେଉଛି ସ୍ୱପ୍ନଗୁଡ଼ିକ ସର୍ବଦା ସେଇ ଗୋଟିଏ ଜଗତରେ ଘଟେ ନାହିଁ । ସବୁବେଳେ ସତ୍ତାର ସେଇ ଗୋଟିଏ ଅଂଶ ସ୍ୱପ୍ନ ଦେଖେ ନାହିଁ କିଂବା ଯେଉଁଠାରେ ସ୍ୱପ୍ନଗୁଡ଼ିକ ଦେଖାଯାଏ ସବୁବେଳେ ସେହି ସ୍ଥାନଟି ସମାନ ନୁହେଁ । ଯଦି ଜଣେ ନିଜ ସତ୍ତାର ସବୁଗୁଡ଼ିକ ଅଂଶ ସଙ୍ଗରେ ସଚେତ ସଂଯୋଗ ରଖିପାରେ ତା'ହେଲେ ସେ ସବୁଗୁଡ଼ିକ ସ୍ୱପ୍ନକୁ ମନେ ରଖିପାରିବ । କିନ୍ତୁ ନିଦ୍ରା ସମୟରେ ତୁମେ କେବଳ ତୁମ ସତ୍ତାର ଅଳ୍ପ କେଇଟି ଅଂଶ ସହିତ ସଚେତ ସଂଯୋଗ ରଖିଥାଅ । ଉଦାହରଣ ସ୍ୱରୂପ – ସୂକ୍ଷ୍ମ-ଦୈହିକ ସ୍ତରରେ, ଅର୍ଥାତ୍ ଦୈହିକ ସ୍ତରର ସବୁଠାରୁ ନିକଟରେ ଥିବା ଏକ ଜଗତରେ ତୁମେ ଏକ ସ୍ୱପ୍ନ ଦେଖିଲ । ସାଧାରଣତଃ ରାତିର ଶେଷ ଭାଗ ଆଡ଼କୁ, ଏହି ପାହାନ୍ତି ସମୟରେ ଠିକ୍ ତୁମେ ନିଦରୁ ଉଠିବା ପୂର୍ବରୁ (ଭୋର ୪ଟାରୁ ୫ଟା ଭିତରେ) ଏହିସବୁ ସ୍ୱପ୍ନ ଦେଖାଯାଏ । ବିଛଣା ଛାଡ଼ିବା ପୂର୍ବରୁ ତୁମେ ଯଦି ହଲଚଲ ନହୋଇ ପୂରା ଚୁପ୍‌ଚାପ୍, ନୀରବ ରୁହ ଓ ଟିକିଏ ଏକାଗ୍ର ହୁଅ ତା'ହେଲେ ଠିକ୍ ପୂର୍ବରୁ ଯେଉଁସବୁ ସ୍ୱପ୍ନ ଦେଖିଥିଲ ସେଗୁଡ଼ିକୁ ପୂରା ମନେ ପକାଇ ପାରିବ । ଦୈହିକ ଓ ସୂକ୍ଷ୍ମଦୈହିକ ଚେତନା ଭିତରେ ସଂଯୋଗଟି ଅତି ଘନିଷ୍ଠ ହୋଇ ଥିବାରୁ ତୁମେ ସ୍ୱପ୍ନଟିକୁ ବେଶ୍ ସହଜରେ ସ୍ମରଣ କରି ପାରିବ ।

ବର୍ତ୍ତମାନ, ତୁମେ ଯଦି ଆରମ୍ଭ ଅବସ୍ଥାରୁ କ'ଣ କିପରି ଘଟେ ତାହା ଜାଣିବାକୁ ଚାହଁ, ତେବେ ଜିନିଷଟି ଏହିପରି ହୋଇଥାଏ : ତୁମେ ଯେତେବେଳେ ନିଦରେ ଶୋଇପଡ଼, ଶରୀରଟି ନୀରବ ହୋଇଯାଏ ଏବଂ ପ୍ରାଣ ମଧ୍ୟ ବିଶ୍ରାମ ଲାଭ କରେ; କିନ୍ତୁ ମନ ସକ୍ରିୟ ହୋଇ ରହିଚାଲେ, ତାହା ପୂରା ଶୋଇଯାଇ ନଥାଏ । ଏହି ସମୟରେ ତୁମେ ସେହି ଧରଣର ସ୍ୱପ୍ନସବୁ ଦେଖ ଯାହାକୁ ମାନସିକ ସ୍ୱପ୍ନ ବୋଲି କୁହାଯାଇପାରେ ଓ ଏଗୁଡ଼ିକ ଗଠିତ ହୋଇଥାଏ ଖୋଲା ହୋଇ ଯାଇଥିବା ବିଭିନ୍ନ ଧାରଣା ଓ କଳ୍ପନା ଭିତରୁ । କିଛି ସମୟ ପରେ ମନ କ୍ଳାନ୍ତ ହୋଇପଡ଼େ ଓ ନୀରବ ହୋଇଯାଏ । ସେତେବେଳକୁ ପ୍ରାଣ ଯଥେଷ୍ଟ ବିଶ୍ରାମ ପାଇସାରିଛି, ତେଣୁ ତା' ଉଠିପଡ଼ିବାର ପାଳି ଆସେ ଓ ସେ ଏଣେତେଣେ ବୁଲି ଚଳଚଞ୍ଚଳ ହୁଏ । ମାନସିକ ଜଗତର ସ୍ୱପ୍ନସବୁକୁ ପଛକୁ ଠେଲି ଦିଆଯାଇ ପ୍ରାଣିକ ସ୍ୱପ୍ନ ପାଇଁ ସ୍ଥାନ ଛାଡ଼ି ଦିଆଯାଏ । ଯେତେବେଳେ ତୁମେ ପ୍ରାଣିକ ସ୍ୱପ୍ନରେ ସକ୍ରିୟ ହୁଅ, ଅଧିକାଂଶ ସମୟରେ ତୁମେ ନିଜ ଶରୀରର ବାହାରକୁ ଚାଲିଯାଅ, ବହୁ ବିଭିନ୍ନ ସ୍ଥାନ ପରିଦର୍ଶନ କର ଏବଂ ନାନା ପ୍ରକାର କର୍ମ ଓ ଅଭିଯାନ ଆଦିରେ ଲିପ୍ତ ଓ ଜଡ଼ିତ ହୋଇପଡ଼ । ସେତେବେଳେ ଯଦି ହଠାତ୍ ଉଠିପଡ଼, ତେବେ ସ୍ମରଣ କରିପାରିବ ତୁମେ ନିଦ୍ରା ଯାଇଥିବା ବେଳେ ତୁମର ପ୍ରାଣ କିପରି ସବୁ କାମରେ ଭାଗ ନେଇଥିଲା ।

କେତେକ ବ୍ୟକ୍ତି ରାତ୍ରିର ଏକ ନିର୍ଦ୍ଦିଷ୍ଟ ସମୟରେ ନିଦରୁ ଉଠିପଡ଼ିବା ପାଇଁ ନିଜକୁ ତାଲିମ କରିଥାଆନ୍ତି । ଏହିପରି ଭାବରେ ସେମାନେ ଠିକ୍ ନିଦ ଭାଙ୍ଗିବା ପୂର୍ବରୁ ଯେଉଁସବୁ ସ୍ୱପ୍ନ ଦେଖିଥାଆନ୍ତି, ସେଗୁଡ଼ିକୁ ମନେପକାଇ ପାରନ୍ତି । ବର୍ତ୍ତମାନ, ପ୍ରାଣ ମଧ୍ୟ ସ୍ୱପ୍ନରେ ଯଥେଷ୍ଟ ସକ୍ରିୟ ରହିବା ପରେ କ୍ଳାନ୍ତ ହୋଇପଡ଼େ ଓ ବିଶ୍ରାମ ନିଏ । ଏହାପରେ ସତ୍ତାର ଅନ୍ୟ ଏକ ଅଂଶ ପ୍ରାଣର ସ୍ଥାନ ନିଏ ଓ ଆଗକୁ ବାହାରି ପଡ଼େ । ଆଖଡ଼ାରେ ପ୍ରବେଶ କରିବା ପାଇଁ ବର୍ତ୍ତମାନ ସୂକ୍ଷ୍ମଦୈହିକ ଚେତନାର ପାଳି । ପ୍ରାଣକୁ ପଛକୁ ହଟାଇ ଦିଆଯାଇଛି ଏବଂ ତୁମେ ତା' ସହିତ ତୁମର ସଂଯୋଗ ହରାଇଛ ।

ରାତ୍ରିରେ ତୁମର ବିଭିନ୍ନ ଗତିବୃତ୍ତିଗୁଡ଼ିକ ସମ୍ପର୍କରେ ସଚେତ ହେବାକୁ ହେଲେ ସେଗୁଡ଼ିକୁ ମନେ ରଖିବାକୁ ହେଲେ, ଏକ ପ୍ରକାର ତାଲିମର ଆବଶ୍ୟକତା ରହିଛି । ସତ୍ତାର ଯେଉଁସବୁ ଅବସ୍ଥା ଭିତରେ ତୁମେ ରାତ୍ରିରେ ଭ୍ରମଣ କର, ଯେପରି ଦେଖିଲ, ସେଗୁଡ଼ିକ ସାଧାରଣତଃ ପରସ୍ପରଠାରୁ ପୃଥକ୍ । ଦୁଇଟି ଅବସ୍ଥା ଭିତରେ ଏକ ବ୍ୟବଧାନ ଥାଏ ଏବଂ ତୁମେ ଗୋଟିକରୁ ଅନ୍ୟଟିକୁ ଲମ୍ଫ ପ୍ରଦାନ କର । ତୁମ ଚେତନାର ବିଭିନ୍ନ ଅଞ୍ଚଳ ଭିତରେ ଏପରି କୌଣସି ରାଜପଥ ଲମ୍ବିଯାଇ ନାହିଁ ଯେ ତାହା ସେଗୁଡ଼ିକୁ ବିନା କୌଣସି ବ୍ୟାଘାତ ବା ହସ୍ତକ୍ଷେପ ବିନା ପରସ୍ପର ସହ ସଂଯୁକ୍ତ କରୁଛି । ଏହାରହିଁ ଅର୍ଥ ହେଲା ବିସ୍ମରଣ । ଯେତେବେଳେ ତୁମେ ଗୋଟିଏ ଅବସ୍ଥାରୁ ଅନ୍ୟ ଏକ ଅବସ୍ଥାକୁ ଲମ୍ଫ ପ୍ରଦାନ କର ସେତେବେଳେ ତୁମେ ଗୋଟିକୁ ପଛକୁ ଠେଲି ଦିଅ, ଅର୍ଥାତ୍ ଯାହାକୁ ପଛରେ ଛାଡ଼ିଯାଅ, ତାହାକୁ

ଭୁଲିଯାଅ । ତେଣୁ ତୁମକୁ ଏକ ସେତୁ ନିର୍ମାଣ କରିବାକୁ ହେବ ଓ ଖୁବ୍ କମ୍ ଲୋକ ଜାଣନ୍ତି ଏହା କିପରି କରିବାକୁ ହୁଏ, ଏକ ସ୍ଥୂଳ ସେତୁ ବା ପୋଲ ନିର୍ମାଣ ଅପେକ୍ଷା ଏଥିପାଇଁ ଅଧିକ କାରିଗରୀ କୌଶଳ ଆବଶ୍ୟକ । ନିଦ୍ରା ସମୟରେ ତୁମର ନାନା ଚମତ୍କାର ଅନୁଭୂତିମାନ ହୋଇପାରେ, କିନ୍ତୁ ତୁମେ ସେଗୁଡ଼ିକୁ ସବୁ ଭୁଲିଯାଅ । ବୋଧହୁଏ ତୁମେ କେବଳ ଶେଷ ସ୍ୱପ୍ନଟିକୁ ମନେ ରଖିପାର, ମୁଁ ଯାହା କହିଛି, ଯେଉଁଟି ହେଉଛି ଦୈହିକ ମନର ସବୁଠୁ ନିକଟବର୍ତ୍ତୀ । ତେଣୁ ସମଗ୍ର ରାତ୍ରିଟିର ସ୍ୱପ୍ନାନୁଭୂତିଗୁଡ଼ିକ ମନେ ରଖିବାର ସବୁଠୁ ଉତ୍ତମ ବାଟ ହେଉଛି ଶେଷ ସ୍ୱପ୍ନଟିରୁ ଆରମ୍ଭ କରି ପଶ୍ଚାତ୍ ଗତିରେ ଅନ୍ୟଗୁଡ଼ିକୁ ମନେ ପକାଇବା ପାଇଁ ଚେଷ୍ଟା କରିବା । ସ୍ୱପ୍ନର ଶେଷ ଛବିଟିକୁ ମନେ ପକାଇ ଧରିନିଅ, ତାହା ତଥାପି ତୁମ ସ୍ମରଣରେ ଜୀବନ୍ତ ରହିଥିବ, ତା'ପରେ ସୂତାର ଶେଷ ଖିଅଟିକୁ ଧରି ଧୀରେ ଧୀରେ ଟାଣି ଚାଲ, ଯାହାଫଳରେ ଗୋଟିକ ପରେ ଗୋଟିଏ ଅନ୍ୟାନ୍ୟ ଛବିସବୁ ଫେରିଆସି ତୁମ ସ୍ମୃତି ପଥରେ ଦେଖାଦେବେ । ଏହା ହେଉଛି ଓଲଟା ଦିଗରେ ଘୂରାଇ ସିନେମାର ଫିଲ୍ମରେ ଥିବା ଚିତ୍ରସବୁକୁ ପଛକୁ ପଛକୁ ଦେଖାଇବା । ଏପରି କରିବା ବେଳେ ତୁମେ ଯଦି ଟିକେ ଶିଥିଳ ହୋଇଯାଅ, ତାହେଲେ କାମଟି ବନ୍ଦରଖି ଟିକେ ଏକାଗ୍ର ହୁଅ, ଚେଷ୍ଟା କର ସ୍ୱପ୍ନର ଯେତିକିଟି ଅଂଶ ଅଳ୍ପ ବା ଝାପ୍‌ସା ଭାବରେ ମନେ ପଡ଼ୁଛି ବା ସହଜରେ ମନେ ପକାଇ ହେଉଛି ସେଗୁଡ଼ିକୁ ଧୀରେ ଧୀରେ ଆସ୍ତେ ସ୍ମୃତିପଥକୁ ଆକର୍ଷଣ କର, ଯାହା ଯେତିକି ଅଂଶ ତୁମ ଆଗରେ ଧରା ଦେଉଛି ସେହି କ୍ଷୁଦ୍ର ଅଂଶଗୁଡ଼ିକୁ ଏକାଠି ଯୋଡ଼ିବାକୁ ଚେଷ୍ଟାକର । ଏହି ଭାବରେ କିଛିଟା ପ୍ରଚେଷ୍ଟା ଓ ତାଲିମ ଦ୍ୱାରା ତୁମେ ସ୍ମୃତି ପଥରୁ ହରାଇଥିବା ସେହି ଜଗତର ଅନେକ କିଛି ଅଂଶକୁ ପୁଣି ସ୍ମରଣରେ ଫେରି ପାଇବ ।

ଅବଶ୍ୟ, ଏହି ଜିନିଷଟି କରିବାର ଅନେକ ବାଟ ରହିଛି । ତୁମେ ଜାଣିବା ଉଚିତ ଯେ ତୁମର ସବୁଗୁଡ଼ିକ ରାତ୍ରି ସେଇ ସମାନ ନୁହେଁ । ପ୍ରତ୍ୟେକଟି ଅନ୍ୟଠାରୁ ଭିନ୍ନ ଏବଂ ପ୍ରତ୍ୟେକେ ନିଜସ୍ୱ ଧରଣର ନିଦ୍ରା ଓ ସ୍ୱପ୍ନ ଆଣି ଦିଅନ୍ତି । ଯେମିତି ଗୋଟିଏ ଦିନ ନିଜର କର୍ମ ଆଦିର ବିଶେଷତା ଓ ଧରଣ ଦୃଷ୍ଟିରୁ ଅନ୍ୟ ଦିନଟିଠାରୁ ଭିନ୍ନ ସେହିପରି ପ୍ରତ୍ୟେକଟି ରାତ୍ରି ମଧ୍ୟ ଆସିଥାଏ ନିଜର ନିର୍ଦ୍ଦିଷ୍ଟ ଅନୁଭୂତି ସବୁ ନେଇ । ତୁମେ ଭାବିପାର ଯେ ଗୋଟିଏ ଦିନ ଉଣାଅଧିକେ ଠିକ୍ ତା' ପୂର୍ବ ଦିନଟି ପରି । ଦିନ ପରେ ଦିନ ତୁମେ ସେଇ ସମାନ ଧରଣର କାମ କରିଚାଲିଛ, କିନ୍ତୁ ପ୍ରକୃତରେ ତାହା ସେପରି ନୁହେଁ । ବାହ୍ୟଭାବରେ ପ୍ରତିଦିନ କାମଗୁଡ଼ିକ ସେହି ଏକାପରି ଓ ସମାନ ବୋଲି ମନେ ହୋଇ ପାରନ୍ତି କିନ୍ତୁ ବାସ୍ତବରେ ସେମାନଙ୍କର ପ୍ରକୃତି ଓ ତାତ୍ପର୍ଯ୍ୟ ଗୋଟିଏ ଦିନଠାରୁ ଅନ୍ୟ ଦିନଟିରେ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିଶ୍ୱଜଗତରେ ଦୁଇଟି ମୁହୂର୍ତ୍ତ କେବେ ହେଲେ ଏକାପରି ହୋଇପାରିବେ ନାହିଁ । ତୁମର ରାତ୍ରି ମଧ୍ୟ ନିଜର ଧରଣରେ ଗୋଟିଏ ବିଶ୍ୱ ବୋଲି କୁହାଯାଇପାରେ । ପ୍ରତ୍ୟେକଟି ରାତ୍ରି ତା' ନିଜସ୍ୱ ସମସ୍ୟା ନେଇ ଆସିଥାଏ ଓ ତା' ପାଇଁ ତାହାର ନିଜସ୍ୱ ସମାଧାନ ଆବଶ୍ୟକ ।

(*Yoga of Sri Aurobindo,* Part seven, Page – 78 to 80) ✤

ମୁକ୍ତ ହେବାକୁ ହେଲେ ତୁମକୁ ବନ୍ଦିଗୃହ ଭିତରୁ ବାହାରି ଆସିବାକୁ ହେବ । ଏକ ପୃଥକ୍ ବ୍ୟକ୍ତିତ୍ୱର ଭାବ ଥିବା ଅହଂହିଁ ହେଉଛି ସେହି ବନ୍ଦିଗୃହ । ମୁକ୍ତ ହେବାକୁ ହେଲେ ସଚେତ ଭାବରେ, ସମଗ୍ର ଓ ସଂପୂର୍ଣ୍ଣ ଭାବରେ ତୁମକୁ ପରମଙ୍କ ସହ ଯୁକ୍ତ ଓ ମିଳିତ ହେବାକୁ ହେବ ଏବଂ ଏହି ଏକାତ୍ମତା ଅହଂର ସୀମାଗୁଡ଼ିକୁ ଭାଙ୍ଗିଦିଏ ଏବଂ ନିଜକୁ ବିଶ୍ୱାସ, ବିଶ୍ୱଜନୀନ କରିଦେବା ପରେ ଅହଂର ସମଗ୍ର ଅସ୍ତିତ୍ୱଟିହିଁ ନିଶ୍ଚିହ୍ନ ହୋଇଯାଏ । ଯଦିଓ ଚେତନାର ବ୍ୟକ୍ତିଗଠନ ସେହିପରି ସୁରକ୍ଷିତ ହୋଇ ରହିଥାଏ ।

— ଶ୍ରୀମା

**ଶେଷ ପୃଷ୍ଠା :**

# ନବ ଉତ୍କଳର ଜନ୍ମତିଥି

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ଯଦିଓ କେଉଁ ପ୍ରାଚୀନ ଯୁଗରୁ ଓଡ଼ିଆ ଜାତି, ଓଡ଼ିଆ ଭାଷା, ଓଡ଼ିଶା ଭୂଖଣ୍ଡ ନିଜର ସମସ୍ତ ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟକୁ ବଜାୟ ରଖି ଭାରତର ଇତିହାସରେ ଏକ ଗୌରବମୟ ଆସନ ଗ୍ରହଣ କରିଥିଲା, ଭାରତର ମହାନ୍ ପରମ୍ପରାକୁ ନିଜର ବିପୁଳ ଅବଦାନରେ ଐଶ୍ୱର୍ଯ୍ୟ ମଣ୍ଡିତ କରିଥିଲା ତଥାପି ଭାରତର ଆଧୁନିକ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପ୍ରଦେଶରୂପେ ଏହା ସ୍ଥାନ ପାଇଲା ଆଜିକୁ ପ୍ରାୟ ୮୧ ବର୍ଷ ତଳେ, ୧୯୩୬ ମସିହା ଅପ୍ରେଲ ପହିଲା ଦିନ । ତେଣୁ ଅପ୍ରେଲ ପହିଲା ହେଉଛି ନବ ଉତ୍କଳର ଜନ୍ମତିଥି ।

ଉତ୍କଳର କେବଳ ଏହି ଜନ୍ମ ଦିବସରେ ନୁହେଁ, ପ୍ରତ୍ୟେକଟି ଜନ୍ମ ଦିବସରେ ତା'ର ସନ୍ତାନମାନଙ୍କ ମନରେ ନିଜର ଜନ୍ମଭୂମିକୁ ନୂଆ କରି ଗଢ଼ିବା ପାଇଁ କେତେ ନୂଆ ନୂଆ ସ୍ୱପ୍ନ ଅଙ୍କୁରିତ ହେଉ ନଥିବ ! କେତେ ସହସ୍ର, କେତେ ନିୟୁତ, କେତେ ଅଗଣିତ ସେଇ ସ୍ୱପ୍ନର ଅଙ୍କୁରସବୁ ତାହା କଳନା କରି ହେବ କି ? ସେହିପରି କ'ଣ କଳନା କରିହେବ ତହିଁ ଭିତରୁ କେତେ କେତେ ମହାନ୍ ସ୍ୱପ୍ନର ଅଙ୍କୁରସବୁ ଆବଶ୍ୟକ ମାଟି, ପାଣି, ପବନ ଓ ସୂର୍ଯ୍ୟାଲୋକ ନପାଇ, ଉପଯୁକ୍ତ ରକ୍ଷଣା-ବେକ୍ଷଣ ନପାଇ ଅକାଳରେ ନଷ୍ଟ ହୋଇ ଯାଆନ୍ତି !

ତଥାପି ନିଜର ଜନ୍ମଭୂମିର ଦେବୀମୂର୍ତ୍ତିକୁ ନୂଆ ବେଶରେ ସଜାଇବା ପାଇଁ, ନୂଆ ନୂଆ ନୈବେଦ୍ୟ ବାଢ଼ି ତା'ର ପୂଜା ଓ ଆରାଧନା କରିବା ପାଇଁ ତା'ର ସନ୍ତାନ ସବୁବେଳେ ନୂଆ ନୂଆ ସ୍ୱପ୍ନ ଦେଖେ । ସ୍ୱପ୍ନର ନୂତନ ଅଙ୍କୁରୋଦ୍‌ଗମରେ ଉଲ୍ଲସିତ ହୋଇଉଠେ, ହେଉ ପଛେ ବାସ୍ତବତାର କଠୋର ଆଘାତରେ ସେହି ଉଲ୍ଲାସ ଯେତେ କ୍ଷଣସ୍ଥାୟୀ । ପ୍ରତ୍ୟେକ ଦେଶବାସୀ ସନ୍ତାନର ତାହାହିଁ ସ୍ୱାଭାବିକ ଧର୍ମ ଓ ଉତ୍କଳର ସନ୍ତାନ ତହିଁରୁ ଭିନ୍ନ ନୁହେଁ ।

ଆଜି ଆମେ ଆମ ଜନ୍ମଭୂମି ଓ ଜାତିକୁ ନୂଆକରି ଗଢ଼ିବାର ସ୍ୱପ୍ନ ଦେଖିବା ବେଳେ ମନରେ କିନ୍ତୁ ଏକ ସନ୍ଦେହ ଉଙ୍କିମାରେ – କୌଣସି ମହାନ୍ ସ୍ୱପ୍ନ ଦେଖିବାର ବାସ୍ତବ ସାମର୍ଥ୍ୟ ଆମର ଅଛି କି ? କାରଣ ଦେହ, ପ୍ରାଣ ଓ ମନର ଅବସ୍ଥାର ତାରତମ୍ୟରେ ସ୍ୱପ୍ନର ମଧ୍ୟ ତାରତମ୍ୟ ହୁଏ । ବିକାଶ ଓ ଅଗ୍ରଗତି ପାଇଁ ଯେଉଁ ମନ ଓ ପ୍ରାଣରେ ଗଭୀର ଆତ୍ମବିଶ୍ୱାସ ଅଛି, ଅଫୁରନ୍ତ ଉତ୍ସାହ, ଉଦ୍ଦୀପନା ଓ ସୃଜନର ବଳିଷ୍ଠ ଆବେଗ ଅଛି ସେ ଯେଉଁ ଭଳି ସ୍ୱପ୍ନ ଦେଖି ପାରିବ, ଆଉ ଯେ ନିଜକୁ ଦୁର୍ବଳ, ଅସମର୍ଥ, ଦୀନ, ହୀନ, କ୍ଳାନ୍ତ ଓ ବିଷାଦଗ୍ରସ୍ତ ବୋଲି ଅନୁଭବ କରିବ, ସେ କେବେ ସେଭଳି ସ୍ୱପ୍ନ ଦେଖି ପାରିବ ନାହିଁ । ହତାଶା ଜର୍ଜରିତ ମନରେ କେବେହେଲେ ମହାନ୍ ସ୍ୱପ୍ନର ଅଙ୍କୁରୋଦ୍‌ଗମ ସମ୍ଭବ ନୁହେଁ । କିନ୍ତୁ ଆମ ଭିତରୁ କେଇ ଜଣ ସନ୍ତାନ ଆଜି ଅକୁଣ୍ଠ ଓ ଦ୍ୱିଧାହୀନ ଆତ୍ମବିଶ୍ୱାସ ନେଇ କହି ପାରିବେ ସେମାନଙ୍କ ପ୍ରାଣକୁ ଏହିପରି ତେଜ, ବୀର୍ଯ୍ୟହୀନ ଦୁର୍ବଳତାର ଭାବ-ସ୍ପନ୍ଦନ ଆଦୌ ସ୍ପର୍ଶ କରି ନାହିଁ ? ବୋଧହୁଏ ଜଣେ ବି ନୁହେଁ ।

ତା'ହେଲେ କାହିଁକି ଆମ ଚେତନାର ଏହି ଦୁର୍ଦ୍ଦଶା, ଏପରି ଅଧୋଗତି ? କେତେ ବିପୁଳ ଓ ମହାନ୍ ପରମ୍ପରାର ଉତ୍ତରାଧିକାରୀ ଆମେମାନେ ଆଜି ନିଜ ଜାତି ଓ ଜନ୍ମଭୂମି ସମ୍ପର୍କରେ ଏକ ମହାନ୍ ସ୍ୱପ୍ନ ମଧ୍ୟ ଦେଖିବାକୁ ଯଥେଷ୍ଟ ସାହସ ପାଉ ନାହୁଁ ।

ଏହାର କାରଣ ହେଉଛି ଆମ ଜାତିର ଆତ୍ମା ସହ, ତା'ର ଅନ୍ତର୍ନିହିତ ସତ୍ୟ ସହ, ଗୋଟିଏ ଗୋଟିଏ ଜାତି ଜନ୍ମ ନେବା ବେଳେ ତା' ପଛରେ, ତା'ର ମର୍ମରେ ଯେଉଁ ଅକ୍ଷୟ, ଅବିନାଶୀ ଚିରନ୍ତନ ସତ୍ୟ ରହିଥାଏ ତାହା ସହିତ ଆମେ ଆମ ସମ୍ପର୍କର ଯୋଗସୂତ୍ର ହରାଇ ବସିଛୁ । ତେଣୁ ଉଦ୍ଧାରର ଏକମାତ୍ର ବାଟ ହେଉଛି ଯଦି ଆମେ ଆମ ଜାତିର ସେହି ଆତ୍ମା ସହ, ତା'ର ସେହି ଅନ୍ତର୍ନିହିତ ସତ୍ୟ ସହ ପୁଣି ଥରେ ସଚେତ ସମ୍ପର୍କ ପ୍ରତିଷ୍ଠା କରିପାରିବୁ, ତା' ସହ ଆମ ଚେତନାର ଯୋଗସୂତ୍ର ରଖି ଆମ ଚେତନାକୁ ତାହାର ସେଇ ଅମ୍ଳାନ ଜ୍ୟୋତିଃରେ ପ୍ରଦୀପ୍ତ କରି ନୂଆ ଭାବରେ ଗଢ଼ି ପାରିବୁ ତା'ହେଲେ କେବଳ ଅଭ୍ୟୁତ୍‌ଥାନର ଏକ ନୂତନ ଯୁଗ ଖୋଲି ଯିବ ଆମ ଆଗରେ ।

ତା' ସଙ୍ଗେ ସଙ୍ଗେ ଏକଥା ମଧ୍ୟ ମନେ ରଖିବାକୁ ହେବ ଯେ ସେହି ଯୋଗସୂତ୍ର ଗୋଟିଏ ଦିନରେ କେହି ହରାଏ ନାହିଁ । ସମଗ୍ର ଜାତିର ଜୀବନରେ ଯେଉଁସବୁ ବିଭ୍ରାନ୍ତି, ସେହି ସତ୍ୟରୁ ଯେଉଁସବୁ ସ୍ଖଳନ ଓ ବିଚ୍ୟୁତି ଯୁଗ ଯୁଗ ଧରି ସଞ୍ଚିତ

ହୋଇ ରହୁଥାଏ, ସେହି ଅପକର୍ମସବୁର ମନ୍ଦ ଫଳ ସବୁ କ୍ରମଶଃ ଧୀରେ ଧୀରେ ବାହ୍ୟ ଭାବରେ ପ୍ରକଟିତ ହୁଏ ଓ ଜାତିର ଜୀବନ ଧାରାକୁ ବିକଳ ଓ ମ୍ରିୟମାଣ କରିଦିଏ । ଠିକ୍ ସେହିପରି ଗୋଟିଏ ଦିନରେ ମଧ୍ୟ ଜାତିର ଆତ୍ମାର ସତ୍ୟ ସହ ସଚେତ ସମ୍ପର୍କ ସ୍ଥାପନ କରିବା ସମ୍ଭବ ନୁହେଁ । ସେହି ଲକ୍ଷ୍ୟ ସିଦ୍ଧ କରିବାର ଅତୁଟ ସଂକଳ୍ପ ସହ ନୂତନ ଉତ୍ସାହ ଓ କର୍ମ ପ୍ରେରଣା ନେଇ, ଗଭୀର ନିଷ୍ଠା ଓ ଆତ୍ମବିଶ୍ୱାସ ନେଇ ଧୀରେ ଧୀରେ ଅଗ୍ରସର ହେବା ଦ୍ୱାରାହିଁ ତା'ର ସୁଫଳଗୁଡ଼ିକ ସଞ୍ଚିତ ହୋଇ ରହିବ ଏବଂ ସେଗୁଡ଼ିକ ଜାତିର ଜୀବନରେ କ୍ରମଶଃ ପ୍ରକଟିତ ହେବ ଓ ଆମ ଜାତିର ଆତ୍ମା ସହ ଆମେ ଯୁକ୍ତ ହୋଇପାରିବା । ଏଥିପାଇଁ ମଧ୍ୟ ଦୀର୍ଘ ଦିନ ଧରି ଅକ୍ଲାନ୍ତ କର୍ମ ଓ ତପସ୍ୟା ଲୋଡ଼ା । ଜାତିର ଆତ୍ମା ଓ ଇଷ୍ଟ ଦେବୀଙ୍କ ନିକଟରେ ଆତ୍ମସମର୍ପଣ ଲୋଡ଼ା ।

ପ୍ରଥମେ ଆମକୁ ଯେଉଁ ବିଷୟରେ ସଚେତ ହେବାକୁ ହେବ, ତା'ହେଲା ଆମ ଜାତିର ଅନ୍ତର୍ନିହିତ ସତ୍ୟ କ'ଣ ? ତା'ପରେ ଆମର କେଉଁସବୁ ଚିନ୍ତାଧାରା ଓ ଆଚରଣ ଆମକୁ ସେହି ସତ୍ୟଠାରୁ ଦୂରକୁ ନେଇଯାଉଛି ଓ କେଉଁସବୁ ବିଚାର ଓ ଆଚରଣ ଆମକୁ ସେହି ସତ୍ୟର ନିକଟବର୍ତ୍ତୀ କରାଉଛି । ଭାଷା, ଇତିହାସ ଓ ଭୂଗୋଳ ଆଦିର ବିଚାର ନେଇ ଆମେ ଯାହାକୁ ଆମର ଜାତି ଓ ଜନ୍ମଭୂମି ବୋଲି କହୁଛୁ, ତା'ର ଆତ୍ମାକୁ ଓ ସେହି ଆତ୍ମାର ସତ୍ୟକୁ କେବଳ ସତ୍ୟଦ୍ରଷ୍ଟା ମହାପୁରୁଷମାନେ ସ୍ପଷ୍ଟ ଭାବରେ ପ୍ରତ୍ୟକ୍ଷ କରି ପାରିବେ । ଆମେ ତ ଚେତନାର ସେହି ପର୍ଯ୍ୟାୟରେ ପହଞ୍ଚି ନାହୁଁ । ତା'ହେଲେ ଆମ ଆଗରେ ଅଗ୍ରଗତିର ପଥ ସ୍ଥିର କରିବା ପାଇଁ ଉପାୟ କ'ଣ ?

ଏଥିପାଇଁ ବାଟ ହେଉଛି ଆମକୁ ଅତି ଗଭୀର ଭାବରେ ଅଧ୍ୟୟନ କରିବାକୁ ହେବ ଜାତି ହିସାବରେ ଆମର ସମସ୍ତ ସାଫଲ୍ୟ ଓ ବ୍ୟର୍ଥତାର ଅନୁଭୂତିଗୁଡ଼ିକ, ଆମର ସମସ୍ତ ସ୍ୱପ୍ନ, ଉଦ୍ୟମ, ଆଶା ଓ ନିରାଶାର ଇତିହାସଗୁଡ଼ିକ । ଇତିହାସର ଯେଉଁ ପର୍ବରେ ଆମର ଜାତି ତା'ର ଉନ୍ନତି ଓ ବିକାଶର ସର୍ବୋଚ୍ଚ ଶିଖରରେ ପହଞ୍ଚିଥିଲା ତା' ପଛରେ କେଉଁ ଶକ୍ତିସବୁ କାମ କରିଥିଲେ, ବିକାଶର କେଉଁସବୁ ଧାରା ଦେଇ ଆମେ ଆଗେଇ ଥିଲେ, ଜାତିର ପ୍ରାଣରେ କେଉଁ ଆହ୍ୱାନ ଏପରି ଉତ୍ସାହ ସଞ୍ଚାର କରିଥିଲା, ସେତେବେଳେ ଜାତି ଆଗରେ କେଉଁ ଆଦର୍ଶ ଓ ଦର୍ଶନ ରଖା ହୋଇଥିଲା, ଶିକ୍ଷା, ସଂସ୍କୃତି, ଶାସନ ଓ ସଙ୍ଗଠନ ଆଦିର ରୂପ କ'ଣ ଥିଲା – ଏଗୁଡ଼ିକ ଗଭୀର ଭାବେ ବିଚାର କରିବାକୁ ହେବ । ସେହିପରି କେଉଁ ଧରଣର ବିଭ୍ରାନ୍ତି ଓ ବିଚ୍ୟୁତି ଫଳରେ ଆମ ଚିନ୍ତା, ଚରିତ୍ର ଓ ଆଚରଣରେ କେଉଁ ସବୁ ତ୍ରୁଟି ହେତୁ ଆମେ ଆମର ସେହି ଗୌରବର ଆସନ ବଜାୟ ରଖି ପାରିଲୁ ନାହିଁ, କିପରି ଭାବରେ ଆରମ୍ଭ ହେଲା ଆମର ସେହି ପତନର ଇତିହାସ, ଯେଉଁଥିରୁ ଆମେ ଆଜିଯାଏ ବି ଉଠିବାକୁ ସମର୍ଥ ହୋଇ ପାରି ନାହୁଁ, ସେଗୁଡ଼ିକ ସମ୍ପର୍କରେ ମଧ୍ୟ ପୁଙ୍ଖାନୁପୁଙ୍ଖ ବିଚାର ଦରକାର ।

ଖାଲି ସୁଦୂର ଅତୀତ ନୁହେଁ, ଆମର ନିକଟ ଅତୀତର ଓ ଆଧୁନିକ ଯୁଗର ଘଟଣାବଳୀ ତଥା ଚିନ୍ତା ଓ ଆଚରଣର ଧାରାକୁ ମଧ୍ୟ ତନ୍ନତନ୍ନ କରି ଦେଖିବାକୁ ହେବ । ଆମ ଅଗ୍ରଗତି ପାଇଁ ସହାୟକ କ'ଣ, ପ୍ରତିବନ୍ଧକ କ'ଣ, ଆମ ଜାତିର ଅଭ୍ୟୁତ୍‌ଥାନ ପାଇଁ କେଉଁ କେଉଁ ସୁଯୋଗ କିପରି ଭାବରେ ଆସିଛି, ଆମେ ତା'ର କିପରି ସଦୁପଯୋଗ କରିଛୁ ବା ହରାଇଛୁ ପୁଣି ଭବିଷ୍ୟତରେ କେଉଁ ସବୁ ସୁଯୋଗ ଆସିବାର ସମ୍ଭାବନା ରହିଛି ଓ ସେଗୁଡ଼ିକର ସଦୁପଯୋଗ ଦିଗରେ ଆମର ସାମର୍ଥ୍ୟ ଓ ଦୁର୍ବଳତା କେଉଁଠି – ସେଥିପାଇଁ ମଧ୍ୟ ଗଭୀର ଚିନ୍ତା ଦରକାର ।

ଆମେ ଯଦି ଆମ ଅତୀତର ସୁବର୍ଣ୍ଣଯୁଗର ଗୌରବମୟ ଦିନଗୁଡ଼ିକୁ ଦେଖିବା ତେବେ ଦେଖି ପାରିବା ସେତେବେଳେ ଆମ ସମଗ୍ର ଜାତି ପ୍ରାଣରେ ଆଧ୍ୟାତ୍ମିକ ସତ୍ୟ ପ୍ରତି ଉନ୍ମୁଖ ହେବାର, ଭଗବତ୍ ସତ୍ୟ ଓ ଶକ୍ତିକୁ ପୂଜା ଓ ଆରାଧନା କରିବାର ଏକ ବିପୁଳ ପ୍ରେରଣା ସଞ୍ଚାରିତ ହୋଇଥିଲା । ପୁଣି ସେହି ଆଧ୍ୟାତ୍ମିକ ଅଭୀପ୍‌ସା ଜୀବନ ଓ ସଂସାରକୁ ବାଦ୍ ଦେଇ କେବଳ ଏକମୁଖୀ ଧ୍ୟାନ, ଧାରଣା ଓ ଭଜନ, କୀର୍ତ୍ତନ ଆଦିରେ ସୀମାବଦ୍ଧ ନଥିଲା । ଆଧ୍ୟାତ୍ମିକ ସତ୍ୟର ପ୍ରେରଣା ନେଇ ଜୀବନକୁ ରୂପଦେବାର ଏକ ବଳିଷ୍ଠ ଉତ୍ସାହ ମଧ୍ୟ ଆମର ଥିଲା । ଆମର ଅସଂଖ୍ୟ ଦେବାଦେବୀ ମନ୍ଦିରଠାରୁ ଆରମ୍ଭ କରି ଆମର କାବ୍ୟ-କବିତା, ପର୍ବପର୍ବାଣୀ, ଯାତ୍ରା ଆଦି ସବୁ ଭିତରେ ଦେଖିବାକୁ ମିଳିବ ଜୀବନ ଓ ଆଧ୍ୟାତ୍ମିକ ସତ୍ୟର ଏକ ସମନ୍ୱୟ । ଆମର ଦେବ ମନ୍ଦିରଗୁଡ଼ିକରେ ଦେବତାର ଆରାଧନା ପାଇଁ ଯେତିକି ଗୁରୁତ୍ୱ ଦିଆଯାଇଥିଲା, ତା'ର ଗାତ୍ରରେ କଳା ଓ ଭାସ୍କର୍ଯ୍ୟର ଚରମ ଉତ୍କର୍ଷ ଦେଖାଇବା ପାଇଁ ମଧ୍ୟ ସେତିକି ଗୁରୁତ୍ୱ ଦିଆଯାଇଥିଲା । ଆମର ରାଜା, ଯାହାଙ୍କୁ ବିଷ୍ଣୁଙ୍କର ଚଳନ୍ତି ବିଗ୍ରହ ବୋଲି କୁହାଯାଉଥିଲା, ସେ ରାଜ୍ୟଶାସନକୁ ଯେତିକି ଗୁରୁତ୍ୱ ଦେଉଥିଲେ, ଦେବାର୍ଚ୍ଚନାକୁ ମଧ୍ୟ ସମାନ ଗୁରୁତ୍ୱ ଦେଉଥିଲେ । ଯୁଦ୍ଧ ଓ ରାଜ୍ୟ ଜୟର ଆୟୋଜନ ଅପେକ୍ଷା

ରଥଯାତ୍ରାର ଆୟୋଜନକୁ ଊଣାକରି ଦେଖା ହେଉ ନଥିଲା । ଆମର ପ୍ରଶାସକମାନେ ଥିଲେ ରାୟ ରାମାନନ୍ଦଙ୍କ ଭଳି ସାଧକ, ପଣ୍ଡିତ, ନୀତି ଶାସ୍ତ୍ରବିତ୍ । ସେହିପରି ଆମର ସେ ଯୁଗର କାବ୍ୟ-କବିତା ଓ ଶିକ୍ଷାସଂସ୍କୃତି ଆଦି ଜାତୀୟ ଜୀବନର କ୍ରିୟା-କଳାପରେ ଭଗବତ୍ ପୂଜା ଓ ଆଧ୍ୟାତ୍ମିକ ଭାବର ଏକ ପ୍ରଚ୍ଛନ୍ନ ବା ପ୍ରକାଶ୍ୟ ପ୍ରଭାବ ଦେଖିବାକୁ ମିଳେ । ଏପରିକି କୃଷି, ଶିଳ୍ପ ଓ ବେପାର ବଣିଜ ଆଦିକୁ ମଧ୍ୟ ସତ୍ୟ ଓ ନ୍ୟାୟ ଧର୍ମର ଆଦର୍ଶରେ ରୂପ ଦିଆଯାଇଥିଲା ।

ମନେହୁଏ ଜୀବନ ଓ ଆଧ୍ୟାତ୍ମିକତାର ଏହି ସମନ୍ୱୟ ସାଧନହିଁ ଆମ ଜାତିର ଅନ୍ତର୍ନିହିତ ସତ୍ୟ, ଆମ ଜନ୍ମଭୂମିର ଆତ୍ମାର ସତ୍ୟ । ଏହି ସତ୍ୟ ସଙ୍ଗରେ ଆମର ସମ୍ପର୍କ ଯେତେବେଳେ ଯେତିକି ଘନିଷ୍ଠ ହୋଇଛି, ଆମର ଅଭ୍ୟୁତ୍ଥାନ ସେତିକି ଗୌରବମୟ ହୋଇଛି । ଏହି ସତ୍ୟଠାରୁ ଆମେ ଯେତେବେଳେ ଯେତିକି ଦୂରେଇ ଯାଇଛୁ ଜାତି ହିସାବରେ ଆମର ଜୀବନ ଓ କୃତିତ୍ୱ ସେତିକି ମ୍ଳାନ ଓ ମ୍ରିୟମାଣ ହୋଇଛି ।

ତେଣୁ ଆଜି ଆମ ଜନ୍ମଭୂମି ପାଇଁ ଏକ ଗୌରବମୟ ଅଭ୍ୟୁତ୍ଥାନର ବାସ୍ତବତାକୁ ରୂପଦେବା ପାଇଁ ସଂକଳ୍ପ କରିବାବେଳେ ଜୀବନ ଓ ଆଧ୍ୟାତ୍ମିକତାର ସମନ୍ୱୟକୁ, ସତ୍ୟ ଓ ସମୃଦ୍ଧିର ସମନ୍ୱୟକୁହିଁ ଆମର କର୍ମଯୋଜନାର ପ୍ରଧାନ ଲକ୍ଷ୍ୟ ରୂପେ ଗ୍ରହଣ କରିବାକୁ ହେବ । ସତ୍ୟର ପ୍ରେରଣାରେ ଉଦ୍‌ବୁଦ୍ଧ ଅଥଚ ଦେଶକୁ ଐଶ୍ୱର୍ଯ୍ୟ ମଣ୍ଡିତ କରିବାର ଦାୟିତ୍ୱ ସମ୍ପର୍କରେ ସଚେତ, ଏକ ଶକ୍ତିଶାଳୀ ନେତୃତ୍ୱହିଁ ଜାତିର ଜୀବନକୁ ଠିକ୍ ବାଟରେ ଚଳାଇ ପାରେ । ଆଜି ମାନବସମାଜ ଆଗରେ ଦିବ୍ୟଗୁରୁ  ଶ୍ରୀଅରବିନ୍ଦ ଓ ଶ୍ରୀମା ଜୀବନ ଓ ଆଧ୍ୟାତ୍ମିକତାର ସମନ୍ୱୟ ଦିଗରେ ଏକ ନୂତନ ସତ୍ୟ, ଏକ ନୂତନ ଲକ୍ଷ୍ୟ ରଖିଛନ୍ତି । କେବଳ ଲକ୍ଷ୍ୟ ନୁହେଁ ସେହି ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ତାଙ୍କର ଆଶୀର୍ବାଦ ଓ ଅତିମାନସ ଶକ୍ତି ଆଜି ପୃଥିବୀରେ କ୍ରିୟାଶୀଳ । ଆନନ୍ଦର ବିଷୟ ପୂର୍ଣ୍ଣାଙ୍ଗ ସତ୍ୟର ସେହି ପ୍ରେରଣାର ଉତ୍ସ ପ୍ରତି ଉତ୍କଳବାସୀମାନଙ୍କ ମଧ୍ୟରେ ଅଧିକରୁ ଅଧିକ ଆଗ୍ରହ ଓ ଉନ୍ମୀଳନ ଦେଖା ଦେଇଛି । ସ୍ୱୟଂ ଶ୍ରୀମା ମଧ୍ୟ କହିଥିଲେ ଓଡ଼ିଶାବାସୀଙ୍କର ଅନ୍ତର୍ଚେତନାର ଗଭୀରରେ ଏହି ସତ୍ୟର ଆହ୍ୱାନ ପ୍ରତି ଉତ୍ତର ଦେବାର ଏକ ଭାବ ରହିଛି । ତେଣୁ ଏହି ନୂତନ ପୂର୍ଣ୍ଣାଙ୍ଗ ସତ୍ୟ ପ୍ରତି ଆମେ ନିଜକୁ ଯେତେ ଅଧିକ ଖୋଲି ଧରି ପାରିବୁ ଆମ ଜନ୍ମଭୂମି ପାଇଁ ଏକ ନୂତନ ସୁବର୍ଣ୍ଣ ଯୁଗର ଆଗମନୀ ସେତିକି ଆସନ୍ନ ଓ ତ୍ୱରାନ୍ୱିତ ହୋଇ ଉଠିବ । ✜


The present is the most important moment in life.

*12 February 1952* — The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**